# ଧରିତ୍ରୀ DHARITRI

ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୮/୨୦୧୯ (୨୦ ପୃଷ୍ଠା+ ପିଲାଙ୍କ ଧରିତ୍ରୀ) Sambalpur, Saturday, September 28 / 2019 ★★

୧୫ଶ ଭାଗ ୨୮୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୫/-




**ଶୀର୍ଷରେ ଦୀପକ ପୁନିଆ**

ଭାରତୀୟ ତାରକା ରେସଲର ଦୀପକ ପୁନିଆ ୮୬ କେ.ଜି. ବର୍ଗ ବିଶ୍ୱ ର୍ୟାଙ୍କିଙ୍ଗ୍‌ରେ ୧ ନମ୍ବର ସ୍ଥାନ ହାସଲ କରିଛନ୍ତି। **୧୮**

**୧୬**

**‘ହାଉସ୍‌ଫୁଲ୍-୪’ର ଟ୍ରେଲର୍ ରିଲିଜ୍**

‘ହାଉସ୍‌ଫୁଲ୍-୪’ର ଟ୍ରେଲର୍ ରିଲିଜ୍ ହୋଇଯାଇଛି। ଅଭିନେତା ଅକ୍ଷୟ କୁମାର ନିଜର ଏହି ଅପ୍‌କମିଂ ଫିଲ୍ମର ମଜାଦାର ଟ୍ରେଲର୍ ନିଜ ଟୁଇଟରରେ ଶେୟାର କରିଛନ୍ତି।








**ଭାରତୀୟ ବଜାର ପାଇଁ ବଦ୍ଧପରିକର ଫୋର୍ଡ**

........୧୭........

**ଆଜିର ସମ୍ପାଦକୀୟ**

**ରହସ୍ୟଜନକ ଅଦଳବଦଳ**

NECC NATIONAL EGG CO-ORDINATION COMMITTEE 27.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 65 | 113 | 123 |
| CTC | 64 | 111 | 121 |
| DKL | 64 | 111 | 121 |
| BDK | 64 | 111 | 121 |
| BLS | 64 | 111 | 121 |
| ANG | 65 | 113 | 123 |
| BHM | 58 | 103 | 113 |

*Conditions Apply

Eggs Retail Price- 51/-Dozen
Issued in the Interest of Consumers

## ସରକାରୀ ହସ୍ପିଟାଲ, ଆର୍‌ଟିଓ କାର୍ଯ୍ୟାଳୟରେ ଚଢ଼ାଉ

# ଦିନକରେ ୭୫ ଦଲାଲ ଗିରଫ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରୋଗୀଙ୍କୁ ଭୁଆଁ ବୁଲାଇ ବିଭିନ୍ନ ଘରୋଇ ହସ୍ପିଟାଲକୁ ପଠାଇ ମୋଟା ଅଙ୍କର ଟଙ୍କା ଲୁଟୁଥିଲେ ଦଲାଲ। ସେହିପରି ବିଭିନ୍ନ ପରିବହନ କାର୍ଯ୍ୟାଳୟରେ ଦଲାଲଙ୍କ ଦ୍ୱାରା ଅନେକ ବ୍ୟକ୍ତି ଠକେଇର ଶୀକାର ହେଉଥିଲେ। ଏ ନେଇ ଅଭିଯୋଗ ବଢ଼ିବା ପରେ ସରକାରୀ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟ ପରିସରକୁ ଦଲାଲମୁକ୍ତ କରିବା ପାଇଁ ଡିଜିପିଙ୍କୁ ନିର୍ଦ୍ଦେଶ ଦେଇଥିଲେ ସରକାର। ସେହି ଅନୁଯାୟୀ ଡିଜିପି ବିଜୟ କୁମାର ଶର୍ମାଙ୍କ ନିର୍ଦ୍ଦେଶ କ୍ରମେ ରାଜ୍ୟବ୍ୟାପୀ ବିଭିନ୍ନ ସରକାରୀ ଡାକ୍ତରଖାନା, ମେଡିକାଲ କଲେଜ, ରକ୍ତଭଣ୍ଡାର ଏବଂ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟରେ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି। ଗତ ଦୁଇଦିନରେ ରାଜ୍ୟର ବିଭିନ୍ନ ସ୍ଥାନରୁ ମୋଟ ୩୧ଜଣ ଦଲାଲଙ୍କୁ ଗିରଫ କରାଯାଇଥିଲା। ସେହିପରି ଶୁକ୍ରବାର ବିଭିନ୍ନ ହସ୍ପିଟାଲ ଓ ପରିବହନ କାର୍ଯ୍ୟାଳୟରୁ ୭୫ଜଣ ଦଲାଲଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଯାଜପୁରରେ ୩, କେନ୍ଦ୍ରାପଡ଼ାରେ ୪, ଜଗତସିଂହପୁରରେ ୧, ଗଞ୍ଜାମରେ ୨, ବ୍ରହ୍ମପୁରରେ ୭, କୋରାପୁଟରେ ୧, ରାୟଗଡ଼ାରେ ୮, ନବରଙ୍ଗପୁରରେ ୨,ସୋନପୁରରେ ୧, ଅନୁଗୁଳରେ ୭, ଢେଙ୍କାନାଳରେ ୧, ଦେବଗଡ଼ରେ ୧, କେଉଁଝରରେ ୬, ରାଉରକେଲାରେ ୮, ବାଲେଶ୍ୱରରେ ୮, ଭଦ୍ରକରେ୨, ମୟୂରଭଞ୍ଜରେ ୯ଜଣ ଦଲାଲ ରହିଛନ୍ତି। ଏମାନଙ୍କ ବିରୋଧରେ ମାମଲା ରୁଜୁ ହୋଇଛି। ଏହି ମାମଲାଗୁଡ଼ିକର ତଦନ୍ତ କରାଯାଇ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଏହି ସ୍ପେଶାଲ ଡ୍ରାଇଭକୁ ଅଧିକ କଡ଼ାକଡ଼ି କରାଯିବ ବୋଲି ଡିଜିପି ଶର୍ମା କହିଛନ୍ତି।

**‘ସ୍ପେଶାଲ ଡ୍ରାଇଭ’ ଅଧିକ କଡ଼ାକଡ଼ି ହେବ:ଡିଜିପି**

■ ନାସା ଜାରି କଲା ଅବତରଣ ସ୍ଥଳର ଫଟୋ

# ହାର୍ଡଲ୍ୟାଣ୍ଡିଂ କରିଥିଲା ବିକ୍ରମ

ୱାଶିଂଟନ,୨୭।୯(ପି.ଟି.)

ଭାରତର ଦ୍ୱିତୀୟ ଚନ୍ଦ୍ର ମିଶନ ଚନ୍ଦ୍ରୟାନ-୨ର ଲ୍ୟାଣ୍ଡର ବିକ୍ରମ ହାର୍ଡଲ୍ୟାଣ୍ଡିଂ କରିଥିଲା। ଆମେରିକାର ମହାକାଶ ଗବେଷଣା ସଂସ୍ଥା ନାସା ପକ୍ଷରୁ ଶୁକ୍ରବାର ଏନେଇ ରିପୋର୍ଟ ପ୍ରକାଶ ପାଇଛି। ଏହାସହ ନାସାର ଚନ୍ଦ୍ର ମିଶନରେ ଥିବା ଲୁନାର ରିକନିଏସେନ୍ସ ଅର୍ବିଟର କ୍ୟାମେରା (ଏଲ୍‌ଆର୍‌ଓସି) ଚନ୍ଦ୍ରପୃଷ୍ଠରେ ବିକ୍ରମ ଅବତରଣ କରିଥିବା ଦକ୍ଷିଣ ମେରୁର ଫଟୋ ପଠାଇଛି। ନାସା ଶୁକ୍ରବାର ଏହି ଫଟୋ ଜାରି କରିଛି। ସେପ୍ଟେମ୍ବର ୭ରେ ବିକ୍ରମ ଅବତରଣର ମାତ୍ର ୨.୧ କି.ମି. ଦୂରତା ବାକି ଥିବାବେଳେ ଏହାସହ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ବୈଜ୍ଞାନିକଙ୍କ ମତରେ ଜହ୍ନରେ ରାତି ହୋଇଯାଇଥିବାରୁ ଚନ୍ଦ୍ରପୃଷ୍ଠର ଅଧିକାଂଶ ଅଞ୍ଚଳରେ ଅନ୍ଧକାର ହୋଇଯାଇଛି। ଅକ୍ଟୋବରରେ ଦିନ ହେବା ପରେ ବିକ୍ରମକୁ ଠାବ କରିବା ପାଇଁ ନାସା ପୁଣି ଉଦ୍ୟମ କରିବ ବୋଲି କହିଛି। ଜୁଲାଇ ୨୨ରେ ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରୟାନ-୨ର ଉତ୍କ୍ଷେପଣ କରାଯାଇଥିଲା।








“ପାକିସ୍ତାନୀ ଆତଙ୍କବାଦୀମାନେ ସମୁଦ୍ରପଥ ଦେଇ ଆକ୍ରମଣ କରିବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ଉପକୂଳ ଓ ସାମୁଦ୍ରିକ ସୁରକ୍ଷା ପାଇଁ ଭାରତ ସବୁ ପ୍ରକାର ପଦକ୍ଷେପ ନେଉଛି।

-ରାଜନାଥ ସିଂ, ପ୍ରତିରକ୍ଷାମନ୍ତ୍ରୀ

### ଜାତିସଂଘ ସାଧାରଣ ସଭାରେ ମୋଦି

# ଆତଙ୍କବାଦ ସବୁଠୁ ବଡ଼ ବିପଦ

ଜାତିସଂଘ,୨୭।୯(ପି.ଟି.)

ଆତଙ୍କବାଦ କୌଣସି ଗୋଟିଏ ଦେଶ ପାଇଁ ନୁହେଁ, ବରଂ ସାରା ବିଶ୍ୱ ପାଇଁ ଆହ୍ୱାନ ଭାବେ ଉଭା ହୋଇଛି। ଆତଙ୍କବାଦକୁ ସବୁଠୁ ବଡ଼ ବିପଦ ଭାବେ ଅଭିହିତ କରି ଏହା ବିରୋଧରେ ଲଢ଼େଇ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ଜାତିସଂଘରେ ବିଶ୍ୱ ସମୁଦାୟକୁ ଆହ୍ୱାନ ଦେଇଛନ୍ତି।

ପ୍ରଧାନମନ୍ତ୍ରୀ ମୋଦି ଶୁକ୍ରବାର ଭାରତୀୟ ସମୟ ରାତି ୭ଟା ୩୦ ମିନିଟରେ ଜାତିସଂଘ ସାଧାରଣ ସଭା (ୟୁଏନ୍‌ଜିଏ)କୁ ସମ୍ବୋଧିତ କରିଛନ୍ତି। ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ମୋଦି ବିକାଶ, ନିରାପତ୍ତା, ଆତଙ୍କବାଦ ନିରୋଧୀ ଲଢ଼େଇ ଓ ଜଳବାୟୁ ପରିବର୍ତ୍ତନ ଆଦି ପ୍ରସଙ୍ଗକୁ ଗୁରୁତ୍ୱ ଦେଇଛନ୍ତି। ମୋଦି ହିନ୍ଦୀରେ ଅଭିଭାଷଣ ଦେଇ କହିଛନ୍ତି, ଆତଙ୍କବାଦ ପ୍ରସଙ୍ଗରେ ସଦସ୍ୟ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହମତି ପ୍ରକାଶ ନ ପାଇବା ଦୁର୍ଭାଗ୍ୟଜନକ। ଜାତିସଂଘ ଯେଉଁ ସିଦ୍ଧାନ୍ତଗୁଡ଼ିକୁ ନେଇ ପ୍ରତିଷ୍ଠା କରାଯାଇଥିଲା ଅସହମତି ତା’ର ପରିପନ୍ଥୀ। ଭାରତ ସେହି ଦେଶ, ଯାହା ବିଶ୍ୱକୁ ଯୁଦ୍ଧ ନୁହେଁ ବରଂ ବୁଦ୍ଧଙ୍କ ଶାନ୍ତିର ବାର୍ତ୍ତା। ଏଥିଯୋଗୁଁ ଆତଙ୍କବାଦ ବିରୋଧରେ ଆମର ସ୍ୱର ବିଶ୍ୱକୁ ସତର୍କ କରାଇଛି। ମାନବିକତା ପାଇଁ ଆତଙ୍କବାଦ ବିରୋଧରେ ବିଶ୍ୱ ଏକାଠି ହେବା ଜରୁରୀ ହୋଇପଡ଼ିଛି ବୋଲି ମୋଦି କହିଛନ୍ତି। ସେହିପରି ଜାତିସଂଘ ଶାନ୍ତିରକ୍ଷା ମିଶନ ପାଇଁ ସବୁଠୁ ଅଧିକ ତ୍ୟାଗ କରିବା ଦେଶ ହେଉଛି ଭାରତ, ଯାହାର ଅନ୍ୟୂନ ୧୬୦ ଯବାନ ପ୍ରାଣବଳି ଦେଇଥିଲେ। ଭାରତକୁ ପ୍ଲାଷ୍ଟିକ୍‌ମୁକ୍ତ କରିବା ନେଇ ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ମୋଦି ନିଜ ବକ୍ତବ୍ୟ ରଖିଥିଲେ। ଥରୁଟିଏ ବ୍ୟବହାର ହେଉଥିବା ପ୍ଲାଷ୍ଟିକ୍‌ରୁ ଜାତିସଂଘକୁ ମୁକ୍ତ କରିବା ପାଇଁ ଏହାର ପ୍ରବେଶପଥରେ ଆହ୍ୱାନ ଦିଆଯାଇଛି। ବିଶ୍ୱର ସମସ୍ତ ରାଷ୍ଟ୍ର ଏହି କ୍ଷେତ୍ରରେ ଅଭିଯାନ ଜାରି ରଖିବା ଉଚିତ। ବିଗତ ୫ ବର୍ଷରେ ‘କ୍ଲିନ୍ ଇଣ୍ଡିଆ ମିଶନ’ରେ ଭାରତରେ ୧୧ କୋଟି ଶୌଚାଳୟ ତିଆରି କରାଯାଇଛି। ଏହା ବିଶ୍ୱ ପାଇଁ ଏକ ପ୍ରେରଣାଦାୟକ ସନ୍ଦେଶ। ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ହେଉଛି ସରକାରଙ୍କ ମନ୍ତ୍ର। ୨୦୨୫ ସୁଦ୍ଧା ଦେଶକୁ ଯକ୍ଷ୍ମାରୁ ମୁକ୍ତ କରାଯିବ। ଆୟୁଷ୍ମାନ ଭାରତ ଯୋଜନା ହେଉଛି ବିଶ୍ୱର ସର୍ବବୃହତ୍ ସ୍ୱାସ୍ଥ୍ୟ ବୀମା ଯୋଜନା। ଏହି ଯୋଜନାରେ ୫୦୦ ନିୟୁତ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣାରେ ଚିକିତ୍ସା ଯୋଗାଇ ଦିଆଯାଉଛି। ଅନୁରୂପ ଭାବେ ଆଧାର ଯୋଜନା ମଧ୍ୟ ବିଶ୍ୱର ସବୁଠୁ ବଡ଼ ଡିଜିଟାଲ ଆଇଡେଣ୍ଟିଫିକେଶନ ପ୍ରୋଗ୍ରାମ। ଏହି ବାୟୋମେଟ୍ରିକ୍ ଚିହ୍ନଟୀକରଣ ପ୍ରକ୍ରିୟା ଯୋଗୁ ୨୦ ବିଲିୟନ୍ କୋଟି ଟଙ୍କାର ଦୁର୍ନୀତିକୁ ରୋକାଯାଇ ପାରିଛି। ଭାରତ ସରକାରଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଏଭଳି ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ବିଶ୍ୱ ପାଇଁ ନୂଆ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି। ବିକାଶଶୀଳ ଦେଶଗୁଡ଼ିକ ଏହାକୁ ଦୃଷ୍ଟାନ୍ତ ଭାବେ ଗ୍ରହଣ କରି ଯୋଜନା ଓ ପ୍ରକଳ୍ପଗୁଡ଼ିର ଅନୁଭୂତିକୁ ଗ୍ରହଣ କରିପାରିବେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ଭାରତ ନେତୃତ୍ୱ ନେଉଛି। ବିଶ୍ୱତାପନର ସମାଧାନ କ୍ଷେତ୍ରରେ ପଦକ୍ଷେପ ନେବାରେ ଭାରତ ଏକ ଅଗ୍ରଣୀ ରାଷ୍ଟ୍ର। ନବୀକରଣୀୟ ଶକ୍ତି କ୍ଷେତ୍ରରେ ଭାରତ କାର୍ଯ୍ୟରତ। ଏଥିଯୋଗୁ ପ୍ରାକୃତିକ ବିପର୍ଯ୍ୟୟର ଭୟାବହତାକୁ ରୋକାଯାଇ ପାରିବ ବୋଲି ମୋଦି କହିଛନ୍ତି।

ପ୍ରକାଶ ଯେ, ୨୦୧୪ରେ ମୋଦି ପ୍ରଥମଥର ପାଇଁ ୟୁଏନ୍‌ଜିଏକୁ ସମ୍ବୋଧିତ କରିଥିଲେ। ଏହାର ଠିକ୍ ୫ ବର୍ଷ ପରେ ସେ ସମାନ ଶୈଳୀରେ ଭାଷଣ ଦେଇଛନ୍ତି। ମହାତ୍ମା ଗାନ୍ଧୀଙ୍କ ସତ୍ୟ ଓ ଅହିଂସାର ବାର୍ତ୍ତା ଆଜି ମଧ୍ୟ ଶାନ୍ତି, ବିକାଶ ଏବଂ ପ୍ରଗତି ପାଇଁ ପ୍ରାସଙ୍ଗିକ। ତେଣୁ ସାରା ବିଶ୍ୱ ତାଙ୍କର ୧୫୦ତମ ଜୟନ୍ତୀ ପାଳନ କରୁଥିବାବେଳେ ଜାତିସଂଘ ସାଧାରଣ ସଭାକୁ ସମ୍ବୋଧନ ଏକ ସ୍ୱତନ୍ତ୍ର ଅବସର ବୋଲି ମୋଦି କହିଛନ୍ତି।



**ଅଭିଭାଷଣର ମୁଖ୍ୟାଂଶ**

- ମାନବିକତା ପାଇଁ ଆତଙ୍କବାଦ ବିରୋଧରେ ଏକଜୁଟ ହେବା ଜରୁରୀ
- ବିଶ୍ୱକୁ ଯୁଦ୍ଧ ନୁହେଁ, ବୁଦ୍ଧ ଦେଇଛି ଭାରତ
- ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ବିଶ୍ୱ ପାଇଁ ନୂଆ ଆଶା ସୃଷ୍ଟି କରିଛି
- ଗାନ୍ଧିଜୀଙ୍କ ଅହିଂସାର ବାର୍ତ୍ତା ଆଜି ବି ପ୍ରାସଙ୍ଗିକ

## କଶ୍ମୀର ପ୍ରସଙ୍ଗ ଉଠାଇଲେ ଇମ୍ରାନ



**ଜାତିସଂଘ,୨୭।୯(ପି.ଟି.):** ଜମ୍ମୁ-କଶ୍ମୀରରୁ ଭାରତ ‘ଅମାନବୀୟ କର୍ଫ୍ୟୁ’ ହଟାଉ। ଏହାସହ ଗୃହବନ୍ଦୀ କରିଥିବା ସମସ୍ତ ଅଟକ ବ୍ୟକ୍ତିଙ୍କୁ ତୁରନ୍ତ ମୁକ୍ତ କରୁ ବୋଲି ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ ଶୁକ୍ରବାର ଜାତିସଂଘରେ ଦାବି କରିଛନ୍ତି। ଜାତିସଂଘ ସାଧାରଣ ସଭା(ୟୁଏନ୍‌ଜିଏ)ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଭିଭାଷଣର ପ୍ରାୟ ଘଣ୍ଟାଏ ପରେ ପାକିସ୍ତାନ ପ୍ରତିପକ୍ଷ ଇମ୍ରାନ୍ ଉଦ୍‌ବୋଧନ ଦେଇଥିଲେ। ମୋଦି କଶ୍ମୀର ସମ୍ପର୍କରେ ପଦୁଟିଏ କହି ନ ଥିବାବେଳେ ଇମ୍ରାନ ଅନ୍ତର୍ଜାତୀୟ ସମୁଦାୟ ଆଗରେ ଏହି ପ୍ରସଙ୍ଗ ଉଠାଇଥିଲେ।

ୟୁଏନ୍‌ଜିଏର ୭୪ତମ ଅଧିବେଶନରେ ଇମ୍ରାନ କହିଥିଲେ, ଭାରତ ଓ ପାକିସ୍ତାନ ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ। ଦୁଇ ପଡ଼ୋଶୀ ମୁହାଁମୁହିଁ ହେଲେ ଏହାର ପରିଣାମ ଭୟାବହ ହେବ, ଯାହାକି ସୀମା ବାହାରକୁ ଚାଲିଯିବ। ୯/୧୧ ଆକ୍ରମଣ ପରେ ଇସ୍‌ଲାମୋଫୋବିଆ (ଇସ୍‌ଲାମ ପ୍ରତି ଭୟ) ବ୍ୟାପକ ଭାବେ ବୃଦ୍ଧି ପାଇଛି। ମାନବ ସମୁଦାୟ ଏକାଠି ରହିଲେ ସେମାନଙ୍କ ମଧ୍ୟରେ ବୁଝାମଣା ରହିବା ଉଚିତ। କିନ୍ତୁ ଇସ୍‌ଲାମୋଫୋବିଆ ବିଶ୍ୱକୁ ଭାଗଭାଗ କରୁଛି। ଭାରତ ସବୁବେଳେ ଆମ ବିରୋଧରେ ଆତଙ୍କବାଦର ଅଭିଯୋଗ ଆଣୁଛି। କିନ୍ତୁ ପାକିସ୍ତାନରେ ଆତଙ୍କବାଦୀ ନାହାନ୍ତି। ଜାତିସଂଘର ଅଧିକାରୀମାନେ ପାକିସ୍ତାନ ଆସି ଯାଞ୍ଚ କରିପାରନ୍ତି। ସେହିପରି ପାକିସ୍ତାନକୁ ଏକ ଶିକ୍ଷା ଦିଆଯାଇଛି ବୋଲି ମୋଦି ନିର୍ବାଚନ ବେଳେ ପ୍ରଚାର କରିଥିଲେ। ଏହା ଏକ ମିଛ ଥିଲା। ପୁଲଓ୍ୱାମା ଆକ୍ରମଣ ପରେ ଭାରତ ଆମ ଉପରେ ଦୋଷ ଦେଇଥିଲା। ଆମେ ପ୍ରମାଣ ମାଗିବାରୁ ସେମାନେ ପାକିସ୍ତାନକୁ ଯୁଦ୍ଧବିମାନ ପଠାଇଥିଲେ। ମୋଦିଙ୍କ ଜୀବନ ହେଉଛି ଆର୍‌ଏସ୍‌ଏସ୍, ଯାହାକି ଆଡୋଲ୍ଫ ହିଟ୍‌ଲର ଓ ବେନିଟୋ ମୁସୋଲିନିଙ୍କ ଆଦର୍ଶରେ ଅନୁପ୍ରାଣିତ। ଆର୍‌ଏସ୍‌ଏସ୍‌ର ଗୁଣ୍ଡାମାନେ ଶହ ଶହ ମୁସ୍‌ଲମାନଙ୍କୁ ହତ୍ୟା କରୁଛନ୍ତି। ଏହି ଅହଂକାର ସେମାନଙ୍କୁ ନିର୍ଦ୍ଦୟ କରିଦେଉଛି। ଭାରତ-ପାକିସ୍ତାନ ମଧ୍ୟରେ ପାରମ୍ପରିକ ଯୁଦ୍ଧ ଆରମ୍ଭ ହେଲେ ଆମେ କ’ଣ କରିବୁ । ନିଜକୁ ନିଜେ ମୁଁ ବହୁଥର ଏହି ପ୍ରଶ୍ନ କରିଛି। ଆମେ ଯୁଦ୍ଧ କରିବୁ। ଦୁଇ ଆଣବିକ ଅସ୍ତ୍ରସମ୍ପନ୍ନ ଦେଶ ଲଢ଼େଇ କଲେ ଯାହା ହୁଏ ତାହା ସମସ୍ତେ ଚିନ୍ତା କରନ୍ତୁ ବୋଲି ଇମ୍ରାନ କହିଛନ୍ତି।

- କର୍ଫ୍ୟୁ ହଟାଅ, ଗୃହବନ୍ଦୀଙ୍କୁ ମୁକ୍ତ କର
- ନିର୍ବାଚନ ଜିତିବା ପାଇଁ ମିଛ ପ୍ରଚାର କରିଥିଲେ ମୋଦି
- ଇସ୍‌ଲାମ ପ୍ରତି ଭୟ ବିଶ୍ୱକୁ ଭାଗଭାଗ କରୁଛି

### ପାକିସ୍ତାନକୁ ଆମେରିକାର ତାଗିଦ

## ହାଫିଜ, ଆଝାରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କର

ଜାତିସଂଘ,୨୭।୯(ପି.ଟି.)



ଭାରତ ସହ ଲାଗି ରହିଥିବା ଉତ୍ତେଜନା ହ୍ରାସ କରିବାକୁ ହେଲେ ହାଫିଜ ସୟିଦ, ମାସୁଦ ଆଝାରଙ୍କ ଭଳି ଆତଙ୍କବାଦୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଲାଗି ଆମେରିକା ପାକିସ୍ତାନକୁ କହିଛି। ଦୁଇଦେଶ ମଧ୍ୟରେ ଉତ୍ତେଜନା ହ୍ରାସ ଇସ୍‌ଲାମାବାଦର ସୀମାପାର ଅନୁପ୍ରବେଶ ନିରୋଧୀ କାର୍ଯ୍ୟାନୁଷ୍ଠାନ ଉପରେ ନିର୍ଭର କରୁଛି ବୋଲି ଆମେରିକା ପରରାଷ୍ଟ୍ର ବିଭାଗ ଅଧିକାରୀ ଆଲିସ୍ ଓ୍ୱେଲ୍ସ କହିଛନ୍ତି। ଉଭୟ ପକ୍ଷ ଚାହିଁଲେ ମଧ୍ୟସ୍ଥତା କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପ୍ରସ୍ତାବ ଦେଇଥିଲେ। ତେବେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟସ୍ଥତା ଚାହୁଁ ନ ଥିବା ସ୍ପଷ୍ଟ କରିଦେଇଛନ୍ତି। ତେଣୁ ଆଲୋଚନା ମାଧ୍ୟମରେ ସ୍ଥିତିରେ ସୁଧାର ଆଣିବାକୁ ହେଲେ ଇସ୍‌ଲାମାବାଦକୁ ଆତଙ୍କବାଦ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ହେବ ବୋଲି ଓ୍ୱେଲ୍ସ କହିଛନ୍ତି।

## ‘କଶ୍ମୀର ମୁସଲମାନଙ୍କ ଲାଗି ବିବ୍ରତ କାହିଁକି’

ଜାତିସଂଘ,୨୭।୯(ପି.ଟି.)

ସମଗ୍ର ଚାଇନାରେ ମୁସଲମାନ ସମ୍ପ୍ରଦାୟ ବିପଜ୍ଜନକ ସ୍ଥିତିରେ ରହୁଥିଲାବେଳେ ସେଥିପାଇଁ ଚିନ୍ତା ନ କରି କେବଳ କଶ୍ମୀରୀ ମୁସଲମାନଙ୍କ ମାନବାଧିକାର ଉଲ୍ଲଂଘନକୁ ନେଇ ବିବ୍ରତ କାହିଁକି ବୋଲି ପାକିସ୍ତାନକୁ ଆମେରିକା ପ୍ରଶ୍ନ କରିଛି। ଜାତିସଂଘ ସାଧାରଣ ପରିଷଦର ୭୪ତମ ଅଧିବେଶନରେ ଉଦ୍‌ବୋଧନ ଦେଇ ଆମେରିକା ପରରାଷ୍ଟ୍ର ବିଭାଗର ସହକାରୀ ସଚିବ ଆଲିସ ଓ୍ୱେଲ୍ସ ଉପରୋକ୍ତ ମତ ଦେଇଛନ୍ତି। ଚାଇନା ଜିନ୍‌ଜିଆଙ୍ଗ ପ୍ରଦେଶରେ ପାଖାପାଖି ୧୦ ଲକ୍ଷ ଉଇଘୁର ଓ ଅନ୍ୟ ତୁର୍କୀ ଭାଷାଭାଷୀ ମୁସଲମାନଙ୍କୁ ଅଟକ ରଖିଥିବାବେଳେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ୍ ଖାନ୍ ସେମାନଙ୍କ ସମ୍ପର୍କରେ କିଛି ନ କହିବା ଘଟଣାକୁ ଓ୍ୱେଲ୍ସ ନିନ୍ଦା କରିଛନ୍ତି।



ରାଜସ୍ଥାନର ପୂର୍ବତନ ରାଜ୍ୟପାଳ ତଥା ବରିଷ୍ଠ ଭାଜପା ନେତା କଲ୍ୟାଣ ସିଂ ବାବ୍ରୀ ମସ୍‌ଜିଦ ଭଙ୍ଗ ମାମଲାରେ ଶୁକ୍ରବାର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ହାଜର ହୋଇଛନ୍ତି।

### ଖସିପଡ଼ିଲା ଚିତା ହେଲିକପ୍ଟର

## ଦୁଇ ପାଇଲଟ ମୃତ

**ନୂଆଦିଲ୍ଲୀ,୨୭।୯(ପି.ଟି.):** ଭାରତୀୟ ସେନାର ଚିତା ହେଲିକପ୍ଟର ଶୁକ୍ରବାର ଅପରାହ୍ନରେ ଭୁଟାନ ପୂର୍ବାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଦୁଇଜଣ ପାଇଲଟ ପ୍ରାଣ ହରାଇଛନ୍ତି। ଦୁର୍ଘଟଣାସ୍ଥଳରୁ ହେଲିକପ୍ଟରର ଭଗ୍ନାବଶେଷ ଠାବ କରାଯାଇଥିବା ସେନା ପକ୍ଷରୁ କୁହାଯାଇଛି। ସିଙ୍ଗଲ ଇଞ୍ଜିନ ବିଶିଷ୍ଟ ହେଲିକପ୍ଟର ଅରୁଣାଚଳ ପ୍ରଦେଶର ଖିର୍ମୁଠାରୁ ଭୁଟାନର ୟୋନଫୁଲା ଅଭିମୁଖେ ଯାତ୍ରା କରୁଥିଲା। ଉଡାଣ ବେଳେ ଅପରାହ୍ନ ଗୋଟାଏରେ ଏହା ରେଡିଓ ଓ ଦୃଶ୍ୟମାନ ଯୋଗାଯୋଗ ବାହାରକୁ ଚାଲିଯାଇଥିଲା। ପରେ ଏହା ଦୁର୍ଘଟଣାଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଚିତାରେ ଥିବା ଜଣେ ଭାରତୀୟ ସେନାର ଓ ଅନ୍ୟ ଜଣେ ରୟାଲ ଭୁଟାନ ଆର୍ମିର ପାଇଲଟ ପ୍ରାଣ ହରାଇଛନ୍ତି। ତଲାସି ଅଭିଯାନ ବେଳେ ଦୁର୍ଘଟଣାସ୍ଥଳରୁ ଏହାର ଭଗ୍ନାବଶେଷ ଠାବ କରାଯାଇଛି।

## ସଡ଼କ ଦୁର୍ଘଟଣାରେ ୧୬ ମୃତ

**ଯୋଧପୁର,୨୭।୯(ପି.ଟି.):** ରାଜସ୍ଥାନର ଯୋଧପୁର ନିକଟରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୧୬ ଜଣ ପ୍ରାଣ ହରାଇଥିବାବେଳେ ଅନ୍ୟ ୫ ଆହତ ହୋଇଛନ୍ତି। ମିନିବସ୍‌ର ଟାୟାର ଫାଟିଯିବାରୁ ବୋଲେରୋ ସହ ଏହାର ଧକ୍କା ହୋଇଥିଲା। ଆହତମାନଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ବାଲେସର ଥାନା ଏସ୍‌ଏଚ୍‌ଓ ଦେବେନ୍ଦ୍ର ସୂଚନା ଦେଇଛନ୍ତି।

## ୟୁପି, ତ୍ରିପୁରାରେ ଭାଜପା, କେରଳରେ ଏଲ୍‌ଡିଏଫ୍ ବିଜୟୀ

ନୂଆଦିଲ୍ଲୀ,୨୭।୯(ପି.ଟି.)

ଉତ୍ତରପ୍ରଦେଶ(ୟୁପି) ଓ ତ୍ରିପୁରା ଉପନିର୍ବାଚନରେ ଭାଜପା ବିଜୟୀ ହୋଇଥିବାବେଳେ କେରଳରେ ସିପିଏମ୍ ନେତୃତ୍ୱାଧୀନ ଏଲ୍‌ଡିଏଫ୍‌କୁ ସଫଳତା ମିଳିଛି। ସେହିପରି ଛତିଶଗଡ଼ର ଦାନ୍ତେଓ୍ୱାଡା ବିଧାନସଭା ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପାକୁ ପରାଜିତ କରି କଂଗ୍ରେସ ପ୍ରାର୍ଥୀ ବିଜୟୀ ହୋଇଛନ୍ତି।

ଉତ୍ତରପ୍ରଦେଶର ହମିରପୁର ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ୟୁବରାଜ ସିଂ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସମାଜବାଦୀ ପାର୍ଟିର ମନୋଜ ପ୍ରଜାପତିଙ୍କୁ ୧୭,୮୪୬ ଭୋଟରେ ପରାଜିତ କରିଛନ୍ତି। ଗତ ୨୩ ତାରିଖରେ ଏଠାରେ ଭୋଟଗ୍ରହଣ କରାଯାଇଥିଲା। ହମିରପୁର ବିଧାୟକ ଥିବା ଅଶୋକ କୁମାର ସିଂ ଚାଣ୍ଡେଲଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ପରେ ସେଠାରେ ଉପନିର୍ବାଚନ କରିବାକୁ ପଡିଥିଲା। ସେହିପରି ତ୍ରିପୁରାର ବଧରଘାଟ ଆସନ ଲାଗି ହୋଇଥିବା ଉପନିର୍ବାଚନରେ ଭାଜପା ପ୍ରାର୍ଥୀ ମିମି ମଜୁମଦେର ତାଙ୍କର ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସିପିଏମ୍‌ର ବୁଲତି ବିଶ୍ୱାସଙ୍କଠାରୁ ୫୨୭୬ ଅଧିକ ଭୋଟ ପାଇ ନିର୍ବାଚିତ ହୋଇଛନ୍ତି। ଭାଜପା ବିଧାୟକ ଦିଲୀପ ସର୍କାରଙ୍କ ପରଲୋକ ଯୋଗୁ ଉକ୍ତ ଆସନ ଖାଲିପଡ଼ିଥିଲା। କେରଳର ପାଲା ଆସନରେ ଶାସକ ଏଲ୍‌ଡିଏଫ ପ୍ରାର୍ଥୀ ମଣି ସି. କାପେନ ବିଜୟୀ ହୋଇଛନ୍ତି। ବରିଷ୍ଠ ନେତା କେ.ଏମ୍. ମଣିଙ୍କ ପରଲୋକ ଯୋଗୁ ଉକ୍ତ ଆସନରେ ଉପନିର୍ବାଚନ କରିବାକୁ ପଡ଼ିଥିଲା। ସେହିପରି ମାଓବାଦୀ ପ୍ରବଣ ଛତିଶଗଡ଼ର ଦାନ୍ତେଓ୍ୱାଡା ଉପନିର୍ବାଚନରେ ଶାସକ କଂଗ୍ରେସ ପ୍ରାର୍ଥୀ ଦେବତୀ କର୍ମା ବିଜୟୀ ହୋଇଛନ୍ତି।

**ବିଧାନସଭା ଉପନିର୍ବାଚନ**

### ଛତିଶଗଡ଼ରେ କଂଗ୍ରେସକୁ ସଫଳତା

## ଡିସେମ୍ବର ୫ରେ କର୍ଣାଟକ ଉପନିର୍ବାଚନ

ନୂଆଦିଲ୍ଲୀ,୨୭।୯

କର୍ଣାଟକ ବିଧାନସଭାର ୧୫ ଆସନ ଲାଗି ଉପନିର୍ବାଚନ ଡିସେମ୍ବର ୫ରେ ହେବ ବୋଲି ନିର୍ବାଚନ କମିଶନ (ଇସି) ଶୁକ୍ରବାର ଘୋଷଣା କରିଛନ୍ତି। ୯ ତାରିଖରେ ଭୋଟଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ଅଯୋଗ୍ୟ ଘୋଷିତ ବିଧାୟକମାନଙ୍କ ପିଟିଶନ୍‌ର ଶୁଣାଣି ଚାଲିଥିବାରୁ ଉପନିର୍ବାଚନ ତାରିଖ ଘୁଞ୍ଚାଇବାକୁ ଗୁରୁବାର ସୁପ୍ରିମକୋର୍ଟ ଇସିଙ୍କୁ କହିଥିଲେ। ସେହି ଅନୁଯାୟୀ ନଭେମ୍ବର ୧୧ରୁ ୧୮ ମଧ୍ୟରେ ନାମାଙ୍କନପତ୍ର ଦାଖଲ କରିବାକୁ କୁହାଯାଇଛି। ପ୍ରାର୍ଥୀ ଚାହିଁଲେ ନଭେମ୍ବର ୨୧ ସୁଦ୍ଧା ନାମାଙ୍କନପତ୍ର ପ୍ରତ୍ୟାହାର କରିପାରିବେ।

## ପଞ୍ଜାବରୁ ଆଉ ଏକ ପାକିସ୍ତାନୀ ଡ୍ରୋନ୍ ଠାବ

ଅଟ୍ଟାରୀ,୨୭।୯(ପି.ଟି.)

ପଞ୍ଜାବ ପୋଲିସ ସୀମାନ୍ତ ଗ୍ରାମରୁ ଆଉ ଏକ ପାକିସ୍ତାନୀ ଡ୍ରୋନ ଶୁକ୍ରବାର ଠାବ କରିଛି। ତିନି ଦିନ ମଧ୍ୟରେ ଏହା ଦ୍ୱିତୀୟ ଡ୍ରୋନ୍। ଏହି ଡ୍ରୋନ୍ ସହାୟତାରେ ସୀମା ଆରପଟୁ ପଞ୍ଜାବକୁ ଅସ୍ତ୍ର ଓ ଗୁଳିଗୋଳା ଆସୁଥିଲା ବୋଲି ପୋଲିସ କହିଛି। ଏହା ପୂର୍ବରୁ ମଙ୍ଗଳବାର ଟାର୍ନ ଟାରାନ ଅଞ୍ଚଳରୁ ଏକ ଅର୍ଦ୍ଧଦଗ୍ଧ ଡ୍ରୋନ୍ ଜବତ ହୋଇଥିଲା। ଶୁକ୍ରବାର ମହାଓ୍ୱା ଗ୍ରାମରୁ ଡ୍ରୋନ ମିଳିଛି। ରବିବାର ପଞ୍ଜାବ ପୋଲିସ ଖଲିସ୍ଥାନ ଜିନ୍ଦାବାଦ ଫୋର୍ସ (କେଜେଡ୍‌ଏଫ୍)ର ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରିଥିଲା। ସେମାନଙ୍କ ମଧ୍ୟରୁ ଜଣକର ସୂଚନାକ୍ରମେ ପୋଲିସ ଏହି ଡ୍ରୋନ୍‌କୁ ଠାବ କରିବାରେ ସଫଳ ହୋଇଛି। ପଞ୍ଜାବ ଓ ଅନ୍ୟ ରାଜ୍ୟରେ ଅଶାନ୍ତି ସୃଷ୍ଟି ଲାଗି ପଡୋଶୀ ଦେଶ ଉଦ୍ୟମ କରୁଥିବା ପୋଲିସ କହିଛି। ଏହାବ୍ୟତୀତ ଦିଲ୍ଲୀର ନୋ-ଫ୍ଲାଇଂ ଜୋନ୍ ଲୋଧି ଇଷ୍ଟେଟ୍ ଅଞ୍ଚଳରେ ଶୁକ୍ରବାର ଅପରାହ୍ଣରେ ଏକ ଡ୍ରୋନ୍ ଉଡୁଥିବାର ଠାବ କରାଯାଇଛି।

## ବିଧାୟକ ପଦରୁ ଅଜିତ ପାଓ୍ୱାରଙ୍କ ଇସ୍ତଫା

ମୁମ୍ବାଇ,୨୭।୯



ମନିଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତର ସମ୍ମୁଖୀନ ହୋଇଥିବା ବରିଷ୍ଠ ଏନ୍‌ସିପି ନେତା ତଥା ମହାରାଷ୍ଟ୍ରର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାଓ୍ୱାର ଶୁକ୍ରବାର ବିଧାୟକ ପଦରୁ ଇସ୍ତଫା ଦେଇଛନ୍ତି। ଦଳ ଅଧ୍ୟକ୍ଷ ଶରଦ ପାଓ୍ୱାରଙ୍କ ପୁତୁରା ଅଜିତ ବାରାମତି ଆସନରୁ ୬ ଥର ମହାରାଷ୍ଟ୍ର ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି। ଶୁକ୍ରବାର ସନ୍ଧ୍ୟାରେ ସେ ତାଙ୍କ ଇସ୍ତଫାପତ୍ର ବିଧାନସଭା ବାଚସ୍ପତି ହରିଭାଉ ବଗାଡେଙ୍କୁ ପ୍ରଦାନ କରିଛନ୍ତି। ତେବେ ତାଙ୍କ ଇସ୍ତଫା ନିଷ୍ପତ୍ତିର କାରଣ ସମ୍ପର୍କରେ ଜଣାପଡିନାହିଁ।

**ଇତିହାସର ଆଇନାରେ**

### ସେପ୍ଟେମ୍ବର ୨୮ର ପ୍ରମୁଖ ଘଟଣା

୧୯୯୨ ସେପ୍ଟେମ୍ବର ୨୮ରେ ପାକିସ୍ତାନର ଏକ ବେସାମରିକ ବିମାନ ନେପାଳର ପାର୍ବତ୍ୟାଞ୍ଚଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ଥିବା ସମସ୍ତ ୧୬୭ ଯାତ୍ରୀ ପ୍ରାଣ ହରାଇଥିଲେ।

୨୦୧୮ ସେପ୍ଟେମ୍ବର ୨୮ରେ ଇଣ୍ଡୋନେସିଆର ମିନାହାସା ଉପଦ୍ୱୀପ ଅନ୍ତର୍ଗତ କେନ୍ଦ୍ରୀୟ ସୁଲଓ୍ୱେସିରେ ଭୟଙ୍କର ଭୂକମ୍ପ ଅନୁଭୂତ ହେବାରୁ ୪,୩୪୦ ଲୋକ ପ୍ରାଣ ହରାଇଥିଲେ। ଏଥିରେ ୧୦ ହଜାରରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ।




ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ-ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର କେତେକ ଜିଲାରେ ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ସ୍ଥାନୀୟ ଅଞ୍ଚଳ- ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ଆକାଶ ମେଘାଚ୍ଛନ୍ନ ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୧ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୦.୪ | ୨୩.୫ |
| ଚାନ୍ଦବାଲି | ୩୦.୪ | ୨୪.୬ |
| କଟକ | ୩୧.୫ | ୨୨.୦ |
| ପାରାଦ୍ୱୀପ | ୨୯.୯ | ୨୫.୧ |
| ଭୁବନେଶ୍ୱର | ୩୦.୯ | ୨୩.୫ |
| ଗୋପାଳପୁର | ୩୧.୩ | ୨୪.୯ |
| ପୁରୀ | ୩୧.୫ | ୨୫.୦ |
| ଅନୁଗୋଳ | ୩୧.୭ | ୨୦.୬ |
| ବାରିପଦା | ୨୮.୬ | ୨୪.୫ |
| ଝାରସୁଗୁଡ଼ା | ୩୧.୪ | ୨୪.୫ |
| କେନ୍ଦୁଝର | ୨୮.୯ | ୨୨.୫ |
| ସମ୍ବଲପୁର | ୩୩.୫ | ୨୪.୨ |
| ସୁନ୍ଦରଗଡ଼ | ୨୮.୦ | ୨୧.୦ |
| ହୀରାକୁଦ | ୩୧.୩ | ୨୫.୧ |
| ତାଳଚେର | ୩୧.୧ | ୨୩.୬ |
| ଭବାନୀପାଟଣା | ୩୩.୦ | ୨୪.୦ |
| ବଲାଙ୍ଗୀର | ୩୩.୦ | ୨୪.୨ |
| କୋରାପୁଟ | ୩୦.୬ | ୧୯.୦ |
| ଫୁଲବାଣୀ | ୩୧.୦ | -- |
| ଟିଟିଲାଗଡ଼ | ୩୫.୦ | ୨୧.୧ |
| ମାଲକାନଗିରି | ୩୩.୦ | -- |
| ସୋନପୁର | ୩୩.୮ | ୨୧.୪ |
| ଦାରିଙ୍ଗିବାଡ଼ି | ୨୭.୫ | ୧୬.୦ |

ଡିଗ୍ରୀ ସେଲ୍‌ସିୟସ୍

## ଦୋଷ ମୁଣ୍ଡାଇଲେ କ୍ରାଉନ୍ ପ୍ରିନ୍ସ

**ଜମାଲ ଖାଶୋଗି ହତ୍ୟା**

ରିୟାଦ,୨୭।୯(ଆଇଏଏନ୍‌ଏସ୍)



ଜମାଲ ଖାଶୋଗି / ମହମ୍ମଦ ବିନ୍ ସଲମାନ୍

ବହୁଚର୍ଚ୍ଚିତ ଜମାଲ ଖାଶୋଗି ହତ୍ୟାକାଣ୍ଡକୁ ବର୍ଷେ ପୂରିବାକୁ ଯାଉଥିବାବେଳେ ପ୍ରଥମଥର ପାଇଁ ନୀରବତା ଭାଙ୍ଗିଛନ୍ତି ସୌଦି କ୍ରାଉନ୍ ପ୍ରିନ୍ସ ମହମ୍ମଦ ବିନ୍ ସଲମାନ୍ (ଏମ୍‌ବିଏସ୍)। ସୌଦି ଖବରଦାତା ଖାଶୋଗି ହତ୍ୟା ପାଇଁ ସେ ନିଜ ମୁଣ୍ଡକୁ ଦୋଷ ନେଇଛନ୍ତି।

ଆମେରିକାର ସାଧାରଣ ପ୍ରସାରଣ ସେବା (ପିବିଏସ୍)କୁ କ୍ରାଉନ୍ ପ୍ରିନ୍ସ ଏମ୍‌ବିଏସ୍ ଏକ ସାକ୍ଷାତ୍‌କାରରେ କହିଛନ୍ତି, ଖାଶୋଗିଙ୍କ ହତ୍ୟାକାଣ୍ଡ ତାଙ୍କ ତତ୍ତ୍ୱାବଧାନରେ ହୋଇଥିଲା। ଏଥିଲାଗି ସେ ନିଜକୁ ଉତ୍ତରଦାୟୀ କରୁଛନ୍ତି। ତେବେ ତାଙ୍କ ଅଜାଣତରେ ଏହି ହତ୍ୟାକାଣ୍ଡ ଘଟିଥିବା ଏମ୍‌ବିଏସ୍ ଦୋହରାଇଛନ୍ତି। ‘ଦି କ୍ରାଉନ୍ ପ୍ରିନ୍ସ ଅଫ୍ ସୌଦି ଆରବ’ ଶୀର୍ଷକ ପ୍ରାମାଣିକ ଚିତ୍ର ଖାଶୋଗିଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀର ଦିନକ ପୂର୍ବରୁ ଅର୍ଥାତ୍ ଅକ୍ଟୋବର ୧ରେ ପ୍ରସାରିତ ହେବ। ଏଥିରେ ଏହି ସୌଦି ନେତାଙ୍କ ଉତ୍ଥାନ, ଶାସନ ଓ ଖାଶୋଗି ହତ୍ୟାକାଣ୍ଡ ସହ ତାଙ୍କର ସମ୍ପର୍କ ନେଇ ବିସ୍ତୃତ ଭାବେ ଦର୍ଶାଯାଇଛି। ପ୍ରକାଶ ଯେ, ଓ୍ୱାଶିଂଟନ ପୋଷ୍ଟର ସ୍ତମ୍ଭକାର ଭାବେ କାର୍ଯ୍ୟରତ ସୌଦି ଖବରଦାତା ଖାଶୋଗି ପୂର୍ବରୁ କ୍ରାଉନ୍ ପ୍ରିନ୍ସଙ୍କ ସମର୍ଥକ ଥିଲେ। ହେଲେ ପରବର୍ତ୍ତୀ ସମୟରେ ସେ ତାଙ୍କର ସମାଲୋଚକ ପାଲଟିଯାଇଥିଲେ। ୨୦୧୮ ଅକ୍ଟୋବର ୨ରେ ରିୟାଦରୁ ପଠାଯାଇଥିବା ଏକ ୧୫ ଜଣିଆ ଟିମ୍ ତୁର୍କୀ ରାଜଧାନୀ ଇସ୍ତାନବୁଲରେ ଖାଶୋଗିଙ୍କୁ ହତ୍ୟା କରିଥିଲେ। ଖାଶୋଗିଙ୍କ ମୃତଦେହ ଅଦ୍ୟାବଧି ମିଳିନାହିଁ। ଇସ୍ତାନବୁଲସ୍ଥିତ ସୌଦି କନ୍‌ସୁଲେଟ୍‌ରେ ଖାଶୋଗିଙ୍କୁ ଶେଷଥର ପାଇଁ ଦେଖିବାକୁ ମିଳିଥିଲା।




**STORES ONLY AT: BHUBANESWAR:** 621, Saheed Nagar, Janpath I **BHUBANESWAR:** 309, District Centre, Chandrashekarpur I **BERHAMPUR:** Venkataraju Arcade, Sano Bazar I **CUTTACK:** 558/834, Cantonment Road I **ROURKELA:** Kesar Bhavan, Main Road I **Toll Free:** 1800 3131 777 • **Open on Sundays.**

**MARUTI SUZUKI** NEXA

# THE BEST OFFERS OF THE YEAR




## LIMITED PERIOD OFFERS ONLY

VALID TILL 30th SEPTEMBER 2019

| BRAND | BALENO (P) | BALENO (D) | IGNIS | S-CROSS | CIAZ (P) | CIAZ (D) |
|---|---|---|---|---|---|---|
| CONSUMER OFFER* | ₹15,000 | ₹20,000+5 YEAR WARRANTY | ₹30,000 | ₹50,000+5 YEAR WARRANTY | ₹25,000 | ₹25,000+5 YEAR WARRANTY |
| EXCHANGE OFFER | ₹15,000 | ₹15,000 | ₹20,000 | ₹30,000 | ₹30,000 | ₹30,000 |
| CORPORATE OFFER | ₹5,000 | ₹10,000 | ₹7,000 | ₹10,000 | ₹10,000 | ₹10,000 |
| TOTAL SAVINGS# | **₹35,000** | **₹62,400** | **₹57,000** | **₹1,12,900** | **₹65,000** | **₹87,700** |

Contact us at 1800-200-[6392] 1800-102-[NEXA]
www.nexaexperience.com
NOW YOU CAN ALSO BOOK ONLINE

**SAMBALPUR: NEXA SAMBALPUR HIGHWAY** (ODYSSEY MOTORS PH: 8599039994).

A REVOLUTIONARY WAY TO CONNECT TO YOUR CAR
- Vehicle Tracking
- Emergency Alert
- Driving Behaviour Analysis
- Live Vehicle Status
- Vehicle Alerts

SUZUKI connect ADVANCED TELEMATICS SOLUTION

*Offered separately as Genuine NEXA Accessory*

*Offer may vary from variant to variant. #Total savings include Consumer Offer + Exchange Offer + Highest Corporate Offer and 5 year warranty (2 year standard warranty + 3 year extended warranty) on NEXA Diesel cars.

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସଂଘମିତ୍ରା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଟୁଇଟରରେ ଓଡ଼ିଶା ପର୍ଯ୍ୟଟନ କଥା ଲେଖିଲେ ୨ ରାଷ୍ଟ୍ରଦୂତ

- ଓଡ଼ିଶା ଆସିବାକୁ ନବୀନ, ଧର୍ମେନ୍ଦ୍ରଙ୍କ ଆମନ୍ତ୍ରଣ
- ପ୍ରସ୍ତୁତ ହେବ ଶାମୁକା ବେଳାଭୂମି : ବିଶାଲ ଦେବ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ କେତେଜଣ ବିଶିଷ୍ଟ ବ୍ୟକ୍ତି ଓଡ଼ିଶା ପର୍ଯ୍ୟଟନର ଫଟୋ ସହ ନିଜର ସୁନ୍ଦର ଅନୁଭୂତି ଲେଖିଛନ୍ତି। ଆମେରିକା ରାଷ୍ଟ୍ରଦୂତ କେନ୍ ଜଷ୍ଟର କୋଣାର୍କ ପରିଦର୍ଶନର ଫଟୋ ଶେୟାର କରି ସ୍ଥାପତ୍ୟକୁ ଖୁବ୍ ପସନ୍ଦ କରିଥିବା କଥା ଲେଖିଛନ୍ତି। ସେହିପରି କୋଲକାତାରେ ଅବସ୍ଥାପିତ ବ୍ରିଟେନର ରାଷ୍ଟ୍ରଦୂତ ବ୍ରୁସ ବକ୍‌ନେଲ୍ ଗଞ୍ଜାମ ଜିଲା ଗୋପାଳପୁର ବେଳାଭୂମିର ଏକ ଫଟୋ ପୋଷ୍ଟ କରିବା ସହ ଓଡ଼ିଶା ପର୍ଯ୍ୟଟନ କ୍ଷେତ୍ରର ପ୍ରଶଂସା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟରରେ ଦୁଇଟି ଭିଡିଓ ପୋଷ୍ଟ କରିଛନ୍ତି। ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର, ଐତିହ୍ୟ ଓ ସଂସ୍କୃତିରେ ଅଳଙ୍କୃତ ଏବଂ ସମୃଦ୍ଧ ଆଦିମ ଜନଜାତି ସଂସ୍କୃତି ସବୁ ପର୍ଯ୍ୟଟକଙ୍କୁ ଆନନ୍ଦ ଦେଇଥାଏ। ଓଡ଼ିଶା ଆସି ଏଠାକାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସଂସ୍କୃତିରେ ମଗ୍ନ ହୋଇଯିବାକୁ ସେ ଲେଖିଛନ୍ତି। ଦୁଇଟି ଭିଡିଓରେ ରାଜ୍ୟର ବିଭିନ୍ନ ପର୍ଯ୍ୟଟନ କ୍ଷେତ୍ର ସ୍ଥାନ ପାଇଛି। ଯେଉଁଥିରେ ଭୁବନେଶ୍ୱରର ଧଉଳି ଶାନ୍ତିସ୍ତୂପ, ରାଜାରାଣୀ ମନ୍ଦିର, ଖଣ୍ଡଗିରି, ମୁକ୍ତେଶ୍ୱର ଦେଉଳ, ଲିଙ୍ଗରାଜ ମନ୍ଦିର, ଚିଲିକା, ସାତକୋଶିଆ ଅଭୟାରଣ୍ୟ, ଭିତରକନିକା, ଦେଓମାଳି ପର୍ବତ, ଦେବ୍ରୁଗଡ ଅଭୟାରଣ୍ୟ, ଜିରାଙ୍ଗ, କୋଣାର୍କ ଓ ରଘୁରାଜପୁରର ପଟ୍ଟଚିତ୍ରକୁ ଦର୍ଶାଯାଇଛି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଣାର୍କ, ରତ୍ନଗିରି, ଶିମିଳିପାଳ ଓ ଚିଲିକା ହ୍ରଦର ଫଟୋ ପୋଷ୍ଟ କରି ଓଡ଼ିଶାର ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଆହ୍ୱାନ କରିଛନ୍ତି। ହସ୍ତକଳା ପର୍ଯ୍ୟଟନ, ଇକୋଟୁରିଜିମ୍ ଏବଂ କ୍ରୀଡ଼ା ଓ ଆଡଭେଞ୍ଚର ଟୁରିଜିମକୁ ଆଗାମୀ ତିନି ବର୍ଷରେ ପ୍ରୋତ୍ସାହନ ଦିଆଯିବ ବୋଲି ପର୍ଯ୍ୟଟନ ସଚିବ ଟୁଇଟର ଶୁଭେଚ୍ଛା ବାର୍ତ୍ତାରେ ଲେଖିଛନ୍ତି। ଚିଲିକା, ପୁରୀ, କୋଣାର୍କରେ ସର୍କିଟ ହାଉସ ନିର୍ମାଣ ସହ ଖୁବ୍ ଶୀଘ୍ର ଶାମୁକା ବେଳାଭୂମି ପ୍ରସ୍ତୁତ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ବିଭିନ୍ନ ମାଧ୍ୟମରେ ଜାତୀୟ ଓ ଅର୍ନ୍ତଜାତୀୟ ସ୍ତରରେ ରାଜ୍ୟ ପର୍ଯ୍ୟଟନର ପ୍ରମୋଶନ କରାଯିବ ବୋଲି ବିଶାଳ ଉଲ୍ଲେଖ କରିଛନ୍ତି।

# ଓଡ଼ିଶାକୁ ତିନୋଟି ସ୍କଚ୍ ଆୱାର୍ଡ

ଭୁବନେଶ୍ୱର, ୨୭।୯(ବ୍ୟୁରୋ)- କୃଷି କ୍ଷେତ୍ରରେ ଓଡ଼ିଶାକୁ ତିନୋଟି ସ୍କଚ୍ ଆୱାର୍ଡ ମିଳିଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଅନ୍ତର୍ଗତ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ ଅଧୀନରେ ହେଉଥିବା କୃଷି ଉତ୍ପାଦନ କ୍ଲଷ୍ଟର ୨୦୧୯ ବର୍ଷ ପାଇଁ ସ୍କଚ୍ ସ୍ୱର୍ଣ୍ଣ ପଦକ ହାସଲ କରିଛି। କୃଷି ଉତ୍ପାଦନ କ୍ଲଷ୍ଟର ନିଜର ପ୍ରକଳ୍ପ ଓ ଉତ୍କର୍ଷ କାର୍ଯ୍ୟକାରିତା ପାଇଁ ଏହି ସମ୍ମାନ ହାସଲ କରିଛି। ଏହାସହ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ଏବଂ 'ଓଡ଼ିଶା ମିଲେଟ୍ ମିଶନ' ସ୍କଚ୍ ଅର୍ଡର ଅଫ୍ ମେରିଟ୍ ସମ୍ମାନ ଲାଭ କରିଛି। ସୂଚନାଯୋଗ୍ୟ, କୃଷି କ୍ଷେତ୍ରରେ ତୃଣମୂଳ ସ୍ତରରେ ଅଭିନବ ଯନ୍ତ୍ରପାତି ବ୍ୟବହାର କରି କୃଷି ଉତ୍ପାଦନ ବୃଦ୍ଧି ଓ ଉତ୍ପାଦିତ ଦ୍ରବ୍ୟକୁ ମୂଲ୍ୟଯୁକ୍ତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ଆରମ୍ଭ କରାଯାଇଥିଲା। ୨୦୧୮ ମେ' ୧୭ରେ ଏହାର ଶୁଭାରମ୍ଭ ହୋଇଥିଲା। କୃଷି ଯନ୍ତ୍ରପାତି ନିର୍ମାଣ କ୍ଷେତ୍ରରେ ଅଭିନବ ଜ୍ଞାନକୌଶଳ ସମୃଦ୍ଧ କୃଷକମାନଙ୍କୁ ରାଜ୍ୟ ଓ ଜିଲାସ୍ତରରେ ସମ୍ମାନିତ କରିବା ପାଇଁ ରାଜ୍ୟ ସରକାର 'ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ସମ୍ମାନ' ପ୍ରଦାନ କରାଯାଉଛି। ସେହିପରି ସ୍ୱଳ୍ପ ବୃଷ୍ଟି ହେଉଥିବା ଜନଜାତି ଅଧ୍ୟୁଷିତ ଅଞ୍ଚଳରେ ବାଜରା, ଯଅ ପ୍ରଭୃତି ଚାଷକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ୨୦୧୭-୧୮ ବର୍ଷରେ 'ଓଡ଼ିଶା ମିଲେଟ୍ ମିଶନ' ଆରମ୍ଭ କରିଥିଲେ। ଏହାକୁ ଭାରତ ସରକାର ଏକ ମଡେଲ୍ ଭାବେ ଗ୍ରହଣ କରି ଅନ୍ୟ ରାଜ୍ୟଗୁଡ଼ିକୁ ଏହାର ଅନୁକରଣ ପାଇଁ ପରାମର୍ଶ ଦେଇଛନ୍ତି।




# ଆଜିଠୁ ଗଡ଼ିବ ୪ ନୂଆ ମେମୁ ଟ୍ରେନ

## କଟକରୁ ପୁରୀ, ଭଦ୍ରକ ଓ ପାରାଦୀପ ଚଳାଚଳ କରିବ



ଭୁବନେଶ୍ୱର, ୨୭।୯(ବ୍ୟୁରୋ)

ପୂର୍ବତଟ ରେଳପଥ ୪ଟି ନୂଆ ମେମୁ ଟ୍ରେନ ଚଳାଚଳ କରିବାକୁ ନିଷ୍ପତ୍ତି ନେଇଛି। ଶନିବାରଠାରୁ ଏହି ଟ୍ରେନଗୁଡ଼ିକ ପୁରୀ-କଟକ, କଟକ-ଭଦ୍ରକ, କଟକ-ପାରାଦ୍ୱୀପ ସେକ୍ସନ ମଧ୍ୟରେ ଚଳାଚଳ କରିବ। ପୁରୀ-କଟକ ମେମୁ ଟ୍ରେନ(୬୮୪୧୫-୬୮୪୧୬) କଟକ-ପୁରୀ ପାସେଞ୍ଜର(୫୮୪୧୫-୫୮୪୧୬) ବଦଳରେ ଚଳାଚଳ କରିବ। ସେହିଭଳି କଟକ-ଭଦ୍ରକ ମଧ୍ୟରେ ପୂର୍ବରୁ ଚଳାଚଳ କରୁଥିବା (୫୮୪୩୫-୫୮୪୩୬/୫୮୪୨୩-୫୮୪୨୪) କଟକ-ଭଦ୍ରକ ଫାଷ୍ଟ ପାସେଞ୍ଜର ବଦଳରେ ଦୁଇଟି ମେମୁ ଟ୍ରେନ(୬୮୪୩୫-୬୮୪୩୬/୬୮୪୨୩-୬୮୪୨୪) ଚଳାଚଳ କରିବ। ପୂର୍ବ ଦୁଇଟି ପାସେଞ୍ଜର ଟ୍ରେନ ପ୍ରତ୍ୟାହାର କରାଯିବ। ସମାନ୍ତରାଳ ଭାବେ କଟକ-ପାରାଦୀପ ମେମୁ ଟ୍ରେନ (୬୮୪୦୧-୬୮୪୦୨) କଟକ-ପାରାଦୀପ ପାସେଞ୍ଜର(୫୮୪୦୧-୫୮୪୦୨) ବଦଳରେ ଚଳାଚଳ କରିବ ଏବଂ ପୂର୍ବ ପାସେଞ୍ଜର ଟ୍ରେନଟି ପ୍ରତ୍ୟାହାର ହୋଇଯିବ। ନୂଆ ମେମୁ ଟ୍ରେନଗୁଡ଼ିକ ପୂର୍ବ ପାସେଞ୍ଜର ଟ୍ରେନର ସମୟ ସାରଣୀ ହିସାବରେ ଚାଲିବ। ସମୟ ସୂଚୀରେ କୌଣସି ପରିବର୍ତ୍ତନ କରାଯାଇନାହିଁ ବୋଲି ପୂର୍ବତଟ ରେଳପଥ ପକ୍ଷରୁ କୁହାଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ବହୁତ ଦିନରୁ ଅଟକି ରହିଯାଇଥିବା ସବୁ କାମ ସୁବିଧାରେ ହେବା ଦୁରୁହ ହୋଇପଡ଼ିବ। ପରିସ୍ଥିତି ପ୍ରତି ଦୃଷ୍ଟି ରଖି କାମ କରନ୍ତୁ, ଅନ୍ୟଥା ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ। ବ୍ୟବସାୟ,ବାଣିଜ୍ୟ ଓ ପରିବହନରେ ଶିଥିଳତା ଦେଖାଦେବ। ନୂତନ ଯାନ୍ତ୍ରିକ ଜିନିଷ କିମ୍ବା ଗୃହୋପକରଣ କ୍ରୟ କରିପାରନ୍ତି।

**ବୃଷ** କର୍ମକ୍ଷେତ୍ରରେ ବାରମ୍ବାର ଚେଷ୍ଟା କରି ମଧ୍ୟ ଅସଫଳତା ହେତୁକ ଅପୂରଣୀୟ ଆଶା ଓ ଅଭିଳାଷ ମନରେ ଲଘୁ କ୍ରୋଧ ସୃଷ୍ଟି କରିପାରେ। ପରିବାରରେ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖାଦେଇପାରେ। ପୁରୁଣା ସମ୍ପର୍କ, ଜମିଜମା, ଗାଡ଼ି ମୋଟରରୁ ଭଲ ଲାଭ ପାଇବେ। ନିର୍ମାଣାଧୀନ କାର୍ଯ୍ୟ ସମସ୍ୟାବହୁଳ ରହିବ।

**ମିଥୁନ** ସାଧାରଣ ଘଟଣାରେ ଝଗଡ଼ା ଲାଗିଥିବା ଗତକାଲିର ଘଟଣାବଳୀ ମନକୁ ବିବ୍ରତ କରିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପ୍ରାପ୍ତି ହୋଇପାରେ। ପାରିବାରିକ କ୍ଷେତ୍ରରେ ଖଳ ଲୋକଙ୍କ ଅନୁପ୍ରବେଶ ଯାହାକି କଳହକୁ ବଢ଼ାଇଦେଇପାରେ। ଅଫିସିଆଲି କୌଣସି ନିଷ୍ପତ୍ତି ପାଇଁ ତର୍କ ଓ ବିବାଦ ବଢ଼ିବାର ସମ୍ଭାବନା ରହିଛି।

**କର୍କଟ** ଆକସ୍ମିକ ଭାବରେ ଦୂରଯାତ୍ରା ଓ ବନ୍ଧୁ ମିଳନ ଘଟିବ,ଏହି ଦିଗରୁ ସାମୟିକ ଆନନ୍ଦ ଅନୁଭବ କରିବେ। ଦୀର୍ଘଦିନର ଆଶା ଫଳବତୀ ହେବ କିନ୍ତୁ ଏଥି ସକାଶେ ଆପଣଙ୍କୁ କିଛି ଖର୍ଚ୍ଚାନ୍ତ ହେବାକୁ ପଡ଼ିପାରେ। ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତିରେ ଆଂଶିକ ଉନ୍ନତି ଦେଖାଦେବ। ଅପରାହ୍ନେ ଅଭାବ ନ ଥିଲେ ମଧ୍ୟ ମନ ଭଲ ଲାଗି ନ ପାରେ।

**ସିଂହ** ବହୁତ ଦିନର ସୁଚିନ୍ତିତ ଯୋଜନାକୁ ବାସ୍ତବରୂପ ଦେବା ଦିଗରେ ଚେଷ୍ଟା କରି ସଫଳ ହେବେ। ସ୍ତ୍ରୀଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି ପାଇବ ଓ କାମରେ ଆଗୁଆ ରହିବେ। ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ଲାଗି ରହିଲେ ମଧ୍ୟ ଚେଷ୍ଟାରୁ ବିରତ ହେବେ ନାହିଁ। ବନ୍ଧୁଗହଣରେ ଆଲୋଚନା ପରିସରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି।

**କନ୍ୟା** ନିଜର ବନ୍ଧୁମାନଙ୍କ ଅନୁକମ୍ପାରୁ କଳା, ସଙ୍ଗୀତ, କ୍ରୀଡ଼ା, ଚଳଚ୍ଚିତ୍ର, ସାହିତ୍ୟ, ସାମ୍ବାଦିକତାରେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ରୋଗ, ଋଣ, ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତତା ବୃଦ୍ଧି ପାଇବ। ପଡ଼ୋଶୀଙ୍କ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି।

**ତୁଳା** ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣାଧୀନ ରହିବ, କିନ୍ତୁ କଠୋର ବାକ୍ୟାଳାପ ଦ୍ୱାରା ସମ୍ପର୍କ ହାନି ଘଟିବ। ଭୁଲ୍ ଖବର ପାଇ ସାମୟିକ ଭାବରେ ବିବ୍ରତ ହୋଇପାରନ୍ତି। ସମ୍ପର୍କୀୟ ଜଣେ ବନ୍ଧୁ ଅର୍ଥ ସାହାଯ୍ୟର ପ୍ରତିଶ୍ରୁତି ଦେବେ। ପରିବାରର ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନା କରିପାରନ୍ତି।

**ବିଛା** କର୍ମକ୍ଷେତ୍ରରେ ଏକ ପ୍ରକାର ସମସ୍ୟା ସମାଧାନ ହେତୁ ଆଶ୍ୱସ୍ତି ଅନୁଭବ କରିବେ। ବନ୍ଧୁଙ୍କ ଅସଂଯତ କାର୍ଯ୍ୟକଳାପ ନିଜ ସକାଶେ ସମସ୍ୟାକୁ ବଢ଼ାଇ ଦେବ। ଯିବା ଆସିବା ସମୟରେ ଅନ୍ୟମନସ୍କତା କାରଣରୁ କେତେକ ଭୁଲ୍ କରିପାରନ୍ତି। ଖାଦ୍ୟପେୟର ଅନିୟମିତତା ଫଳରେ ସ୍ୱାସ୍ଥ୍ୟ ସାମାନ୍ୟ ଗଡ୍‌ବଡ୍ ହେବାର ସମ୍ଭାବନା ରହିଛି।

**ଧନୁ** ପ୍ରତ୍ୟେକ କ୍ଷେତ୍ରର ପରିସ୍ଥିତି ଆପଣଙ୍କ ପାଇଁ ଅନୁକୂଳ ହୋଇ ନ ପାରେ । ମନୋରଞ୍ଜନ କାର୍ଯ୍ୟରେ ସାମିଲ୍ ହୋଇପାରନ୍ତି, କିନ୍ତୁ ପୂର୍ଣ୍ଣ ଉପଭୋଗ୍ୟ ହୋଇପାରିବ ନାହିଁ। ସ୍ୱାସ୍ଥ୍ୟ ସମସ୍ୟା ଲାଗି ରହିବା କାରଣରୁ ମାନସିକ ଅବସାଦ ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପରିବହନରେ ଅପରାହ୍ନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ଯେତେ ସତର୍କରେ ଚଳିଲେ ମଧ୍ୟ ଅନ୍ୟମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିବେ ନାହିଁ। ଘରେ ବସି ରହିଥିଲେ ମଧ୍ୟ ବିଭିନ୍ନ ପ୍ରକାର ମିଥ୍ୟା ଅଭିଯୋଗ ଆପଣଙ୍କ ଉପରକୁ ଆସିପାରେ। ପରିବାରରେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ବନ୍ଧୁମାନଙ୍କ ଗହଣରେ ଆଳାପ ଆଲୋଚନାରେ ସମୟ କଟାଇବେ।

**କୁମ୍ଭ** କର୍ମକ୍ଷେତ୍ର ପ୍ରତି ଉଦାସୀନ ହେବେ, ଯଦ୍ଦ୍ୱାରା କି ଆପଣଙ୍କୁ ଏଥି ସକାଶେ କେତେକ କଟୁକ୍ତି ଶୁଣିବାକୁ ପଡ଼ିପାରେ। ଅଭାବ ସୁଧାରିବାକୁ ଯାଇ ଧାର ଉଧାର କରିବାକୁ ପଡ଼ିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ନୀଚ ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହୋଇ ପାରନ୍ତି। ବନ୍ଧୁଙ୍କ ଅନୁରୋଧକ୍ରମେ ଭ୍ରମଣ ସୁଯୋଗ ଜୁଟିବ।

**ମୀନ** ବନ୍ଧୁମାନଙ୍କ ପରାମର୍ଶ ଅନୁସାରେ ସମସ୍ୟା ସମାଧାନ ହେବା ଦିଗରେ ଚେଷ୍ଟା କରିପାରନ୍ତି। ନିଜ ଲୋକଙ୍କ ଈର୍ଷାପରାୟଣତା କାରଣରୁ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇଉଠିବେ। ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶତ୍ରୁତା କରୁଥିବା ବ୍ୟକ୍ତିମାନେ ଆଗରେ ନ ହେଲେ ମଧ୍ୟ ପଛରେ ନାନାଦି କଥା କହିବେ।

ଆଜି ମହାଳୟା ଅମାବାସ୍ୟା, ପିତୃପକ୍ଷ ସମାପ୍ତି, ଫୁଲ୍ଲୋରି ଓଷା, ବଜ୍ରକାଳିକା ପୂଜା, ସେପ୍ଟେମ୍ବର ୨୮ ତାରିଖ, ଶନିବାର, ଶହୀଦ ଭଗତ ସିଂହଙ୍କ ଜୟନ୍ତୀ, କବିବର ରାଧାନାଥଙ୍କ ଜୟନ୍ତୀ,ବିଶ୍ୱ ଜଳାତଙ୍କ ଦିବସ, ରାଶିନକ୍ଷତ୍ର- ଉତ୍ତରାଫାଲ୍‌ଗୁନୀ/କନ୍ୟା, ଶ୍ରାଦ୍ଧ, ଦିବା ଘ୬।୨୮ମି. ମଧ୍ୟେ ଘ୭।୧୫ମି. ଗତେ, ଘ୯।୨୭ମି. ମଧ୍ୟେ ଘ୧୧।୫୮ମି. ଗତେ, ଘ୩।୦୭ମି. ମଧ୍ୟେ ଅମୃତ ବେଳା। ଦିବା ଘ୭।୧୦ମି. ଗତେ ଘ୮।୪୦ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୮ମି. ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

real estate

**SALE**

**2400sqft GA plot sale at Bharatpur (Sum hospital) Bhubaneswar. Contact Deepak- 9937329999. (Broker Excuse).** D-68012

**Gharabari boundary plot Infocity-2 near 200ft. road side. Direct owner- 8144391451.** D-66786

ଭୁବନେଶ୍ୱର IIT ଅରଗୁଳ ରେଲଓ୍ୱେଷ୍ଟେସନ ଠାରେ 1200 ‌କୁ 2,00,000/- registry free, Puja offer. Outright / Installment. 9348817649. D-66783

**Yellowzone stithiban gharabari plot sale at AIIMS Hospital, Bhubaneswar. 7381809172.** D-66791

**Residential & commercial plot in front of Krupajal Engineering college close to BBSR-Puri NH for sale @ 1300 per sqft. For details contact: 7381452871.** D-67393

ଭୁବନେଶ୍ୱର ଜଟଣୀଗେଟ୍ NH-5 ରୁ ଅଳ୍ପ ଦୂରତାରେ 1200 କୁ 2,16,000/- outrightରେ plot ମିଳୁଅଛି। 7894433357, 8144706560. D-66782

**Flats for sale at DHPL Crystal Raghunathpur. Contact: 9937059891, 8908292617.** D-14330

**2/3BHK ready to move Premium Duplex and Flats at DHPL Sahoo Residency near Mancheswar Railway Station. Contact: 9937059891, 8908292617.** D-14331

2000sqft land, near Baleswar over bridge @800 p. sqft, contact 8917548396 only during 8A.M. to 10A.M. D-66619

**5000sqft gharabari plot for sale at Pokhariput (Near DAV School) Bhubaneswar. Contact- Deepak: 9937329999.** D-68004

**4000sqft plot sale at Patia (Near Big Bazar), Bhubaneswar, Directly Buyer Contact- Deepak: 9937329999.** D-68005

Yellowzone plots Badagada Canalroad 1600/-, simplex Tankapaniroad 27,40,000/-, simplex BJEM-(2) 15,80,000/, plots available at Jharapada, Pipili 7735738102. D-14530

**4BHK two storied building newly constructed having all facilities at Jagatpur, Cuttack. For immediate sale. Contact: 7008321705.** D-14541

**Gharabari plots at Balianta, Bhingarpur and Bagalpur. Immediate possession & registration, contact- 9437147826.** D-14430

26100sqft SC land at Chhatia Byree near Byree railway station suitable for any purpose @ 300/- p.sqft. Contact 9337416139. D-66620

NH-16 ରୁ 200mtr. Distanceରେ BDA plot 30' Road, Electric ସହିତ 7,00,000/-ରେ ପିତାପଲ୍ଲୀଠାରେ ମିଳୁଅଛି। 9439101373, 9438158275. D-14537

**Gharabari boundary plot near Kalinganagar DAV School, Sum hospital (Nuagoan) (size-2024) sqft. 1950/-, Patrapada 600mtr distance from NH- sqft. 2200/-. 9937044887, 8249240653.** D-66790

**213 decml gharabari sthitiban plot, yellow zone on 60ft road @ Sundarpur, Bhubaneswar, adjacent to 200ft road. Contact Owner: 9338342502.** D-68104

**PURCHASE**

Sthitiban gharabari land requires in around Bhubaneswar. Contact: 9937816565, 9937568585. D-68103

construction

**Built your Residential & Commercial Project with best quality Material @ 1349/- onwards with 20 years experienced Technical team. We provide Architecture, Structural & BDA Plan approval. SMPL Infratech – 9040008777.** D-14539

to-let

1st floor house 2000 sqft available for office, with basement parking, behind Bomikhal Durga Mandap. Rent Negotiable. Contact- 9437179626. D-14542

packers & movers

India's No.1 Packers- Leo Packers & Movers since 1975, Nationwide Network- 9438133699. D-14426

healthcare

Fully refreshed / relaxed body massage by expert therapist, Shastri Nagar. 7377984773. D-67368

Rejuvenate and ayurvedic full body massage by smart therapist. 9114402304. D-67367

Ayurvedic herbal body massage trend therapist. Mob: 8018246332. D-66968

Ayurvedic herbal body massage and thend therapist Mobile: 6371537969. D- 67395

Herbal full body massage by smart / expert therapist. Contact: 8338067247. D-67397

AQUA SPA prepare you to enjoy the festive season with an exclusive offer @ 999/- any 60 min msg, 9937205483. D-66787

Summer special mesmerizing offer expert therapeutic refreshing massage appointment. 9668374480. D-67398

Experience full body massage with us (expert). Call: 7377048581, 06742597822. D-67400

Full body herbal massage with refreshment expert therapist. 7381239385, 06742540855. D-67399

Refresh your mind and soul with best therapy at Orchid Salon/ Spa. 9937287222. D-66970

Kajal ayurvedic massage club fully relaxed by smart lady, home service available. 9937637219. D-66971

Newly open full body massage by ladies, gents therapist. 8018656899 D-60840

Ayurvedic full body massage by ladies, gents therapist. 7008773793 D-60841

astrology

ଖବରଦାର କଳାଇଲମ, ଶ୍ମଶାଣୀ ଶକ୍ତି ଦ୍ୱାରା ବାବା ସିକନ୍ଦର ସ୍ପେଶାଲିଷ୍ଟ- ମହାବଶୀକରଣ, ପ୍ରେମବିବାହ, କାନ୍ଦୁଥିବାକୁ ହସେଇବା, ମୁଠକରଣୀ, ଜଟିଳରୁ ଜଟିଳ ସମସ୍ୟାର ସମାଧାନ (କାମ ନ ହେଲେ ପଇସା ଫେରସ୍ତ) 9997928820, 9780806657. D-14392

ପ୍ରେମିକ, ପ୍ରେମିକା, ସ୍ୱାମୀ, ସ୍ତ୍ରୀ ଦୌଡ଼ିଆସିବେ। ବାବା ଅର୍ଜୁନ ବଙ୍ଗାଳୀ ତୋଫାନୀ ସମାଧାନ, ୫ଘଣ୍ଟାରେ ପ୍ରେମବିବାହ, ଗୃହକ୍ଲେଶ, ସଉତୁଣୀଶତ୍ରୁ, ପ୍ରେମରେ ଧୋକା, ମହାବଶୀକରଣ, ମୁଠକରଣୀ, ଚାକିରି। 9012986372, 7536805797. D-14166

୧ ଘଣ୍ଟାରେ AtoZ ସମସ୍ୟାର ୧୦୦% ସମାଧାନ। ବଶୀକରଣ, ପ୍ରେମବିବାହ, ଶତ୍ରୁଦମନ ଇତ୍ୟାଦି ମାତ୍ର ୫୦୦ଟଙ୍କା ବିନିମୟରେ ଯୋଗାଯୋଗ କରନ୍ତୁ। 7683887544. D-59939


## ନିରୁଦ୍ଦିଷ୍ଟ



ନାମ: ରେବତୀ ସିଂହ, ବୟସ ୮୦ ବର୍ଷ, ଗତ ତାରିଖ ୨୦.୦୯.୨୦୧୯ ସନ୍ଧ୍ୟା ୭ଟା ଠାରୁ ଶ୍ରୀମନ୍ଦିର ନିକଟରୁ ନିଖୋଜ ହୋଇଯାଇଛନ୍ତି। କୌଣସି ବ୍ୟକ୍ତି ତାଙ୍କ ପରିଚୟ ପାଇଲେ ନିମ୍ନରେ ଦିଆଯାଇଥିବା ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ। ମୋ.ନଂ- ୯୪୩୭୬୬୭୩୯୭, ୭୦୦୮୭୨୬୯୩୪, ୭୦୦୮୫୭୦୧୦୬ ଧ-୬୩୭୯୧

## Ph.D in Computer Application



ଗବେଷକ "ଜ୍ୟୋତିର୍ମୟ ମିଶ୍ର"ଶ୍ରୀ ସତ୍ୟସାଇ ୟୁନିଭର୍ସିଟି ଅଫ୍ ଟେକ୍‌ନୋଲୋଜି ଏଣ୍ଡ ମେଡ଼ିକାଲ ସାଇନ୍‌ସ (SSSUTMS), ସିହୋର୍ ରୁ କମ୍ପ୍ୟୁଟର ଆପ୍ଲିକେସନ ରେ ଡ଼କ୍ଟରେଟ୍ (Ph.D) ଡ଼ିଗ୍ରୀ ଲାଭ କରିଛନ୍ତି। ସେ Dr. Hemant Kumar Reddy (NIST, Berhampur) ଏବଂ Dr. Jitendra Seetlani (SSSUTMS) ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗବେଷଣା କରୁଥିଲେ। ତାଙ୍କ ଗବେଷଣାର ସନ୍ଦର୍ଭଟି " A Comprehensive Approach For Energy Optimization in Cloud Data Centre Networking", Dr. G.R. Selkor ଏବଂ Dr. Pushpendra Sharma ଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହୋଇଅଛି। ଡ଼ା ଜ୍ୟୋତିର୍ମୟ ମିଶ୍ର, ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର, ବ୍ରଜନଗର-2 ବାସିନ୍ଦା ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମିଶ୍ର ଓ ଶ୍ରୀମତୀ ସାରଦା ମିଶ୍ରଙ୍କ ପୁତ୍ର ଅଟନ୍ତି। ସେ ବର୍ତ୍ତମାନ GIET University, Gunupur ରେ Dept. of Computer Science & Engineering ରେ Associate Professor ଭାବରେ କାର୍ଯ୍ୟରତ ଅଛନ୍ତି।

ଏହି ସଫଳତା ପାଇଁ ସେ ପିତା, ମାତା, ପତ୍ନୀ, ସ୍କୁଲ ଓ କଲେଜର ଶିକ୍ଷକ ଓ ଶିକ୍ଷୟିତ୍ରୀ ମଣ୍ଡଳୀ, ବନ୍ଧୁ ପରିଜନମାନଙ୍କୁ ଶ୍ରେୟ ପ୍ରଦାନ କରିଛନ୍ତି। ଏହି ସଫଳତା ପାଇଁ ସେ GIET University, Gunupur ମ୍ୟାନେଜମେଣ୍ଟଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। ଧ-୧୩୧୯୧


### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ସେପ୍ଟେମ୍ବର ୨୮/୨୦୧୯



# ଖାରବେଳ ଭବନ ପରି ନିର୍ମାଣ ହେବ ଆଉ ୨ ଅଟ୍ଟାଳିକା

- ଭଙ୍ଗାଯିବ ୧୧ ସରକାରୀ କାର୍ଯ୍ୟାଳୟ
- କନ୍‌ଭେନଶନ୍ ସେଣ୍ଟର ପରିସର ହେବ ବୃଦ୍ଧି
- ଗୋଟିଏ ୯ ଏବଂ ଅନ୍ୟଟି ୧୧ ମହଲା ବିଶିଷ୍ଟ

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ରାଜ୍ୟ ସରକାର ଖାରବେଳ ଭବନ ପରି ଆଉ ଦୁଇଟି ବୃହତ୍ ଅଟ୍ଟାଳିକା ନିର୍ମାଣ କରିବାକୁ ଯାଉଛନ୍ତି। ତନ୍ମଧ୍ୟରୁ ଗୋଟିଏ ୯ ମହଲା ଏବଂ ଅନ୍ୟଟି ୧୧ ମହଲା ବିଶିଷ୍ଟ ହେବ। ଏଥିପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ କରାଯାଇଛି। ଖାରବେଳ ଭବନ ନିକଟସ୍ଥ କେତେକ ପୁରାତନ ସରକାରୀ କାର୍ଯ୍ୟାଳୟ କୋଠା ଭଙ୍ଗାଯାଇ ଖୁବ୍‌ଶୀଘ୍ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯିବ।

ସରକାରୀ ସୂତ୍ରରୁ ମିଳିଥିବା ସୂଚନାନୁଯାୟୀ,ଖାରବେଳ ଭବନ ନିକଟସ୍ଥ ହସ୍ତତନ୍ତ ଏବଂ କୁଟୀରଶିଳ୍ପ ନିର୍ଦ୍ଦେଶାଳୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ମେକାନିକାଲ)ଭୂତଳ ଜଳ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଆର ଏଣ୍ଡ ବି ଡିଭିଜନ୍-୧ ଅଧୀନରେ ଥିବା ଏଇଇ(ଆରଏଣ୍ଡବି) ସବ୍-ଡିଭିଜନ, ଏଇଇ ଆରଡବ୍ଲ୍ୟୁ କାର୍ଯ୍ୟାଳୟ ଭଙ୍ଗାଯିବ। ଅନୁରୂପ ଭାବେ ଓଡ଼ିଶା ମେଡିକାଲ କାଉନସିଲ ରେଜିଷ୍ଟ୍ରେଶନ୍, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଫ୍‌ସେଟ୍ ପ୍ରିଣ୍ଟିଂପ୍ରେସ, ଭୁବନେଶ୍ୱର ଏଡିଏମ୍‌ଙ୍କ ଅଫିସ, ଓଡ଼ିଶା ପୋଲିସର ହାବିଲଦାର,କନଷ୍ଟେବଳ ଏବଂ ସିପାହି ଶାଖା ଆସୋସିଏଶନ୍ ଏବଂ ପୋଲିସ ବାରାକ୍ ଭଙ୍ଗାଯିବ ବୋଲି ଜଣାପଡ଼ିଛି। ହେଲେ ଉପରୋକ୍ତ କୌଣସି କାର୍ଯ୍ୟାଳୟ ଏଯାବତ୍ ସେହି ସ୍ଥାନରୁ ସ୍ଥାନାନ୍ତର କରାଯାଇନାହିଁ। ସୁବିଧା ଦେଖି ଅନ୍ୟ ସରକାରୀ ଅଫିସରେ ଅସ୍ଥାୟୀ ଭାବେ ଏହି କାର୍ଯ୍ୟାଳୟ ଚାଲୁ ରହିବ। ନୂତନ କୋଠା ନିର୍ମାଣ ପରେ ରାଜଧାନୀର ବିଭିନ୍ନ ସ୍ଥାନରେ ଅଲଗା ଭାବେ ଥିବା ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟକୁ ଅଣାଯିବ। ନିକଟରେ ସରକାର ବିଭିନ୍ନ ବିଭାଗ ସହ ସଂପୃକ୍ତ ବିଭାଗୀୟ ନିର୍ଦ୍ଦେଶାଳୟ ସମ୍ମିଶ୍ରଣକୁ ଦୃଷ୍ଟିରେ ରଖି ଏପରି କରାଯାଉଥିବା ଜଣାପଡିଛି। ରାଜ୍ୟ ସରକାରଙ୍କ ଅଧାରୁ ଅଧିକ ବିଭାଗ -ନିର୍ଦ୍ଦେଶାଳୟ ଏକୀକରଣ ଆପାତତଃ ଚୂଡ଼ାନ୍ତ ହୋଇଛି। ଅଳ୍ପଦିନ ମଧ୍ୟରେ ରାଜ୍ୟ ସରକାରଙ୍କ ଓସୱାସ ବିଭାଗର ସମ୍ପ୍ରସାରଣ କରାଯିବ ବୋଲି ଜଣାପଡିଛି।

ସେହିପରି ଲୋକସେବା ଭବନ ପରିସରରେ ନିର୍ମାଣାଧୀନ କନ୍‌ଭେନ୍‌ଶନ୍ ସେଣ୍ଟର ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ହେଲେ ଏହାକୁ ସମ୍ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ କରିବା ପୂର୍ବରୁ ୩ଟି ପୁରୁଣା ନିର୍ମାଣ ଭଙ୍ଗାଯିବ ବୋଲି ଜଣାପଡିଛି। କନଭେନ୍‌ଶନ୍ ସେଣ୍ଟର ପ୍ରବେଶ ପଥ ନିକଟରେ ଥିବା ପଞ୍ଚାୟତିରାଜ ଏବଂ ଜଙ୍ଗଲ ଓ ପରିବେଶ ବିଭାଗ ପୁରାତନ ନିର୍ମାଣ ଭଙ୍ଗାଯିବାର ପ୍ରସ୍ତାବ ରହିଛି। ଏତଦ୍‌ବ୍ୟତୀତ କନଭେନଶନ୍ ସେଣ୍ଟରକୁ ଲାଗି ରହିଥିବା କମ୍ପାଉଣ୍ଡ ୱାଲ ଭଙ୍ଗାଯିବାକୁ ଯୋଜନା ରହିଛି। ଏହି ୩ ଟି ନିର୍ମାଣ ଭଙ୍ଗାଯିବା ପରେ କନ୍‌ଭେନ୍‌ଶନ୍ ସେଣ୍ଟର ପୂର୍ଣ୍ଣରୂପେ କାର୍ଯ୍ୟକ୍ଷମ ହେବ ବୋଲି ଜଣାପଡିଛି। ପାଖାପାଖି ଡଜନ ବିଭାଗ ଖାରବେଳ ଭବନକୁ ଉଠିଯିବା ପରେ ସଚିବାଳୟରେ କେତେକ କାର୍ଯ୍ୟାଳୟ କୋଠରି ଖାଲି ହୋଇଛି। ବର୍ତ୍ତମାନ ଥିବା କେତେକ ବୃହତ ବିଭାଗର ପରିସର ବୃଦ୍ଧି କରାଯିବ। ସେହିପରି ଦୀର୍ଘଦିନ ଧରି ମନ୍ତ୍ରୀମାନେ ବ୍ୟବହାର କରୁଥିବା ପ୍ରକୋଷ୍ଠଗୁଡିକ ଅପେକ୍ଷାକୃତ ଛୋଟ ରହିଛି। ତେଣୁ ସେମାନଙ୍କୁ ଅଧିକ ସ୍ଥାନ ଦିଆଯିବ ବୋଲି ଜଣାପଡ଼ିଛି।

# ପ୍ରଦର୍ଶିତ ହେଲା ଫନୀ ସମ୍ପର୍କିତ ବୃତ୍ତଚିତ୍ର

ଭୁବନେଶ୍ୱର,୨୭।୯(ବ୍ୟୁରୋ)

ସାମୁଦ୍ରିକ ଝଡ 'ଫନୀ'ର ସଫଳ ମୁକାବିଲା ଉପରେ ପର୍ଯ୍ୟବେସିତ ବୃତ୍ତଚିତ୍ର ଶୁକ୍ରବାର ନ୍ୟାସନାଲ ଜିଓଗ୍ରାଫିକ୍ ଚ୍ୟାନେଲରେ ରାତି ୯ଟାରେ ପ୍ରସାରିତ ହୋଇଯାଇଛି। ଏହି ବୃତ୍ତ ଚିତ୍ରର ନାମ ' ମେଗା ସାଇକୋଲୋନ୍ ଫନୀ: ରେସକ୍ୟୁଇଙ୍ଗ୍ ଏ ମିଲିୟନ' । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ବିପର୍ଯ୍ୟୟ ଏବଂ ଏହାର ସଫଳ ମୁକାବିଲା ସମ୍ପର୍କରେ ବୃତ୍ତଚିତ୍ରରେ ମତ ରଖିଥିଲେ। ମୁଖ୍ୟମନ୍ତ୍ରୀଙ୍କ ସମେତ ତତ୍କାଳୀନ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ବିଷ୍ଣୁପଦ ସେଠୀ, ବୈଜ୍ଞାନିକ ମୃତ୍ୟୁଞ୍ଜୟ ମହାପାତ୍ର ଏବଂ ଅନ୍ୟ ପ୍ରଶାସିକ ଅଧିକାରୀ ମଧ୍ୟ ଅନୁଭୂତି ବଖାଣିଥିଲେ। ପ୍ରାକୃତିକ ବିପର୍ଯ୍ୟୟପ୍ରବଣ ଓଡ଼ିଶା ଚଳିତ ବର୍ଷ ମେ'ରେ ଭୟାନକ ସାମୁଦ୍ରିକ ଝଡ ଫନୀ ଦ୍ୱାରା ପ୍ରଭାବିତ ହୋଇଥିଲା। ହେଲେ ରାଜ୍ୟ ପ୍ରଶାସନ ଏହା ପୂର୍ବରୁ ଯଥେଷ୍ଟ ପୂର୍ବପ୍ରସ୍ତୁତି ମଧ୍ୟ କରିଥିଲା। ତେଣୁ ପବନର ଗତି ଏବଂ ବେଗକୁ ଦୃଷ୍ଟିରେ ରଖି ବଡଧରଣର ସ୍ଥାନାନ୍ତରଣ/ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଉପକୂଳ ଓଡ଼ିଶାରସମସ୍ତ ଜିଲା ପ୍ରଶାସନ ଏବଂ ବିପର୍ଯ୍ୟୟ ପରିଚାଳନା ବିଭାଗର ମିଳିତ ସମନ୍ୱୟରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଏହି ସମୟରେ ପ୍ରାୟ ୧.୫ ମିଲିୟନ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ଉଦ୍ଧାର କରାଯାଇଥିଲା। ଏଥିପାଇଁ ଜାତିସଂଘଠାରୁ ଆରମ୍ଭ କରି ବିଭିନ୍ନ ଅର୍ନ୍ତଜାତୀୟ ଏବଂ ଜାତୀୟ ସଂସ୍ଥା ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ବିଗତ ଦୁଇଦଶନ୍ଧି ମଧ୍ୟରେ ଦେଖାଯାଇଥିବା ପ୍ରାକୃତିକ ବିପର୍ଯ୍ୟୟଗୁଡିକ ମଧ୍ୟରେ ଫନୀକ ପ୍ରକୋପ ଅତ୍ୟନ୍ତ ଭୟାନକ ଥିଲା। ଏହା ଦ୍ୱାରା ଓଡ଼ିଶା ଉପକୂଳର ନାହିଁ ନ ଥିବା କ୍ଷୟକ୍ଷତି ହୋଇଛି। ଏହି କ୍ଷୟକ୍ଷତିଜନିତ ପୁନରୁଦ୍ଧାର କାର୍ଯ୍ୟ ଏବେବି ଜାରି ରହିଛି। ଉଜୁଡିଯାଇଥିବା ଭିତ୍ତିଭୂମି ଉନ୍ନୟନ ଯୁଦ୍ଧକାଳୀନ ଭିତ୍ତିରେ ଜାରି ରହିଛି। ପୂର୍ବରୁ ୧୯୯୯ ମସିହା ମହାବାତ୍ୟାରୁ ଶିକ୍ଷା ଗ୍ରହଣ କରି ଫନୀ ଏବଂ ଏହା ପୂର୍ବରୁ ଆସିଥିବା ବିପର୍ଯ୍ୟୟର ସଫଳ ମୁକାବିଲା କରାଯାଇଥିବା ମୁଖ୍ୟମନ୍ତ୍ରୀ କହିଛନ୍ତି।

# ବିଦ୍ୟୁତ୍ ସଂସ୍ପର୍ଶରେ ଯୁବକଙ୍କ ପ୍ରାଣଗଲା

**ବାଲେଶ୍ୱର ଅଫିସ, ୨୭।୯:** ବାଲେଶ୍ୱର ଚାନ୍ଦିପୁର ଥାନା ବଡ଼କିଆ ଗ୍ରାମର ବସନ୍ତ ସାମଲ (୩୫) ଶୁକ୍ରବାର ପୂର୍ବାହ୍ନରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ପ୍ରାଣ ହରାଇଛନ୍ତି। ବସନ୍ତ ବାଲେଶ୍ୱର କଚେରି ନିକଟରେ ଥିବା ଏକ ଇଲେକ୍ଟ୍ରୋନିକ୍ସ ଦୋକାନରେ କାର୍ଯ୍ୟ କରନ୍ତି। ସେ ବଡ଼କିଆ ଛକରେ ଥିବା ଏକ ଦୋକାନକୁ ଶାମ୍ପୋ ଆଣିବା ପାଇଁ ଯାଇଥିଲେ। ଦୋକାନୀଙ୍କ ଇନଭର୍ଟର ଖରାପ ହୋଇଥିବା ଜାଣି ସେ ମରାମତି କରିବାକୁ ଉଦ୍ୟମ କରୁଥିବା ବେଳେ ପୂର୍ବରୁ ଚାର୍ଜ ହୋଇଥିବା ଇନଭର୍ଟର ଦ୍ୱାରା ବିଦ୍ୟୁତ୍ ଆଘାତ ପାଇଥିଲେ।




# ୭ ଜିଲାରେ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୭।୯ (ବ୍ୟୁରୋ)

ଆସନ୍ତା ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଖୋର୍ଦ୍ଧା, ପୁରୀ, କଟକ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲାର କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଆସନ୍ତା ୨୯ ତାରିଖ ଯାଏ ରାଜ୍ୟର ବିଭିନ୍ନ ଅଞ୍ଚଳରେ ହାଲକା ବର୍ଷା ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ପାରାଦୀପରେ ସର୍ବାଧିକ ୪୬ ମିଲିମିଟର ବର୍ଷା ରେକର୍ଡ କରାଯାଇଥିବା ବେଳେ ଚାନ୍ଦବାଲି ୫, ବାଲେଶ୍ୱର ୮, ଅନୁଗୋଳ ୧୨, ବାରିପଦା ୧୪, କେନ୍ଦୁଝର ୧୦ ଏବଂ ତାଳଚେରରେ ସର୍ବାଧିକ ୧୦ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।






**ସଂକ୍ଷେପରେ**

## ହୀରାକୁଦ ଡ୍ୟାମ୍ ଜଳସ୍ତର ୬୩୦ ଫୁଟ୍ ୧୦ ଗେଟ୍‌ରେ ବନ୍ୟାଜଳ ନିଷ୍କାସନ

**ସମ୍ବଲପୁର, ୨୭।୯ (ବ୍ୟୁରୋ):** ହୀରାକୁଦ ଡ୍ୟାମ୍‌ର ଜଳସ୍ତର ଶୁକ୍ରବାର ୬୩୦ ଫୁଟ ରହିଛି। ଏଣୁ ସୁରକ୍ଷା ଦୃଷ୍ଟିରୁ ୧୦ଟି ଗେଟ୍ ଖୋଲାଯାଇଛି। ଡ୍ୟାମ୍ ବାମପାର୍ଶ୍ୱର ୬ଟି ଓ ଡାହାଣପାର୍ଶ୍ୱର ୪ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଛି। ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୧ଲକ୍ଷ ୮୬ ହଜାର ୩୧୬ କ୍ୟୁସେକ ପାଣି ଜଳ ପ୍ରବେଶ କରୁଥିବାବେଳେ ୧ଲକ୍ଷ ୮୬ ହଜାର ୩୧୬ ଜଳ ନିଷ୍କାସନ କରାଯାଉଛି । ୧୦ଟି ସ୍ଲୁଇସ୍ ଗେଟ୍ ଦେଇ ୧ ଲକ୍ଷ ୬୪ ହଜାର ୪୦୦, ପାୱାର ଚ୍ୟାନେଲରେ ୧୭ ହଜାର ୯୩୧, ବିଭିନ୍ନ କେନାଲରେ ୩ହଜାର ୮୧୫ ଓ ଶିଳ୍ପକୁ ୧୭୦ କ୍ୟୁସେକ ଜଳ ଛଡାଯାଉଛି। ଡ୍ୟାମ୍‌ର ଉପର ମୁଣ୍ଡରେ ୧୭.୩ ଓ ତଳମୁଣ୍ଡରେ ୧.୩୨ ମି.ମି. ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ବେଲଗାଁରେ ୧୨ ହଜାର, ପର୍ଥଲାରେ ୩୫ ହଜାର ୯୭୦, ଖଇରମାଲରେ ୧ ଲକ୍ଷ ୯୮ ହଜାର, ବଡମୂଳରେ ୭୭ ହଜାର ଓ ମୁଣ୍ଡଳିରେ ୮୩ ହଜାର ୧ଶହ ଜଳ ପ୍ରବାହିତ ହେଉଥିବା ଡ୍ୟାମ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି ।

# ଓଡ଼ିଶାରେ ରାଷ୍ଟ୍ରପତି



ଭୁବନେଶ୍ୱର ବିମାନବନ୍ଦରରେ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସ୍ୱାଗତ କରୁଛନ୍ତି।

**ଭୁବନେଶ୍ୱର (ବ୍ୟୁରୋ)/ଗୋପାଳପୁର, ୨୭।୯**

**ଆଜି ଗୋପାଳପୁର ଆର୍ମି ଏଡି କଲେଜ ଉତ୍ସବରେ ଯୋଗଦେବେ**

ରାଷ୍ଟ୍ରପତି ରାମନାଥ କୋବିନ୍ଦ ଶୁକ୍ରବାର ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଦିଲ୍ଲୀରୁ ଏକ ସ୍ୱତନ୍ତ୍ର ବିମାନ ଯୋଗେ ରାଷ୍ଟ୍ରପତି ସସ୍ତ୍ରୀକ ଆସି ଅପରାହ୍ନ ପ୍ରାୟ ୨ଟା ୩୦ରେ ଭୁବନେଶ୍ୱରସ୍ଥ ବିଜୁ ପଟ୍ଟନାୟକ ବିମାନ ବନ୍ଦରରେ ପହଞ୍ଚିଥିଲେ। ସେଠାରେ ତାଙ୍କୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ପ୍ରତାପ ଷଡ଼ଙ୍ଗୀ, ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ, ପୋଲିସ ଡିଜି ବିଜୟ କୁମାର ଶର୍ମା, ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଭୁବନେଶ୍ୱର ଡିସିପି ଅନୁପ କୁମାର ସାହୁ, ଟ୍ରାଫିକ ଡିସିପି ସାଗରିକା ନାଥ ପ୍ରମୁଖ ସ୍ୱାଗତ କରିଥିଲେ। ଏହାପରେ ସ୍ୱତନ୍ତ୍ର ହେଲିକପ୍ଟରରେ ସେ ଗଞ୍ଜାମ ଜିଲା ଗୋପାଳପୁରର ଆର୍ମି ଏଡି କଲେଜ ଅଭିମୁଖେ ଗସ୍ତ କରିଛନ୍ତି।

ରାଷ୍ଟ୍ରପତି, ତାଙ୍କ ପତ୍ନୀ, ରାଜ୍ୟପାଳ, ଦୁଇ କେନ୍ଦ୍ରମନ୍ତ୍ରୀ ୨ଟି ସ୍ୱତନ୍ତ୍ର ହେଲିକପ୍ଟରରେ ଆସି ଅପରାହ୍ନ ପ୍ରାୟ ୩ଟା ୪୦ ମିନିଟରେ ରଙ୍ଗେଇଲୁଣ୍ଡା ଏୟାରଷ୍ଟ୍ରିପରେ ପହଞ୍ଚିଥିଲେ। ସେଠାରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଆର୍‌ଡିସି ଟି. ଆପାଙ୍ଗ ଆଓ, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ଆଇଜି ଅମିତାଭ ଠାକୁର, ଦକ୍ଷିଣାଞ୍ଚଳ ଡିଆଇଜି ସତ୍ୟବ୍ରତ ଭୋଇ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ଓ ଆର୍ମି ଏଡି କଲେଜର ମୁଖ୍ୟ ବ୍ରିଗେଡିୟର ରାଜୀବ ଶ୍ରୀବାସ୍ତବ ପ୍ରମୁଖ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କୁ ସ୍ୱାଗତ କରିଥିଲେ। ସେଠାରୁ ଦୁଇ କିଲୋମିଟର ଦୂରରେ ଥିବା ଆର୍ମି ଏଡ଼ି କଲେଜକୁ କଡ଼ା ସୁରକ୍ଷା ବଳୟରେ ରାଷ୍ଟ୍ରପତିଙ୍କୁ ପାଛୋଟି ନିଆଯାଇଥିଲା। ସେଠାରେ ରାଷ୍ଟ୍ରପତି ରାତ୍ରୀଯାପନ କରିବେ। ବାୟୁସେନା ମୁଖ୍ୟ ବିପିନ ରାୱତ ମଧ୍ୟ ଏଠାରେ ଆସି ପହଞ୍ଚିଛନ୍ତି। ତାଙ୍କୁ ସେନା ପକ୍ଷରୁ ପାଛୋଟି ନିଆଯାଇଥିଲା। ରାଷ୍ଟ୍ରପତି ଶନିବାର ପୂର୍ବାହ୍ନରେ ଗୋପାଳପୁର ଆର୍ମି ଏଡି କଲେଜର ପାସିଂ ଆଉଟ ସେରିମନିରେ ଯୋଗଦେଇ କ୍ୟାଡେଟମାନଙ୍କୁ ଫ୍ଲାଗ୍ ପ୍ରଦାନ କରିବେ। ସେଠାରୁ ପୂର୍ବାହ୍ନ ୧୧.୩୦ରେ ସେ ଭୁବନେଶ୍ୱର ଫେରିବାର କାର୍ଯ୍ୟକ୍ରମ ରହିଛି। ସେ ଭୁବନେଶ୍ୱର ଫେରିବା ପରେ ରାଜଭବନ ଯାଇପାରନ୍ତି। ତେବେ ଏ ନେଇ ରାଜଭବନ ପକ୍ଷରୁ କିଛି ସ୍ପଷ୍ଟ କରାଯାଇ ନାହିଁ। ରାଷ୍ଟ୍ରପତି ଭୁବନେଶ୍ୱରରୁ ରାଞ୍ଚି ଗସ୍ତରେ ଯିବେ ବୋଲି ଜଣାପଡ଼ିଛି।

# ସୁମନଙ୍କୁ 'ଏଆର୍ ମିସେସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ଦେଶର ଅନ୍ୟତମ ଲୋକପ୍ରିୟ ବ୍ୟୁଟି ପାଜେଣ୍ଟ 'ଏଆର୍ ମିସେସ୍ ଇଣ୍ଡିଆ'ର ୨୦୧୯ ସଂସ୍କରଣ ପାଇଁ ନିକଟରେ ଦେଶର ବିଭିନ୍ନ ସହରରେ ଅଡିଶନ୍ ଶେଷ ହୋଇଛି। ଏହାସହ ବିଭିନ୍ନ ରାଜ୍ୟ ପାଇଁ ବିଜେତାଙ୍କ ନାମ ମଧ୍ୟ ଘୋଷଣା କରାଯାଇଛି। ଓଡ଼ିଶାର ସୁମନ ମିଶ୍ର ଚଳିତବର୍ଷ ପାଇଁ ଏଆର୍ ମିସେସ୍ ଇଣ୍ଡିଆ ୨୦୧୯ର ଷ୍ଟେଟ୍ ୱିନର୍ ଭାବେ ଘୋଷିତ ହୋଇଥିବାବେଳେ ତାଙ୍କୁ ମିଳିଛି 'ଏଆର୍ ମିସେସ୍ ଇଣ୍ଡିଆ ଓଡ଼ିଶା' ଟାଇଟଲ। ରାଜଧାନୀ ବାସିନ୍ଦା ଦିବାକର ମିଶ୍ରଙ୍କ ନାତୁଣୀ ସୁମନ ରାଜ୍ୟସ୍ତରରେ ସମସ୍ତ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ଟାଇଟଲ ହାସଲ କରିଛନ୍ତି। ଏହି ପ୍ରତିଯୋଗିତାରେ ସମଗ୍ର ଦେଶରୁ ମୋଟ ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିବାବେଳେ ସେମାନଙ୍କ ମଧ୍ୟରୁ ମାତ୍ର ୬୦ ପ୍ରତିଯୋଗୀଙ୍କୁ ଫିନାଲେ ଟିକେଟ୍ ମିଳିଛି। ଏହି ୬୦ ପ୍ରତିଯୋଗୀଙ୍କୁ ନେଇ ମୁମ୍ବାଇରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ହୋଇ ସୁମନ ଶ୍ରେଷ୍ଠ ୧୦ ପ୍ରତିଯୋଗୀଙ୍କ ମଧ୍ୟରେ ରହିବାରେ ସଫଳ ହୋଇଛନ୍ତି। ସୁମନଙ୍କ ବ୍ୟତୀତ ଓଡ଼ିଶାର ଆଉ ଜଣେ ପ୍ରତିଯୋଗୀ ସୁଚରିତା ଲେଙ୍କା 'ଏଆର୍ ମିସେସ୍ ର୍ୟାମ୍ପ୍‌ୱାକ୍' ଟାଇଟଲ୍ ଜିତିବାର ଗୌରବ ଅର୍ଜନ କରିଛନ୍ତି। ସେହିଭଳି ଭୁବନେଶ୍ୱର ସିଟି ଅଡିଶନ୍‌ରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରି ନୀତୁ ଅଗ୍ରୱାଲ୍ 'ଏଆର୍ ମିସେସ୍ ଇଣ୍ଡିଆ ଭୁବନେଶ୍ୱର' ଟାଇଟଲ ଜିତିବାରେ ସଫଳ ହୋଇଛନ୍ତି। ମୁମ୍ବାଇର ଏଆର୍ ଏଣ୍ଟରଟେନ୍‌ମେଣ୍ଟ ଗ୍ରୁପ୍ ପକ୍ଷରୁ ଆୟୋଜିତ ଏହି ପ୍ରତିଯୋଗିତା ପାଇଁ ଦେଶର ୨୨ ସହରରେ ଅଡିଶନ୍ ଅନୁଷ୍ଠିତ ହୋଇଥିଲା। ଖୁବଶୀଘ୍ର ଏହାର ଗ୍ରାଣ୍ଡ୍ ଫିନାଲେ ମୁମ୍ବାଇରେ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି।



ସୁମନ ମିଶ୍ର

# ରାଜ୍ୟରେ ଆରମ୍ଭ ହେବ 'ଆଇବିଏମ୍ ଷ୍ଟିମ୍ ଫର୍ ଗର୍ଲସ'



ବୁଝାମଣା ପତ୍ର ସ୍ୱାକ୍ଷରିତ ହେଉଛି।

**ଗଣଶିକ୍ଷା ବିଭାଗ, ଆଇବିଏମ୍ ଇଣ୍ଡିଆ ମଧ୍ୟରେ ବୁଝାମଣାପତ୍ର**

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ରାଜ୍ୟରେ 'ଆଇବିଏମ୍ ଷ୍ଟିମ୍ ଫର୍ ଗର୍ଲସ' କାର୍ଯ୍ୟକ୍ରମ ପ୍ରଚଳନ କରିବା ପାଇଁ ଶୁକ୍ରବାର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଆଇବିଏମ୍ ଇଣ୍ଡିଆ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଯାଇଛି। ରାଜ୍ୟର ୧୨୫ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଧ୍ୟୟନରତ ବିଦ୍ୟାର୍ଥୀଙ୍କ ବିଷୟଗତ ଶିକ୍ଷାର ସମୃଦ୍ଧି ପାଇଁ ଏହି ପଦକ୍ଷେପ ନିଆଯାଇଛି। ଏହି ବୁଝାମଣାପତ୍ର ହେବା ଦ୍ୱାରା ଆଇବିଏମ୍ ସଂସ୍ଥା ଅଷ୍ଟମରୁ ଦଶମ ଶ୍ରେଣୀ ଯାଏ ପାଠ ପଢୁଥିବା ଅନ୍ୟୁନ ୨୦ହଜାର ଛାତ୍ରୀ ଓ ୧୦ହଜାର ଛାତ୍ରଙ୍କୁ ଗଣିତ, ବିଜ୍ଞାନ, ବୈଷୟିକ, ଇଞ୍ଜିନିୟରିଂ ବିଷୟରେ ଉନ୍ନତ ଜ୍ଞାନକୌଶଳ ଶିକ୍ଷା ପ୍ରଦାନ କରିବ।

ସୂଚନାଯୋଗ୍ୟ, ସରକାରୀ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରୀଙ୍କୁ ବୃତ୍ତିଗତ ଶିକ୍ଷା ମାଧ୍ୟମରେ ଆତ୍ମନିର୍ଭରଶୀଳ ହେବା ଲାଗି ପଥପ୍ରଦର୍ଶକର ଭୂମିକା ଗ୍ରହଣ କରିଥାଏ ଆଇବିଏମ୍ ଇଣ୍ଡିଆ। ତେବେ ବିଦ୍ୟାର୍ଥୀଙ୍କୁ ଡିଜିଟାଲ ସ୍ୱାକ୍ଷର, କୋଡିଂ ଓ ବୈଷୟିକ ଦକ୍ଷତା କୌଶଳ ସଂକ୍ରାନ୍ତରେ ତାଲିମ ଯୋଗାଇ ଷ୍ଟିମ୍ ଶିକ୍ଷା ପ୍ରଣାଳୀ ପ୍ରତି ଆଗ୍ରହ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ରହିଛି। ଓସେପା ସଭାଗୃହରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟ ସରକାରଙ୍କ ପକ୍ଷରୁ ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭୂପେନ୍ଦ୍ର ସିଂ ପୁନିଆ ଓ ଆଇବିଏମ୍ କର୍ପୋରେଟ୍ ସିଟିଜେନ୍‌ଶିପ୍ ଭାରତ ଓ ଦକ୍ଷିଣ ଏସିଆ ମୁଖ୍ୟ ରୁମି ମଲ୍ଲିକ ମିତ୍ର ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ଏହି ଅବସରରେ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କମିଶନର ତଥା ଶାସନ ସଚିବ ଚିତ୍ରା ଅରୁମୁଗମ ଉପସ୍ଥିତ ଥିଲେ।

## ବଢ଼ିଲା ଶ୍ରମିକଙ୍କ ମଜୁରି

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ଖଣି, ନିର୍ମାଣ କ୍ଷେତ୍ର, ରେଲୱେ, ସଫେଇ, କେବୁଲ, ପାଣିପାଇପ ବିଛାଇବା ଆଦି କ୍ଷେତ୍ରରେ କାର୍ଯ୍ୟରତ ଶ୍ରମିକଙ୍କ ଦୈନିକ ମଜୁରି ବୃଦ୍ଧି କରିଛନ୍ତି କେନ୍ଦ୍ର ସରକାର। ବର୍ଦ୍ଧିତ ମଜୁରି ଅକ୍ଟୋବର ୧ ତାରିଖରୁ ଲାଗୁ ହେବ। ଏ ନେଇ କେନ୍ଦ୍ର ଶ୍ରମ ଓ ନିଯୁକ୍ତି ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ ଖଣି ଉପରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରି ୪୦୩ ଟଙ୍କା, ଖଣି ଭିତରେ କାର୍ଯ୍ୟ କରୁଥିବା ଶ୍ରମିକଙ୍କ ମଜୁରି ୫୦୩ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଖଣି ଉପରେ କାର୍ଯ୍ୟରତ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୫୦୩, କୁଶଳୀ ଶ୍ରମିକଙ୍କ ୬୦୩ ଏବଂ ଅତିକୁଶଳୀ ଶ୍ରମିକଙ୍କ ମଜୁରି ୭୦୩ ଟଙ୍କା ବୃଦ୍ଧି କରାଯାଇଥିବା ବେଳେ ଖଣି ଭିତରେ କାର୍ଯ୍ୟରତ ଅର୍ଦ୍ଧକୁଶଳୀଙ୍କର ଦୈନିକ ମଜୁରି ୬୦୩, କୁଶଳୀ ୭୦୩, ଅତିକୁଶଳୀଙ୍କ ମଜୁରି ୭୮୫ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଭୁବନେଶ୍ୱର, କଟକ, ଏବଂ ରାଉରକେଲା ସହରାଞ୍ଚଳରେ ରେଲୱେ, ରାସ୍ତା ନିର୍ମାଣ, ଟେଲିଫୋନ, ବିଦ୍ୟୁତ ପାଇଁ କେବୁଲ, ଜଳଯୋଗାଣ, ସ୍ୱେରେଜ ଆଦି ପାଇଁ ପାଇପ ବିଛାଇବା କାର୍ଯ୍ୟରେ ନିୟୋଜିତ ଥିବା ଅଣକୁଶଳୀଙ୍କର ଦୈନିକ ମଜୁରି ୫୦୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ୫୬୯, କୁଶଳୀ ୬୬୬ ଏବଂ ଅତିକୁଶଳୀ ଶ୍ରମିକଙ୍କ ମଜୁରି ୪୬୯ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ରାଜ୍ୟର ଅନ୍ୟ ଅଞ୍ଚଳରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକଙ୍କ ଦୈନିକ ମଜୁରି ୪୦୩ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ୪୭୨, କୁଶଳୀ ୫୬୯, ଅତି କୁଶଳୀଙ୍କର ୬୬୬ ଟଙ୍କା ଧାର୍ଯ୍ୟ କରାଯାଇଛି।

# ସିଧାସଳଖ ଅନ୍‌ଲାଇନରେ ପଞ୍ଜୀକୃତ କରିପାରିବେ ଚାଷୀ

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ):** ରାଜ୍ୟ ସରକାର କିମ୍ବା କୌଣସି ଏଜେନ୍ସିଙ୍କ ବିନା ସହାୟତାରେ ଚାଷୀମାନେ ସିଧାସଳଖ କେନ୍ଦ୍ର ସରକାରଙ୍କ ପିଏମ–କିଷାନ ନିଧି ଯୋଜନାରେ ନିଜକୁ ସାମିଲ କରି ପାରିବେ। ପିଏମ କିଷାନ ନିଧି ୱେବ ପୋର୍ଟାଲ http://www.pmkishan.gov.in ଜରିଆରେ ଚାଷୀମାନେ ସହାୟତା ରାଶି ପାଇବା ପାଇଁ ନିଜକୁ ପଞ୍ଜୀକୃତ କରିପାରିବେ। ପିଏମ–କିଷାନ ଯୋଜନାକୁ ପଶ୍ଚିମବଙ୍ଗ ସରକାର କାର୍ଯ୍ୟକାରୀ କରି ନ ଥିବାବେଳେ ଓଡ଼ିଶା ସରକାର ଚାଷୀଙ୍କ ତାଲିକା ଦେବାରେ ବିଳମ୍ବ କରୁଥିବାରୁ କେନ୍ଦ୍ର ସରକାର ଚାଷୀମାନଙ୍କୁ ଏଭଳି ସୁବିଧା ଦେଇଛନ୍ତି। ଯୋଜନାକୁ ନେଇ କେନ୍ଦ୍ର ଓ କେତେକ ରାଜ୍ୟ ସରକାରଙ୍କ ମଧ୍ୟରେ ଟଣାଓଟରା ଲାଗି ରହିଛି। ଏହାର ଚକ୍ରବ୍ୟୂହରେ ଚାଷୀମାନେ ଫସି ଯାଇଛନ୍ତି। ଯୋଜନାର ଫାଇଦା ସବୁ ଚାଷୀଙ୍କ ନିକଟରେ ପହଞ୍ଚାଇବାକୁ କେନ୍ଦ୍ର ସରକାର ଏଭଳି ବ୍ୟବସ୍ଥା କରିଥିବା କୁହାଯାଉଛି। କେନ୍ଦ୍ର ସରକାର କିଷାନ ନିଧି ଯୋଜନାର ପୋର୍ଟାଲ ଜରିଆରେ ଚାଷୀ ନିଜକୁ ଅନଲାଇନ ପଞ୍ଜୀକୃତ କରିପାରିବେ। ତେବେ ପଞ୍ଜୀକରଣ ବେଳେ ଚାଷୀମାନେ ଆଧାର, ବ୍ୟାଙ୍କ ଆକାଉଣ୍ଟ ଏବଂ ଚାଷ ଜମିର ପଟ୍ଟା ଆଦିକୁ ଦେଇ ନାମ ପଞ୍ଜୀକରଣ କରିପାରିବେ। ନାମ ପଞ୍ଜୀକୃତ ହେବା ପରେ କେନ୍ଦ୍ର ସରକାର ସେଗୁଡିକୁ ଯାଞ୍ଚ କରିବେ। ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ତୁରନ୍ତ ବୈଧ ପଞ୍ଜୀକୃତ ଚାଷୀଙ୍କ ଆକାଉଣ୍ଟକୁ ସମସ୍ତ ଅର୍ଥ ତୁରନ୍ତ ପଠାଇ ଦିଆଯିବ। ନାମ ପଞ୍ଜୀକୃତ ହେବା ପରେ ରାଜ୍ୟ ସରକାର ସେହି ତାଲିକାକୁ ଯାଞ୍ଚ କରିବେ। ଏହା ପରେ କୃଷକଙ୍କ ଆକାଉଣ୍ଟକୁ ସହାୟତା ରାଶି ପ୍ରଦାନ କରାଯିବ ବୋଲି କୃଷି ବିଭାଗ ସଚିବ ସୌରଭ ଗର୍ଗ କହିଛନ୍ତି। ଚାଷୀମାନେ ନିଜର ଆକାଉଣ୍ଟକୁ ସହାୟତା ରାଶି ଆସିଛି କି ନାହିଁ ତାହା ମଧ୍ୟ ଉକ୍ତ ପୋର୍ଟାଲରୁ ଜାଣିପାରିବେ।

ମିଳିଥିବା ସୂଚନା ଅନୁଯାୟୀ ପିଏମ କିଷାନ ଯୋଜନାରେ ୩୦ ଲକ୍ଷ ୯୧ ହଜାର ୭୮୩ ଜଣ ଚାଷୀ ସେମାନଙ୍କର ନାମ ପଞ୍ଜୀକୃତ କରିଛନ୍ତି। ସେମାନଙ୍କ ମଧ୍ୟରୁ ୩୦ ଲକ୍ଷ ୨୬ ହଜାର ୨୪ ଜଣ ଏହି ଯୋଜନାରେ ପ୍ରଥମ କିସ୍ତି ବାବଦରେ ୨ ହଜାର ଟଙ୍କା ଲେଖାଏ ପାଇଛନ୍ତି। ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ କେବଳ ୯ ଲକ୍ଷ ୩୪ ହଜାର ୭୯୭ ଚାଷୀଙ୍କୁ ଦ୍ୱିତୀୟ କିସ୍ତି ମିଳିଛି। ପିଏମ୍–କିଷାନ ଯୋଜନାରେ ଚାଷୀଙ୍କୁ ୬ ହଜାର ଟଙ୍କା ସହାୟତା ୩ଟି କିସ୍ତିରେ ଯୋଗାଇ ଦେବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ସେଥିରୁ ଏପ୍ରିଲ ଓ ଜୁଲାଇ ମାସ ମଧ୍ୟରେ ପ୍ରଥମ କିସ୍ତି, ଅଗଷ୍ଟରୁ ନଭେମ୍ବର ଦ୍ୱିତୀୟ ଏବଂ ଡିସେମ୍ବରରୁ ମାର୍ଚ୍ଚ ତୃତୀୟ କିସ୍ତି ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି।

**ପିଏମ୍-କିଷାନ ଯୋଜନା**

- କେନ୍ଦ୍ର ସରକାର ଚାଷୀ ପଞ୍ଜୀକରଣ ପାଇଁ ଖୋଲିଲେ ନୂଆ ପୋର୍ଟାଲ



**ଜିଲା ଚିଠି**
**କେନ୍ଦୁଝର**

## ଘାରୁଛି ପ୍ରଦୂଷଣ ଚିନ୍ତା

ରାଜ୍ୟରେ ସମୁଦାୟ ୪୦ଟି ଖଣି ନିଲାମ ହେବ। ସେଥିମଧ୍ୟରୁ ୨୪ ଖଣି କାର୍ଯ୍ୟକ୍ଷମ ରହିଥିବାବେଳେ କେନ୍ଦୁଝର ଜିଲାର ୧୪ ଖଣିର ନିଲାମ ହେବାର ଅଛି। ଫଳରେ ବହୁ ବର୍ଷ ତଥା ବଂଶାନୁକ୍ରମିକ ଭାବେ ଲିଜ୍ ନେଇ ଖଣି ମାଲିକ ବୋଲାଉଥିବା ସଂସ୍ଥାଗୁଡ଼ିକ ଏବେ ଚିନ୍ତାରେ ପଡିଛନ୍ତି। ସରକାର ଖଣି ନିଲାମ କରିବାକୁ ନିଷ୍ପତ୍ତି ନେବା ପରେ ଏହା ସେମାନଙ୍କ ଲାଗି ମୁଣ୍ଡବ୍ୟଥାର କାରଣ ହୋଇଛି। ହାତରୁ ଖଣି ଖସିଯିବା ଭୟରେ କେତେକ କମ୍ପାନୀ ସରକାରଙ୍କ ନିଷ୍ପତ୍ତିକୁ ବଦଳାଇବାକୁ ବିଭିନ୍ନ ପ୍ରକାର ଚାପ ପକାଉଥିବା ଶୁଣିବାକୁ ମିଳୁଛି। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୦ ମାର୍ଚ୍ଚ ପରେ ସେମାନଙ୍କ ଖଣି ଲିଜ୍ ଅବଧି ସରିବ। ଖଣି ଚାଲିଯିବା ଭୟ ସେହି ସଂସ୍ଥାଗୁଡ଼ିକୁ ଘାରିଛି। ସେଥିପାଇଁ ସେମାନେ ଖଣି ଖନନ ଓ ଚାଲାଣକୁ ବହୁ ଗୁଣା ବଢାଇ ଦେଇଥିବା ଏଠାରେ ଆଲୋଚନା ହେଉଛି। ଏଣୁ ବହୁ ତରବର ଭାବେ ଲୁହାପଥର ଚାଲାଣ କରାଯାଉଛି। ଅବଧି ସରିବା ପୂର୍ବରୁ ସବୁ ଲାଭ ସାଉଁଟି ନେବା ପାଇଁ ଉପରୋକ୍ତ ସଂସ୍ଥାଗୁଡ଼ିକ ଲାଗି ପଡିଛନ୍ତି। ଫଳରେ ଶହ ଶହ ସଂଖ୍ୟାରେ ନିୟୋଜିତ ଟ୍ରକ୍, ଟ୍ରେଲର ଓ ଟିପ୍ପରରେ ଲୁହ ପଥର ପରିବହନ ଚାଲିଛି। ରାତିଦିନ ନିସ୍ତାର ନାହିଁ। ଏଥିଯୋଗୁ ରାସ୍ତା ଜାମ ରହୁଛି। ଧୂଳି ଓ ଧୂଆଁରେ ରାସ୍ତା ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବୁଡିଯାଉଛି। ସମସ୍ତ ନୀତିନିୟମକୁ ଉଲ୍ଲଂଘନ କରାଯାଇ ଲୁହାପଥର ପରିବହନ କରାଯାଉଛି। ଓଭରଲୋଡିଂ ଯାଞ୍ଚ ହେଉନାହିଁ। ବିନା ଘୋଡ଼ଣୀରେ ଯାଉଥିବା ଟ୍ରକ ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଚୋରା କାରବାର ଓ ଚାଲାଣ ରୋକିବା ପାଇଁ ନିଆଯାଇଥିବା ପ୍ରତିଷୋଧକ ବ୍ୟବସ୍ଥାକୁ ବନ୍ଦ କରିଦିଆଯାଇଛି। ସୀମା ସିଲ୍ କରାଯାଇ ପାଟ୍ରୋଲିଂ ବ୍ୟବସ୍ଥାକୁ ସୃଦୃଢ ଯାଉନି କି ଚୋରା କାରବାର ରୋକିବା ପାଇଁ ଗଠନ କରାଯାଇଥିବା ଜିଲାସ୍ତରୀୟ ଓ ରାଜ୍ୟସ୍ତରୀୟ ସ୍କ୍ୱାଡ୍ ପକ୍ଷରୁ ନିୟମିତ ଯାଞ୍ଚ କରାଯାଉନି। ଏପରି କି ଚୋରା କାରବାର ରୋକିବା ପାଇଁ ଟ୍ରକରେ ଲଗାଇବାକୁ ଥିବା ଜିପିଏସ୍ ବ୍ୟବସ୍ଥାକୁ ମଧ୍ୟ କୋହଳ କରାଯାଇଛି, ଯାହା ସମସ୍ତଙ୍କୁ ଚକିତ କରିଛି। ସରକାର ନିଜ ହାତରେ ଖଣି ରଖି ଖଣିଜ ପଥର ଉତ୍ତୋଳନ କଲେ ଅଧିକ ଲାଭବାନ ହୋଇପାରିବେ। ନୀତି ନିୟମ ବି ଠିକ୍ ଭାବେ ପାଳନ ହୋଇପାରିବ। ବେଆଇନ କାର୍ଯ୍ୟ ବିରୋଧରେ ଅଙ୍କୁଶ ଲାଗିବ। ଅଧିକ କର୍ମନିଯୁକ୍ତି ସୃଷ୍ଟି ହେବ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ସୁଯୋଗ ମଧ୍ୟ ମିଳିବ। ଖଣି ନ ଥିବା କମ୍ପାନୀକୁ ସରକାର ପର୍ଯ୍ୟାପ୍ତ କଞ୍ଚାମାଲ ଯୋଗାଇ ପାରିବେ। ଦର ନିର୍ଦ୍ଧାରଣ ଠିକ୍ ଭାବେ ହୋଇପାରିବ। ଲୋକଙ୍କ ଆସ୍ଥା ବୃଦ୍ଧି ପାଇବ ବୋଲି ସ୍ପଷ୍ଟ ହୋଇଛି। ଏହାପରେ ବି ଦୀର୍ଘଦିନରୁ ପ୍ରଦୂଷଣ ସମସ୍ୟାରେ ଘାଣ୍ଟି ଚକଟି ହେଉଥିବା ଲୋକମାନଙ୍କ ସମସ୍ୟା କଥା ବିଚାରକୁ ନିଆଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜିଲା ପ୍ରଶାସନ ଜାଣିଶୁଣି ଆଇନ ଉଲ୍ଲଂଘନକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ସମସ୍ତଙ୍କୁ ଚିନ୍ତାରେ ପକାଇଛି।

– ନରେଶ ଚନ୍ଦ୍ର ପଟ୍ଟନାୟକ

### କେନ୍ଦ୍ରୀୟ ଯୋଜନାକୁ ରାଜ୍ୟ ସରକାର ହଡ଼ପ କରିବା ଘଟଣା

# ରାଜ୍ୟବ୍ୟାପୀ ଆନ୍ଦୋଳନ କଲା ଭାଜପା




ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କାର୍ଯ୍ୟାଳୟ ସମ୍ମୁଖରେ ଭାଜପାର ବିକ୍ଷୋଭ।

**ଭୁବନେଶ୍ୱର, ୨୭।୯ (ବ୍ୟୁରୋ)**

ରାଜ୍ୟ ସରକାର କ୍ରମାଗତଭାବେ କେନ୍ଦ୍ରୀୟ ଯୋଜନାକୁ ନିଜ ନାଁରେ କରି ଲୋକଙ୍କୁ ଭୁଆଁ ବୁଲାଉଥିବା ଅଭିଯୋଗ କରାଯାଇ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟବ୍ୟାପୀ ଆନ୍ଦୋଳନ କରାଯାଇଛି। ଭାଜପାର ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ରାଜ୍ୟ ସରକାର 'ବିଜୁ ପକ୍କାଘର' ଆବାସ ଯୋଜନା ବୋଲି କହି ବାହା ବାହା ସାଉଁଟିବାରେ ଲାଗିଛନ୍ତି। ଏହା ବିରୋଧରେ ରାଜ୍ୟ ଭାଜପା ପକ୍ଷରୁ ୩୧୪ ବ୍ଲକ ଏବଂ ପୌରାଞ୍ଚଳ ଘେରାଓ କରାଯାଇଛି। ଭୁବନେଶ୍ୱର ଜିଲା ଭାଜପା କର୍ମୀମାନେ ବିଏମ୍‌ସି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହିତ ଆନ୍ଦୋଳନ କରିଛନ୍ତି। ଏହାପରେ ଦଳର ଏକ ପ୍ରତିନିଧିମଣ୍ଡଳୀ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାର ଯେତେ ବିଜ୍ଞାପନ ଛପାଇଛନ୍ତି ସେଥିରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ପ୍ରଧାନମନ୍ତ୍ରୀ ଶବ୍ଦଟିକୁ ବାଦ୍ ଦେଇ ବିଭ୍ରାନ୍ତ ସୃଷ୍ଟି କରିଛନ୍ତି।

# ଭେଣ୍ଟିଲେଟରରେ କାଳିଆ

**ଏସ୍‌ସିବି ମେଡିକାଲ୍**

**କଟକ ଅଫିସ, ୨୭।୯:** କନ୍ଧମାଳର ଯୋଡାମୁଣ୍ଡ ଶିଶୁ ଜଗା–କାଳିଆ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସେମାନଙ୍କ ମଧ୍ୟରୁ କାଳିଆର ଅବସ୍ଥା ଗୁରୁବାର ରାତିରେ ଗୁରୁତର ହୋଇପଡିବାରୁ ଭେଣ୍ଟିଲେଟରରେ ରଖାଯାଇଛି। ବର୍ତ୍ତମାନ କାଳିଆର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିବା ଡା. ସୁଧାଂଶୁ ଶେଖର ମିଶ୍ର କହିଛନ୍ତି। କାଳିଆର ଛାତିରେ ସଂକ୍ରମଣ ଯୋଗୁ ତାକୁ ଭେଣ୍ଟିଲେଟରରେ ରଖାଯାଇଛି। ଦୁହିଁଙ୍କ ଚିକିତ୍ସା ନିମନ୍ତେ ଗଠନ ହୋଇଥିବା ଡାକ୍ତରୀ ଟିମ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରୁଛନ୍ତି। ଆବଶ୍ୟକ ସ୍ଥଳେ ଏମ୍ସ ଡାକ୍ତରଙ୍କ ସହାୟତା ନିଆଯାଉଛି। ସ୍ୱାସ୍ଥ୍ୟରେ ଉନ୍ନତି ଆସିବା ପର୍ଯ୍ୟନ୍ତ କାଳିଆକୁ ଭେଣ୍ଟିଲେଟରରେ ରଖାଯିବ ବୋଲି ଏସ୍‌ସିବି ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଡା. ସି.ବି.କେ. ମହାନ୍ତି କହିଛନ୍ତି।

୨୦୧୭ ଜୁଲାଇ ୧୪ରେ ଯୋଡାମୁଣ୍ଡ ଶିଶୁ ଜଗା–କାଳିଆଙ୍କୁ ଦିଲ୍ଲୀ ଏମ୍ସରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅସ୍ତ୍ରୋପଚାର ପରେ ଦୁହିଁଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ସୁଧାର ଆସିଥିଲା। କିଛିଦିନ ତଳେ ଦିଲ୍ଲୀ ଏମ୍ସରୁ ଜଗା–କାଳିଆକୁ ନିଆଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଚିକିତ୍ସା ପାଇଁ ୧୪ଜଣିଆ ଡାକ୍ତରୀ ଟିମ୍ ଗଠନ ହୋଇଛି।

# #MyPaperBagChallengeରେ ଭାଗ ନେଇଥିବା ଧରିତ୍ରୀର ପାଠିକାପାଠକ



ନୀତୁ ନିର୍ମଳା ସାହୁ



ମୟୁଖ ପରିଡ଼ା

**ଆପଣଙ୍କ ଫଟୋ ଏଠାରେ ସ୍ଥାନିତ ପାଇଁ ପଠାନ୍ତୁ**
plasticfreeodishadht@gmail.com

ପୁରସ୍କାର ଜିତିବାକୁ ଯୋଗ୍ୟ ହେବା ପାଇଁ ଆପଣଙ୍କ ଫଟୋ ସହ ପଠାନ୍ତୁ ନାମ, ଠିକଣା ଓ ମୋବାଇଲ ଫୋନ୍ ନମ୍ବର



ଯେତେବେଳେ ଧର୍ମର ହାନି ହୁଏ, ଅଧର୍ମ ପ୍ରବଳ ହୁଏ, ସେତେବେଳେ ଭଗବାନ ସ୍ୱୟଂ ଶରୀର ଧାରଣ କରି ଧର୍ମରକ୍ଷା ନିମିତ୍ତ ପୃଥିବୀରେ ଜନ୍ମଗ୍ରହଣ କରନ୍ତି।
- ବ୍ୟାସଦେବ



## ସେଲ୍ଫି କର୍ଣ୍ଣର

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/category/selfie



ଶିବରାମ



ଶେଷ



ଚନ୍ଦ୍ରାମ



ସନତ



ଶଙ୍ଖ



ସବିତା

ସେଲ୍ଫି ଉଠାନ୍ତୁ, ଆମକୁ ପଠାନ୍ତୁ smbselfie@gmail.com (ମନୋନୀତ ସେଲ୍ଫି ପ୍ରକାଶ ପାଇବ)

### ପୀଡ଼ିତାଙ୍କ ଚାଞ୍ଚଲ୍ୟକର ବୟାନ

# ଲିଫ୍ଟ ଦେଇଥିବା ଡ୍ରାଇଭର ବି ବଳାତ୍କାରୀ

■ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ

■ ଆତ୍ମହତ୍ୟା ଧମକ ଦେଲେ ପୀଡ଼ିତା

**ଜୁନାଗଡ଼,୨୭।୯(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅଞ୍ଚଳରେ ଘଟିଥିବା ଗଣବଳାତ୍କାର ଓ ଭିଡିଓ ଭାଇରାଲ ଘଟଣାରେ ପୀଡ଼ିତା ଗୁରୁବାର ଚାଞ୍ଚଲ୍ୟକର ବୟାନ ଦେଇଛନ୍ତି। ଏକ ୱେଭ ଚ୍ୟାନେଲକୁ ସାକ୍ଷାତକାର ଦେଇ ସେ କହିଛନ୍ତି, ଏହି ଘଟଣାରେ ତାଙ୍କୁ ବାଇକ୍‌ରେ ଲିଫ୍ଟ ଦେଇଥିବା ବସ୍ ଡ୍ରାଇଭର ଧର୍ମଗଡ଼ ବ୍ଲକ ପର୍ଲା ଗ୍ରାମର ଲଲିନ୍ଦ୍ର ଶବର ମଧ ସମ୍ପୃକ୍ତ ଅଛନ୍ତି। ସେ ମଧ ବଳାତ୍କାର କରିଛନ୍ତି। ତାଙ୍କ ବିରୋଧରେ ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ତାଙ୍କ ସହ ସମସ୍ତ ଅଭିଯୁକ୍ତଙ୍କୁ ଫାଶୀ ଦିଆଯାଉ। ନଚେତ ସେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କୁ ପଚାରିବାରୁ ପୀଡ଼ିତାଙ୍କ ପୂର୍ବ ଲିଖିତ ଅଭିଯୋଗ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ବର୍ତ୍ତମାନ ଦେଉଥିବା ବୟାନ ନେଇ ଆମ ପାଖରେ କୌଣସି ଲିଖିତ ଅଭିଯୋଗ ଆସି ନାହିଁ। ଅଭିଯୋଗ ହେଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଘଟଣାର କିଛିଦିନ ପରେ ପୀଡ଼ିତା ଏପରି ବୟାନ ଦେବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି କରିଛି। ସୂଚନାଯୋଗ୍ୟ, ଗତ ୧୪ ତାରିଖ ବସ୍ ଡ୍ରାଇଭର ଲଲିନ୍ଦ୍ର ତାଙ୍କୁ ବାଇକ୍‌ରେ ବସାଇ ଭବାନୀପାଟଣାରୁ ଘରକୁ ଆଣୁଥିଲେ। ଜୁନାଗଡ ବନମାଳୀପୁର ନିକଟ ଘନା ଜଙ୍ଗଲରେ ଏହି ଘଟଣା ଘଟିଥିଲା। ପରେ ଏହାର ଭିଡିଓ ଭାଇରାଲ ହୋଇଥିଲା। ଏହା ପରେ ପୀଡ଼ିତା ଜୁନାଗଡ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗରେ ୬ ଜଣ ବଳାତ୍କାର କରିଥିବା କହିଥିବା ବେଳେ ଡ୍ରାଇଭର ଏଥିରେ ସମ୍ପୃକ୍ତ ରହିଥିବା କଥା କିଛି ଉଲ୍ଲେଖ କରି ନ ଥିଲେ।

### ବିଜେପୁର ଉପନିର୍ବାଚନ ପୂର୍ବରୁ ହିଂସା

# ଭୁଜାଲି ମାଡ଼ରେ ଭାଜପା ନେତା ଗୁରୁତର

**ବରଗଡ଼ ଅଫିସ୍/ବିଜେପୁର,୨୭।୯**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପୂର୍ବରୁ ହିଂସା ଦେଖିବାକୁ ମିଳିଲାଣି। ଶୁକ୍ରବାର ବିଜେପୁର ବ୍ଲକ ପଡ଼ା ଗ୍ରାମର ଭାଜପା ନେତା ମନୋରଞ୍ଜନ ମେହେରଙ୍କ ଉପରେ ଭୁଜାଲି ମାଡ଼ ହୋଇଛି । ଏଥିରେ ସେ ଗୁରୁତର ଆହତ ହୋଇଛନ୍ତି। ତାଙ୍କ ବାମହାତରେ ଗଭୀର ଆଘାତ ଲାଗିଥିବାବେଳେ ସେ ସଂଜ୍ଞାହୀନ ହୋଇ ପଡ଼ିଛନ୍ତି। ବିଜେପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।

ସୂଚନା ଅନୁଯାୟୀ, ମନୋରଞ୍ଜନ ପ୍ରହ୍ଲାଦ ମେହେର ଓ କାଞ୍ଚନ ମେହେରଙ୍କ ସହିତ କୌଣସି କାମ ପାଇଁ ସୋହେଲା ଯାଇଥିଲେ । କାମ ସାରି ସେମାନେ ଏକ ବାଇକ୍ ଯୋଗେ ଘରକୁ ଫେରୁଥିଲେ। ବାଟରେ ସୋହେଲା ଥାନା କନାପାଲି ନିକଟରେ ୨ଜଣ ମୁଖାପିନ୍ଧା ଦୁର୍ବୃତ୍ତ ଏକ ବାଇକ୍ ଯୋଗେ ଆସି ସେମାନଙ୍କୁ ଅଟକାଇଥିଲେ। ସେମାନେ ଅଟକିବା ପରେ ଦୁର୍ବୃତ୍ତମାନେ ମନୋରଞ୍ଜନଙ୍କୁ ଭୁଜାଲିରେ ଆକ୍ରମଣ କରିଥିଲେ । ଏଥିରେ ସେ ଗୁରୁତର ଆହତ ହୋଇପଡ଼ିଥିବାବେଳେ ତାଙ୍କ ସହିତ ଥିବା ଅନ୍ୟ ଦୁଇଜଣ ସେଭଳି ଆହତ ହୋଇ ନାହାନ୍ତି। ପ୍ରକାଶଥାଉକି, ଗତ ୨୦୧୮ ଉପନିର୍ବାଚନ ପୂର୍ବରୁ ମନୋରଞ୍ଜନଙ୍କ ଘର କବାଟ ଉପରକୁ ରାତିଅଧିଆ ଗୁଳିମାଡ଼ ହୋଇଥିଲା । ତେବେ କେଉଁ କାରଣରୁ ଓ କିଏ ଏହି ଆକ୍ରମଣ କରିଛନ୍ତି, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇପାରିନାହିଁ ।

# ବିପଦସଙ୍କେତ ଉପରେ ଜଳକା



ଜଳମଗ୍ନ ଚାଷଜମି।

**ବସ୍ତା, ୨୭।୯(ସ୍ୱ.ପ୍ର.)**

ବସ୍ତା ବ୍ଲକ ଦେଇ ବହିଯାଇଥିବା ଜଳକା ନଦୀରେ ବନ୍ୟାଜଳ ଗତ ୩ ଦିନ ଧରି ବିପଦସଂକେତ ଉପରେ ପ୍ରବାହିତ ହେଉଛି। ବୁଧବାର ଓ ଗୁରୁବାର ଦୁଇ ଦିନ ଧରି ବିପଦ ସଂକେତ ଉପରେ ବନ୍ୟା ଜଳ ପ୍ରବାହିତ ହେଉଥିବା ବେଳେ ଶୁକ୍ରବାର ମଧ ସ୍ଥିତି ସୁଧୁରିନାହିଁ। ଏବେ ବି ନଦୀ ପାର୍ଶ୍ୱ ଚାଷଜମି ଜଳମଗ୍ନ ହୋଇରହିଛି।

ଜଳକା ନଦୀର ମଥାନୀଠାରେ ବିପଦ ସଂକେତ ୫.୫୦ମିଟର ଥିବା ବେଳେ ଗୁରୁବାର ରାତି ୮ଟା ସୁଦ୍ଧା ୬.୫୦ ମିଟରରେ ପହଞ୍ଚିଥିଲା। ଶୁକ୍ରବାର ସନ୍ଧ୍ୟା ୬ଟାରେ ଏହା ୬.୩୭ ମିଟର ପ୍ରବାହିତ ହେଉଛି। ନଦୀର ଜଳସ୍ତର କ୍ରମଶଃ ହ୍ରାସ ପାଇବା ଆଶା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ନଦୀର ଉପରମୁଣ୍ଡ ମୟୂରଭଞ୍ଜ ଜିଲାରେ ବର୍ଷା ହୋଇଥିବା ଜଣାପଡିଛି।

### ଜୁନାଗଡ଼ ବଳାତ୍କାର ଘଟଣା

# ଲିଫ୍ଟ ଦେଇଥିବା ଯୁବକ ଶାସକ ଦଳ ନେତାଙ୍କ ଡ୍ରାଇଭର: ଭାଜପା

**ଅଯଥା ରାଜନୀତି ନ ହେଉ: ମନ୍ତ୍ରୀ**

**ଭୁବନେଶ୍ୱର,୨୭।୯(ବ୍ୟୁରୋ)**

ରାଜ୍ୟରେ ମହିଳାମାନେ ଅସୁରକ୍ଷିତ ଅବସ୍ଥାରେ ରହିଛନ୍ତି। ଗତ ୪ ଦିନ ତଳେ କଳାହାଣ୍ଡି ଜିଲା ଜୁନାଗଡ଼ର ଏକ ଜଙ୍ଗଲରେ ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିଲା। ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି, ମାତ୍ର ଯିଏ ମୁଖ୍ୟ ଅଭିଯୁକ୍ତ ତାଙ୍କୁ ଛାଡ଼ି ଦିଆଯାଇଛି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ରାଜ୍ୟ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଅଭିଯୋଗ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଲେଖାଶ୍ରୀ କହିଛନ୍ତି ଯେ, ଲଳିତେନ୍ଦୁ ଶବର ଯିଏ ପୀଡିତାଙ୍କୁ ଲିଫ୍ଟ ଦେଇଥିଲେ ସେ ମୁଖ୍ୟ ଅଭିଯୁକ୍ତ ବୋଲି ସୋସିଆଲ ମିଡିଆରେ ପୀଡ଼ିତା କହିଛନ୍ତି। ଲଳିତେନ୍ଦୁ କଳାହାଣ୍ଡି ଜିଲା ବିଜେଡି ନେତାଙ୍କ ବସ୍ ଡ୍ରାଇଭର ବୋଲି ସେ କହିଛନ୍ତି। ଜଣେ ବିଜେଡି ନେତାଙ୍କ ଡ୍ରାଇଭର ହୋଇଥିବାରୁ ଲଳିତେନ୍ଦୁଙ୍କୁ ଖସାଇବା ପାଇଁ ଉଦ୍ୟମ କରାଯାଉଥିବା ଲେଖାଶ୍ରୀ ଅଭିଯୋଗ କରିଛନ୍ତି। ମାତ୍ର ଭାଜପା ଅଭିଯୋଗକୁ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଖଣ୍ଡନ କରିଛନ୍ତି। ଦିବ୍ୟଶଙ୍କର କହିଛନ୍ତି ଯେ, ଗତ କିଛିଦିନ ହେବ ପୋଲିସର କାର୍ଯ୍ୟଶୈଳୀ କେମିତି ରହିଛି ତାହା ସମସ୍ତେ ଦେଖୁଛନ୍ତି। ଯିଏ ଦୋଷ କରିବ ତାକୁ ନିଶ୍ଚୟ ଦଣ୍ଡ ମିଳିବ। ଏହି ଘଟଣାକୁ ନେଇ ଅଯଥା ରାଜନିତୀକରଣ କରା ନ ଯାଉ ବୋଲି ସେ କହିଛନ୍ତି।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ପୋଡ଼ାମଢ଼ିଟାଏ ଘରେ ନାହିଁ**
**ଦାଣ୍ଡେ ଟହଲଇ ପାନ ଖାଇ**
**ପାଚିଲା ଗାମୁଛା କାନ୍ଧେ ପକାଇ ।**

ଘରର ଆର୍ଥିକସ୍ଥିତି ଶୋଚନୀୟ ହୋଇଥିବା ସ୍ଥଳେ କିଛି ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖେଇ ହୋଇଥାନ୍ତି। ବେଶ ପରିପାଟୀ ହୋଇ ଚିକ୍କଣ କଥା କହି ନିଜର ବଡ଼ଲୋକୀ ବା ବଡ଼ପଣିଆ ଜାହିର କରିଥାନ୍ତି। ଦୈନନ୍ଦିନ ଗୁଜୁରାଣ ମେଣ୍ଟାଇବାକୁ ଅସମର୍ଥ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ପହିଲେ ଆଦର ପଳ ଷାଠିଏ**
**ଦୋସରି ଆଦର ପଳ ତିରିଶି**
**ଦିନକୁ ଦିନ ଆଦର ତୁଟେ**
**ପଛକୁ ରହେ ଅଧ କରିଶି ।**

ପଳ ଓ କରିଶି ପୁରୁଣା ଓଜନ ଏକକ। ନୂଆ ନୂଆ ବାହା ହୋଇଥିବା ବେଳେ ସ୍ୱାମୀ ଓ ସ୍ତ୍ରୀର ପରସ୍ପର ପ୍ରତି ଯେତିକି ସ୍ନେହ ଆଦରଭାବ ରହିଥାଏ, ଦେହଘଷା ବା ପୁରୁଣା ହୋଇଗଲେ ତାହା କ୍ରମେ ହ୍ରାସ ପାଇଯାଏ। ଦୈହିକ ପ୍ରେମ ପରିବର୍ତ୍ତେ ସାତ୍ତ୍ୱିକ, ନୈସର୍ଗିକ ପ୍ରେମରେ ସ୍ନେହ, ଶ୍ରଦ୍ଧା ବୃଦ୍ଧି ହୁଏ । ସମୟ ବଢ଼ିବା ସହିତ ଆଦର ପରିମାଣ ହ୍ରାସ ପାଇବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ଲୋକଗୀତ
-ଫ୍ରେଣ୍ଡସ୍ ପବ୍ଲିଶର୍ସ


# CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

Telnet Towers Co.
ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି ଓ ହାଇ-ୱେ ପାର୍ଶ୍ୱ ଜମିରେ ଡିଜିଟାଲ ମଲ୍ଟିମିଡିଆ ଟାୱାର୍ ଲଗାନ୍ତୁ।
ଅଗ୍ରିମ: 70 ଲକ୍ଷ
ଭଡ଼ା: 60 ହଜାର
+ ଏଗ୍ରିମେଣ୍ଟ
09625373491, 07827396829
www.telnettowers.com
Add.: Hamiltonganj, Uttar Latabari (WB)

FINANCE

ଆପଣଙ୍କ ଅତି ନିଜର ଭାଇ ଆପଣଙ୍କ ସେବାରେ
ନୂଆ ଯୋଜନା ଅଧୀନରେ ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
DHANLAXMI FINANCE PVT. LTD. ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
9450741373
B-34/7 A Block Vijay Enclave, Burari, New Delhi

ଆଗେ ଆସନ୍ତୁ, ଆଗେ ପାଆନ୍ତୁ
ଭାରତର Govt. Regd. ନଂ.1 କମ୍ପାନୀ
1982 ଠାରୁ ଆପଣଙ୍କ ସେବାରେ
ମହାଲକ୍ଷ୍ମୀ ଫାଇନାନ୍ସ ପ୍ରା. ଲିଃ Reg No. MH32820D788
ସବୁ ବ୍ୟାଙ୍କ ଦ୍ୱାରା ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ଋଣ ମାତ୍ର 24 ଘଣ୍ଟାରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
7894582823
H.No. 10, Mandi Road, Bathinda Punjab.

TIRUPATI FINANCE
ସମସ୍ତ ପ୍ରକାର ଲୋନ ମାତ୍ର ୪୮ ଘଣ୍ଟାରେ କମ୍ ସୁଦରେ ଦିଆଯାଉଛି । ତୁରନ୍ତ ଯୋଗାଯୋଗ କରନ୍ତୁ ଏବଂ ଘରେ ବସି ଲୋନ ପାଆନ୍ତୁ ।
ମହିଳା ଏବଂ ସିନିୟର ସିଟିଜନ୍‌ଙ୍କ ପାଇଁ ବିଶେଷ ସୁବିଧା ।
HIMAYAT NAGAR, MAIN ROAD, HYDERABAD- 500029
8658503781
9667987587
9717166871
balajitrusty@gmail.com

ଋଣ
ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ଯୋଜନା ଅଧୀନରେ
ଲକ୍ଷାଧିକ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
1,00,000ରୁ ୫୦,00,000 ପର୍ଯ୍ୟନ୍ତ ଋଣ
ଆଦର୍ଶ ଫାଇନାନ୍ସ
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ, ରାଶନ କାର୍ଡ, ଆଧାର କାର୍ଡ, ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ
24 ଘଣ୍ଟାରେ ଘରେ ବସି ପାଆନ୍ତୁ
2% ସୁଧ - 40% ରିହାତି
ଠକମାନଙ୍କ ପ୍ରତି ସାବଧାନ
7289999543
7289948952
SCO- 106, Second Floor, Vishal Tower, Cannaught Place, Delhi.

BUSINESS

Shinghania Tower
ନିଜର ଛାତ, ଜମି, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ଟାୱାର ଲଗାନ୍ତୁ। ଘରେ ବସି ରୋଜଗାର କରନ୍ତୁ ।
ଅଗ୍ରିମ 60 ଲକ୍ଷ + ଭଡ଼ା 45000/- + ବାଇକ୍
ଯୋଗାଯୋଗ: 8887232676
Add- Ashoka puram, Mysore, Karnataka- Pin Code 570008

DEALER WANTED
At all major locations across Odisha for :-
FASTBUILD AAC BLOCKS
Mail : dealership.fastbuild@gmail.com
Mob : 9073678360

BASUNDHAR FINANCE
ପର୍ସନାଲ, ବିଜିନେସ୍, ମାର୍କଶିଟ୍, ଗୃହ, ଶିକ୍ଷା, କୃଷି, ଗାଈ ଓ କୁକୁଡ଼ା ପାଳନ ଇତ୍ୟାଦି BASUNDHAR FINANCE ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି।
ସୁଧ = 1%
CONTACT
7750840136
9658224887
Plot No.4720, Shahnajaf Rd, Chandigarh-226002, At- Hemamura, Luhapank, Rairakhol, Sambalpur-768106

HINDUSTAN TOWER
ନାମ ନୁହେଁ କାମ କହିଥାଏ।
25 ବର୍ଷ ଧରି ଆପଣଙ୍କ ଭରସାଯୋଗ୍ୟ କମ୍ପାନୀ
Hindustan Tower Group
Govt. Regd କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, କ୍ଷେତ, ଫ୍ଲାଟ୍ ଉପରେ ଡିଜିଟାଲ ରେଡିଏଶନ୍ ଫ୍ରି ଟାୱାର ଲଗାନ୍ତୁ, ଅଗ୍ରିମ ୨୦ ଲକ୍ଷ, ଭଡ଼ା 60,000 + ବାଇକ୍ । 20 ବର୍ଷର କୋର୍ଟ ଏଗ୍ରିମେଣ୍ଟ।
8929313996
7042350747
4397, Arya Pura, Old Subzi Mandi, Delhi-110007

ASTROLOGY

ଆମଠାରୁ ଆଗେ କାମ କରିଥିବା ଲୋକଙ୍କୁ ଦାବି ମୁତାବକ ପୁରସ୍କାର
ଖୋଲା ଚ୍ୟାଲେଞ୍ଜ ତନ୍ତ୍ର ମନ୍ତ୍ର ସମ୍ରାଟ
ଘରେ ବସି 2 ଘଣ୍ଟାରେ ସମାଧାନ
ବାବା କମାଲ ଖାନ୍
ବଶୀକରଣ ମୁଠକରଣୀ ସ୍ପେଶାଲିଷ୍ଟ
ପ୍ରେମବିବାହ, ସଉତୁଣୀ, ଶତ୍ରୁ ମୁକ୍ତି, ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ, ପ୍ରେମରେ ଧୋକା, ରୁଷିଥିବା ବ୍ୟକ୍ତିଙ୍କୁ ମନାଇବା, ବ୍ୟବସାୟ, ଛାଡ଼ପତ୍ରରେ ବାଧା, ସନ୍ତାନ କିମ୍ବା ବିଦେଶ ଯାତ୍ରାରେ ବିଘ୍ନ। ସବୁଠାରୁ ନିରାଶ ହୋଇଥିବା ବ୍ୟକ୍ତି ଫୋନ୍ କରନ୍ତୁ
9911786155
9911786154

FINANCE
ବିଶ୍ୱାସର ପ୍ରତୀକ, ଲୋନର ଗ୍ୟାରେଣ୍ଟି SHREE FINANCE ଦ୍ୱାରା ପ୍ରପର୍ଟି, ପର୍ସନାଲ BPL ଆଧାରକାର୍ଡ ଲୋନ 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
MOB: 7292041586
Address - 12, Govt. Place (East), 2nd floor, Kolkata, west Bengal- 700069

TCF FINANCE
TCF ଋଣ ଲିମିଟେଡ୍ ଭାରତର ସବୁଠୁ ବଡ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, BPL ଋଣ ଘରେବସି 5 ଘଣ୍ଟାରେ ପାଆନ୍ତୁ।
0% ସୁଧ 45% ଛାଡ
No File Charge No Guarantor
Online Facility Available
Plot No 428/74, Shahnajaf Rd, Lucknow, Uttar Pradesh 226001
7055758337
7298510676

DHARITRI Career appointment Every Wednesday and Saturday


**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ।
- ସ୍ୱାମୀ ନିଗମାନନ୍ଦ

## ସଂକ୍ଷେପରେ

### ୧୧ ବର୍ଷର ନିରାଶ୍ରୟ ଝିଅ ବାଳାଶ୍ରମରେ ଥଇଥାନ

ବାମରା, ୨୭।୯ (ଡି.ଏନ.ଏ.)

ବାମରା ବ୍ଲକ କବରିବାହାଲ ଗାଁର ଜଣେ ୧୧ ବର୍ଷର ନିରାଶ୍ରୟ ନାବାଳିକାଙ୍କୁ ଧନକଉଡାସ୍ଥିତ ବାଳାଶ୍ରମରେ ଥଇଥାନ କରାଯାଇଛି। ତାଙ୍କ ଜନ୍ମର ଦେଢ଼ ମାସ ପରେ ମା’ ଅନ୍ୟ ରାଜ୍ୟକୁ କାମ କରିବାକୁ ଯାଇ ନିଖୋଜ ଅଛନ୍ତି। ବାପା ମଧ ଅନ୍ୟ ଜଣକୁ ବିବାହ କରି କେଉଁଠି ରହୁଛନ୍ତି ଯେ ଖବର ନାହିଁ। ଆଈ କୁନୁ ମୁଣ୍ଡା ଲାଳନ ପାଳନ କରିଥିଲେ। ହେଲେ ବାର୍ଦ୍ଧକ୍ୟ ହେତୁ ଯତ୍ନ ନେଇ ନ ପାରିବାରୁ ଗତ ୨୧ ତାରିଖ ପଡୋଶୀ ତସିଲ ମୁଣ୍ଡା ଝିଅଟକୁ ଆଶ୍ରୟ ଦେଇ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ (ଆଇସିଡିଏସ)କୁ ଖବର ଦେଇଥିଲେ। ଏହାପରେ ସୁପରଭାଇଜର ଲିଲି ପ୍ରଧାନ, ଚାଇଲ୍ଡ ଲାଇନ କର୍ମକର୍ତ୍ତା ନମାମି ହେମ୍ବ୍ରମ, ଅଙ୍ଗନୱାଡି କର୍ମୀ ସୂର୍ଯ୍ୟ କିଷାନ ତାଙ୍କୁ ଉଦ୍ଧାର କରିଥିଲେ।

### ଗୋଧିଡିପରେ ଗଜଲକ୍ଷ୍ମୀ ପୂଜା ପ୍ରସ୍ତୁତି ବୈଠକ

ନାକଟିଦେଉଳ,୨୭।୯(ଡି.ଏନ.ଏ.)

ନାକଟିଦେଉଳ ବ୍ଲକ ଅନ୍ତର୍ଗତ ଗୋଧିଡିପସ୍ଥିତ ମହାଲକ୍ଷ୍ମୀ ଯୁବକ ସଂଘ ପରିସରରେ ଗଜଲକ୍ଷ୍ମୀ ପୂଜା ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । କମିଟି ସଭାପତି ନାରାୟଣ ସାହୁ ଏଥିରେ ଅଧକ୍ଷତା କରିଥିଲେ। ଅକ୍ଟୋବର ୧୨ତାରିଖ କଳଶ ଶୋଭାଯାତ୍ରା ୧୬ତାରିଖରେ ପୂର୍ଣ୍ଣାହୁତି ପଡ଼ିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି ।

### ସାନଟିକ୍ରାରେ ସଫେଇ ଅଭିଯାନ

ଟିପିଲିମା, ୨୭।୯ (ଡି.ଏନ.ଏ.)

ଧନକଉଡା ବ୍ଲକ କଳାମାଟି ପଞ୍ଚାୟତ ସାନଟିକ୍ରା ମାଁ ଚଣ୍ଡୀ କ୍ଲବ ଓ ଗୋଡଭଗା ଲାୟନ୍ସ ରୟାଲ ମିଳିତ ଆନୁକୂଲ୍ୟରେ ଏକ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଉପାଧକ୍ଷା ସୁଷମା ସାହୁ ଓ ଲାୟନ୍ସ କ୍ଲବ ସଭାପତି ବାଳକୃଷ୍ଣ ସାହୁଙ୍କ ନେତୃତ୍ୱରେ ଗାଁର ଅନେକ ପୁରୁଷ ମହିଳା ଏଥିରେ ସାମିଲ ହୋଇଥିଲେ। ୫୩ ନମ୍ବର ଜାତୀୟ ରାଜପଥରୁ ସାନଟିକ୍ରା ଗାଁ ଦେଇ ଚଣ୍ଡିମନ୍ଦିର ପର୍ଯ୍ୟନ୍ତ ସଫେଇ କରାଯାଇଥିଲା।

### ସତ୍‌ଗୁଣ ଅପଣାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ

ସମ୍ବଲପୁର,୨୭।୯(ବ୍ୟୁରୋ)

ବୁଢ଼ାରଜା ହାଇସ୍କୁଲ ପରିସରରେ ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ସମିତି ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକରାତ୍ମକ ଚିନ୍ତନ, ନୂତନ ଉଜ୍ୱଳ ଭବିଷ୍ୟତ ନିର୍ମାଣ କରିବା, ଦୁର୍ଗୁଣ ତ୍ୟାଗ କରି ସତ୍‌ଗୁଣକୁ ଅପଣାଇବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦିଆଯାଇଥିଲା। ପ୍ରଧାନଶିକ୍ଷକ ଯୋଶବନ୍ତ ସାହୁ ଛାତ୍ରୀଛାତ୍ରଙ୍କୁ ଶ୍ରେଷ୍ଠ ସଂକଳ୍ପ ପାଠ କରାଯାଇଥିଲେ। ବରିଷ୍ଠ ଶିକ୍ଷକ ହରିନାରାୟଣ ପଣ୍ଡା, ପଙ୍କଜିନୀ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

### ମାନଧାତା ବାବା କଲେଜରେ ଏନ୍‌ଏସ୍‌ଏସ୍ ଉତ୍ସବ

ସମ୍ବଲପୁର, ୨୭।୯ (ବ୍ୟୁରୋ)

ମାନେଶ୍ୱର ମାନଧାତା ବାବା ଉଚ୍ଚତର ମାଧମିକ ସ୍କୁଲ (ଜୁନିୟର କଲେଜ)ରେ ଜାତୀୟ ସେବା ଯୋଜନାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଶୁକ୍ରବାର ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମ ଅଧିକାରୀ ସତ୍ୟନାରାୟଣ ଠାକୁର ଏନଏସଏସର ୫୦ ବର୍ଷ କାର୍ଯ୍ୟପନ୍ଥା ବିଷୟରେ ଛାତ୍ରୀଛାତ୍ରଙ୍କୁ ସୂଚନା ଦେଇଥିଲେ । ସ୍କୁଲ ଅଧକ୍ଷ ସତ୍ୟନାରାୟଣ ଚୌଧୁରୀ, ଅଧାପକ ତୋଷଧର ବାରିକ, ଖେଳ ଶିକ୍ଷକ ପ୍ରଦୀପ ସାହୁ ଛାତ୍ରୀଛାତ୍ରଙ୍କୁ ଦେଶ ସେବାରେ ଯୁବ ସମାଜର ଭୂମିକା ଉପରେ ଆଲୋକପାତ କରିଥିଲେ । ଅର୍ଥନୀତି ବିଭାଗ ଅଧାପକ ଧର୍ମେନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ର ସ୍କୁଲ ପରିସର ସଫେଇ କରିଥିଲେ।

### ରକ୍ତ ବର୍ଗୀକରଣ, ସଫେଇ ଅଭିଯାନ

କୁଚିଣ୍ଡା, ୨୭।୯ (ଡି.ଏନ.ଏ)

କୁଚିଣ୍ଡା କଲେଜ ଯୁବ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ପକ୍ଷରୁ ଏନ୍‌ଏସ୍‌ଏସ୍‌ର ପ୍ରତିଷ୍ଠା ଦିବସ ଅବସରରେ ଶହେରୁ ଅଧିକ ଛାତ୍ରୀଛାତ୍ରଙ୍କ ରକ୍ତ ବର୍ଗୀକରଣ କରାଯାଇଛି। ଏହାସହ ମହାବିଦ୍ୟାଳୟ ପରିସର ସଫାସୁତୁରା କରାଯାଇଛି। ରଜନୀ ନାୟକ, ଡ. ଅମିୟ କୁମାର ପାତ୍ର, ସୁଧାଂଶୁ ମହାପାତ୍ର, ବୀରେନ୍ଦ୍ର ଓରାମ ପ୍ରମୁଖ ସାମିଲ ହୋଇଥିଲେ।

## ■ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀବେଞ୍ଚ ପ୍ରତିଷ୍ଠା ପ୍ରସଙ୍ଗ

# ଦ୍ୱିତୀୟ ଦିନରେ ମଧ୍ୟ ସବୁ ବନ୍ଦ



ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବିରେ ସମ୍ବଲପୁର କଚେରି ଛକଠାରେ ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ କମିଟି କର୍ମକର୍ତ୍ତା, ସଭ୍ୟମାନେ ଧାରଣାରେ ବସିଛନ୍ତି ।



ସମ୍ବଲପୁର କୋର୍ଟ ପରିସର ଶୂନଶାନ।




ରେଢାଖୋଲ ସିଭିଲ୍‌କୋର୍ଟ ଗେଟ୍‌କୁ ଓକିଲମାନେ ପିକେଟିଂ କରି ବନ୍ଦ କରିଦେଇଛନ୍ତି ।




ରେଢାଖୋଲ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ତାଲା ଝୁଲୁଛି ।




ରେଢାଖୋଲ ଉପଜିଲାପାଳଙ୍କ କାର୍ଯ୍ୟାଳୟ ବନ୍ଦ ରହିଛି ।

ସମ୍ବଲପୁର,୨୭।୯(ବ୍ୟୁରୋ)

- ■ବ୍ୟାଙ୍କ, ବୀମା କମ୍ପାନୀ ଅଧିକ ପ୍ରଭାବିତ
- ■ପିକେଟିଂ ଯୋଗୁ ଫେରିଗଲେ ଅଧିକାରୀ, କର୍ମଚାରୀ
- ■ଆନ୍ଦୋଳନକାରୀଙ୍କ ଅନୁରୋଧରେ ଫେରିଗଲେ ବିଚାରପତି
- ■ସରକାରୀ କାମ ପ୍ରଭାବିତ, ସାଧାରଣ ଲୋକେ ହଇରାଣ

ପଶ୍ଚିମ ଓଡିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବି ନେଇ ଶୁକ୍ରବାର ଦ୍ୱିତୀୟ ଦିନରେ ଆନ୍ଦୋଳନ ପହଞ୍ଚିଛି । ଶୁକ୍ରବାର ମଧ ପଶ୍ଚିମ ଓଡିଶାର ପ୍ରାୟ ଜିଲା ସହ ସମ୍ବଲପୁରରେ ଉଭୟ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ସମସ୍ତ ଅଫିସ ବନ୍ଦ ରହିଥିଲା । ଏଣୁ ସରକାରୀ କାମ ସମ୍ପୂର୍ଣ୍ଣ ଠପ୍ ହୋଇ ପଡିଥିଲା । ଅଫିସ ସମୟରେ ଅଧିକାରୀ ଓ କର୍ମଚାରୀ ପହଞ୍ଚିଥିଲେ। ହେଲେ ଓକିଲମାନେ ପିକେଟିଂ କରି ବନ୍ଦ କରିଦେଇଥିଲେ। ଅଫିସ ସମ୍ମୁଖରେ ଥିବା କର୍ମଚାରୀମାନେ ପ୍ରତିବାଦ ନ କରି ଚାଲି ଯାଇଥିଲେ। ସେହିପରି ବିଚାରପତିମାନେ ମଧ କୋର୍ଟକୁ ଆସିବା ସମୟରେ କଚେରି ଛକରେ ନାଗରିକ କ୍ରିୟାନୁଷ୍ଠାନ କମିଟି ଓ ଓକିଲମାନେ ଅନୁରୋଧ କରି ଫେରାଇ ଦେଇଥିଲେ। ତେବେ ଆନ୍ଦୋଳନ ଯୋଗୁ ବିଶେଷ କରି ବ୍ୟାଙ୍କ ଓ ବୀମା କମ୍ପାନୀର କ୍ଷତି ହୋଇଛି। ଏଟିଏମ୍‌ଗୁଡିକରେ ନଗଦ ଟଙ୍କାର ଅଭାବ ଦେଖିବାକୁ ମିଳିଥିଲା। ଲୋକେ ବ୍ୟାଙ୍କ ବାହାରେ ଛିଡା ହୋଇ ଫେରି ଯାଇଥିଲେ। ସରକାରୀ ଅଫିସକୁ କାମରେ ଆସିଥିବା ଲୋକେ ହଇରାଣ ହୋଇଥିଲେ। ସୋମବାର ମଧ ବନ୍ଦ କରିବାକୁ ଘୋଷଣା କରାଯାଇଛି ।

## ରେଢାଖୋଲର ସବୁ ସରକାରୀ ଅଫିସ ଖାଁ ଖାଁ

ରେଢାଖୋଲ,୨୭।୯(ଡି.ଏନ.ଏ.)

ପଶ୍ଚିମ ଓଡିଶାରେ ହାଇକୋର୍ଟର ସ୍ଥାୟୀବେଞ୍ଚ ପ୍ରତିଷ୍ଠା ଦାବି ନେଇ ପଶ୍ଚିମ ଓଡିଶା ଓକିଲସଂଘ ସମୂହ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟି ଆହ୍ୱାନ ଦେଇଛି। ଏହି ଆହ୍ୱାନ କ୍ରମେ ପ୍ରତିମାସର ଶେଷ ୩ଦିନ କାର୍ଯ୍ୟ ଦିବସରେ ରେଢାଖୋଲ ନାଗରିକ ମଞ୍ଚ ଓ ଓକିଲ ସଂଘ ଆନ୍ଦୋଳନ କରିଆସୁଛି। ଏଣୁ ଚଳିତ ମାସ ମଧ କେନ୍ଦ୍ରୀୟ କ୍ରିୟାନୁଷ୍ଠାନ କମିଟିର ନିଷ୍ପତ୍ତି କ୍ରମେ ଆନ୍ଦୋଳନ ଚାଲିଛି। ଶୁକ୍ରବାର ଆନ୍ଦୋଳନର ଦ୍ୱିତୀୟ ଦିନରେ ରେଢାଖୋଲ ଓକିଲ ସଂଘ ଓ ନାଗରିକ ମଞ୍ଚ ଆନ୍ଦୋଳନରେ ସାମିଲ ପିକେଟିଂ କରିଛି। ଏଥିଯୋଗୁ ଉପଖଣ୍ଡ ପ୍ରଶାସନ ସମ୍ପୂର୍ଣ୍ଣ ଠପ୍ ହୋଇପଡିଥିଲା। ପୂର୍ବାହ୍ନ ୧୦ଟା ବେଳେ ନାଗରିକ ମଞ୍ଚ କର୍ମକର୍ତ୍ତା ଏବଂ ଓକିଲମାନେ ସିଭିଲ କୋର୍ଟ ସମ୍ମୁଖରେ ଧାରଣାରେ ବସିଥିଲେ। ଏହାସହ ଉପଜିଲାପାଳ, ତହସିଲଦାର, ବନବିଭାଗ, ବ୍ଲକ କାର୍ଯ୍ୟାଳୟ ସମେତ ସମସ୍ତ ସରକାରୀ କାର୍ଯ୍ୟାଳୟ, ବ୍ୟାଙ୍କ, ଡାକଘର, ବିଏସଏନଏଲ ଅଫିସ ଆଦି କେନ୍ଦ୍ରୀୟ କାର୍ଯ୍ୟାଳୟ ସମ୍ମୁଖରେ ପିକେଟିଂ କରିଥିଲେ। ଫଳରେ ସମସ୍ତ ସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିଲା । ଏଣୁ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଗାଁ ଗହଳି ଦୂରଦୂରାନ୍ତରୁ ଆସିଥିବା ଜନସାଧାରଣଙ୍କୁ ନିରାଶ ହୋଇ ଫେରିବାକୁ ପଡିଥିଲା। ପ୍ରତିଦିନ ବ୍ଲକ, ଉପଜିଲାପାଳ, ତହସିଲ କାର୍ଯ୍ୟାଳୟ ସମେତ ସିଭିଲକୋର୍ଟ ଚଳଚଞ୍ଚଳ ରହୁଥିବା ବେଳେ ଏହି ଆନ୍ଦୋଳନ ଯୋଗୁ ସମସ୍ତ ଅଫିସ ଶୁକ୍ରବାର ଖାଁ ଖାଁ ଲାଗୁଥିଲା। ଆନ୍ଦୋଳନ ଯୋଗୁ କର୍ମଚାରୀ ଓ ଅଧିକାରୀମାନେ ମଧ ଅଫିସ ଆସି ନ ଥିବା ଦେଖାଯାଇଥିଲା। ତେବେ ଓକିଲ ସଂଘ ସଭାପତି ଅଭୟ କୁମାର ବୀର, ସଂପାଦକ ଗଣେଶ୍ୱର ପ୍ରଧାନ, ବରିଷ୍ଠ ଆଇନଜୀବୀ ଶିବପ୍ରସାଦ ପ୍ରଧାନ, ଶମ୍ଭୁପ୍ରସାଦ ପ୍ରଧାନ, ସୁଜିତ ପ୍ରଧାନ, ନୀଳମାଧବ ମହାଜୁଡଙ୍କ ସମେତ ସମସ୍ତ ଆଇନଜୀବୀ ଆନ୍ଦୋଳନରେ ସାମିଲ ହୋଇଥିଲେ। ସେହିଭଳି ନାଗରିକ ମଞ୍ଚର ଅନାଦି ଚରଣ ସାହୁ, ଜିଲା ପରିଷଦ ସଭ୍ୟ ପ୍ରଦୀପ ପ୍ରଧାନ, ଏନଏସି ଉପାଧକ୍ଷ ସୁନୀଲ କୁମାର ପ୍ରଧାନ, ବରିଷ୍ଠ ନାଗରିକ ସମିତିର ଉମାକାନ୍ତ ପ୍ରଧାନ, ଭାସ୍କର ପ୍ରଧାନ, ଲଳିତ ବାହାଦୁର ସିଂ, ମହାବୀର ସିଂଦେଓ, ଶ୍ରୀବନ୍ତ ପୁରୋହିତ ପ୍ରମୁଖ ଆନ୍ଦୋଳନରେ ଯୋଡି ହୋଇଥିଲେ।

## ମହାତ୍ମା ଗାନ୍ଧୀଙ୍କ ଜୀବନ, ଦର୍ଶନ ଆଲୋଚନାଚକ୍ର

ରେଙ୍ଗାଲି, ୨୭।୯ (ଡି.ଏନ.ଏ.)

ରେଙ୍ଗାଲିସ୍ଥିତ ସୁରଜମଲ ମହାବିଦ୍ୟାଳୟରେ ଶୁକ୍ରବାର ମହାତ୍ମା ଗାନ୍ଧୀଙ୍କ ଜୀବନ ଏବଂ ଦର୍ଶନ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଓଡିଶା ସାଂସ୍କୃତିକ ସମାଜ ଓ ସୁରଜମଲ କଲେଜ ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧକ୍ଷ ଡ. ମିନତି ଶତପଥୀ ସଭାପତିତ୍ୱ କରିଥିଲେ। ଗାନ୍ଧିଜୀଙ୍କ ଜୀବନରେ ଘଟିଥିବା ଘଟଣା ଗୁଡିକୁ ପ୍ରାଧାନ୍ୟ ନ ଦେଇ ତାଙ୍କର ବ୍ୟକ୍ତିତ୍ୱକୁ ଗ୍ରହଣ କରିବାକୁ ପ୍ରଫେସର ସୁଦର୍ଶନ ପୂଜାରୀ ଆହ୍ୱାନ କରିଥିଲେ। ବରିଷ୍ଠ ଅଧାପକ ଡ. ମନୋଜ କୁମାର ପଣ୍ଡା ଆଲୋଚନା ଚକ୍ରର ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ଦେଇଥିଲେ। ଅନ୍ୟମାନଙ୍କ ମଧରେ ଡ. ସନ୍ତୋଷ ଦାସ, ଅଧାପିକା ପ୍ରଣତି ପଟ୍ଟନାୟକ ପ୍ରମୁଖ ଆଲୋଚନାଚକ୍ରରେ ଅଂଶ ଗ୍ରହଣ କରିଥିଲେ। ଶେଷରେ ଅଧାପକ ଅଜୟ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଭଣ୍ଡାରିମାଲ ହତ୍ୟାକାଣ୍ଡ | ଅପରପକ୍ଷର ୨ ଜଣ ଜେଲ ଗଲେ

ସମ୍ବଲପୁର,୨୭।୯ (ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ଥାନା ଭଣ୍ଡାରିମାଳ ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ଶକ୍ତି କୁମୁରା ଓ ଜିତୁ କୁମୁରାଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଗ୍ରାମର ଗୋଟିଏ ପରିବାରର ୪ ଭାଇ ସୁରେନ୍ଦ୍ର ଭୋଇ, ବିଦ୍ୟାଧର ଭୋଇ, ସୌଦାଗର ଭୋଇ, ବୀରେନ୍ଦ୍ର ଭୋଇ ଓ ପଡୋଶୀ କ୍ଷୀରୋଦ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଭୂତି କୁମୁରା, ନନ୍ଦଲାଲ ଭୋଇ ଆହତ ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ବିଭୂତିଙ୍କ ଏକ ଗୋଡ ଅସ୍ତ୍ରୋପଚାର କରି କଟାଯାଇଛି। ତେବେ ଅପରପକ୍ଷର ଅଭିଯୋଗ କ୍ରମେ ବିଦ୍ୟାଧରଙ୍କ ପରିବାରକୁ ମରଣାନ୍ତକ ଆକ୍ରମଣ କରିବା ଓ ମହିଳାମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଡିଲେଶ୍ୱର ଭୋଇ ଓ ତାଙ୍କ ଭାଇ ମିଳନ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୧୩୩/୧୯ରେ ମାମଲା ରୁଜୁ ହୋଇଛି। ହେଲେ ଜାମିନ ନ ମିଳିବାରୁ ଏ ଦୁହେଁ ଜେଲ ଯାଇଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଗାଁରେ ଶାନ୍ତି ଫେରୁଛି। ପରିସ୍ଥିତି ସ୍ୱାଭାବିକ ହେଉଛି। ହେଲେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

## ଲକ୍ଷ୍ୟ ହାସଲ ପାଇଁ ନିରବଚ୍ଛିନ୍ନ ସାଧନା ଆବଶ୍ୟକ




ସମ୍ବଲପୁର ଆଇନ କଲେଜ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ ।

ସମ୍ବଲପୁର,୨୭।୯(ବ୍ୟୁରୋ)

ମଣିଷକୁ ସବୁ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ପାଇଁ ନିରଚ୍ଛିନ୍ନ ସାଧନା ଆବଶ୍ୟକ ରହିଛି । ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ଏଭଳି ଚିନ୍ତାଧାରା ନେଇ ଆଗକୁ ବଢିବାକୁ ହେବ। ଲାଲା ଲାଜପତ ରାୟ ଆଇନ ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା ଏହା କହିଛନ୍ତି। ଏଲଏଲବି, ବିବିଏ, ଆଇଆରପିଏମ, ଏଲଏଲଏମ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସଫଳତାର ୧୦ଟି ସୂତ୍ର ଉପରେ ସେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧକ୍ଷ ବିଜୟାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାପକ ଡ. ବିକ୍ରମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଥିକ ନିବେଶ ଓ ସଞ୍ଚୟ ଶୀର୍ଷକ ଉପରେ ସଚେତନତା ଅନୁଷ୍ଠିତ ହୋଇଥିଲା । ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧାପକ ଡ. ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ। ଛାତ୍ରୀ ନିକିତା ତ୍ରିପାଠୀ ଗଣେଷ ବନ୍ଦନା ଗାନ କରିଥିଲେ। ଶେଷରେ ଅଙ୍କିତ ସୌରଭ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ଲବକୁ ଅଣଦେଖା କରୁଛି ଟ୍ରଷ୍ଟବୋର୍ଡ

ସମ୍ବଲପୁର, ୨୭।୯ (ବ୍ୟୁରୋ)



ଶୁକ୍ରବାର ସମ୍ବଲପୁର ପାଟଣେଶ୍ୱରୀ କ୍ଲବ କର୍ମକର୍ତ୍ତା ଖବରଦାତାଙ୍କୁ ସୂଚନା ଦେଉଛନ୍ତି ।

ପାଟଣେଶ୍ୱରୀ ମନ୍ଦିର ଟ୍ରଷ୍ଟବୋର୍ଡ ଉପରେ ଅସନ୍ତୋଷ ପ୍ରକାଶ କରିଛି ପାଟଣେଶ୍ୱରୀ କ୍ଲବ୍। ଏହି କ୍ଲବ ୩ ଦଶନ୍ଧି ହେଲା ଦଶହରା ସମୟରେ ମନ୍ଦିରରେ ସାଜସଜ୍ଜା କରୁଛି। ହେଲେ ପାଟଣେଶ୍ୱରୀ ଟ୍ରଷ୍ଟ ବୋର୍ଡ କମିଟି କ୍ଲବକୁ ଅଣଦେଖା କରୁଛି। ଶୁକ୍ରବାର ପାଟଣେଶ୍ୱରୀ କ୍ଲବ ସଭାକକ୍ଷରେ ଆୟୋଜିତ ଖବରଦାତା ସମ୍ମିଳନୀରେ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି ।

ଟ୍ରଷ୍ଟ ବୋର୍ଡରେ ୯ଜଣ ସଭ୍ୟ ରହିବା ନିୟମ ରହିଛି । କିନ୍ତୁ ୪ଜଣଙ୍କୁ ଟ୍ରଷ୍ଟ ବୋର୍ଡ କାମ କରୁଛି । ଏଣୁ ମନ୍ଦିର ବିକାଶରେ ବାଧା ସୃଷ୍ଟି ହେଉଛି । ତେଣୁ ନୂତନ ଟ୍ରଷ୍ଟ ବୋର୍ଡ କମିଟି ଗଠନ କରିବା ଜରୁରୀ ହୋଇ ପଡିଛି ବୋଲି ଦାବି କରାଯାଇଛି। ଅନ୍ୟପକ୍ଷେ ଚଳିତ ବର୍ଷ ବିଦ୍ୟୁତ ସାଜସଜ୍ଜାରେ ୨ଲକ୍ଷ ୩୫ ହଜାର ଓ ଟେଣ୍ଟ ଖର୍ଚ୍ଚ ୧ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ପୂଜାରେ ପ୍ରାୟ ୪ଲକ୍ଷ ଟଙ୍କା ଖର୍ଚ୍ଚ ହେବ । ହେଲେ

### ପାଟଣେଶ୍ୱରୀ ମନ୍ଦିର

ଟ୍ରଷ୍ଟ ବୋର୍ଡ ପକ୍ଷରୁ କେବଳ ପଞ୍ଚବାଦ୍ୟ ସକାଶେ ୨୦ ହଜାର ଟଙ୍କା ମିଳେ, ଯାହାର କୌଣସି ମୂଲ୍ୟ ନାହିଁ। ଅନ୍ୟଏକ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ କରାଯାଇଛି ଯେ, ମନ୍ଦିର ସଂଲଗ୍ନ ପାଟଣେଶ୍ୱରୀ କଲ୍ୟାଣ ମଣ୍ଡପକୁ ଏକ ଟେଣ୍ଟ ହାଉସ୍ ଭଡା ସୂତ୍ରରେ ନେଇ ଗୋଦାମ କରିଛି। ଏହି ଖବରଦାତା ସମ୍ମିଳନୀରେ କ୍ଲବ ସଭାପତି ଶ୍ରୀମନ୍ତ ପୁରୋହିତ, ସମ୍ପାଦକ ଅମୂଲ୍ୟ କୁମାର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ବିପିନ ପ୍ରଧାନ ଓ ଅଲେଖ ଘିବେଲା, ଉପସଭାପତି ସୂର୍ଯ୍ୟନାରାୟଣ ସ୍ୱାଇଁ, କୋଷାଧ୍ୟକ୍ଷ ସୁଧାଂଶୁଶେଖର ବେହେରା, ସହକୋଷାଧ୍ୟକ୍ଷ ଭୋଳାନାଥ ତରିଆ, ଉପଦେଷ୍ଟା ପ୍ରଭଞ୍ଜନ ବଳ ଓ ଡମ୍ବରୁଧର ପ୍ରଧାନ ଉପସ୍ଥିତ ଥିଲେ । ତେବେ ଏହି ଅଭିଯୋଗ ନେଇ ପାଟଣେଶ୍ୱରୀ ମନ୍ଦିର ଟ୍ରଷ୍ଟି ସରୋଜ କୁମାର ଦାଶ କହିଛନ୍ତି ଯେ, କ୍ଲବର ଅଭିଯୋଗ ସଂପୂର୍ଣ୍ଣ ଭିତ୍ତିହୀନ। ନୂତନ ଟ୍ରଷ୍ଟବୋର୍ଡ ଗଠନ ପାଇଁ ଦେବୋତ୍ତର କମିଶନରଙ୍କୁ ପତ୍ର ଲେଖାଯାଇଛି। କଲ୍ୟାଣ ମଣ୍ଡପ କମ୍ ଟଙ୍କାରେ ଭଡା ଦିଆଯାଉଛି । ବିବାହ କାର୍ଯ୍ୟ ପାଇଁ ୨୩ ହଜାର, ଶ୍ରାଦ୍ଧ ଭୋଜି ପାଇଁ ୪ ହଜାର ଓ ଅନ୍ନପ୍ରସନ୍ନ ଲାଗି ୫ ହଜାର ଟଙ୍କା ଭଡା ନିଆଯାଇଥାଏ । ଏହି ଭଡା ଟଙ୍କାରେ ମନ୍ଦିରର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯାଉଛି। ଅଡିଟ ମଧ କରାଯାଉଛି ବୋଲି ସେ କହିଛନ୍ତି ।



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମ୍ମୁନ୍ନତ କରାଇପାରିବେ।
- ମଦନମୋହନ ମାଲବ୍ୟ

■ କେନ୍ଦ୍ରୀୟ ଯୋଜନା ହଡପର ପ୍ରତିବାଦ

# ବ୍ଲକ୍, ଏନଏସି ଅଫିସ୍ ଘେରିଲେ ଭାଜପା କର୍ମୀ



ଭାଜପା କର୍ମୀମାନେ କନ୍ଧମାଳ ବ୍ଲକ ଅଫିସ୍ ଘେରାଉ କରିଛନ୍ତି ।




ବୌଦ୍ଧରେ ଭାଜପା କର୍ମୀମାନେ ଏନଏସି ଅଫିସ୍ ଘେରାଉ କରିଛନ୍ତି ।

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

କେନ୍ଦ୍ରୀୟ ଯୋଜନା ହଡପ ପ୍ରତିବାଦରେ ବୌଦ୍ଧ ଜିଲା ଭାଜପା କର୍ମୀମାନେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶୋଭାଯାତ୍ରା କରି ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ନେତା ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ସରୋଜ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, କାର୍ତ୍ତିକେଶ୍ୱର ପଣ୍ଡା, ଆଶୁତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବୌଦ୍ଧ ବ୍ଲକରେ ଗୋଷ୍ଠୀ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସରୋଜ ପ୍ରଧାନ, ବିଶିକେଶନ ପ୍ରଧାନ, ପ୍ରଭାତ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ହରଭଙ୍ଗା ବ୍ଲକରେ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ତ୍ରିଲୋଚନ ଦେହୁରୀ, ବିଭୀଷଣ ବୋଲ୍ତା, ଲଳିତ ପାତ୍ର, ରାମ ବେହେରା, ମାଧବ କହଁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**କନ୍ଧମାଳ ( ଡି.ଏନ.ଏ):** କେନ୍ଦ୍ରୀୟ ଯୋଜନାକୁ ବିଜେଡି ସରକାର ନିଜ ନାମରେ ପ୍ରଚାର କରୁଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର କନ୍ଧମାଳ ବ୍ଲକ ଅଫିସ୍‌କୁ ଭାଜପା ପକ୍ଷରୁ ଘେରାଉ କରାଯାଇଥିଲା। ଘଣ୍ଟାଏ ଧରି ବ୍ଲକ ଅଫିସ୍‌କୁ ଦଳର କର୍ମୀମାନେ ଘେରାଉ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାସହିତ ୪ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଘଣ୍ଟାପଡା ମଣ୍ଡଳ ସଭାପତି ପୀନାକ ରଣା, ଅନୀଲ ପ୍ରଧାନ, ନିରଞ୍ଜନ କର୍ଣ୍ଣ, ଜିଲା ଉପସଭାପତି ବିନାୟକ ଖେତି, ଜିଲା ସମ୍ପାଦକ ଚିତ୍ତ ପାତ୍ର, ଜିଲା ଅନୁସୂଚିତ ଜନଜାତି ସମ୍ପାଦକ ଡମ୍ବରୁଧର କହଁର, ଆଦିବାସୀ ନେତା ପ୍ରତାପ ଝାଙ୍କର, ବାଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ବିଦ୍ୟୁତ୍ ସଂଯୋଗ ନେଇ ଜାମୁପଦରବାସୀ ହଟହଟା

**ପୁରୁଣାକଟକ,୨୭।୯(ଡି.ଏନ.ଏ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ଅନ୍ତର୍ଗତ ଜାମୁପଦର ଗ୍ରାମର ୬୦ ବିପିଏଲ ପରିବାରକୁ ଆସିଥିବା ବିଦ୍ୟୁତ୍ ବିଲ୍ ସେମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସେମାନେ ଯେତିକି ବିଦ୍ୟୁତ୍ ବ୍ୟବହାର କରିନାହାନ୍ତି ତାଠାରୁ ବହୁଗୁଣା ଅଧିକ ବିଲ୍ ଆସିଛି । ଏପରି ବର୍ଦ୍ଧିତ ଦେୟକୁ ନେଇ ଗ୍ରାମର ବାଲ୍ମିକ ଦେହୁରୀ, ସାରଥି ଦେହୁରୀ, ନନ୍ଦିନୀ ଦାସ, ସମିର ଦେହୁରୀ, ଅନ୍ନପୂର୍ଣ୍ଣା ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ରଜନୀ ନାଏକ, କଇଁଫୁଲ ଦାସ, ରୁକ୍ମିଣୀ ବେହେରା, ଲକ୍ଷ୍ମଣ ପାତ୍ର, ଖଗେଶ୍ୱର ଦାସଙ୍କ ସମେତ ଗ୍ରାମର ୨୦ରୁ ଊର୍ଦ୍ଧ୍ୱ ମହିଳାପୁରୁଷ ପୁରୁଣାକଟକ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଜାମୁପଦର ଗ୍ରାମରେ ୬୦ ବିପିଏଲ୍ ପରିବାର ବିଦ୍ୟୁତ ସଂଯୋଗ ନେଇଛନ୍ତି। ସେମାନେ ପ୍ରତ୍ୟେକ ମାସରେ ୮୦ରୁ ୧ଶହ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରି ଆସୁଥିଲେ। ମାତ୍ର ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମାସିକ ୫୭୦ ଟଙ୍କା ବିଲ୍ ଆସିବା ନେଇ ସ୍ଥାନୀୟ ଲାଇନମ୍ୟାନଙ୍କୁ ପଚାରିବାରୁ ୩୦ ୟୁନିଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟବହାର କଲେ ମାସିକ ୫୭୦ ଟଙ୍କା ବିଲ୍ ଦେବାକୁ ପଡିବ ବୋଲି କହିଥିଲେ। ଏହା ଶୁଣି ସେମାନେ ଆଶ୍ଚର୍ଯ୍ୟ ହେବା ସହ ଗୁରୁବାର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବାରିକଙ୍କୁ ପଚାରିବାରୁ ସେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ସମସ୍ତ ଉପଭୋକ୍ତା ୩୦ ୟୁନିଟରୁ କମ୍ ବ୍ୟବହାର କଲେ ମାସିକ ୫୭୦ ଟଙ୍କା ବିଲ୍ ଦେବାକୁ ପଡିବ । ଏହି ବ୍ୟବସ୍ଥା ସରକାର ଲାଗୁ କରିଛନ୍ତି। ୧ ମାସ ପରେ ଏହାର ପୁନର୍ବିଚାର କରାଯିବ ବୋଲି କହିଥିଲେ ।

## ସଂକ୍ଷେପରେ



### ଶିଶୁ ମନ୍ଦିରରେ ବୃକ୍ଷରୋପଣ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)

କନ୍ଧମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଅଭିଭାବକମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ମହେଶ୍ୱର ରଣାଙ୍କ ଆହ୍ୱାନକ୍ରମେ ଶିଶୁ ମନ୍ଦିରରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ପୂର୍ବତନ ସମ୍ପାଦକ ଅଗସ୍ତି ମଲିକ, ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀ, ଗୁରୁଜୀ ଚକ୍ରଚୁଡ ବର୍ଗେ, ମହେଶ୍ୱର ରଣା, ଧରଣୀଧର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ପରେ ଶିଶୁ ମନ୍ଦିର ପରିସରରେ ପ୍ରାୟ ୪୦ଟି ଦେବଦାରୁ ଗଛ ରୋପଣ କରାଯାଇଥିଲା। ଏଥିରେ ଅଭିଭାବକ ଦେଓ କୁମାର ବେହେରା, ଲଳିତ ପୁଟା, ନବୀନ ମେଣ୍ଡିଲି, ପ୍ରଭାତ ସାହୁ, ଶ୍ରୀନିବାସ ପାତ୍ର, ନିତ୍ୟାନନ୍ଦ ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ୩୨ ୟୁନିଟ ରକ୍ତ ସଂଗ୍ରହ

ପଦ୍ମପୁର, ୨୭।୯ (ଡି.ଏନ.ଏ)

ପଦ୍ମପୁର ରକ୍ତ ଭଣ୍ଡାରରେ ନିଆରା ଢ଼ଙ୍ଗରେ ଜନ୍ମଦିବସ ପାଳନ କରିଛନ୍ତି ଯୁବନେତା ତଥା ସାମାଜିକ କର୍ମୀ ଅଭିଷେକ ରଥ ଓ ସାଇସ୍ମିତ୍ରା ମହନ୍ତ । ଜନ୍ମ ଦିବସରେ ଉଭୟ ଭାଇ, ଭଉଣୀ ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କଲାପରେ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡା. ନରେଶ ପ୍ରଧାନ ମୁଖ୍ୟଅତିଥି ଓ ସମାଜସେବୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜା ବାଗ, ଲିପୁ ନାୟକ, ଜିତେନ୍ଦ୍ର ଦାଶ, ନରେଶ ଦାଶ, ଲାଲବିହାରୀ ମିଶ୍ର, ପ୍ରଦୀପ୍ତ ଦାଶ, ଅଶ୍ୱିନୀ ଧରୁଆ, ରତ୍ନମଣୀ ଶତପଥି ସହଯୋଗ କରିଥିଲେ ।

### ଡାକବଙ୍ଗଳାରୁ ଶାଗୁଆନ ଗଛ ଚୋରି ଉଦ୍ୟମ

ଗଣ୍ଡତୁରୁମ, ୨୭।୯ (ଡି.ଏନ.ଏ)

ଭେଡେନ ଥାନା ତଥା ରୁକ୍ଷୁଡା ଫାଣ୍ଡି ଅନ୍ତର୍ଗତ ଗଣ୍ଡତୁରୁମ ରାଜସ୍ୱ ଡାକବଙ୍ଗଳାରୁ ଗୁରୁବାର ରାତିରେ ଶାଗୁଆନ ଗଛ ଚୋରି ଉଦ୍ୟମ ହୋଇଛି । ଗ୍ରାମର ଜଣେ ଯୁବକ ଗଛ କାଟୁଥିବା ବେଳେ ଗଛଟି ବିଦ୍ୟୁତ୍ ତାରରେ ପଡିଯିବାରୁ ତାର ଛିଣ୍ଡି ଯିବା ସହିତ ଚମାରପଡାର ସମସ୍ତ ଖୁଣ୍ଟ ଭାଙ୍ଗି ଯାଇଥିଲା । ଫଳରେ ଲୋକେ ହଠାତ ଉଠି ପଡିବାରୁ ଉକ୍ତ ଯୁବକ ସେଠାରୁ କୁରାଢ଼ି ଧରି ଦୌଡି ପଳାଉଥିବା ଦେଖିବାକୁ ପାଇଥିଲେ । ଖବର ପାଇ ଫରେଷ୍ଟର ଧ୍ୟାନଚାନ୍ଦ ଝାଙ୍କର ଗଛଟିକୁ ଜବତ କରିବା ସହିତ ଏ ନେଇ ଏକ ମାମଲା ରୁଜୁ କରିଛନ୍ତି । ସେହିପରି ଉକ୍ତ ଡାକବଙ୍ଗଳା ପରିସରରୁ ଆହୁରି ୫ଟି ଶାଗୁଆନ ଗଛ, ପ୍ରାଣୀଧନ ସେବାକେନ୍ଦ୍ରର ୟୁକାଲିପଟାସ, ଚନ୍ଦନଗଛ ମଧ ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭେଡେନ ତହସିଲଦାର ସୀମା ସୁନୀତା କୁଲୁଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଗାନ୍ଧୀ ଜୟନ୍ତୀ ପାଇଁ ପ୍ରତିଯୋଗିତା

ଭେଡ଼େନ,୨୭।୯(ଡ଼ି.ଏନ.ଏ)

୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ସକାଶେ ଭେଡ଼େନ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ପ୍ରବନ୍ଧ, କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁବାର ବିଇଓଙ୍କ ଅଫିସ୍‌ରେ ଅନୁଷ୍ଠିତ ହୋଇଛି । ବିଇଓ ମଛିନ୍ଦ୍ର ମଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ୧୪ଟି କ୍ଲଷ୍ଟରର ୧୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଲଳିତ ସାହୁ, ରାଜ କୁମାର ନାଏକ, ସୁଦାମ ମିଶ୍ର, ସୁଷମା ଦାଶ, ମୀନକେତନ ପ୍ରଧାନ, ତାରାଚାନ୍ଦ ଭୋଇ, ହରେକୃଷ୍ଣ ସାହୁ, ଦେବେନ୍ଦ୍ର ଡ଼ନସନା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ଉଦଯାପନୀ ଉତ୍ସବରେଏବିଇଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସିଆରସିସି ଅରୁଣ ଭୋଇ ସ୍ୱାଗତ ଭାଷଣ ଓ କ୍ଷୀତେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ମନମୁଣ୍ଡା, ୨୭।୯ (ଡି.ଏନ.ଏ)**

ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ମନମୁଣ୍ଡା ପୁରାତନ ଛାତ୍ର ସଂସଦ ସଭାପତି ଗୋବର୍ଦ୍ଧନ ସାହୁ ମୁଖ୍ୟଅତିଥି, ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବରାଜ ସାହୁ ମୁଖ୍ୟବକ୍ତା, ଖଟଖଟିଆ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସତ୍ୟବାନ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟରୁ ୧୮ଜଣ ଛାତ୍ରୀଛାତ୍ର ଏବଂ ୧୮ ଜଣ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷୟତ୍ରୀ ଶିକ୍ଷକ ନମିତା ନାଏକ, ଗୀତାଞ୍ଜଳି ପୃଷ୍ଟି, ସମ୍ବିତ କୁମାର ମିଶ୍ର, ଜୟକୃଷ୍ଣ ପ୍ରଧାନ, ମୋତିଲାଲ କାଳସା ଓ ନଳିନୀ ପୂଜାହାରୀ ସହଯୋଗ କରିଥିଲେ । ଶିକ୍ଷକ ସତ୍ୟପାଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ପଞ୍ଚାୟତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧ ପଞ୍ଚାୟତ କଲେଜ ଅର୍ଥନୀତି ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାର ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ ସରଉଙ୍ଗିଆ ଓ ଅଧ୍ୟାପକ ସୁରଜ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀ କ୍ରିଷ୍ଣାରାଣୀ ପ୍ରଧାନ ସ୍ୱାଗତ ଭାଷଣ ଓ ଛାତ୍ର ଆଶିଷ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।




ଫଟୋ କ୍ୟାପ୍‌ସନ୍

## ଟ୍ରାଫିକ ସଚେତନତା ପାଇଁ ସମ୍ବର୍ଦ୍ଧିତ

**ଭେଡ଼େନ,୨୭।୯(ଡ଼ି.ଏନ.ଏ)**

ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଏବଂ ତାଙ୍କ ସହଯୋଗୀମାନେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଭୁବନେଶ୍ୱରରେ ଟ୍ରାଫିକ ସଚେତନତା କାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟ ପାଇଁ ପଦ୍ମଲୋଚନ ଭୋସାଗରଙ୍କୁ ଭୁବନେଶ୍ୱର ଅତିରିକ୍ତ ଟ୍ରାଫିକ ଡ଼ିସିପି ଅମରେଶ ପଣ୍ଡା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

■ ଶାଳା ସିଦ୍ଧି ତାଲିମ ଶିବିର

## ପାଠଶାଳାର ସ୍ଥିତି ପରଖିବା ଲକ୍ଷ୍ୟ

**ଭଟଲି,୨୭।୯(ଡି.ଏନ.ଏ.)**

ପାଠଶାଳାର ସଠିକ୍ ସ୍ଥିତି ପରଖିବା ସହିତ ତାର ଉନ୍ନତି ପାଇଁ ଯୋଜନା କରିବା ସକାଶେ ସରକାର ଶାଳାସିଦ୍ଧି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ରାଜ୍ୟ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ସଫଳ ରୁପାୟନ ସକାଶେ ବରଗଡ଼ ଜିଲା ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ଜଣ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ଏହି ତାଲିମ ଶିବିରକୁ ବିଇଓ ଛତ୍ରପତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଇଓ ଅରୁଣ କୁମାର ବେହେରା, ପ୍ରଧାନଶିକ୍ଷୟିତ୍ରୀ ରବିନାରାୟଣ ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏମ୍‌ଆଇଏସ୍ ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ସିଆରସିସି ରମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶୀଲ କୁମାର ସାହୁ ଏବଂ ପହଣ୍ଡି ବିଜୟ ମେହେର ସାଧନକର୍ମୀ ଭାବେ ଯୋଗଦେଇ ତଥ୍ୟ ପ୍ରଦାନ କରିଥିଲେ।

## ୧୫ ହିତାଧିକାରୀଙ୍କୁ ଘରବାରି ପଟ୍ଟା ପ୍ରଦାନ

**ମନମୁଣ୍ଡା, ୨୭।୯ (ଡି.ଏନ.ଏ)**

କନ୍ଧମାଳ ତହସିଲଦାର ବନ୍ଦନା ଖଟୁଆ ଶୁକ୍ରବାର ମନମୁଣ୍ଡା ଆରଆଇ ସର୍କଲର ୧୫ଜଣଙ୍କୁ ଏ. ୦.୦୪୦ ଡେସିମିଲ ଘରବାରି ପଟ୍ଟା ପ୍ରଦାନ କରିଛନ୍ତି । ଆରଆଇ ଅଫିସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନମୁଣ୍ଡା ଆରଆଇ ସୁରେନ୍ଦ୍ର କୁମାର ସାହୁ, କର୍ମଚାରୀ ଜୟଲାଲ ପ୍ରଧାନ, କନିଷ୍ଠ କିରାଣୀ ସତ୍ୟ ବାଦୀ ପ୍ରମୁଖ ସହଯୋଗ କରିଥିଲେ । ପର୍ଯ୍ୟାୟକ୍ରମେ ମନୋନୀତ ଅନ୍ୟ ଘରବାରିହୀନ ହିତାଧିକାରୀମାନଙ୍କୁ ମାଗଣା ଘରବାରି ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ଖଟୁଆ ଜଣାଇଛନ୍ତି।

## ପ୍ରତିବାଦ ଜଣାଇଲା ଭାଜପା

### ବୌଦ୍ଧ ସହରକୁ ଦୂଷିତ ପାଣି ଯୋଗାଣ

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧ ସହର ମହାନଦୀ କୂଳରେ ଥିଲେ ମଧ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି । ଫଳରେ ଲୋକେ ଗୋଳି ପାଣି ବ୍ୟବହାର କରୁଛନ୍ତି । ଏହାର ପ୍ରତିବାଦରେ ଶୁକ୍ରବାର ଜିଲା ଭାଜପା ପକ୍ଷରୁ ଜନସ୍ୱାସ୍ଥ୍ୟ ଅଫିସ୍‌ରେ ଅଭିଯୋଗ କରିବା ସହ ଏକ ଗୋଳିଆ ପାଣି ବୋତଲକୁ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଶୁଦ୍ଧ ପାଣି ଯୋଗାଇ ଦିଆ ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାଶ, ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାଶ, ସରୋଜ ପ୍ରଧାନ, ଭାଜପା ଜିଲା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି ।



ଭାଜପା ନେତାମାନେ ଗୋଳିଆ ପାଣି ବୋତଲ ଜେଇଙ୍କୁ ଦେଖାଉଛନ୍ତି ।

## ବୌଦ୍ଧକୁ ସମ୍ବଲପୁର ଆରଡିସିରେ ସାମିଲ ଆନ୍ଦୋଳନ ତେଜିଲା

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ପାଇଁ ଦୀର୍ଘ ଦିନରୁ ବୌଦ୍ଧ ଜିଲାବାସୀ ଦାବି କରିଆସୁଥିବାବେଳେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ଶୁକ୍ରବାର ଜିଲା ଓକିଲ ସଂଘ ସଭାପତି ତାରେଣି କୁମାର ମହାପାତ୍ର ଓ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ନେତୃତ୍ୱରେ ଜିଲା ଓକିଲ ସଂଘ, ସିଭିଲ ଆଣ୍ଡ କ୍ରିମିନାଲ ଓକିଲ ସଂଘ, କନ୍ଧମାଳ ଓକିଲ ସଂଘ ଓ ହରଭଙ୍ଗା ଓକିଲ ସଂଘର ସମସ୍ତ ଆଇନଜୀବୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ସେଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ନୂତନ କୋର୍ଟରେ ଥିବା ଓକିଲ ସଂଘ ପରିସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ସରକାର ବୌଦ୍ଧ ଜିଲାବାସୀଙ୍କ ନ୍ୟାଯ୍ୟ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବାକୁ ଦାବି କରାଯାଇଥିଲା । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଭାପତି ମହାପାତ୍ର ପ୍ରକାଶ କରିଛନ୍ତି । ସମ୍ମିଳନୀରେ ଉପସଭାପତି ଅଶୋକ କୁମାର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ ।



ଆଇନଜୀବୀମାନେ ଦାବିପତ୍ର ଦେବାକୁ ଜିଲାପାଳଙ୍କ ଅଫିସ୍‌କୁ ଆସିଛନ୍ତି।

## ଘଣ୍ଟାପଡା କଲେଜରେ ସ୍ୱାଗତ ଉତ୍ସବ

**ଘଣ୍ଟାପଡା, ୨୭।୯ (ଡି.ଏନ.ଏ)**

କନ୍ଧମାଳ ବ୍ଲକ ଘଣ୍ଟାପଡା ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମଧୁସ୍ମିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ପିଚାଳନା କମିଟି ସଭାପତି ଲିଙ୍ଗରାଜ ମଲିକ, ସମ୍ପାଦକ କାର୍ତ୍ତିକେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ସାହୁ, ଏମପି ପ୍ରତିନିଧି ସୂର୍ଯ୍ୟନାରାୟଣ ସାହୁ, ଜୁନିୟର କଲେଜ ଅଧ୍ୟକ୍ଷ ପରମାନନ୍ଦ ଡାଙ୍ଗ, ରାଜନୀତି ବିଜ୍ଞାନ ଅଧ୍ୟାପକ ଝସକେତନ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଗିରିଧର ଦେହୁରୀ ଅତିଥି ପରିଚୟ ଓ କିରାଣୀ ଦେବେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ ଦେଇଥିଲେ । ସୁବାଷ ବାରିକ, ରିଟପାଲ ବଗର୍ତ୍ତି, ସୁନୀଲ ଗୁରୁ, ହୃଷିକେଶ ଭୋଇ, ଗୀତାଞ୍ଜଳି ରଣା, କବିତା ସାହୁ ଓ ସଙ୍ଗୀତା ଭୋଇ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ ।



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହ୍ରିତିକ ରୋଶନ୍,
ବଲିଉଡ୍ ଅଭିନେତା



# ବିଜେପୁର ଉପନିର୍ବାଚନ, ପ୍ରାର୍ଥିତ୍ୱକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ

- ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ
- ପଛରେ ପଡ଼ି ଭାଜପା, ବିଜେଡି ଚର୍ଚ୍ଚାରେ
- ପ୍ରାର୍ଥୀ ଘୋଷଣାକୁ ନେଇ ବଢ଼ୁଛି ଉତ୍କଣ୍ଠା
- ଦିନକରେ ୫ ଜଣ ନାମାଙ୍କନପତ୍ର ନେଲେ

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ ସମୟସୀମା ଆସନ୍ତା ୩୦ତାରିଖରେ ସରିବ। ଏଥିପାଇଁ କେହି ନାମାଙ୍କନ ଦାଖଲ କରିବା ତ ଦୂରର କଥା, ଦୁଇ ପ୍ରମୁଖ ଦଳ ଭାଜପା, ବିଜେଡ଼ି ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ସୁଦ୍ଧା ଘୋଷଣା କରି ପାରିନାହାନ୍ତି। ଏବେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଗତ ୨୦୧୮ ଉପନିର୍ବାଚନ ସହିତ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନରେ ରହିଥିବା ବିଜେଡ଼ି ଓ ଭାଜପା ଏଥର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଯିବାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଦଳୀୟ ପ୍ରାର୍ଥୀ ଘୋଷଣା ପାଇଁ ଉଭୟ ଭାଜପା ଓ ବିଜେଡ଼ି ପରସ୍ପରକୁ ଜଗିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ଅନ୍ୟପଟେ କଂଗ୍ରେସ ବିଜେପୁର ବ୍ଲକ ମାନପୁର ନିବାସୀ ଦିଲୀପ କୁମାର ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରି ଏହି ପ୍ରକ୍ରିୟାରେ ସବା ଆଗରେ ରହିଛି। ଦିଲୀପ ସୋମବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି। ସେହିପରି ଶୁକ୍ରବାର ଅନ୍ୟ ୪ ଜଣ ଅଖିଳ ଭାରତ ହିନ୍ଦୁ ପରିଷଦରୁ ବରଗଡ଼ ୱାର୍ଡ଼ ନଂ-୧୧ ଗୌରପଡ଼ାର ଅଶୋକ କୁମାର ମିଉଲ, ସମାଜବାଦୀ ପାର୍ଟିରୁ ବରଗଡ଼ ୱାର୍ଡ଼ ନଂ-୧୭ ଅମ୍ବାପାଲିର ଗଙ୍ଗାଧର ପୂଜାରୀ, ଭାଜପାରୁ ବିଜେପୁରର ସନତ ଗଡ଼ତୀୟା ଏବଂ ସ୍ୱାଧୀନରେ ପଦ୍ମପୁରର ପ୍ରିୟରଞ୍ଜନ ଭୋଇ ନାମାଙ୍କନପତ୍ର ନେଇଛନ୍ତି।

କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ଆରମ୍ଭରୁ ଫାଟ ସୃଷ୍ଟି ହୋଇଛି। ପୁଅ ଅଭିଷେକ ଦଳୀୟ ପ୍ରାର୍ଥିତ୍ୱରୁ ବଞ୍ଚିତ ହେବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ଗଣମାଧ୍ୟମ ସମ୍ମୁଖରେ ନିଜର ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି। ସେହିପରି ଶୁକ୍ରବାର ସମାଜବାଦୀ ପାର୍ଟିରୁ ନାମାଙ୍କନପତ୍ର ଆଣିଥିବା ଗଙ୍ଗାଧର ମଧ୍ୟ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ସମର୍ଥକୀୟ କଂଗ୍ରେସ ଟିକେଟ୍ ଦୌଡ଼ରେ ଥିଲେ। ମାତ୍ର ନିରାଶ ହେବା ପରେ ଗଙ୍ଗାଧର ସମାଜବାଦୀ ପାର୍ଟିରୁ ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନପତ୍ର ଆଣିବା କଂଗ୍ରେସ ମଧ୍ୟରେ ରହିଥିବା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ି ଯାଇଛି।

ଏହି ଆସନରେ କ୍ରମାଗତ ନିର୍ବାଚନୀ ବୈତରଣୀ ପାରିହେବାରେ ବିଫଳ ଭାଜପା ଏଥର ଏଠାରୁ ବାଜିମାତ୍ ମାରିବ ବୋଲି ବାହାସ୍ଫୋଟ ମାରୁଛି। ହେଲେ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ନାନା ଚର୍ଚ୍ଚା ଚାଲିଛି। ଦଳରେ ଅନେକ ଆଶାୟୀ ରହିଛନ୍ତି। ଫଳରେ କାହାକୁ ଏଥର ଦଳ ପ୍ରାର୍ଥୀ କରିବ ଏବଂ ଗତ ୨୦୧୮ ଉପନିର୍ବାଚନ ସମୟରେ ପ୍ରାର୍ଥୀ ଘୋଷଣା ପରେ ଯେଉଁଭଳି ଦଳୀୟ ବିବାଦ ଉପୁଜିଥିଲା, ତାର ପୁନରାବୃତ୍ତି ନ ହେବ ତାକୁ ନେଇ ଦଳୀୟ ନେତାମାନେ ସମୀକ୍ଷା କରୁଥିବା ସୂଚନା ମିଳିଛି। ଭାଜପାର ଟିକେଟ୍ ଦୌଡ଼ରେ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ସନତ ଗଡ଼ତୀୟାଙ୍କ ସମେତ ଗୋବର୍ଦ୍ଧନ ଭୋଏ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି। ତେବେ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମଧ୍ୟ ଏଠାରେ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି।

କ୍ରମାଗତଭାବେ ଗତ ୨୦୧୮ ଉପନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନରେ ରେକର୍ଡ଼ ସଂଖ୍ୟକ ଭୋଟ୍‌ରେ ଏହି ଆସନରୁ ବାଜିମାତ୍ କରିଥିଲେ ସୁଦ୍ଧା ଏଥର ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଜେଡ଼ି ମଧ୍ୟ ପଛରେ ପଡ଼ି ଯାଇଛି। ଗତ ୨ଟି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଘୋଷଣାରେ ସବାଆଗରେ ରହିଥିବା ବିଜେଡ଼ି ଏଥର ପଛରେ ପଡ଼ିଯିବାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି। ଦଳରେ ଅନେକ ଆଶାୟୀ ରହିଥିବା କାହା ଉପରେ ଭରସା ରଖି ତାଙ୍କୁ ନିର୍ବାଚନ ମଇଦାନକୁ ଛଡ଼ାଯିବ, ସେ ନେଇ ଦଳର ବରିଷ୍ଠ ନେତାମାନେ ଅଙ୍କ କଷୁଥିବା ସୂଚନା ମିଳିଛି। ପୂର୍ବତନ ବିଧାୟିକା ରୀତା ସାହୁଙ୍କ ସମେତ ପ୍ରଭାତାଦିତ୍ୟ ମିଶ୍ର, ଭୀଷ୍ମଦେବ ସରାଫ ଦଳୀୟ ଟିକେଟ୍ ଦୌଡ଼ରେ ରହିଥିବାବେଳେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି। ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସାଧାରଣ ନିର୍ବାଚନରେ ଏହି ଆସନରୁ ବିପୁଳ ଭୋଟ୍ ବ୍ୟବଧାନରେ ଜିତି ଆସନ ଛାଡ଼ିବା ପରେ ଉପନିର୍ବାଚନ ହେଉଥିବାରୁ ରାଜ୍ୟ ଉପସଭାପତି ପଦବୀରେ ଥିବା ଅର୍ଥାତ୍ ୨୦୧୮ ଉପନିର୍ବାଚନରେ ଅଳ୍ପଭୋଟ୍ ବ୍ୟବଧାନରେ ଏଠାରୁ ହାରିଥିବା ପ୍ରସନ୍ନଙ୍କ ନାମ ଶେଷ ମୁହୂର୍ତ୍ତରେ ଘୋଷଣା କରି ବିଜେଡ଼ି ଅନ୍ୟ ସମସ୍ତଙ୍କୁ ଚକ୍‌ମା ଦେଖାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

## ସଂକ୍ଷେପରେ

### ଯୁବ କବି ବଂଶୀଧର ମାଝି ସମ୍ବର୍ଦ୍ଧିତ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଆଦିବାସୀ ଯୁବ କବି ବଂଶୀଧର ମାଝୀଙ୍କୁ ଓଡିଶା କର୍ମଜୀବୀ ଖବରଦାତା ସଂଘ ବରଗଡ ପକ୍ଷରୁ ନୂଆଁଖାଇ ଭେଟଘାଟ ଉତ୍ସବରେ ସମ୍ମାନିତ କରାଯାଇଛି। ମୁଖ୍ୟଅତିଥି ଭାବେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶିବଚରଣ ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ବିଦ୍ୟାସାଗର ଏକାଡେମୀ ଅଧ୍ୟକ୍ଷ କେଏସ ଭିଭିଏସ୍ ପ୍ରସାଦ, ଜିଲା ଓକିଲ ସଂଘ ଉପସଭାପତି ସରୋଜ ତ୍ରିପାଠୀ, ଖବରଦାତା ସଂଘ ସଭାପତି ଆଶୁତୋଷ ରଥ, ସମ୍ପାଦକ ପରମାନନ୍ଦ ମିଶ୍ର ଓ ସହ ସମ୍ପାଦକ ଗୋପୀନାଥ ସାହୁ ମାଝୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ପଞ୍ଚାୟତ କଲେଜ ରସାୟନ ବିଭାଗରେ ସେମିନାର

ବରଗଡ଼ ଅଫିସ୍,୨୭।୯
ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଭାଗରେ ଚଳିତବର୍ଷର ପ୍ରଥମ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା। ସେମିନାର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ପ୍ରଫେସର ସିପୁନ ସେଠୀ ସନ୍ଦର୍ଭ ତଥା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ସ୍ମୃତି ଦାଶ ଫର୍ମାସିଉଟିକାଲ କମ୍ପାଉଣ୍ଡ ଓ ତାର ବ୍ୟବହାର, ନଚିକେତା ଭୋଇ ଷ୍ଟେରିଓ କେମିଷ୍ଟ୍ରି ଏବଂ ମିଥିଲେଶ ପ୍ରଧାନ କେମିଷ୍ଟ୍ରି ଅଫ୍ ଫାୟାର କ୍ରାକର୍ସ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ଉପସ୍ଥିତ ଛାତ୍ରୀଛାତ୍ର ବିଭିନ୍ନ ବିଷୟବସ୍ତୁକୁ ନେଇ ପ୍ରଶ୍ନୋତ୍ତର କରିଥିଲେ। ସେମିନାର ସମ୍ପାଦକ ରିଙ୍କୁ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଚୋରି ବାଇକ ଉଦ୍ଧାର, ୪ ଗିରଫ

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧ ପୋଲିସ ପକ୍ଷରୁ ୪ଟି ଚୋରି ବାଇକ ଉଦ୍ଧାର କରିବା ସହିତ ଏହି ମାମଲାରେ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଇରମାଲର ରଞ୍ଜନ ରାଜହଂସ, ବାହାଜୋରର ଗଜାନନ ଭୋଇନ, କହଁରପଡାର ମୁରଲି ଦୀପ ଓ ବାଉଁଶୁଣୀ ଘୋଡାଖାଇର ଶମ୍ଭୁ ମେହେର।

ସୂଚନା ମୁତାବକ ଗତ ୨୫ ତାରିଖରେ ରଞ୍ଜନ ବୌଦ୍ଧରୁ ନିଜ ଗ୍ରାମକୁ ଯାଉଥିବାବେଳେ ପୋଲିସ ଦ୍ୱାରା ଚାଲିଥିବା ଗାଡି ଚେକିଙ୍ଗରେ ଧରାପଡିଥିଲେ। ଗାଡିର କାଗଜପତ୍ର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ସନ୍ଦେହରେ ଥାନାକୁ ନେଇ ଥାନାରେ ପଚରାଉଚୁରା କରିଥିଲା। ଗାଡିଟି ଚୋରି କରିଥିବା ରଞ୍ଜନ ସ୍ୱୀକାର କରିବା ସହ ଆଉ ୩ଟି ଗାଡି ଚୋରି କରି ବିକ୍ରୟ କରିଥିବା ସୂଚନା ଦେଇଥିଲେ। ପୋଲିସ ଏହି ଘଟଣାରେ ଗଜାନନ, ମୁରଲି ଓ ଶମ୍ଭୁଙ୍କ ଘରେ ଚଢାଉ କରି ୩ଟି ଚୋରି ବାଇକ୍ ଉଦ୍ଧାର କରିବା ସହ ସେମାନଙ୍କୁ ଗିରଫ କରିଥିଲା।

■ ତିନିଦିନ ପରେ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

## ହତ୍ୟା ସନ୍ଦେହରେ ଜଣେ ଅଟକ

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସାମ୍ପୋଚ ପଞ୍ଚାୟତ ଘୋରଡା ଗ୍ରାମର ନିଖୋଜ ଥିବା ଜଣେ ଯୁବକଙ୍କ ଶବକୁ ତିନିଦିନ ପରେ ପୋଲିସ ଉଦ୍ଧାର କରିଛି। ରଞ୍ଜିତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପୋଲିସ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି। ଏ ନେଇ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ଏହି ମାମଲାରେ ଜଣଙ୍କୁ ଅଟକ ରଖାଯାଇଛି। ଖୁବ ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସେ ପ୍ରକାଶ କରିଥିଲେ।

ସୂଚନା ମୁତାବକ, ଘୋରଡା ଗ୍ରାମର ରଞ୍ଜିତ ଦୀପ ଗତ ୨୪ ତାରିଖ ରାତିରେ ଭୋଜିଭାତ କରିବାକୁ କହି ଘରୁ ଯାଇଥିଲେ। ତେବେ ରାତିରେ ସେ ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକେ ୨୫ ତାରିଖରେର ରଞ୍ଜିତ ନିଖୋଜ ଥିବା ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ତିନିଦିନ ପରେ ରଞ୍ଜିତଙ୍କ ଗଳିତ ଶବ ଗ୍ରାମର ତାଳବନ୍ଧ ଅମରିବୁଦାରୁ ଉଦ୍ଧାର କରିଥିଲା।

## ଚିଚିଣ୍ଡାରେ ବ୍ଲକସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ସ୍ମୃତି ଉତ୍ସବ

**ସୋହେଲା,୨୭।୯(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ବ୍ଲକ ଚିଚିଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ବିଇଓ ରାହାସ ବିହାରୀ ବାଗ ମୁଖ୍ୟଅତିଥି, ଏବିଇଓ ସରୋଜ ଦୀପ ଓ ମନୋହର ଉଟି, ଚିଚିଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାସ୍ତ୍ରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ଚିଚିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦେବତା ସଭାପତିତ୍ୱ କରିଥିଲେ। ଏବିଇଓ ମନୋହର ଉଟି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଡିବେଟ, କୁଇଜ, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗରେ ୬୪ଜଣ ଓ ବରିଷ୍ଠ ବିଭାଗରେ ୧୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ପ୍ରତିଯୋଗିତାକୁ ସିଆରସିସି ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ସିଆରସିସି ଷଡାନନ ଭୋଇ। କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସିଆରସିସି କୃପାସିନ୍ଧୁ ପାଣ୍ଡେ ଓ ସଞ୍ଜୟ ଦେବତା। ଏବିଇଓ ମନୋରହର ଉଟି ଧନ୍ୟବାଦ ଅର୍ପଣ କରିଥିଲେ।

## ଫୁଟବଲ: ଧାଙ୍ଗେର, ସାହାଜବାହାଲ ବିଜୟୀ



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିମାନେ।

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ବ୍ଲକ ଖୁଣ୍ଟପାଲିରେ ତ୍ରିରଙ୍ଗା କ୍ଲବ ପକ୍ଷରୁ ଚାଲିଥିବା ତ୍ରିରଙ୍ଗ କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଧାଙ୍ଗେର ଓ ସାହାଜବାହାଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧାଙ୍ଗେର ଓ ଅଇଁଠାପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଧାଙ୍ଗେର ୧-୦ ଗୋଲରେ ବିଜୟୀ ହୋଇଥିଲା। ସେହିପରି ପାତିକାରପଲ୍ଲୀ ଓ ସାହାଜବାହାଲ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ ସାହାଜବାହାଲ ୩-୨ ଗୋଲରେ ବିଜୟୀ ହୋଇଥିଲା। କଂଗ୍ରେସ ନେତା ନିପନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚାନନ ପାତ୍ର, ଶିବାନନ୍ଦ ଦାଶ, ଶ୍ୟାମପ୍ରସାଦ ବିଶି, ମନୋଜ ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ରଜତ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ସମ୍ବର୍ଦ୍ଧନା ସଭା

ପାଇକମାଲ, ୨୭।୯ (ଡି.ଏନ.ଏ)
ପାଇକମାଲ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅଧାପକ କୃଷ୍ଣଚନ୍ଦ୍ର ଦେବତା, ନିରାକାର ରାଉତ, ସନ୍ତୋଷ ସିଂ ଠାକୁର, ସୁମିତାବ ନାୟକ, ଅନୁସୟା ବେହେରା, ଆଲଫା ଅନୁପମା ବାରିକ ମଞ୍ଚାସୀନ ଥିଲେ। ରୋହିତ ପ୍ରଧାନ, ଦିଲେଶ୍ୱର ରଣା, ଶଙ୍କର ଖୁମୁର ସହଯୋଗ କରିଥିଲେ। ଝୁମିନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

**ଭେଡ଼େନ,୨୭।୯(ଡ଼ି.ଏନ.ଏ)**

ଭେଡ଼େନ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ସମ୍ମିଳନୀ ଝରାପାଲି ସ୍ଥିତ ବାମଦେବ ପାଢ଼ୀ ହାଇସ୍କୁଲରେ ବୁଧବାର ଅନୁଷ୍ଠିତ ହୋଇଛି। ଡିଇଓ ପ୍ରକାଶ ଚନ୍ଦ୍ର ଯୋଶୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ବିଇଓ ମହିନ୍ଦ୍ର ମଲିକ, ହାଇସ୍କୁଲ ପ୍ରଧାନଶିକ୍ଷକ ରମଣି ରଞ୍ଜନ ରାଉତ, ରେମଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପୀତବାସ ସାହୁ, ଝରାପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଉତ୍ତମରାଜ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ, ଗତ ମାଟ୍ରିକ ପରୀକ୍ଷାଫଳର ବିଶ୍ଳେଷଣ, କ୍ରୀଡ଼ା ଏବଂ ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ରୁଦ୍ରଦେବ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

## ଭାଜପାର ବିକ୍ଷୋଭ ପ୍ରଦର୍ଶନ, ସ୍ମାରକପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୨୭।୯**

ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ହଡପ କରିବା ପ୍ରତିବାଦରେ ବରଗଡ଼ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ବିରୋଧରେ ସ୍ଥାନୀୟ ବ୍ଲକ ଓ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଉକ୍ତ କାର୍ଯାଳୟର ବିଭାଗୀୟ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଦଳର ନଗର ସଭାପତି ଅକ୍ରୁର ମଲ୍ଲିକଙ୍କ ନେତୃତ୍ୱରେ ଦଳର କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ପୌର ଅଫିସ ସମ୍ମୁଖକୁ ଯାଇଥିଲେ। ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଦଳର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, ବିଜୟ ଦାଶ, ଅବନୀକାନ୍ତ ପଣ୍ଡା, ପରେଶ ବିଶି, ଅନୁରାଧା ଅଗ୍ରୱାଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।



ଭାଜପା କର୍ମୀମାନେ ବରଗଡ଼ ପୌର କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।

## ପ୍ରାଣୀବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ପଞ୍ଚାୟତ କଲେଜ ପ୍ରାଣୀବିଜ୍ଞାନ ବିଭାଗରେ ଶୁକ୍ରବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡଃ କମଳପ୍ରଭା କାପାନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟୁତପ୍ରଭା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ। ସେମିନାର ସମ୍ପାଦକ ପଦ୍ମଲୋଚନ ମିଶ୍ର ବିବରଣୀ ପାଠ କରିଥିଲେ। ସୁଷମା କର, ଦିଲରାଜ ପୁଭାଲା, ଇତିଶ୍ରୀ ମହାକୁର, ଆଶିଷ କୁମାର ସାହୁ, ସୁରଜ ପ୍ରସାଦ କର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ପ୍ରଳୟ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ।



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବୌଦ୍ଧରୁ ୨ଜଣ ଭାଗନେବେ

**ଘଣ୍ଟାପଡା, ୨୭।୯ (ଡି.ଏନ.ଏ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୩୦ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ସାବରମତୀଠାରେ ହେବାକୁ ଥିବା ସ୍ୱଚ୍ଛ ଭାରତ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବୌଦ୍ଧ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨ଜଣଙ୍କୁ ଚୟନ କରିଛି। ସେମାନେ ହେଲେ କଣ୍ଟାମାଳ ବ୍ଲକର ପୂର୍ଣ୍ଣଚରଣ ସାହୁ ଏବଂ ବୌଦ୍ଧ ବ୍ଲକର ସୋମନ୍ତ କୁମାର ନାଏକ। ଉକ୍ତ ଦୁଇ ଜଣ ଟ୍ରେନ ଯୋଗେ ଯାତ୍ରା କରିଥିବା ଜଣାଯାଇଛି।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ପୋଲିସ ପକ୍ଷରୁ ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଖାଙ୍କର ସଭାପତିତ୍ୱ କରିଥିଲେ। କେଦାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହିତ ବରିଷ୍ଠ ନାଗରିକଙ୍କ ଅଧିକାର ତଥା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ସ୍ଥାନୀୟ ପୋଲିସ ଏସଆଇ ସୁଶାନ୍ତ ପଣ୍ଡା ଯୋଗଦେଇ ଉପସ୍ଥିତ ୧୨୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ପ୍ରହ୍ଲାଦ ମହାପାତ୍ର, ଭଗତ ଦାଶ, ଶ୍ରୀମୁଖ ପ୍ରଧାନ, ମଳୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। କେଦାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାହ୍ନୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସ ଅବସରରେ ବରଗଡ଼ ବିକାଶ ହସପିଟାଲରେ ହେବାକୁ ଥିବା ହୃଦରୋଗ, ଡାଇବେଟିସ୍‌ର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ନେବା ପାଇଁ ସଂଘର ସମ୍ପାଦକ ମହାପାତ୍ର ଜଣାଇଥିଲେ।

## ବରଗଡ଼ ମହିଳା କଲେଜରେ ନାଟକ କର୍ମଶାଳା

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ମହିଳା କଲେଜରେ ଶୁକ୍ରବାର ଏକ ନାଟକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ପଞ୍ଜାବ, ହରିଆନା, କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶର ନାଟ୍ୟକର୍ମୀମାନେ ଯୋଗ ଦେଇଥିଲେ। ଚଣ୍ଡିଗଡ଼ର ପ୍ରସିଦ୍ଧ ନାଟ୍ୟକର୍ମୀ ଚକ୍ରେଶ କୁମାର ଏହି କର୍ମଶାଳାରେ ଯୋଗଦେଇ ସାମାଜିକ ପରିବର୍ତ୍ତନ ପାଇଁ ନାଟକର ସାମ୍ପ୍ରତିକ ଧାରା ଏବଂ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମହିଳା କଲେଜର ଇତିହାସ ଅଧ୍ୟାପକ ତଥା ବରିଷ୍ଠ ନାଟ୍ୟକାର ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ମଞ୍ଚ କଳାକାର ତଥା ସାହିତ୍ୟିକ ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, କଟାପାଲି ସ୍ୱେଶ ଥିଏଟରର ନିର୍ଦ୍ଦେଶକ ଅରୁଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦୀ, ଅଧ୍ୟାପିକା ଜୟଶ୍ରୀ ସାହୁ, ଗାଁ ମାଏଟ୍ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟକର୍ମୀ ଲକ୍ଷ୍ମଣ ସୁନା, କିଶୋର ସାହୁ ପ୍ରମୁଖ ଯୋଗଦାନ କରିଥିଲେ। ସମ୍ବଲପୁରୀ/କୋଶଲୀ ନାଟକ ସମ୍ପର୍କରେ ସ୍ଥାନୀୟ ନାଟ୍ୟ ସଙ୍ଗଠକ ଏବଂ ନିର୍ଦ୍ଦେଶକମାନେ ଆଲୋଚନା କରିଥିଲେ। ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ଅଳଙ୍କାର ଥିଏଟର, ଚଣ୍ଡିଗଡ଼ର କଳାକାରମାନେ ନାରୀଶିକ୍ଷା, ମହିଳା ସଶକ୍ତିକରଣ ଉପରେ ଆଧାରିତ ନାଟକ ‘ପହେଲା ଅଧ୍ୟାପକ’ ପରିବେଷଣ କରିଥିଲେ।



ଚଣ୍ଡିଗଡ଼ରୁ ଆସିଥିବା କଳାକାରଙ୍କ ଗହଣରେ ମହିଳା କଲେଜର ଛାତ୍ରୀବୃନ୍ଦ।



ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ସରାପାଲି ହାଇସ୍କୁଲରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

**ନାକଟିଦେଉଳ,୨୭।୯(ଡି.ଏନ.ଏ.)**
ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି ନୋଡ଼ାଲ ଉଚ୍ଚବିଦ୍ୟାଳୟରେ ଶୁକ୍ରବାର ବ୍ଲକସ୍ତରୀୟ ଏକ ବିଜ୍ଞାନ ସେମିନାର ଆୟୋଜିତ ହୋଇଯାଇଛି। ଯୁବ ବୈଜ୍ଞାନିକ ଶେଷ କିଷାନ ଏହାକୁ ଉଦ୍‌ଘାଟନ କରିଥିଲେ। ୧୩ଟି ଉଚ୍ଚବିଦ୍ୟାଳୟ ଏବଂ ୩ଟି କଲେଜର ୩୫ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତକାର୍ଯ୍ୟ ହୋଇଥିଲେ। ନାକଟିଦେଉଳ କଲେଜର ଅଧ୍ୟାପକ ସଞ୍ଜୀବ କୁମାର ଦାଶ, ପୁରୁଷୋତ୍ତମ ବେହେରା ଏବଂ ଗୋଗୁଆ ହାଇସ୍କୁଲର ଶିକ୍ଷକ ମନ୍ମଥ ସାହୁ ବିଚାରକ ଭାବେ ଯୋଗ ଦେଇଥିଲେ। ନାକଟିଦେଉଳ ବ୍ଲକ ଶିକ୍ଷା ଅଧିକାରୀ ବିଶ୍ୱନାଥ ସାହୁ ସେମିନାରକୁ ପରିଚାଳନା କରିଥିଲେ। ସରାପାଲି ହାଇସ୍କୁଲର ପ୍ରଧାନ ଶିକ୍ଷକ ଲୋକନାଥ ପ୍ରଧାନଙ୍କ ସଭାପତିତ୍ୱରେ ଉଦ୍‌ଯାପନୀ ସଭାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।

### ବାଘଛାଲ ଚାଲାଣ ଘଟଣାରେ ପୁଣି ୪ ଗିରଫ

**ଦେବଗଡ,୨୭।୯(ଡି.ଏନ.ଏ.)**
ଚୋରାଚାଲାଣ ବେଳେ ଦେବଗଡ ଜିଲା ବନ ବିଭାଗ ସୋମବାର ଏକ କଲରାପରତରିଆ ବାଘର ଛାଲ ଜବତ କରିଥିଲା। ଚାଲାଣରେ ସମ୍ପୃକ୍ତ ୬ଜଣଙ୍କୁ ଗିରଫ କରିଥିଲା। ଶୁକ୍ରବାର ପୁଣି ଏହି ଘଟଣାରେ ଆଉ ୪ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କୁ ପଚରାଉଚରା ପରେ କୋର୍ଟ ଚାଲାଣ କରାଯାଇଛି।

## ଫଟୋରେ ଖବର






ସମ୍ବଲପୁର ଆଇଆଇଏମ୍‌ରେ ଶୁକ୍ରବାର ଆୟୋଜିତ ବିଜନେସ କନକ୍ଲେଭ କାର୍ଯ୍ୟକ୍ରମ ଅବସରରେ ଯୋଗଦେଇଥିବା ଅତିଥିମାନେ(ବାମ)। ବିଜନେସ କନକ୍ଲେଭ କାର୍ଯ୍ୟକ୍ରମରେ ଉପସ୍ଥିତ ଆଇଆଇଏମର ଛାତ୍ରୀଛାତ୍ର, ଅଧ୍ୟାପକ ଓ ଅନ୍ୟମାନେ।

■ ଆନ୍ତଃ କଲେଜ ସନ୍ତରଣ ପ୍ରତିଯୋଗିତା

# ୯ କଲେଜର ଛାତ୍ରୀଛାତ୍ର ଭାଗ ନେଲେ

**ସମ୍ବଲପୁର, ୨୭।୯ (ବ୍ୟୁରୋ)**

ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁକ୍ରବାର ଡା. ଝସକେତନ ସାହୁ ସୁଇମିଂ ପୁଲଠାରେ ଆନ୍ତଃ କଲେଜ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ୯ଟି କଲେଜର ଛାତ୍ରୀଛାତ୍ର ଭାଗ ନେଇଥିଲେ । ଶିକ୍ଷାବିତ ପ୍ରେମରଞ୍ଜନ ପ୍ରଧାନ ମୁଖ୍ୟଅତିଥି, ଅଭିନାଷ କର, ଡ. ମଳୟ ମହାନନ୍ଦ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଜୟନ୍ତ ପାଣ୍ଡେ, ଅନନ୍ତ ବେରିହା, ସୁନ୍ଦରମଣୀ ବାରିକ, ସୁରେନ୍ଦ୍ର ନାୟକ, ଆଶୁତୋଷ ନାୟକ, ଗଙ୍ଗା ଓରାମ, ଈଶ୍ୱରପ୍ରସାଦ ବାରିକ, କିଶୋର ଲୁହା, ଲିଙ୍ଗରାଜ ବେହେରା, ସୁରଜ ବାଗ, ରଙ୍କନିଧି ସେଟ, ଦାଶରଥି ପଟେଲ ଇଭେଣ୍ଟ ପରିଚାଳନା କରିଥିଲେ। ଆୟୋଜକ ଧମା ମାଁ ଖାଡେଶ୍ୱରୀ ଡିଗ୍ରୀ କଲେଜର ରାଜନୀତି ବିଜ୍ଞାନ ଅଧ୍ୟାପକ ସଞ୍ଜୟ ସାହୁ ଓ ସଂଗ୍ରାମ କେଶରୀ ମିଶ୍ର ସହଯୋଗ କରିଥିଲେ । ଖେଳ ଶିକ୍ଷକ ରାଜକୁମାର ସାହୁଙ୍କ ପରିଚାଳନାରେ ପ୍ରତିଯୋଗିତା ହୋଇଥିଲା।




ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ଆୟୋଜିତ କଲେଜସ୍ତରୀୟ ସନ୍ତରଣ ପ୍ରତିଯୋଗିତାରେ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ ଅତିଥିଙ୍କ ସହ ।

■ ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଶିଶୁ ବାଟିକା ମାତୃ କର୍ମଶାଳା

# ଶିଶୁଙ୍କ ବିକାଶରେ ମା'ର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ସମ୍ବଲପୁର, ୨୭।୯ (ବ୍ୟୁରୋ)**

ହୀରାକୁଦ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶୁକ୍ରବାର ଶିଶୁ ବାଟିକାର ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ବୁର୍ଲା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଦେବରାଜ ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ବିକାଶ ଦିଗରେ ମା'ମାନଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ । ସ୍କୁଲ ସଭାପତି ଅବନୀ ବଲ୍ଲଭ ଆଚାର୍ଯ୍ୟ ସୂଚନା ପ୍ରଦାନ କରିଥିଲେ । ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ସୁଦୀପ୍ତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। କଣ୍ଢେଇ ନାଚ, ନୃତ୍ୟ, ଗୀତ ମାଧ୍ୟମରେ ଖେଳ, ଝୋଟି ଅଙ୍କନ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ମଧୁସ୍ମିତା ହୋତା ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବାଟିକା ପ୍ରମୁଖ ମମତା ଗୌଡ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ବୈକୁଣ୍ଠ ନାଗ, ରଞ୍ଜନ ଦାଶ, ରାଜେନ୍ଦ୍ର ଦାଶ, ସୁଶାନ୍ତ ବେହେରା, ସୁପ୍ରଭା ବିଶୋଇ, ନିବେଦିତା ମହନ୍ତ, ସରୋଜିନୀ ପଣ୍ଡା, ବିଜୟଲକ୍ଷ୍ମୀ ଦେବୀ, ଗୁରୁ ଭୁଏ ଓ କୋଷାଧ୍ୟକ୍ଷ ଈଶ୍ୱରଚନ୍ଦ୍ର ବାରିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

# ବିଶ୍ୱ ପର୍ଯ୍ୟଟନ ଦିବସରେ ସଫେଇ

**ଦେବଗଡ, ୨୭।୯(ଡି.ଏନ.ଏ)–** ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଦେବଗଡ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ଶୁକ୍ରବାର ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦେବଗଡ କଲେଜ ଏନ୍‌ଏସଏସ୍ ସ୍ୱେଚ୍ଛାସେବୀ ଓ ଏନ୍‌ସିସି କ୍ୟାଡେଟଙ୍କୁ ନେଇ ସ୍ଥାନୀୟ ପୌରପରିଷଦ କଲ୍ୟାଣ ମଣ୍ଡପରୁ ଏକ ପଦଯାତ୍ରା ବାହାରି ପ୍ରଧାନପାଟ ଜଳପ୍ରପାତ ପର୍ଯ୍ୟଟନ ସ୍ଥଳରେ ପହଞ୍ଚିଥିଲା । ଏହି ପଦଯାତ୍ରାକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଭୀନସେଣ୍ଟ ପୁନମକାନ୍ତ ଏକ୍କା ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରି ଶୁଭାରମ୍ଭ କରିଥିଲେ । ଏନ୍‌ଏସଏସ୍ ସ୍ୱେଚ୍ଛାସେବୀ, ଏନ୍‌ସିସି କ୍ୟାଡେଟ, ଦେବଗଡ ସହରର କେତେକ ସ୍ୱେଚ୍ଛାସେବୀ ଓ ଉପସ୍ଥିତ ପର୍ଯ୍ୟଟକମାନେ ମିଳିତ ଭାବେ ଅଳିଆ ଆବର୍ଜନା ସଫା କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ତଥା ଭାରପ୍ରାପ୍ତ ଜିଲା ପର୍ଯ୍ୟଟନ ଅଧିକାରୀ ବିଜୟ କୁମାର ମିଶ୍ର, ଦେବଗଡ ପୌରପରିଷଦର ନିର୍ବାହୀ ଅଧିକାରୀ କୁଞ୍ଜବନ ପ୍ରଧାନ, ଦେବଗଡ କଲେଜର ଏନ୍.ସି.ସି. ଅଧିକାରୀ ସଂଗ୍ରାମ କେଶରୀ ନନ୍ଦ ଓ ଏନ୍‌ଏସ୍‌ଏସ୍ ଅଧିକାରୀ ପ୍ରତାପ ଦାଶ ପ୍ରମୁଖ ଉପସ୍ଥିତ ଥିଲେ ।




ଦେବଗଡ଼ରେ ଶୁକ୍ରବାର ବିଶ୍ୱ ପର୍ଯ୍ୟଟନ ଦିବସ ପାଳନ ଅବସରରେ ଉପସ୍ଥିତ ଛାତ୍ରୀଛାତ୍ର।

# ହାତୀ ଉପଦ୍ରବ: ବ୍ୟାପକ କ୍ଷୟକ୍ଷତି

**ଦେବଗଡ଼, ୨୭।୯(ଡି.ଏନ.ଏ)**

ବାରକୋଟ ବ୍ଲକ ବଲଣ୍ଡା ପଞ୍ଚାୟତ ଅଧିନ ଇନ୍ଦ୍ରାଣୀଝରଣ ଗ୍ରାମରେ ହାତୀଦଳ ବ୍ୟାପକ କ୍ଷୟକ୍ଷତି ଘଟାଇଥିବା ଜଣାପଡିଛି। ଏହି ହାତୀଦଳ ଗୁରୁବାର ବିଳମ୍ବିତ ରାତିରେ ଜଙ୍ଗଲ ମଧ୍ୟରୁ ହଠାତ ଇନ୍ଦ୍ରଣୀଝରଣ ଗ୍ରାମକୁ ପଶିଆସିଥିଲେ। ଉକ୍ତ ଗ୍ରାମର ଚାଷୀଙ୍କର ଏକର ଏକର ଧାନ କିଆରୀରେ ପଶି ଧାନଗଛ ଗୁଡିକୁ ଖାଇବା ସହ ମାଡିଦଳି ନଷ୍ଟ କରିଥିବା ଜଣାପଡିଛି। କ୍ଷତିଗ୍ରସ୍ତ ଚାଷୀମାନେ ଏ ସମ୍ପର୍କରେ ବାରକୋଟ ଫରେଷ୍ଟ ରେଞ୍ଜ ଅଫିସରଙ୍କୁ ଜଣାଇଥିବା ବେଳେ ଫରେଷ୍ଟର ଭଗବାନ ସାହୁଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ଗ୍ରାମକୁ ଯାଇ ହାତୀଦଳକୁ ଜଙ୍ଗଲ ମଧ୍ୟକୁ ଘଉଡାଇବାକୁ ଉଦ୍ୟମ କରୁଥିବା ଜଣାପଡିଛି।

■ ଓଡିଶା ଆଦିବାସୀ ଦଳିତ ସେନାର ରାଜ୍ୟସ୍ତରୀୟ ବୈଠକ

# ସାମାଜିକସ୍ତରରେ ଉନ୍ନତି ଆଣିବାକୁ ଆହ୍ୱାନ



ସମ୍ବଲପୁର ଓଡିଶା ସାଂସ୍କୃତିକ ସମାଜଭବନରେ କାର୍ଯ୍ୟକ୍ରମ।

**ସମ୍ବଲପୁର,୨୭।୯(ବ୍ୟୁରୋ)**

ଓଡିଶା ଆଦିବାସୀ ଦଳିତ ସେନାର ରାଜ୍ୟସ୍ତରୀୟ ବୈଠକ ଓଡିଶା ସାଂସ୍କୃତିକ ସମାଜ ଭବନଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଆଦିବାସୀ ଦଳିତ ସେନା ସଭାପତି ପ୍ରଶାନ୍ତ କୁମାର ହାଓଙ୍କ ଅଧ୍ୟକ୍ଷତା ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଗୋବର୍ଦ୍ଧନ ଭୋଇ ଯୋଗ ଦେଇଥିଲେ। ଆଦିବାସୀ ଦଳିତ ସମାଜକୁ ଏକତ୍ର ହୋଇ ପ୍ରଥମେ ସାମାଜିକ ସ୍ତରରେ ଉନ୍ନତି ଓ ପରିବର୍ତ୍ତନ ଆଣିବାକୁ କହିଥିଲେ। ବରଗଡ ଜିଲାର ଧର୍ମରାଜ ସିଂ ବରିହା, ସୋନପୁର ଜିଲାର ବିହାରୀ ମାଝି, ସୋହେଲାର ଗୋବିନ୍ଦ ବରିହା, ଡୁଙ୍ଗୁରିପାଲି ଜୟ କୁମାର ବରିହି, ଅନୀଲ କେରକେଟା, ନୀଳମଣି ବରିହା, ସୁଦେଶ ମୁଣ୍ଡା, ପ୍ରଭାତ ମୁଣ୍ଡା, ଶ୍ୟାମ ସୁନ୍ଦର ମୁଣ୍ଡା, ଜୟକୃଷ୍ଣ ଓରାମ ବିଜିନ୍ଦ୍ର ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ଜନଶୁଣାଣି ବୈଠକ

**ବାରକୋଟ, ୨୭।୯(ଡି.ଏନ.ଏ.):** ଦେବଗଡ଼ ଜିଲା ବାରକୋଟ ବ୍ଲକ ସମ୍ମିଳନୀ କକ୍ଷରେ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଏବଂ ଜାତୀୟ ସାମାଜିକ ସହାୟତା ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲା ମାଜିଷ୍ଟ୍ରେଟ ଧରମ ହାସଦାଙ୍କ ସଭାପତିତ୍ୱରେ ବ୍ଲକ ସାମାଜିକ ସମୀକ୍ଷକ ଲବଣୀ ବେହେରା ସଭା ପରିଚାଳନା କରିଥିଲେ । ଏଥିରେ ବ୍ଲକ ଅଧ୍ୟକ୍ଷା ସୁବାସିନୀ ସାହୁ, ବିଡିଓ ଗୁନୁ ମେହେର, ଉପାଧ୍ୟକ୍ଷ ହରମୋହନ ପାଣି, ଡିପିଓ ନବ କିଷାନ, ଜନଶୁଣାଣି କମିଟି ସଦସ୍ୟ ହୀରାଧର ସାହୁ, ବିଶ୍ୱନାଥ ପ୍ରଧାନ, କ୍ଷୀର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ସାମାଜିକ ସମୀକ୍ଷକଙ୍କ ଦ୍ୱାରା ଏମ୍‌ଜିଏନ୍‌ଆରଇଜିଏରେ ୧୦୪ଟି ମାମଲା ମଧ୍ୟରୁ ୧୦୨ଟିମାମଲା ବୈଠକରେ ସମାଧାନ ହୋଇଥିଲା। ବ୍ଲକସ୍ତରୀୟ ୨ଟି ମାମଲାର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ଉଦ୍ୟାନ କୃଷି ବିଭାଗର ଗୋଟିଏ ମାମଲା ଥିବା ବେଳେ ବିଭାଗ ପକ୍ଷରୁ କୌଣସି ଅଧିକାରୀ ଉପସ୍ଥିତ ନ ଥିଲେ। ଫଳରେ ଏଡିଏମ୍ ବିରକ୍ତି ଭାବ ପ୍ରକାଶ କରି ଉଦ୍ୟାନ ବିଭାଗକୁ ଚିଠି କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଅନ୍ୟ ଏକ ମାମଲା ବନବିଭାଗ ସଂକ୍ରାନ୍ତରେ ହୋଇଥିଲା। ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମରେ ୭୨ଟି ମାମଲା ମଧ୍ୟରୁ ୬୭ଟି ଗ୍ରାମ ସଭାରେ ନିଷ୍ପତ୍ତି କରାଯାଇଥିବା ବେଳେ ୫ଟି ବ୍ଲକସ୍ତରକୁ ପଠାଯାଇଥିଲା। ବସାଲଇ ସମିତି ସଭ୍ୟ ଭୁବନେଶ୍ୱର ପ୍ରଧାନ ବାରକୋଟ ବ୍ଲକର ସଧବାଙ୍କୁ ବିଧବା ଭତ୍ତା ଏବଂ ମୃତ ବ୍ୟକ୍ତିଙ୍କୁ ଭତ୍ତା ପ୍ରଦାନ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଉପରେ ପ୍ରଶ୍ନ ପଚାରିଥିଲେ । ହେଲେ ଅଧିକାରୀମାନେ କୌଣସି ଉତ୍ତର ନ ଦେଇ ପ୍ରଶ୍ନକୁ ଏଡାଇ ଯାଇଥିଲେ। ଫଳରେ ଉପସ୍ଥିତ ଜନ ସାଧାରଣ ଅସନ୍ତୋଷ ପ୍ରକାଶ କରିଥିଲେ ।

# ଜାଗୃତୀ ମହିଳା ମଣ୍ଡଳ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର

**ସମ୍ବଲପୁର, ୨୭।୯ (ବ୍ୟୁରୋ)**

ମହାନଦୀ କୋଇଲା କମ୍ପାନୀ (ଏମ୍‌ସିଏଲ) ଜାଗୃତୀ ମହିଳା ମଣ୍ଡଳ ପକ୍ଷରୁ ଶୁକ୍ରବାର ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଡିଏଭି ପବ୍ଲିକ ସ୍କୁଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ମହିଳା ମଣ୍ଡଳ ଅଧ୍ୟକ୍ଷା ମଞ୍ଜୁଲା ଶୁକ୍ଲା, ଉପାଧ୍ୟକ୍ଷା ପଦ୍ମଜା ସିଂ, ପଦ୍ମିନୀ ବାସୁଦେବନ, ମଧୁ ମିଶ୍ରା ଶିବିର ପରିଚାଳନା କରିଥିଲେ।




ସ୍କୁଲର ୫୫ଜଣ ଛାତ୍ରୀଛାତ୍ରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ନିଶୁଳ୍କ ଔଷଧ ବିତରଣ କରାଯାଇଥିଲା। ଆନନ୍ଦବିହାର ଚିକିତ୍ସାଳୟ ଅଧିକାରୀ ଡା. ନିରା ଗୁପ୍ତା, ଶିଶୁ ବିଶେଷଜ୍ଞ ଡା. ଭାବଗ୍ରାହୀ ସାହୁ ଯୋଗଦେଇଥିଲେ । ସ୍କୁଲ ଅଧ୍ୟକ୍ଷା ରଶ୍ମି ମିଶ୍ର ଓ ସଚିବ ରଞ୍ଜିତା ତ୍ରିପାଠୀ, ରିତୁ ପଟ୍ଟନାୟକ ଶିବିର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।




ହୀରାକୁଦ କଲେଜ ଇଂରାଜୀ ବିଭାଗ ଦ୍ୱାରା ଆୟୋଜିତ ଆଲୋଚନାଚକ୍ରରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

# ହୀରାକୁଦ କଲେଜରେ ଆଲୋଚନାଚକ୍ର

**ସମ୍ବଲପୁର, ୨୭।୯ (ବ୍ୟୁରୋ)**

ହୀରାକୁଦ କଲେଜ ଇଂଲିଶ ବିଭାଗ ପକ୍ଷରୁ ଶୁକ୍ରବାର ଏକ ଆଲୋଚନା ଚକ୍ର ଓ ନୂତନ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପ୍ରାକ୍ତନ ପ୍ରାଧ୍ୟାପକ ଡ. କାମଦେବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କଲେଜ ଅଧ୍ୟକ୍ଷା ଜ୍ୟୋତିର୍ମୟୀ ମିଶ୍ର ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। କଲେଜର ୧୦ଜଣ ଛାତ୍ରୀଛାତ୍ର ନିବନ୍ଧ ଉପସ୍ଥାପନ କରିଥିଲେ । ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଅଧ୍ୟାପିକା ସୀମାନ୍ତିକା ଦାଶ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ ।

■ ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ଦାବି

# ଓକିଲ ସଂଘ ପକ୍ଷରୁ ବନ୍ଦ ପାଳନ ଦ୍ୱିତୀୟ ଦିନରେ

**ଦେବଗଡ, ୨୭।୯(ଡି.ଏନ.ଏ)**

୨. ଅନ୍ୟ ସମସ୍ତ ବିବରଣୀ ଯଥା ଯୋଗ୍ୟତା ମାପକାଠି, ସଂରକ୍ଷିତ ସ୍ଥାନ, ଚୟନ ପ୍ରଣାଳୀ, ଅନଲାଇନ ଦରଖାସ୍ତ ଆବେଦନ ପ୍ରଣାଳୀ ଓ ଅନ୍ୟ ନିର୍ଦ୍ଦେଶାବଳୀ ପାଇଁ ଦୟାକରି ସେପ୍ଟେମ୍ବର ୨୦,୨୦୧୯ ତାରିଖ ଦିନ ରିଜର୍ଭ ବ୍ୟାଙ୍କର ୱେବସାଇଟ (www.rbi.org.in)ରେ ପ୍ରକାଶିତ ବିଶଦ ବିଜ୍ଞାପନ ଦେଖନ୍ତୁ ଏବଂ ସେପ୍ଟେମ୍ବର ୨୮, ୨୦୧୯ ତାରିଖର/ ପରବର୍ତ୍ତୀ ସଂଖ୍ୟାର ରୋଜଗାର ସମାଚାର / ଏମ୍ପ୍ଲୟମେଣ୍ଟ ନ୍ୟୁଜ ଦେଖନ୍ତୁ । ପ୍ରାର୍ଥୀମାନେ ଏହି ପଦବୀ ଗୁଡ଼ିକ ପାଇଁ କେବଳ ଅନଲାଇନରେ ବ୍ୟାଙ୍କର ୱେବସାଇଟ ମାଧ୍ୟମରେ ଆବେଦନ କରିପାରିବେ ।

୩. ଗୁରୁତ୍ୱପୂର୍ଣ୍ଣ ତାରିଖ

| | |
|---|---|
| ୱେବସାଇଟ ଲିଙ୍କ ଉନ୍ମୁକ୍ତ-ଅନଲାଇନ ଦରଖାସ୍ତ ରେଜିଷ୍ଟ୍ରେସନ ଏବଂ ଫିସ (fees)/ ସୂଚନା ଦେୟ ପ୍ରଦାନ ନିମନ୍ତେ | ତା ୨୧.୦୯.୨୦୧୯ ରିଖ ରୁ ତା ୧୧.୧୦.୨୦୧୯ ରିଖ ପର୍ଯ୍ୟନ୍ତ |
| ଗ୍ରେଡ 'ବି' (ଡିଆର୍) - ସାଧାରଣ (General)- ପ୍ରଥମ ପର୍ଯ୍ୟାୟ- (Phase I) ଓ ଡିଇପିଆର୍ (DEPR)/ଡିଏସ୍ଆଇଏମ୍ (DSIM) -ପେପର I ପରୀକ୍ଷା | ତା ୦୯.୧୧.୨୦୧୯ ରିଖ |
| ଗ୍ରେଡ 'ବି' (ଡିଆର୍) - ସାଧାରଣ (General) – ଦ୍ୱିତୀୟ ପର୍ଯ୍ୟାୟ (Phase-II) ପରୀକ୍ଷା | ତା ୦୧.୧୨.୨୦୧୯ ରିଖ |
| ଗ୍ରେଡ 'ବି' (ଡିଆର୍) - ଡିଇପିଆର୍ (DEPR)/ଡିଏସ୍ଆଇଏମ୍ (DSIM) – ପେପର II ଓ III ପରୀକ୍ଷା | ତା ୦୨.୧୨.୨୦୧୯ ରିଖ |

ଦ୍ରଷ୍ଟବ୍ୟ : ଉପରୋକ୍ତ ବିଜ୍ଞାପନ ସମ୍ପର୍କୀୟ କୌଣସି ଶୁଦ୍ଧିପତ୍ର (corrigendum) କେବଳ ବ୍ୟାଙ୍କର ୱେବସାଇଟରେ ପ୍ରକାଶିତ ହେବ।

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.27,000/-. (Part Time / Full Time)
Contact: 9938676412

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-40) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଭୁବନେଶ୍ୱରରେ ଲଣ୍ଡ୍ରିରେ କାମ କରିବା ନିମନ୍ତେ
୧– ତାଲା ଅଟୋ ଡ୍ରାଇଭର
୨– ମହିଳା ଏବଂ ପୁରୁଷ ୱାର୍କର
ଭଲ ଦରମା ସହ ରହିବା ସୁବିଧା ଅଛି।
Call :-
୮୨୮୦୦୮୨୮୦୦/୭୬୦୯୮୯୩୧୦୨

ନୋଟିସ୍
ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।



> ଭାରତର ଟେକ୍ନୋଲୋଜି ଷ୍ଟାର୍ଟଅପ୍‌ଗୁଡ଼ିକରେ ନିବେଶ ନେଇ ଯୋଜନା ରହିଛି।
> – ଅଜିତ ମୋହନ, ଫେସବୁକ ଇଣ୍ଡିଆ ଏମ୍‌ଡି



> ଭାରତକୁ ୫ ଟ୍ରିଲିୟନ ଡଲାର ଅର୍ଥନୀତି ଭାବେ ଗଢ଼ିତୋଳିବା ପାଇଁ ନିବେଶ ବୃଦ୍ଧି ଜରୁରୀ।
> – କୃଷ୍ଣମୂର୍ତ୍ତୀ ସୁବ୍ରମଣ୍ୟନ, ସିଇଏ

## ସଂକ୍ଷେପରେ

### ଅକ୍ଟୋବରରେ ୮ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ,୨୭-୯:** ଆସନ୍ତା ମାସରେ ବ୍ୟାଙ୍କରେ ଜରୁରୀ କାମ କରିବା ଲାଗି ଯୋଜନା ପ୍ରସ୍ତୁତ କରିବା ପୂର୍ବରୁ ସାମାନ୍ୟ ଭାବିବା ଉଚିତ ହେବ। କାରଣ ଅକ୍ଟୋବରରେ ଦଶହରା, ଦୀପାବଳି ଭଳି ବଡ଼ ପର୍ବ ସହ ଅନ୍ୟାନ୍ୟ କାରଣରୁ ୮ ଦିନ ବ୍ୟାଙ୍କ ବନ୍ଦ ରହିବ। ଏହି କାରଣରୁ ବ୍ୟାଙ୍କ ସହ ଜଡ଼ିତ ସମସ୍ତ ପ୍ରକାର କାମକୁ ଯଥାଶୀଘ୍ର ସାରି ନେବା ସହ ପର୍ବପର୍ବାଣିରେ ଖର୍ଚ୍ଚ ପାଇଁ ହାତରେ ଯଥେଷ୍ଟ ଅର୍ଥ ଆଗୁଆ ସଞ୍ଚୟ କରିନେବା ଉଚିତ ହେବ। କାରଣ ଆସନ୍ତା ମାସରେ ବ୍ୟାଙ୍କ ଛୁଟି ଅକ୍ଟୋବର ୨ରୁ ଆରମ୍ଭ ହେବ। ଗାନ୍ଧୀ ଜୟନ୍ତୀ ଅବସରରେ ଏହି ଦିନ ବ୍ୟାଙ୍କ ବନ୍ଦ ରହିବ। ଏହାପରେ ୬ ଓ ୮ ଅକ୍ଟୋବରରେ କ୍ରମାଗତ ୨ ଦିନ ବ୍ୟାଙ୍କରେ କୌଣସି କାମ ହେବ ନାହିଁ। କାରଣ ୬ ତାରିଖ ରବିବାର ମହାନବମୀ ପଡୁଥିବା ବେଳେ ୮ରେ ବିଜୟାଦଶମୀ ବା ଦଶହରା ପାଳନ କରାଯିବ। ଏହି କାରଣରୁ ବ୍ୟାଙ୍କ ଛୁଟି ରହିବ। ଏହାପରେ ୧୨ରେ ମାସର ଦ୍ୱିତୀୟ ଶନିବାର, ୧୩ରେ ରବିବାର ପଡୁଛି। ସେହିପରି ପରବର୍ତ୍ତୀ ରବିବାର ୨୦ରେ ପଡୁଛି। ଏହାବାଦ୍ ୨୬ରେ ମାସର ଚତୁର୍ଥ ଶନିବାର, ୨୭ରେ ରବିବାର ତଥା ଦୀପାବଳି ପଡୁଛି।

### ଏମ୍‌ଏସ୍‌ଏମ୍‌ଇଙ୍କୁ ମିଳିଗଲା ୪୦ହଜାର କୋଟି ବକେୟା

**ନୂଆଦିଲ୍ଲୀ,୨୭-୯:** ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଶୁକ୍ରବାର ସମସ୍ତ ମନ୍ତ୍ରଣାଳୟ ଠାରୁ ଆସନ୍ତା ୪ ତ୍ରୈମାସ ବା ଏକ ବର୍ଷର ପୁଞ୍ଜିଗତ ବ୍ୟୟର ବିସ୍ତୃତ ଯୋଜନା ଉପସ୍ଥାପନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାଦ୍ୱାରା ଖର୍ଚ୍ଚ ବୃଦ୍ଧିକୁ ପ୍ରୋତ୍ସାହିତ କରିହେବ ବୋଲି କୁହାଯାଉଛି। କେତେକ ନିର୍ଦ୍ଦିଷ୍ଟ ମନ୍ତ୍ରଣାଳୟ ସହ ଆଲୋଚନା କରିବା ପରେ ସେ କହିଛନ୍ତି ଯେ, ସରକାରୀ ବିଭାଗ ସମସ୍ତ ବକେୟାକୁ ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରଦାନ କରିବେ। ଅନ୍ୟପକ୍ଷରେ ସରକାରଙ୍କ ଉପରେ ଏମ୍‌ଏସ୍‌ଏମ୍‌ଇଙ୍କର ୬୦ ହଜାର କୋଟି ଟଙ୍କା ବକେୟା ଥିବାବେଳେ ଇତିମଧ୍ୟେ ୪୦ ହଜାର କୋଟି ଟଙ୍କା ଦିଆସରିଛି।

# ଭାରତୀୟ ବଜାର ପାଇଁ ବଦ୍ଧପରିକର ଫୋର୍ଡ

## ଉତ୍ପାଦନ ବୃଦ୍ଧି ନେଇ ମହିନ୍ଦ୍ରା ସହ ହେବ ଚୁକ୍ତି

**ନୂଆଦିଲ୍ଲୀ,୨୭-୯**

ବର୍ତ୍ତମାନ ଭାରତରେ ଆର୍ଥିକ ମାନ୍ଦାବସ୍ଥା ସତ୍ତ୍ୱେ ଆମେରିକାର ବୃହତ ଗାଡ଼ି ନିର୍ମାତା ଫୋର୍ଡ ମୋଟର କମ୍ପାନୀ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା କମ୍ପାନୀ ସହିତ ଚୁକ୍ତି କରି ନିଜର ଉତ୍ପାଦନ କ୍ଷମତା ବୃଦ୍ଧି ଲାଗି କାର୍ଯ୍ୟାରମ୍ଭ କରିଛି। ମହିନ୍ଦ୍ରା ସହ ଚୁକ୍ତି ଅନୁଯାୟୀ ବାର୍ଷିକ ୪ ଲକ୍ଷ ୪୦ ହଜାର ଗାଡ଼ି ଉତ୍ପାଦନ କରାଯିବ। ୨୬ ସେପ୍ଟେମ୍ବର ୨୦୧୯ର 'ଧରିତ୍ରୀ'ର ପ୍ରଥମ ପୃଷ୍ଠାରେ 'ମହିନ୍ଦ୍ରାକୁ ସମ୍ପତ୍ତି ବିକି ଦେଶ ଛାଡ଼ିବ ଫୋର୍ଡ' ଶୀର୍ଷକ ଏକ ଖବର ପ୍ରକାଶ ପାଇଥିଲା। ଏହା ଏକ ଉଡ଼ା ଖବର ଓ ଭିତ୍ତିହୀନ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଖବର ସୂତ୍ର ସମ୍ପର୍କରେ ଠିକ୍ ଭାବେ ଯାଞ୍ଚ କରାଯାଇନାହିଁ ବୋଲି କମ୍ପାନୀ କହିଛି।

ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ସହ ଏକ ଯୌଥ ଉଦ୍ୟୋଗ ପ୍ରତିଷ୍ଠା କରିବା ଲାଗି ଫୋର୍ଡ ମୋଟର କମ୍ପାନୀ ନିଷ୍ପତ୍ତି ନେଇଛି। ଦୁଇ କମ୍ପାନୀ ମଧ୍ୟରେ ଏନେଇ ଗତ କିଛି ମାସ ହେବ ଆଲୋଚନା ଚାଲିଛି। ଯୌଥ ଉଦ୍ୟୋଗ ସମ୍ପର୍କରେ ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଫୋର୍ଡ କହିଛି। ତେବେ କମ୍ପାନୀ ଦେଶ ଛାଡ଼ି ଯିବ ନାହିଁ ବୋଲି ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରାକୁ ନିଜର ସମସ୍ତ ସମ୍ପତ୍ତି ବିକ୍ରି କରି ଫୋର୍ଡ ଦେଶଛାଡ଼ି ଚାଲିଯିବ ବୋଲି 'ଧରିତ୍ରୀ'ରେ ରିପୋର୍ଟ ପ୍ରକାଶ ପାଇଥିଲା। ତେବେ ଯୌଥ ଉଦ୍ୟୋଗ ପ୍ରତିଷ୍ଠା ପାଇଁ ଉଭୟ କମ୍ପାନୀ ଖୁବଶୀଘ୍ର ଏକ ଚୁକ୍ତିରେ ସ୍ୱାକ୍ଷର କରିବେ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ମିଳିଥିବା ସୂଚନାନୁଯାୟୀ, ନୂଆ ଯୌଥ ଉଦ୍ୟୋଗରେ ମହିନ୍ଦ୍ରାର ୫୧% ଏବଂ ଫୋର୍ଡର ୪୯% ଅଂଶଧନ ରହିବ। ଫୋର୍ଡ ଏହାର ଚେନ୍ନାଇ କାରଖାନା ସମେତ ଅଧିକାଂଶ ଗୁରୁତ୍ୱପୂର୍ଣ୍ଣ ସମ୍ପତ୍ତିକୁ ଯୌଥ ଉଦ୍ୟୋଗ ହାତକୁ ହସ୍ତାନ୍ତରିତ କରିବ। ତେବେ କମ୍ପାନୀ ମୁଖପାତ୍ର କହିଛନ୍ତି ଯେ, କମ୍ପାନୀ ଭାରତ ଛାଡ଼ିବ ନାହିଁ। ମହିନ୍ଦ୍ରା ସହିତ ଭବିଷ୍ୟତର ପାର୍ଟନରଶିପ୍ ମାଧ୍ୟମରେ ନିଜର ରଣନୈତିକ, ଉତ୍ପାଦନ ଏବଂ ବ୍ୟବସାୟିକ ଦକ୍ଷତା ବୃଦ୍ଧି ଲାଗି ଫୋର୍ଡ ଆଲୋଚନା ଚଳାଇଥିବା କମ୍ପାନୀ ମୁଖପାତ୍ର କହିଛନ୍ତି। ତେବେ ଏନେଇ ମିଡିଆରେ ଚାଲିଥିବା କଳ୍ପନାଜଳ୍ପନା ଉପରେ ବର୍ତ୍ତମାନ କିଛି କହିହେବ ନାହିଁ। ଠିକ୍ ସମୟରେ ଫୋର୍ଡ ପକ୍ଷରୁ ଏ ସମ୍ପର୍କରେ ସ୍ପଷ୍ଟ କରାଯିବ ବୋଲି ସେ କହିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ଫୋର୍ଡର ଏକ ଶକ୍ତିଶାଳୀ ବ୍ରାଣ୍ଡ ରହିଥିବା ବେଳେ ନିଜର ଗ୍ରାହକ, ଡିଲର ନେଟ୍‌ୱାର୍କ ରହିଛି। କମ୍ପାନୀ ଦେଶରେ ନିଜର ଉପସ୍ଥିତିକୁ ଅଧିକ ମଜଭୁତ କରିବା ସହ ପୋର୍ଟଫୋଲିଓ ବୃଦ୍ଧି କରିବ। ନୂଆ କମ୍ପାନୀ ଦ୍ୱାରା ଫୋର୍ଡ ବ୍ରାଣ୍ଡ୍ କାର୍ ଦେଶରେ ନିର୍ମାଣ ଓ ବିକ୍ରି ଜାରି ରହିବ। ଏହାଛଡ଼ା ନୂଆ କମ୍ପାନୀ ମାଧ୍ୟମରେ ବିଦେଶକୁ ମଧ୍ୟ ରପ୍ତାନି କରାଯିବ। ମହିନ୍ଦ୍ରା ସହ ମିଶି ମିଡ୍ ସାଇଜ୍ ଏସ୍‌ୟୁଭି ନିର୍ମାଣ ଫୋର୍ଡର ଭବିଷ୍ୟତର ଉତ୍ପାଦକୁ ଦର୍ଶାଉଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ତାଙ୍କର କହିବାନୁଯାୟୀ, ଭାରତରେ ଫୋର୍ଡର ସଫଳତାରୁ ଅନ୍ୟ ବିକାଶଶୀଳ ବଜାରରେ କମ୍ପାନୀ ନିଜର ଉପସ୍ଥିତି ଜାହିର କରିପାରିବ। ସୂଚନାଥାଉ କି, ଉତ୍ପାଦ ବିକାଶ, ଇଲେକ୍ଟ୍ରିକ ଗାଡ଼ି ଏବଂ ଭାରତ ତଥା ବିକାଶଶୀଳ ଦେଶରେ ଏହାର ବିତରଣ ନେଇ ଫୋର୍ଡ ଓ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟରେ ୨୦୧୭ରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା। ଉଭୟ କମ୍ପାନୀ ନୂଆ ଏସ୍‌ୟୁଭି ଏବଂ କ୍ଷୁଦ୍ର ଇଲେକ୍ଟ୍ରିକ କାର୍ ନିର୍ମାଣ କରିବା ଲାଗି ଗତ ବର୍ଷ ରାଜି ହୋଇଥିଲେ।

ଏହି ପ୍ରସଙ୍ଗରେ ଫୋର୍ଡ ଇଣ୍ଡିଆ ଲାଗି ଓଡ଼ିଶାର ପ୍ରମୁଖ ଡିଲରଶିପ ଦାୟିତ୍ୱରେ ଥିବା ଗର୍ଗସନ ଅଟୋମୋବାଇଲର ଉପସଭାପତି ରଞ୍ଜନ ମହାପାତ୍ର କହିଛନ୍ତି ଯେ, ଫୋର୍ଡ ଦେଶ ଛାଡି ଯିବାର କୌଣସି ଯୋଜନା ନାହିଁ। କମ୍ପାନୀ ଏହାର ପରିଚାଳନାକୁ ଆହୁରି ଦୃଢ଼ କରିବାକୁ ମହିନ୍ଦ୍ରା ସହ ଚୁକ୍ତିରେ ସାମିଲ ହେବା ନେଇ ଅଗ୍ରସର ହୋଇଛି। ଏହି ଚୁକ୍ତି ଦ୍ୱାରା ଘରୋଇ ବଜାରରେ ଉପସ୍ଥିତିକୁ ଆହୁରି ମଜଭୁତ କରିବା ଦିଗରେ ଫୋର୍ଡ ସକ୍ଷମ ହୋଇ ପାରିବ। ଗ୍ରାହକଙ୍କୁ ସର୍ବୋତ୍ତମ ସେବା ଯୋଗାଣ ନେଇ ଫୋର୍ଡ ସର୍ବଦା ପ୍ରୟାସ ଜାରି ରଖିଛି। ଏହି ଧାରା ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି ମହାପାତ୍ର ସ୍ପଷ୍ଟ କରିଛନ୍ତି।




# ଆହୁରି ବଢ଼ିବ ପେଟ୍ରୋଲ, ଡିଜେଲ ଦର

## କ୍ରୁଡ୍ ପରିବହନ ଖର୍ଚ୍ଚରେ ଅଚାନକ ୨୮% ବୃଦ୍ଧି

**ନୂଆଦିଲ୍ଲୀ,୨୭-୯**

ସୌଦି ଆରବର ଆରାମ୍‌କୋ ତୈଳ ପ୍ଲାଣ୍ଟରେ ଡ୍ରୋନ ଆକ୍ରମଣ ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ(କ୍ରୁଡ୍) ଦର ହଠାତ ବଢ଼ିଯାଇଛି। ଫଳସ୍ୱରୂପ ଦେଶରେ ପେଟ୍ରୋଲ ଓ ଡିଜେଲ ଦରରେ ନିଆଁ ଲାଗିଛି। ତେବେ ଆଗାମୀ ଦିନରେ ଏହି ନିଆଁ ଆହୁରି ଜୁହୁଳିବାକୁ ଯାଉଛି। ଚାଇନାର ସର୍ବବୃହତ ତୈଳ ପରିବହନକାରୀ କମ୍ପାନୀ କସ୍‌କୋ ଉପରେ ଆମେରିକା ଦ୍ୱାରା କଟକଣା ଜାରି କରିଯିବାକୁ ଏହାର କାରଣ ବୋଲି କୁହାଯାଉଛି। ଏହି କାରଣରୁ ଏବେ ମିଡିଲ ଇଷ୍ଟରୁ ଏସିଆକୁ ଅଶୋଧିତ ତୈଳ ପରିବହନ ଭଡ଼ା ଶୁକ୍ରବାର ଅଚାନକ ୨୮% ବଢ଼ିଯାଇଛି।

ନ୍ୟୁଜ୍ ଏଜେନ୍ସି ରଏଟର୍ସର ରିପୋର୍ଟ ମୁତାବକ ଇରାନର ତେଲକୁ କସ୍‌କୋ କମ୍ପାନୀ ଅନ୍ୟ ରାଷ୍ଟ୍ରକୁ ପରିବହନ କରୁଥିଲା ବୋଲି ଆମେରିକା ଅଭିଯୋଗ କରିଛି। ଏହା ଆମେରିକାର କଟକଣାକୁ ଉଲ୍ଲଂଘନ କରିଥିବା କୁହାଯାଉଛି। କସ୍‌କୋର ଦୁଇଟି ୟୁନିଟ୍ ଓ ଅନ୍ୟ କେତେକ କମ୍ପାନୀ ବିରୋଧରେ ଆମେରିକା ପକ୍ଷରୁ କଟକଣା ଜାରି କରାଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ଅଶୋଧିତ ତୈଳ ପରିବହନ କ୍ଷେତ୍ରରେ କସ୍‌କୋ ବିଶ୍ୱର ସର୍ବବୃହତ କମ୍ପାନୀ। ଏହା ନିକଟରେ ୫୦ରୁ ଅଧିକ ସୁପର ଟ୍ୟାଙ୍କର ରହିଛି। ସିଙ୍ଗାପୁରସ୍ଥିତ ଜଣେ ତୈଳ ବ୍ୟବସାୟୀଙ୍କ ପକ୍ଷରୁ କୁହାଯାଇଛି ଯେ, କସ୍‌କୋ ଉପରେ କଟକଣା ଲାଗୁ ହେବା ପରେ ତୈଳ କିଣୁଥିବା ଦେଶଗୁଡ଼ିକ ନିଜର ଅଶୋଧିତ ତେଲ ପରିବହନ ପାଇଁ ସୁପର ଟ୍ୟାଙ୍କର ଅଥବା ଅତି ବୃହତ କ୍ରୁଡ୍ କ୍ୟାରିୟର ଭଡ଼ା ନେବାକୁ ବ୍ୟଗ୍ର ହୋଇ ଉଠିଛନ୍ତି। ଫଳରେ ମିଡିଲ ଇଷ୍ଟରୁ ଉତ୍ତର ଏସିଆକୁ ତେଲ ପରିବହନ ଭଡ଼ା ରାତାରାତି ୧୯% ବୃଦ୍ଧି ପାଇଛି। ଫଳରେ ପ୍ରତ୍ୟେକ ତେଲ ଜାହାଜ ଭଡ଼ା ବାବଦରେ ତୈଳ କ୍ରେତା ଦେଶଗୁଡ଼ିକୁ ଅତିରିକ୍ତ ୬ ଲକ୍ଷ ଡଲାର ଖର୍ଚ୍ଚ କରିବାକୁ ହେବ। ତୈଳ ଶିଳ୍ପ ସୂତ୍ରରୁ ପ୍ରକାଶ ଯେ, ମଧ୍ୟପୂର୍ବରୁ ଭାରତର ପଶ୍ଚିମ ତଟ ପର୍ଯ୍ୟନ୍ତ ଅକ୍ଟୋବର ଦ୍ୱିତୀୟ ସପ୍ତାହର ଭଡ଼ା ୨୮% ବୃଦ୍ଧି ପାଇଛି। କାରଣ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ ପକ୍ଷରୁ ଦୁଇଟି ସୁପର ଟ୍ୟାଙ୍କର ଭଡ଼ା ନିଆଯାଇଛି। ଏସିଆରେ ସର୍ବାଧିକ ଅଶୋଧିତ ତେଲ କିଣୁଥିବା ତାଇୱାନର ପେଟ୍ରୋକେମିକାଲ କମ୍ପାନୀ ଫରମୋସା ପେଟ୍ରୋକେମିକାଲର ମୁଖପାତ୍ର କେ.ୱାଇ ଲିନ୍ କହିଛନ୍ତି ଯେ, ବଜାରରେ ଏବେ ଭୟ ଖେଳିଯାଇଛି। ରିଫାଇନେରି କମ୍ପାନୀଗୁଡ଼ିକ ପ୍ରତିଷେଧାତ୍ମକ ପଦକ୍ଷେପ ନେଉଛନ୍ତି। କସ୍‌କୋ ବିରୋଧରେ କଟକଣା ଲାଗୁ କରିବା ଯୋଗୁ ଏହା କେତେ ମାତ୍ରାରେ ପରିବହନକୁ ପ୍ରଭାବିତ କରୁଛି, ସେ ସମ୍ପର୍କରେ ତର୍ଜମା ହେଉଛି ବୋଲି ଲିନ୍ କହିଛନ୍ତି। ସୌଦି ଡ୍ରୋନ୍ ଆକ୍ରମଣ ପରେ ଦେଶରେ ପେଟ୍ରୋଲ ଲିଟର ପିଛା ଦର ପ୍ରାୟ ୭୩ ଟଙ୍କା ଟପିଲାଣି। ଡିଜେଲ ଦର ମଧ୍ୟ ୭୨ ଟଙ୍କା ଟପିଛି। ଏପରିପ୍ରେକ୍ଷୀରେ ତୈଳ ପରିବହନ ଖର୍ଚ୍ଚ ବଢ଼ିଲେ ଦେଶର ତୈଳ କମ୍ପାନୀଗୁଡ଼ିକ ପେଟ୍ରୋଲ ଓ ଡିଜେଲ ଦର ଆହୁରି ବଢ଼ାଇବାକୁ ବାଧ୍ୟ ହେବେ ଏଥିରେ ସନ୍ଦେହ ନାହିଁ।

**ପୁଣି ଆକ୍ସନରେ ମୋଦି ସରକାର**

# ୧୫ ବରିଷ୍ଠ ଆୟକର ଅଧିକାରୀ ଜବରଦସ୍ତ ବିଦା

**ନୂଆଦିଲ୍ଲୀ,୨୭-୯**

ଅପାରଗ ଅଧିକାରୀଙ୍କ ବିରୋଧରେ ପୁନର୍ବାର ମୋଦି ସରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଦୁର୍ନୀତି, ସିବିଆଇ ମାମଲା ଓ ଅନ୍ୟ କେତେକ କାରଣ ଯୋଗୁ ସରକାର ୧୫ ଜଣ ବରିଷ୍ଠ ଆୟକର ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇ ଚାକିରିରୁ ବିଦା କରିଛନ୍ତି। ସେଣ୍ଟ୍ରାଲ ବୋର୍ଡ ଅଫ୍ ଡାଇରେକ୍ଟ ଟ୍ୟାକ୍ସେସ(ସିବିଡିଟି) ପକ୍ଷରୁ ସିଆଇଟି, ଜେସିଆଇଟି, ଆଡିଶନାଲ ସିଆଇଟି, ଏସିଆଇଟି ପଦରେ କାର୍ଯ୍ୟରତ ବରିଷ୍ଠ ଅଧିକାରୀଙ୍କୁ ମୌଳିକ ନିୟମ ୫୬(ଜେ) ଅଧୀନରେ ଜବରଦସ୍ତ ଅବସର ଦିଆଯାଇଛି। ସେମାନଙ୍କ ବିରୋଧରେ ମୁଖ୍ୟତଃ ଦୁର୍ନୀତି ଅଭିଯୋଗ ରହିଛି। ସୂଚନାଥାଉ କି, ନିଜ କ୍ଷମତାର ଦୁରୁପଯୋଗ କରି ଦୁର୍ନୀତିରେ ଲିପ୍ତ ଟିକସ ଅଧିକାରୀଙ୍କୁ ଜବରଦସ୍ତ ଅବସର ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସ୍ୱାଧୀନତା ଦିବସ ଅବସରରେ ଲାଲକିଲ୍ଲାରେ ନିଜର ଉଦ୍‌ବୋଧନରେ କହିଥିଲେ। ଗଣମାଧ୍ୟମକୁ ଏକ ସାକ୍ଷାତ୍‌କାର ଦେଇ ସେ ପୁଣି ଏହାକୁ ଦୋହରାଇଥିଲେ ଏବଂ କହିଥିଲେ ଯେ, ଏଭଳି ଦୁର୍ନୀତିଗ୍ରସ୍ତ ଆୟକର ବ୍ୟକ୍ତି ଟିକସଦାତାଙ୍କୁ ଅଯଥା ହଇରାଣ କରୁଛନ୍ତି। ଏଥିପୂର୍ବରୁ ସିବିଡିଟି ୧୨ ଅଧିକାରୀଙ୍କ ସମେତ ୪୯ ଉଚ୍ଚ ପଦରେ କାର୍ଯ୍ୟରତ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ସୂଚନାଥାଉ କି, ଜୁନ୍‌ରେ ସରକାର ଦୁର୍ନୀତି ଅଭିଯୋଗରେ ସିବିଆଇସିର ୧୫ ଜଣ କମିଶନର ର୍‍ୟାଙ୍କର ଅଧିକାରୀଙ୍କୁ ଚାକିରିରୁ ବିଦା କରିଥିବା ବେଳେ ୧୨ ଆଇଆର୍‌ଏସ୍ ଅଧିକାରୀଙ୍କୁ ଜବରଦସ୍ତ ଅବସର ଦିଆଯାଇଥିଲା। ସେହିପରି ଅଗଷ୍ଟରେ ୨୨ ସିବିଆଇସି ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଥିଲା।


GANGADHAR MEHER UNIVERSITY
AMRUTA VIHAR, SAMBALPUR-768004

No. 4837 / GMU Date: 27.09.19

**ADMISSION NOTIFICATION**

Applications as per the prescribed form are invited from students, professionals and interested general public for admission into the following programmes of the University.

1. COP in French Language
2. Diploma in French Language

Interested candidates are required to visit the University website **www.gmuniversity.ac.in** for eligibility, application form, information brochure and other details of both the programmes. Those who have already applied for COP in French need not apply again.

**The last date of submission of application form for both the programmes - 15.10.2019 (5.00 PM)**

**Date of Admission to COP in French & Diploma in French Language is- 17.10.2019.**

**Sd./- REGISTRAR,**
**G.M. University, Sambalpur**


# ଗ୍ରାହକଙ୍କ ବିଶ୍ୱାସ ଭରସାର ଅନ୍ୟନାମ: ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ

**ଯେକୌଣସି ବାଣିଜ୍ୟ ଲାଗି ଗ୍ରାହକଙ୍କ ରେସ୍‌ପନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଗ୍ରାହକ ଆଦୃତି ଲାଭ ଦ୍ୱାରା ବ୍ରାଣ୍ଡ ଆଗକୁ ଅଗ୍ରସର ହେବାରେ କୌଣସି ଅସୁବିଧା ହୁଏ ନାହିଁ ସେହିଭଳି ସ୍ୱତନ୍ତ୍ର ସେବା ଯୋଗାଣ ଦ୍ୱାରା ଗ୍ରାହକଙ୍କ ନିକଟତର ହେବା ନେଇ ସହଜ ହୋଇଥାଏ ବୋଲି ଇଲେକ୍‌ଟ୍ରୋନିକ୍ସ ଯୋଗାଣ କ୍ଷେତ୍ରରେ ରାଜ୍ୟର ଲୋକପ୍ରିୟ ବ୍ରାଣ୍ଡ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା କହିଛନ୍ତି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ବିଭିନ୍ନ ଯୋଜନା ଏବଂ ସେବା ଯୋଗାଣ ଧାରା ଉପରେ ସେ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**

**ରାଜ୍ୟରେ କେଉଁ କେଉଁ ସ୍ଥାନଗୁଡ଼ିକରେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ଉପସ୍ଥିତି ଜାହିର କରି ପାରିଛି ?**
ଭୁବନେଶ୍ୱରରେ ୩, କଟକରେ ୪, ଜଗତ୍‌ସିଂହପୁର ଟାଉନ, ଜଗତ୍‌ସିଂହପୁର, ନିମାପଡ଼ା, ପୁରୀ, ଖୋର୍ଦ୍ଧା, ଜଟଣୀ, ବାଲୁଗାଁ, ନୟାଗଡ, ଓଡଗାଁ, ବଡମ୍ବା, ଭଦ୍ରକ ଭଳି ସ୍ଥାନଗୁଡ଼ିକରେ ମୋଟ ୧୯ ଷ୍ଟୋର ସହ ଗ୍ରାହକଙ୍କୁ ସେବା ଯୋଗାଣ ହେଉଛି।

**ଗ୍ରାହକ ସେବାକୁ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ କିଭଳି ଗୁରୁତ୍ୱ ଦେଇ ଆସିଛି?**
ଗ୍ରାହକଙ୍କୁ ସର୍ବଦା ସ୍ୱତନ୍ତ୍ର ସ୍ଥାନରେ ରଖିଛୁ। ଆମ ପାଇଁ ଗ୍ରାହକ ସବୁ ବେଳେ ଗୁରୁତ୍ୱ ବହନ କରି ଆସିଛନ୍ତି। ଷ୍ଟୋର ପକ୍ଷରୁ ପ୍ରଦାନ କରାଯାଉଥିବା ସେବାକୁ ସେମାନେ ଭଲ ପାଇବା ଦେବା ସହ ଆମକୁ ସ୍ୱତନ୍ତ୍ର ସ୍ଥାନ ଦେଇଛନ୍ତି। ସେମାନଙ୍କ ଭଲ ପାଇବା, ଭରସା ଏବଂ ବିଶ୍ୱାସର ଅନ୍ୟନାମ ଭାବେ ଏବେ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ ବେଶ ଲୋକପ୍ରିୟ। ଗ୍ରାହକଙ୍କଠାରୁ ସବୁ ବେଳେ ମତାମତ ଗ୍ରହଣ କରି ସେବାରେ ନୂତନତ୍ୱ ଯୋଡୁଛୁ, ଯାହା ଆମକୁ ଆଗକୁ ବଢିବାରେ ପ୍ରେରଣା ଯୋଗାଇଛି। ଶୋ'ରୁମରେ ସହଜ ଫାଇନାନ୍ସ ସୁବିଧା, ଗୁପ୍ତା କେୟାର ଦ୍ୱାରା ଅତିରିକ୍ତ ରିହାତି ସୁବିଧା ସହ ଅନ୍ୟାନ୍ୟ ସ୍ୱତନ୍ତ୍ର ସେବା ପ୍ରଦାନ କରାଯାଉଛି।

**ରାଜ୍ୟର ଅନ୍ୟ ପ୍ରାନ୍ତରେ ଷ୍ଟୋର ସମ୍ପ୍ରସାରଣ ଯୋଜନା ରଖିଛନ୍ତି କି?** ରାଜ୍ୟର ଅନ୍ୟ ପ୍ରାନ୍ତରେ ଷ୍ଟୋର ଖୋଲିବା ନେଇ ଯୋଜନା ରଖାଯାଇଛି। ରାଜ୍ୟର ମୋଟ୍ ଇଲେକ୍‌ଟ୍ରୋନିକ୍ସ ସାମଗ୍ରୀ ମଧ୍ୟରୁ ଅଧିକାଂଶ ବିକ୍ରି ଉପକୂଳ ଏବଂ କେନ୍ଦ୍ର ଓଡିଶାରେ ହେଉଥିବାରୁ ଏହି ସ୍ଥାନଗୁଡ଼ିକରେ ସ୍ଥିତି ମଜଭୁତ କରିଛୁ। ଖୁବ ଶୀଘ୍ର ଆମ ନେଟ୍‌ୱର୍କରେ ଆଉ ୫ ଷ୍ଟୋର ଯୋଡାଯିବ। ରାଜ୍ୟର ଅନ୍ୟ ପ୍ରମୁଖ ସହରଗୁଡ଼ିକରେ ନୂଆ ଶୋ'ରୁମ ଖୋଲିବାକୁ ଯୋଜନା ରହିଛି।

**ଅନ୍‌ଲାଇନ ମାର୍କେଟ ପ୍ଲେସର ବଜାର ଅଂଶ ବଢୁଛି। ଏହାକୁ ନେଇ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସ କିଭଳି ପ୍ରସ୍ତୁତ?**
ଅନ୍‌ଲାଇନ ଇଲେକଟ୍ରୋନିକ୍ସ ବଜାର ଏବେ ଦ୍ରୁତତର ହୋଇଥିବା ବେଳେ ଏହାକୁ ନେଇ ଆମ କୌଶଳରେ ପରିବର୍ତ୍ତନ ଆଣିଛୁ। ଗ୍ରାହକଙ୍କୁ ଅନ୍‌ଲାଇନ ଭଳି କମ୍ପିଟିଟିଭ ମୂଲ୍ୟରେ ସାମଗ୍ରୀ ଯୋଗାଣ ନେଇ ଯୋଜନା ରହିଛି। ଆମ ଷ୍ଟୋରଗୁଡ଼ିକୁ ସ୍ୱତନ୍ତ୍ର କରି ପ୍ରସ୍ତୁତ କରୁଛୁ। ଅନଲାଇନରେ ଟଚ୍ ଆଣ୍ଡ ଫିଲ ତଥା ସାମଗ୍ରୀ କ୍ଷେତ୍ରରେ ଅସୁବିଧା ହେଲେ ଅଭିଯୋଗ ସମାଧାନ ତ୍ୱରିତ ହୋଇ ନ ଥାଏ। ଏଭଳି ପ୍ରସଙ୍ଗକୁ ବିଚାର କରି ବିଭିନ୍ନ ପଦକ୍ଷେପ ନେଉଛୁ। ପଟିଆ ଷ୍ଟୋର ପୂର୍ବାଞ୍ଚଳର ସବୁଠାରୁ ବେଷ୍ଟ ଷ୍ଟୋର ହୋଇପାରିଛି। ସେହିଭଳି ସିଡିଏ, ବରମୁଣ୍ଡା, ଶହୀଦ ନଗର ଷ୍ଟୋରକୁ ସ୍ୱତନ୍ତ୍ର ଏକ୍ସପେରିଏନ୍ସ ଜୋନ ଭାବେ ଗଢିତୋଳିବାକୁ ପ୍ରୟାସ ଜାରି ରଖିଛୁ। ସ୍ୱତନ୍ତ୍ର ଢଙ୍ଗରେ ଷ୍ଟୋରକୁ ସଜାଇବା ସହ ଲାଇଟ, ଡିସ୍‌ପ୍ଲେ, ଅଭିଜ୍ଞ ସେଲସ୍ ଟିମ୍ ପ୍ରସ୍ତୁତ ରହିଛି।

### ଶହୀଦ ନଗରରେ ସ୍ୱତନ୍ତ୍ର ଆଇଟି ଜୋନ ଶୀଘ୍ର

ଶହୀଦ ନଗରରେ ସ୍ୱତନ୍ତ୍ର ଆଇଟି ଜୋନ ଶୀଘ୍ର ଶୁଭାରମ୍ଭ ହେବ। ଏହା ସାରା ଓଡିଶାରେ ଉକ୍ତ ବର୍ଗରେ ସବୁଠାରୁ ବଡ ପ୍ରୋଜେକ୍ଟ ବୋଲି ଗୁପ୍ତା କହିଛନ୍ତି। ୫ ହଜାର ବର୍ଗଫୁଟ ପରିମିତ ସ୍ଥାନରେ ୩ଟି ଫ୍ଲୋରରେ ଏହା ସେବା ଯୋଗାଇବ। ହାଇଏଣ୍ଡ ସେଗ୍‌ମେଣ୍ଟର ପ୍ରଡକ୍ଟଗୁଡିକ ଏଠାରେ ଉପଲବ୍ଧ ହେବ। ଏହା ମଧ୍ୟରେ ଲାପଟପ୍, କ୍ୟାମେରା, ମୋବାଇଲ ପ୍ରିଣ୍ଟର ଭଳି ଅନ୍ୟ ପ୍ରଡକ୍ଟ ସାମିଲ ରହିବ।

### ପାର୍ବଣରେ ନବରାତ୍ର ଅଫର

ପାର୍ବଣରେ ନବରାତ୍ର ଅଫର ଗ୍ରାହକଙ୍କୁ ପ୍ରଦାନ କରାଯାଉଛି। ଏହା ମଧ୍ୟରେ ନ୍ୟୁନ ମୂଲ୍ୟରେ ପ୍ରଡକ୍ଟ ଯୋଗାଣ, ସହଜ ଇଏମ୍‌ଆଇ, ବର୍ଦ୍ଧିତ ୱାରେଣ୍ଟି, ବିଭିନ୍ନ କମ୍ପାନୀର କ୍ରେଡିଟ ଡେବିଟ୍ କାର୍ଡରେ କ୍ରୟ ଉପରେ ୧୫% ପର୍ଯ୍ୟନ୍ତ କ୍ୟାଶ୍‌ବ୍ୟାକ, ଲକି ଡ୍ର ଏବଂ ବମ୍ପର ଡ୍ର, ଗିଫ୍ଟ ଭାଉଚର, ପ୍ରତି କ୍ରୟ ଉପରେ କମ୍ପାନୀ ଅଫର ସହ ୩ଟି ଆକର୍ଷଣୀୟ ନିଶ୍ଚିତ ଉପହାର କେବଳ ଗୁପ୍ତାରେ, ୪୦% ପର୍ଯ୍ୟନ୍ତ ଡିସକାଉଣ୍ଟ, ସମାନ ଦିନରେ ଡେଲିଭରି, ସହଜ ଅନଲାଇନ ଯୋଗେ ଦେୟ ପ୍ରଦାନ, ମୋବାଇଲ ଉପରେ ମାନୁଫାକଚରଙ୍କ ପକ୍ଷରୁ ୧ ବର୍ଷ ୱାରେଣ୍ଟି ସହ ଗୁପ୍ତା ଆଉ ୧ ବର୍ଷ ୱାରେଣ୍ଟି ଭଳି ଅନ୍ୟ ସୁବିଧା ଗ୍ରାହକଙ୍କୁ ପ୍ରଦାନ କରାଯାଉଛି।



ରାଜେଶ ଗୁପ୍ତା


## ଓଡ଼ିଶା ସରକାର
## ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
## ଅଧିସୂଚନା

ADSR No.52 ତାରିଖ:27.02.2019/ଢେଙ୍କାନାଳ

No.II-05 :- ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଢେଙ୍କାନାଳ ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ଜିଲ୍ଲାର ତାଳବେରେଣା ମୌଜାରେ ନିମ୍ନ ସୂଚୀତ ତଫସିଲ ମତେ ପ୍ରାୟ ୦.୪୪୦ ଏକର ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି। ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩(RFCTLAR&R ACT 2013) ରଧାରା ୧୧(୧)ରେ ଭାରପ୍ରାପ୍ତ ହୋଇ ସରକାର (Appropriate Government) ଏତଦ୍ୱାରା ନିମ୍ନ ଅନୁସୂଚିରେ ପ୍ରଦତ ଜମି ଅଧିଗ୍ରହଣ ପାଇଁ ଏହି ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି। ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ ୨୦୧୩(RFCTLAR&R ACT 2013)ର ଧାରା ୧୧(୧) ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ। ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ ଦିନ ମଧ୍ୟରେ ଢେଙ୍କାନାଳ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

**ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ**

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ-ଶାଳଗାଁ ବୁଢାପଙ୍କ ତାଳଚେର ଜରପଡା ତୃତୀୟ ଓ ଚତୁର୍ଥ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ। ୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ-ମୁଖ୍ୟ ଯନ୍ତ୍ରୀ, ପୂର୍ବତଟ ରେଳପଥ, ଭୁବନେଶ୍ୱର। ୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ-ସାର୍ବଜନୀନ ଉଦ୍ଦେଶ୍ୟରେ ରେଳପଥ ପ୍ରକଳ୍ପ ନିର୍ମାଣ ନିମନ୍ତେ କାର୍ଯ୍ୟକାରୀ କରିବା। ୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ-ଧାରା ୮(୨)ମୁତାବକ ପ୍ରକାଶିତ। ୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ-ଉପ-ଜିଲ୍ଲାପାଳ ଢେଙ୍କାନାଳ।
୬. ଜମିର ବିବରଣୀ

| ଜିଲ୍ଲା | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | ପ୍ଲଟ୍‌ର ମୋଟ ରକବା | ଅଧିସୂଚିତ ରକବା ଏକରରେ | ରୟତର ନାମ |
|---|---|---|---|---|---|---|---|---|
| ଢେଙ୍କାନାଳ | ଓଡାପଡା | ତାଳବେରେଣା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ୦.୪୪୦ | ଏଥି ସହିତ ସଂଲଗ୍ନ |
| | | | | | | **ସମୁଦାୟ** | **୦.୪୪୦** | |

ଉକ୍ତ ଅଧିସୁଚୀତ ଜମି ରକବା ମଧ୍ୟରୁ ଏ...........ସରଂକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ। ଉକ୍ତ ଭୂମିର ଏକ ନକ୍ସା ସ୍ୱତନ୍ତ୍ର ଭୂ-ଅର୍ଜନ ଅଧିକାରୀ, ରେଳପଥ ପ୍ରକଳ୍ପ, ଢେଙ୍କାନାଳ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ। ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ଢେଙ୍କାନାଳ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇ ପାରିବ ନାହିଁ।

**ରାଜ୍ୟପାଳଙ୍କ ଆଦେଶକ୍ରମେ**
**ସ୍ୱା./- ଜିଲ୍ଲାପାଳ, ଢେଙ୍କାନାଳ**

**ଅଧିସୂଚିତ ଭୂମି ଅନୁସୂଚୀ**
**ଜିଲ୍ଲା-ଢେଙ୍କାନାଳ** **ମୌଜା-ତାଳବେରେଣା, (ଗ୍ରାମାଞ୍ଚଳ)** **ତହସିଲ-ଓଡପଡ଼ା**

| ଖାତା ନଂ. | ପ୍ଲଟ ନଂ. | କିସମ | ମୋଟ ରକବା | ଅଧିଗ୍ରହଣ ରକବା | ରୟତଙ୍କ ନାମ |
|---|---|---|---|---|---|
| ୬୮/୧୮ | ୨୪୧ | ତଇଲା-୨ | ୧.୨୨୦ | ୦.୦୪୦ | ରମେଶ ଚନ୍ଦ୍ର ଷଡ଼ଙ୍ଗୀ, ପି-ବୈଦ୍ୟନାଥ ଷଡ଼ଙ୍ଗୀ, ସୌଦାମିନୀ ଷଡ଼ଙ୍ଗୀ, ସ୍ୱା-ବୈଦ୍ୟନାଥ ଷଡ଼ଙ୍ଗୀ, ସୋମନାଥ ଷଡ଼ଙ୍ଗୀ, ପି:ଆର୍ତ୍ତବନ୍ଧୁ ଷଡ଼ଙ୍ଗୀ, ଜାତି-ବ୍ରାହ୍ମଣ, ବା-ଝରଗାଡିଆ, ବେଦ ବୈଦନାଥ ଜୀଉ ବିଜେ ସଦାଶିବପୁର ମା, ଜନାର୍ଦ୍ଦନ ମିଶ୍ର, ପି:ଆର୍ତ୍ତବନ୍ଧୁ ମିଶ୍ର, ହରିହର ମିଶ୍ର, ପି:କାଶିନାଥ ମିଶ୍ର, ବୈଦ୍ୟନାଥ ତ୍ରିପାଠୀ, ପି:ବିଦ୍ୟାଧର ତ୍ରିପାଠୀ, ଜାତି-ବ୍ରାହ୍ମଣ, ବା:ସଦାଶିବପୁର ଓଗେର ସମସ୍ତ ଗ୍ରାମବାସୀଗଣ |
| ୪୨ | ୨୪୩ | ତଇଲା-୨ | ୧.୧୦୦ | ୦.୨୬୦ | ବିରଞ୍ଚି କୁମାର ତ୍ରିପାଠୀ, ଭାବବାଳା ମହାପାତ୍ର, ପି: ଶ୍ରୀଧର ତ୍ରିପାଠୀ, ସୂର୍ଯ୍ୟମଣୀ ତ୍ରିପାଠୀ, ସ୍ୱା-ଶ୍ରୀଧର ତ୍ରିପାଠୀ, ଜାତି-ବ୍ରାହ୍ମଣ, ବା-ସଦାଶିବପୁର |
| ୨୭ | ୨୪୪ | ବଗାୟତ-୨ | ୨.୫୪୦ | ୦.୧୪୦ | ପ୍ରଭାକର ମହାପାତ୍ର, ପି-କୃଷ୍ଣଚନ୍ଦ୍ର ମହାପାତ୍ର, ଗୋବିନ୍ଦ ଚନ୍ଦ୍ର ମହାପାତ୍ର, ପି-ଆର୍ତ୍ତବନ୍ଧୁ ମହାପାତ୍ର, ଲକ୍ଷ୍ମୀଧର ମହାପାତ୍ର, ପି-ରତ୍ନାକର ମହାପାତ୍ର, କାହ୍ନୁ ଚରଣ ମହାପାତ୍ର, ପି-ଜଗନ୍ନାଥ ମହାପାତ୍ର, କୁଞ୍ଜ ମହାପାତ୍ର, ପି-ସୋମନାଥ ମହାପାତ୍ର, ଜାତି-ବ୍ରାହ୍ମଣ, ବା-ନିଳାମ୍ବର ପୁର |
| | | | **ମୋଟ** | **୦.୪୪୦** | |

24034/14/0010/1920

ଯଦି ଟିମ୍ ମ୍ୟାନେଜମେଣ୍ଟ ମୋତେ ସମର୍ଥନ କରିଥାନ୍ତା ତେବେ ମୁଁ ଆହୁରି ଗୋଟିଏ ବିଶ୍ୱକପ୍ ଖେଳିପାରିଥାନ୍ତି ।
–ଯୁବରାଜ ସିଂ, ପୂର୍ବତନ ଭାରତୀୟ କ୍ରିକେଟର୍



ନଭେମ୍ବରରେ ସୁସ୍ଥ ହୋଇ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ଲକ୍ଷ୍ୟ ରଖିଛି। ସୀମିତ ଓଭର ଫର୍ମାଟ୍‌ରେ ୪ ନମ୍ବର ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ରହିଛି ।
–ସୁରେଶ ରାଇନା, ଭାରତୀୟ କ୍ରିକେଟର୍



## ସଂକ୍ଷେପରେ

### ପ୍ରମୋଦ ସେମିଫାଇନାଲରେ



ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି): ଚାଇନାର ଯୁହାଙ୍ଗ ହାଙ୍ଗଝୋଉଠାରେ ଚାଲିଥିବା ଅନ୍ତର୍ଜାତୀୟ ପାରା ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍‌ର ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମି ଫାଇନାଲରେ ପ୍ରବେଶ କରିଛନ୍ତି ଓଡ଼ିଶାର ପ୍ରମୋଦ ଭଗତ। ଶୁକ୍ରବାର ଅନୁଷ୍ଠିତ ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲ ମ୍ୟାଚର ସ୍ଥିତି ୨୩-୨୫, ୨୧-୧୬ ଥିବାବେଳେ ପ୍ରମୋଦଙ୍କ ପ୍ରତିଦ୍ୱନ୍ଦ୍ୱୀ ଭାରତର ନୀତେଶ କୁମାର ରିଟାୟର୍ଡ ହୋଇ ଯାଇଥିଲେ। ଫଳରେ ପ୍ରମୋଦଙ୍କୁ ବିଜୟୀ ଘୋଷଣା କରାଯାଇଥିଲା। ସେହିପରି ପ୍ରମୋଦ ଓ ଅନ୍ୟତମ ଭାରତୀୟ ଖେଳାଳି ମନୋଜ ସରକାରଙ୍କ ଯୋଡ଼ି ଡବଲ୍ସ କ୍ୱାର୍ଟର ଫାଇନାଲରେ ବାଇ ପାଇ ସେମିଫାଇନାଲରେ ପହଞ୍ଚିଛନ୍ତି। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ସେମିଫାଇନାଲ ଶନିବାର ଅନୁଷ୍ଠିତ ହେବ।

### ଓଡ଼ିଶା ମହିଳା ରଗ୍‌ବୀ ଦଳ ଚାମ୍ପିୟନ

ଭୁବନେଶ୍ୱର, ୨୭।୯(କ୍ରୀଡ଼ା ପ୍ରତିନିଧି): କଲିକତାରେ ଅନୁଷ୍ଠିତ ସର୍ବଭାରତୀୟ ଏବଂ ଦକ୍ଷିଣ ଏସୀୟ ରଗ୍‌ବୀ ଚାମ୍ପିୟନଶିପ୍‌ରେ ଓଡ଼ିଶା ମହିଳା ଦଳ ଚାମ୍ପିୟନ ହୋଇଛି। ଲିଗ୍ ପର୍ଯ୍ୟାୟରେ ପଶ୍ଚିମବଙ୍ଗ ଜଙ୍ଗଲ କ୍ରୋକୁ ୧୫-୦ରେ ହରାଇଥିବା ଓଡ଼ିଶା ସେମିଫାଇନାଲରେ ସିସିଏଫସିକୁ ୧୭-୭ ଏବଂ ଫାଇନାଲରେ ଦିଲ୍ଲୀ ହୁରିକେନ୍ସକୁ ୫-୦ରେ ପରାସ୍ତ କରିଥିଲା। ଓଡ଼ିଶା ଦଳର ସଦସ୍ୟାମାନେ ହେଲେ ଲକ୍ଷ୍ମୀପ୍ରିୟା ସାହୁ, ସୋନୀ ମନ୍ଦାଙ୍ଗୀ, ପୁନମ ସିଂ, ଜେମାମଣୀ ନାଏକ, ସରସ୍ୱତୀ ହେମ୍ବ୍ରମ, ବାସନ୍ତୀ ପାର୍ଙ୍ଗି, ଲିଜା ସର୍ଦ୍ଦାର, ମଞ୍ଜୁଲତା ପ୍ରଧାନ, ପାର୍ବତୀ କିସ୍କୁ, ମୀରାରାଣୀ ହେମ୍ବ୍ରମ, କବିତାକସ୍ତୁରୀ ପଢ଼ିହାରୀ, ସୁମିତ୍ରା ନାୟକ, ରଜନୀ ଶବର, ହୁପି ମାଝି, ତନୟା ଶବର, ପିଙ୍କିନା ପରିଡ଼ା, କବିତା ସାହୁ, ଚାନ୍ଦମଣୀ ଟୁଡୁ, ପୁଷ୍ପଲତା ପ୍ରଧାନ, ଭଗବତୀ ନାୟକ, ଦୁମନି ମାରାଣ୍ଡି, ହରପ୍ରିୟା ମାଝି, ଭାଗ୍ୟଲକ୍ଷ୍ମୀ ବାରିକ। କୋଚ୍: ମାନସ କୁମାର ଜେନା।

## ଓସିଏ ନିର୍ବାଚନ: ଆଶୀର୍ବାଦ ଗୋଷ୍ଠୀଙ୍କ କ୍ଲିନ୍‌ସୁଇପ୍

# ପଙ୍କଜ ସଭାପତି, ସଞ୍ଜୟ ସମ୍ପାଦକ



ସମର୍ଥକଙ୍କ ଗହଣରେ ଓସିଏ ନିର୍ବାଚନରେ ବିଜୟ ହାସଲ କରିଥିବା କର୍ମକର୍ତ୍ତାମାନେ।

କଟକ ଅଫିସ,୨୭।୯

ବହୁ ପ୍ରତୀକ୍ଷିତ ଓଡ଼ିଶା କ୍ରିକେଟ ଆସୋସିଏଶନ(ଓସିଏ) କର୍ମକର୍ତ୍ତା ନିର୍ବାଚନ ଶୁକ୍ରବାର ଶେଷ ହୋଇଛି। ବରିଷ୍ଠ କ୍ରୀଡ଼ା ସଙ୍ଗଠକ ତଥା ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରା ପ୍ରତ୍ୟକ୍ଷ ଭାବେ ନିର୍ବାଚନଠାରୁ ଦୂରରେ ଥିଲେ ସୁଦ୍ଧା ତାଙ୍କ ଗୋଷ୍ଠୀ ଏଥିରେ କ୍ଲିନ୍‌ସୁଇପ କରିଛି। ଆଶୀର୍ବାଦ ଗୋଷ୍ଠୀଙ୍କ ପ୍ରାର୍ଥୀ ୬ଟି ଯାକ ପଦବୀରେ ବିଜୟୀ ହୋଇଛନ୍ତି । ଓସିଏର ଅନୁବନ୍ଧିତ ୟୁନିଟ ସଂଖ୍ୟା ୭୩। ଏଥିରୁ ୩ ଜଣ ସଦସ୍ୟ ପୋଷ୍ଟାଲ ବାଲଟରେ ମତଦାନ କରିଥିଲେ। ପ୍ରତିଦ୍ୱନ୍ଦ୍ୱିତା ଏକପାଖିଆ ହେବା ଯୋଗୁ ଉକ୍ତ ୩ଟି ପୋଷ୍ଟାଲ ବାଲାଟ ଖୋଲା ଯାଇ ନ ଥିଲା। ମୋଟ ୭୦ ସଦସ୍ୟଙ୍କ ଭୋଟକୁ ନେଇ ଗଣତି ହୋଇଥିଲା। ସଭାପତି ପଦବୀରେ ପଙ୍କଜ ଲୋଚନ ମହାନ୍ତି ଓ ସମ୍ପାଦକ ପଦବୀରେ ସଞ୍ଜୟ ବେହେରା ବିଜୟ ଲାଭ କରିଥିଲେ। ପଙ୍କଜ ୬ ଖଣ୍ଡ ଭୋଟ ବ୍ୟବଧାନରେ ବରିଷ୍ଠ କ୍ରୀଡ଼ା ସଙ୍ଗଠକ ପ୍ରଦୀପ ଚୌହ୍ୱାନଙ୍କୁ ଓ ସଞ୍ଜୟ ୨୦ଖଣ୍ଡ ଭୋଟ ବ୍ୟବଧାନରେ ପ୍ରତିଦ୍ୱନ୍ଦ୍ୱୀ ନବରଞ୍ଜନ ପଟ୍ଟନାୟକଙ୍କୁ ପରାସ୍ତ କରିଥିଲେ । ସେହିପରି ଉପସଭାପତି ପଦବୀରେ ଅକ୍ଷୟ କୁମାର ସାମନ୍ତ ୧୨ ଖଣ୍ଡ ଭୋଟରେ ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକଙ୍କୁ, ଯୁଗ୍ମ ସମ୍ପାଦକ ପଦବୀରେ ମେହତାବ ଖାନ ୧୦ ଖଣ୍ଡ ଭୋଟରେ ସୁଜିତ କୁମାର ପ୍ରଧାନଙ୍କୁ ଓ କୋଷାଧ୍ୟକ୍ଷ ପଦବୀରେ ବିକାଶ ପ୍ରଧାନ ୧୦ ଖଣ୍ଡ ଭୋଟରେ ଅନୀଲ କୁମାର ବିଶ୍ୱାଳଙ୍କୁ ପରାସ୍ତ କରିଛନ୍ତି । ଆପେକ୍ସ କାଉନସିଲ ପଦବୀ ପୂର୍ବରୁ ନିର୍ଦ୍ୱନ୍ଦ୍ୱରେ ପୂରଣ ହୋଇଛି । ଆଶୀର୍ବାଦ ଗୋଷ୍ଠୀର ପ୍ରାର୍ଥୀ ଶୁଭାଶିଷ ସେନାପତି ଉକ୍ତ ପଦବୀରେ ବିଜୟୀ ହୋଇଛନ୍ତି ।ଢ଼ ଶନିବାର ନବନିର୍ବାଚିତ ପ୍ରାର୍ଥୀମାନଙ୍କୁ ଓସିଏ ନିର୍ବାଚନ ଅଧିକାରୀ ମାଖନଲାଲ ମଜୁମଦାର ଏକ ବୈଠକରେ ସ୍ୱାଗତ ଜଣାଇବା କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ନିର୍ବାଚିତ କର୍ମକର୍ତ୍ତାମାନଙ୍କୁ ସେମାନଙ୍କ କର୍ତ୍ତବ୍ୟ ସମ୍ପର୍କରେ ଅବଗତ କରାଯିବା ସହ ଦାୟିତ୍ୱ ଗ୍ରହଣ ନେଇ ଆଲୋଚନା ହେବ ବୋଲି ଜଣାପଡ଼ିଛି ।

### ପଙ୍କଜ ୧୦ମ ସଭାପତି, ସଞ୍ଜୟ ୬ଷ୍ଠ ସମ୍ପାଦକ

ଓସିଏର ୧୦ମ ସଭାପତି ହୋଇଛନ୍ତି ପଙ୍କଜ ଲୋଚନ । ୧୯୪୯ ଜୁଲାଇ ୧୪ ତାରିଖରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ହରେକୃଷ୍ଣ ମହତାବ ପ୍ରଥମ ସଭାପତି ଭାବେ ଏହି ପଦବୀରେ ବସିଥିଲେ । ୧୯୭୬ ମସିହା ଜୁଲାଇ ୨୫ ତାରିଖ ପର୍ଯ୍ୟନ୍ତ ସେ ଦାୟିତ୍ୱରେ ରହିଥିଲେ। ପରେ ଭୈରବ ଚନ୍ଦ୍ର ମହାନ୍ତି, ଡ. ଜର୍ଜ ପଟ୍ଟନାୟକ, ବି.କେ. ବିଶ୍ୱାଳ, ଆର୍. ବେହେରା, ଆର୍.ପି ସ୍ୱାଇଁ, ଏ.ଏନ. ପ୍ରଧାନ, ଡ. ପି.କେ. ମିଶ୍ର ଓ ରଞ୍ଜୀବ ବିଶ୍ୱାଳ ଓସିଏର ସଭାପତି ହୋଇଛନ୍ତି । ସେହିପରି ସଞ୍ଜୟ ହୋଇଛନ୍ତି ଓସିଏର ୬ଷ୍ଠ ସମ୍ପାଦକ । ୧୯୪୯ରେ ଏହି ପଦବୀରେ ଅବସ୍ଥାପିତ ହୋଇଥିଲେ ଏସ୍.କେ. ବିଶ୍ୱାସ । ଏହା ପରେ ପି.ଭି.ଆର ମୂର୍ତ୍ତି, ଭୈରବ ଚନ୍ଦ୍ର ମହାନ୍ତି, ବି.ବି. ଦାସ ଓ ଆଶୀର୍ବାଦ ବେହେରା ଓସିଏର ସମ୍ପାଦକ ପଦବୀରେ ରହିଥିଲେ ।

### କ୍ରସ ଭୋଟିଂ

ଆଶୀର୍ବାଦ ଗୋଷ୍ଠୀ ସେମାନଙ୍କ ପ୍ରାର୍ଥୀମାନଙ୍କୁ ୪୧ ଖଣ୍ଡ ଭୋଟ ମିଳିବ ବୋଲି ଆକଳନ କରିଥିଲେ। ମ୍ୟାଜିକ ନମ୍ବର ୩୭କୁ ଟପି ବିଜୟୀ ହେବେ ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ ଥିଲା । ଯୁଗ୍ମ ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ଏହି ଗୋଷ୍ଠୀ ୪୦ ଖଣ୍ଡ ଲେଖାଏ ଭୋଟ ପାଇଛନ୍ତି । ସେହିପରି ଉପସଭାପତି ପଦବୀରେ ମିଳିଛି ୪୧ ଖଣ୍ଡ ଭୋଟ । ଯାହା ସେମାନଙ୍କ ଆକଳନର ନିକଟତର । ହେଲେ ଅଙ୍କ ବଦଳିଥିଲା ସଭାପତି ଓ ସମ୍ପାଦକ ପଦବୀରେ। ସମ୍ପାଦକ ପଦବୀରେ ୪୫ ଖଣ୍ଡ ଭୋଟ ଆଶୀର୍ବାଦଙ୍କ ଗୋଷ୍ଠୀକୁ ଆସିଥିବା ବେଳେ ସଭାପତି ପଦବୀରେ ୩୮ ଖଣ୍ଡ ଭୋଟ ମିଳିଥିଲା । ଅନ୍ୟପକ୍ଷରେ ସଭାପତି ପଦବୀରେ ବିପକ୍ଷ ଗୋଷ୍ଠୀରୁ ସର୍ବାଧିକ ଭୋଟ ପାଇଛନ୍ତି ପ୍ରଦୀପ ଚୌହ୍ୱାନ (୩୨ ଖଣ୍ଡ ଭୋଟ) । ଏଣୁ ଆଶୀର୍ବାଦଙ୍କ ଗୋଷ୍ଠୀରୁ କିଛି ଭୋଟ ପ୍ରଦୀପଙ୍କ ପକ୍ଷକୁ ଯାଇଛି । ସେହିପରି ବିପକ୍ଷ ଗୋଷ୍ଠୀରୁ ସବୁଠାରୁ କମ୍ ଭୋଟ ପାଇଛନ୍ତି ପରାଜିତ ସମ୍ପାଦକ ପ୍ରାର୍ଥୀ ନବରଞ୍ଜନ (୨୫ ଖଣ୍ଡ ଭୋଟ୍) । ଏଣୁ ବିପକ୍ଷ ଗୋଷ୍ଠୀର କିଛି ଭୋଟ ନବରଞ୍ଜନଙ୍କ ପ୍ରତିଦ୍ୱନ୍ଦ୍ୱୀ ସଞ୍ଜୟଙ୍କ ପକ୍ଷକୁ ଆସିଥିବା ବିଚାର କରାଯାଉଛି ।

### ଖୋଲା ହେଲାନି ୩ ପୋଷ୍ଟାଲ ବାଲଟ୍

୩ଜଣ ପୋଷ୍ଟାଲ ବାଲଟ ଜରିଆରେ ନିଜ ମତଦାନ ପଠାଇଥିଲେ। ଏମାନେ ହେଲେ ଏସସିବି ମେଡ଼ିକାଲରେ ଚିକିତ୍ସାଧୀନ ଥିବା ଆଶୀର୍ବାଦ ବେହେରା, ଜୟପୁରରେ ଚାଲିଥିବା ବିଜୟ ହଜାରେ ଟ୍ରଫିରେ ମ୍ୟାଚ୍ ରେଫରି ଭାବେ ଦାୟିତ୍ୱ ତୁଲାଉଥିବା ସଞ୍ଜୟ ରାଉଳ ଓ ଅଫିସ ମିଟିଂ ନିମନ୍ତେ ବରୋଦାରେ ଥିବା ରେଲୱେର ବିଜୟ ମିଶ୍ର। ଗୋଟିଏ ପକ୍ଷ ଅଧିକ ଭୋଟ ବ୍ୟବଧାନରେ ବିଜୟୀ ହୋଇଥିବାରୁ ଏମାନଙ୍କ ମତଦାନ ପାର୍ସଲକୁ ଖୋଲାଯାଇ ନଥିଲା।

### ଜାତୀୟ ଦଳ ପାଇଁ ସୁଯୋଗ ସୃଷ୍ଟି କରାଯିବ

ଓଡ଼ିଆ ଖେଳାଳି ଜାତୀୟ ଦଳରେ ସୁଯୋଗ ପାଉ ନାହାନ୍ତି । ପ୍ରତିଭା ଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିରେ ସେମାନେ ମୁକାବିଲା କରି ପାରୁନାହାନ୍ତି। ଏହି ସମସ୍ୟା ଦୂର ହେବ। ସେମାନଙ୍କ ପ୍ରତିଭାର ବିକାଶ ଏବେ ମୁଖ୍ୟ ଲକ୍ଷ୍ୟ । ମୋ କାର୍ଯ୍ୟକାଳ ମଧ୍ୟରେ ଓଡ଼ିଆ ଖେଳାଳି କିପରି ଜାତୀୟ ଦଳରେ ସୁଯୋଗ ପାଇବେ ସେ ନେଇ ସମସ୍ତ ଚେଷ୍ଟା କରିବି ବୋଲି କହିଛନ୍ତି ଓସିଏର ନୂଆ ସଭାପତି ପଙ୍କଜ ଲୋଚନ । ଭିତ୍ତିଭୂମିର ବିକାଶ ସମ୍ପର୍କରେ ସେ କହିଥିଲେ ଯେ, ଓଡ଼ିଶାରେ ଭିତ୍ତିଭୂମି ସୃଷ୍ଟି କରିବା ନିମନ୍ତେ ପର୍ଯ୍ୟାପ୍ତ ସୁଯୋଗ ଅଛି । ଏହାର ସଦୁପଯୋଗ କରାଯିବ। ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କ ଉପରେ ନଜର ରହିବ ବୋଲି ସେ କହିଥିଲେ । ଏଥର ନିର୍ବାଚନରେ କଡ଼ା ମୁକାବିଲା ହୋଇଛି ବୋଲି ସେ ସ୍ପଷ୍ଟ କରିଛନ୍ତି। ୬ ଖଣ୍ଡ ଭୋଟରେ ବିଜୟୀ ହେବା ସହଜ କଥା ନୁହେଁ ବୋଲି ପଙ୍କଜଙ୍କ ମତ।

### ରେସିଡେନ୍ସିଆଲ ଏକାଡେମୀ ଗଠନ ହେବ

ଖେଳାଳିମାନେ ରହିବେ ଓ ପ୍ରଶିକ୍ଷଣ ନେବେ । ଏଭଳି ସୁଯୋଗ ପ୍ରଦାନ କରିବ ଓସିଏ । ଓଡ଼ିଶା କ୍ରିକେଟର ଭବିଷ୍ୟତ କିପରି ଉଜ୍ଜଳ କରାଯିବ ସେଥି ନିମନ୍ତେ ସମସ୍ତ ଚେଷ୍ଟା କରିବୁ। ବିଜୟୀ ୬ଜଣ ଯାକ ପ୍ରାର୍ଥୀ ଏଥିପ୍ରତି ପାଇଁ ପ୍ରତିଶ୍ରୁତିବଦ୍ଧ। ଓସିଏ ଏକାଡେମୀରେ ଆଉ ଏକ ନୂତନ ଫର୍ଦ୍ଦ ଯୋଡ଼ା ଯାଇ ଏହାକୁ ରେସିଡେନ୍ସିଆଲ ଏକାଡେମୀ କରାଯିବ ବୋଲି ସମ୍ପାଦକ ସଞ୍ଜୟ ବେହେରା ବିଜୟୀ ହେବା ପରେ ପ୍ରତିକ୍ରିୟା ଦେଇଛନ୍ତି। ଅନ୍ୟପକ୍ଷରେ ସ୍କୁଲ, କଲେଜ, କ୍ଲବ ସ୍ତରରେ କ୍ରିକେଟ ଟୁର୍ନାମେଣ୍ଟ ହେବ ବୋଲି ସଞ୍ଜୟ କହିଥିଲେ। ବିରୋଧୀ ଗୋଷ୍ଠୀଙ୍କୁ ଟାର୍ଗେଟ କରି ସଞ୍ଜୟ କହିଥିଲେ ଯେ, ନିର୍ବାଚନ ପୂର୍ବରୁ ବାପାଙ୍କୁ ଗିରଫ କରିବା ପାଇଁ ସେମାନଙ୍କ ଚକ୍ରାନ୍ତର କୁପରଣତି ସେମାନେ ଭୋଗିଛନ୍ତି।

### କାହାକୁ କେତେ ଭୋଟ

| ପଦବୀ | ପ୍ରାର୍ଥୀ | ଭୋଟ |
|---|---|---|
| ସଭାପତି | ପଙ୍କଜ ଲୋଚନ ମହାନ୍ତି | ୩୮ |
| | ପ୍ରଦୀନ ଚୌହ୍ୱାନ | ୩୨ |
| ସମ୍ପାଦକ | ସଞ୍ଜୟ ବେହେରା | ୪୫ |
| | ନବରଞ୍ଜନ ପଟ୍ଟନାୟକ | ୨୫ |
| ଉପସଭାପତି | ଅକ୍ଷୟ କୁମାର ସାମନ୍ତ | ୪୧ |
| | ପ୍ରଶାନ୍ତ ପ୍ରସାଦ ପଟ୍ଟନାୟକ | ୨୯ |
| ଯୁଗସମ୍ପାଦକ | ମେହତାବ ଖାନ | ୪୦ |
| | ସୁଜିତ କୁମାର ପ୍ରଧାନ | ୩୦ |
| କୋଷାଧ୍ୟକ୍ଷ | ବିକାଶ ପ୍ରଧାନ | ୪୦ |
| | ଅନୀଲ କୁମାର ବିଶ୍ୱାଳ | ୩୦ |

## ଜାତୀୟ ସିନିୟର ୫–ଏ–ସାଇଡ୍ ହକି

# ହରିୟାଣା, କର୍ନାଟକ ଚାମ୍ପିୟନ




ମହିଳା ବିଭାଗ ଚାମ୍ପିୟନ ହରିୟାଣା ଦଳ।

କାନ୍‌ପୁର, ୨୭।୯

ସ୍ଥାନୀୟ ଗ୍ରୀନ୍ ପାର୍କ ଷ୍ଟାଡିୟମରେ ଶୁକ୍ରବାର ଶେଷ ହୋଇଥିବା ୫–ଏ–ସାଇଡ୍ ହକି ଟୁର୍ନାମେଣ୍ଟର ମହିଳା ବିଭାଗରେ ହରିୟାଣା ଓ ପୁରୁଷରେ କର୍ନାଟକ ଚାମ୍ପିୟନ ହୋଇଛି। ମହିଳା ବିଭାଗ ଫାଇନାଲରେ ହରିୟାଣା ୪–୨ ଗୋଲରେ ଉତ୍ତର ପ୍ରଦେଶକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ମୋନିକା ସିହାଗ ୬ଷ୍ଠ ଓ ୭ମ ମିନିଟରେ ଏବଂ ଦୀପିକା ୮ମ ଓ ୧୬ତମ ମିନିଟରେ ୨ଟି ଲେଖାଏ ଗୋଲ ଦେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ଅନୁଜା ସିଂ ୧୨ ଓ ୧୩ତମ ମିନିଟରେ ୨ଟି ଗୋଲ ପରିଶୋଧ କରିଥିଲେ। ସେହିପରି ପୁରୁଷ ବିଭାଗ ଫାଇନାଲରେ ଗତଥରର ଚାମ୍ପିୟନ କର୍ନାଟକ ୭–୩ ଗୋଲରେ ଉତ୍ତର ପ୍ରଦେଶକୁ ହରାଇ ଟାଇଟଲ ବଜାୟ ରଖିଛି। କର୍ନାଟକ ପକ୍ଷରୁ ଅଭରାନ ସୁଦେବ ୨, ୩ ଓ ୧୭ତମ ମିନିଟରେ ୩ଟି ଗୋଲ ଦେଇଥିବାବେଳେ ବି.ଏମ. ଲିକ୍ଷିତ ୧୫ ଓ ୨୦ତମ ମିନିଟରେ ୨ଟି ଏବଂ ମହମ୍ମଦ ରାହିଲ ମୌସିନ ୧୧ ଓ ସୋମେୟା କେ.ପି. ୧୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ଉତ୍ତର ପ୍ରଦେଶ ପକ୍ଷରୁ ଅଧିନାୟକ ମହମ୍ମଦ ଅମିର ଖାଁ ୬ଷ୍ଠ ଓ ୯ମ ମିନିଟରେ ୨ଟି ଏବଂ ରାଜ କୁମାର ପାଲ ୪ର୍ଥ ମିନିଟରେ ଗୋଟିଏ ଗୋଲ ସ୍କୋର କରିଥିଲେ।

### ବ୍ରୋଞ୍ଜ ମ୍ୟାଚରେ ହାରିଲା ଓଡ଼ିଶା

ପ୍ରତିଯୋଗିତାର ଉଭୟ ମହିଳା ଓ ପୁରୁଷ ବିଭାଗରେ ଓଡ଼ିଶା ସେମିଫାଇନାଲରେ ପରାସ୍ତ ହୋଇଥିଲା। ମହିଳା ବିଭାଗ ସେମିଫାଇନାଲରେ ଓଡ଼ିଶା ୩–୪ ଗୋଲରେ ହରିୟାଣା ନିକଟରୁ ହାରିଥିବାବେଳେ ପୁରୁଷ ବିଭାଗ ସେମିରେ ୧–୪ ଗୋଲରେ କର୍ନାଟକ ନିକଟରୁ ପରାସ୍ତ ହୋଇଥିଲା। ସେହିପରି ଉଭୟ ବିଭାଗର ବ୍ରୋଞ୍ଜ ପଦକ ମ୍ୟାଚରେ ମଧ୍ୟ ଓଡ଼ିଶା ହାରି ଯାଇଥିଲା। ମହିଳା ବିଭାଗ ମ୍ୟାଚରେ ଦଳ ୨–୩ ଗୋଲରେ ଝାଡ଼ଖଣ୍ଡଠାରୁ ପରାଜିତ ହୋଇଥିଲା। ଝାଡ଼ଖଣ୍ଡ ପକ୍ଷରୁ ଅଲକା ଡୁଙ୍ଗଡୁଙ୍ଗ ୫ମ, ବେତାନ ଡୁଙ୍ଗଡୁଙ୍ଗ ୧୨ ଓ ବିରାଜିନୀ ଏକ୍କା ୧୭ତମ ମିନିଟରେ ଏବଂ ଓଡ଼ିଶା ପକ୍ଷରୁ ଦୀପ୍ତି ଲାକ୍ରା ୧ମ ଓ ଅଧିନାୟିକା ଅସ୍ମିତା ବାର୍ଲା ୬ଷ୍ଠ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ। ତୃତୀୟ ସ୍ଥାନ ପାଇଁ ଅନୁଷ୍ଠିତ ପୁରୁଷ ବିଭାଗ ମ୍ୟାଚରେ ଓଡ଼ିଶା ୦–୨ ଗୋଲରେ ପଞ୍ଜାବ ନିକଟରୁ ପରାସ୍ତ ହୋଇଥିଲା। ପଞ୍ଜାବ ପକ୍ଷରୁ କରନବୀର ସିଂ ୫ମ ଏବଂ ସୁଦର୍ଶନ ସିଂ ୨୦ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଥିଲେ।

## ଏଚ୍‌ସିଏ ସଭାପତି ଆଝାରୁଦ୍ଦିନ

ହାଇଦ୍ରାବାଦ,୨୭।୯(ପିଟି)

ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହମ୍ମଦ ଆଝାରୁଦ୍ଦିନ ଶୁକ୍ରବାର ହାଇଦ୍ରାବାଦ କ୍ରିକେଟ ଆସୋସିଏଶନ (ଏଚ୍‌ସିଏ) ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ଏକଦା ମ୍ୟାଚ୍ ଫିକ୍ସିଂରେ ଜଡ଼ିତ ହୋଇ ଆଜୀବନ ବାସନ୍ଦ ହୋଇଥିବା ଆଝାରୁଦ୍ଦିନ କ୍ରିକେଟ ପ୍ରଶାସକ ଭାବେ କ୍ୟାରିୟରର ଆରମ୍ଭ କରିଛନ୍ତି। ଡାହାଣହାତୀ ବ୍ୟାଟ୍ସମ୍ୟାନ ୧୭୩ ଖଣ୍ଡ ଭୋଟପାଇଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପ୍ରକାଶ ଚାନ୍ଦ ଜୈନ ମାତ୍ର ୭୩ ଖଣ୍ଡ ଭୋଟ ପାଇଥିଲେ। ଉତ୍ତର ପ୍ରଦେଶର ମୋରାଦାବାଦରୁ ଏମ୍‌ପି ନିର୍ବାଚିତ ହୋଇଥିବା ୫୬ ବର୍ଷୀୟ ଆଝାରୁଦ୍ଦିନଙ୍କ ନେତୃତ୍ୱରେ ଭାରତ, ଇଂଲଣ୍ଡ ଓ ଶ୍ରୀଲଙ୍କାରେ ଟେଷ୍ଟ ସିରିଜ୍ ଜିତିଥିଲା। ୨୦୦୦ରେ ମ୍ୟାଚ୍ ଫିକ୍ସିଂ ସ୍କାଣ୍ଡାଲ ଭାରତୀୟ କ୍ରିକେଟର ମୂଳଦୁଆକୁ ଦୋହଲାଇ ଦେଇଥିଲା। ସେ ଦେଶ ପାଇଁ ୯୯ ଟେଷ୍ଟ ଓ ୩୩୪ ଦିନିକିଆ ଖେଳିଛନ୍ତି।

## ଅନୁରାଗ ଠାକୁରଙ୍କ ଭାଇ ଏଚ୍‌ପିସିଏ ମୁଖ୍ୟ

ଧର୍ମଶାଳା,୨୭।୯(ପିଟି)

ପୂର୍ବତନ ବିସିସିଆଇ ସଭାପତି ତଥା ବର୍ତ୍ତମାନ ଏମ୍‌ଓଏସ୍ ଦାୟିତ୍ୱରେ ଥିବା ଅନୁରାଗ ଠାକୁରଙ୍କ ସାନ ଭାଇ ଅରୁନ ଧୁମାଲ ଶୁକ୍ରବାର ଅପ୍ରତିଦ୍ୱନ୍ଦ୍ୱି ଭାବେ ହିମାଚଳପ୍ରଦେଶ କ୍ରିକେଟ ଆସୋସିଏଶନ (ଏଚ୍‌ପିସିଏ) ସଭାପତି ନିର୍ବାଚିତ ହୋଇଛନ୍ତି। ସେ ଜିତିବା ପରେ ବଡ଼ ଭାଇ ଅନୁରାଗଙ୍କୁ ବିଶ୍ୱ ସ୍ତରୀୟଷ୍ଟାଡିୟମ ନିର୍ମାଣ କରିବା ପାଇଁ ଧନ୍ୟବାଦ ଦେଇଛନ୍ତି। ଭାଇ ଅନୁରାଗଙ୍କ ଦ୍ୱାରା କରାଯାଇଥିବା କାର୍ଯ୍ୟ ନେଇ ଆମେ ଗର୍ବିତ। ଉକ୍ତ କ୍ରିକେଟ ଷ୍ଟାଡିୟମ ଯୋଗୁ ଧର୍ମଶାଳା ସମଗ୍ର ବିଶ୍ୱରେ ପରିଚୟ ପାଇଛି।

# ଦୀପକ ପୁନିଆ ନଂ ୧ କୁସ୍ତିଯୋଦ୍ଧା

ନୂଆଦିଲ୍ଲୀ,୨୭।୯(ପିଟି)

ନିକଟରେ ଶେଷ ହୋଇଥିବା ବିଶ୍ୱ ରେସ୍‌ଲିଂ ଚାମ୍ପିୟନଶିପ୍‌ରେ ରୌପ୍ୟ ପଦକ ଜିତିଥିବା ଦୀପକ ପୁନିଆ ୮୬ କେଜି ଓଜନ ବର୍ଗର ର୍‍ୟାଙ୍କିଙ୍ଗ୍‌ରେ ଶୀର୍ଷସ୍ଥାନ ହାସଲ କରିଛନ୍ତି। କିନ୍ତୁ ୬୫ କେଜି ବର୍ଗରେ ବଜରଙ୍ଗ ପୁନିଆ ନଂ୧ ର୍‍ୟାଙ୍କ ହରାଇଛନ୍ତି ବୋଲି ୟୁନାଇଟେଡ୍ ୱାର୍ଲ୍ଡ ରେସଲିଂ (ୟୁଡବ୍ଲ୍ୟୁଡବ୍ଲ୍ୟୁ) ପକ୍ଷରୁ ଶୁକ୍ରବାର ପ୍ରକାଶ ପାଇଥିବା ନୂଆ ର୍‍ୟାଙ୍କିଙ୍ଗ୍ ଦର୍ଶାଇଛି। କ୍ୟାରିୟରରେ ପ୍ରଥମ ଥର ବିଶ୍ୱ ଚାମ୍ପିୟନଶିପରେ ଅଂଶଗ୍ରହଣ କରିଥିବା ଦୀପକ ଗୋଇଠିଜନିତ ସମସ୍ୟା କାରଣରୁ ଇରାନ କିମ୍ବଦନ୍ତୀ ହାସାନ ୟାଜଦାନିଙ୍କ ବିପକ୍ଷ ଫାଇନାଲରୁ ଓହରି ଯାଇଥିଲେ। ଏଥିଯୋଗୁ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ରହିବାକୁ ପଡ଼ିଥିଲା। ଏଥିପୂର୍ବରୁ ସେ ଏସିଆନ ଚାମ୍ପିୟନଶିପରେ ବ୍ରୋଞ୍ଜ ଓ ୟାସାର ଦୁଗୁରେ ରୌପ୍ୟ ପଦକ ଜିତିଥିଲେ। ମୋଟ ୮୨ ପଏଣ୍ଟ ସହ ପୁନିଆ ଶୀର୍ଷସ୍ଥାନ ଅଧିକାର କରିଛନ୍ତି। ବିଶ୍ୱ ଚାମ୍ପିୟନ ୟାଜଦାନି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଉଭୟଙ୍କ ମଧ୍ୟରେ ୪ ପଏଣ୍ଟର ବ୍ୟବଧାନ ରହିଛି। ଅନ୍ୟପକ୍ଷରେ ନଂ ୧ ର୍‍ୟାଙ୍କଧାରୀ ରେସଲର ଭାବେ ବିଶ୍ୱ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଥିବା ବଜରଙ୍ଗ ବ୍ରୋଞ୍ଜ ପଦକ ହାତେଇଥିଲେ। ଏଥିଯୋଗୁ ତାଙ୍କ ମାନ୍ୟତା ଦ୍ୱିତୀୟ ସ୍ଥାନକୁ ଖସିଛି। ୬୫ କେଜି ବର୍ଗରେ ବିଶ୍ୱ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ଜିତିଥିବା ୨୫ ବର୍ଷୀୟ ରୁଷିଆର ଗାଜିମୁରାଦ ରାଶିଦୋଭ ୬୩ ପଏଣ୍ଟ ସହ ଶୀର୍ଷରେ ରହିଛନ୍ତି। ଏହାବାଦ୍ ୫୭ କେଜି ବର୍ଗରେ ରବି ଦାହିୟା ଟପ୍ ୫ରେ ପ୍ରବେଶ କରିଛନ୍ତି। ମହିଳାଙ୍କ ମଧ୍ୟରେ ୫୩ କେଜି ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଭିନେଶ ଫୋଗତ ଦ୍ୱିତୀୟ ସ୍ଥାନ ପାଇଛନ୍ତି।

# ନିରାଶ କଲେ ଲଙ୍ଗଜମ୍ପର ଶ୍ରୀଶଙ୍କର

ଦୋହା,୨୭।୯(ପି.ଟି.)



**ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ୍**

କାତାର ରାଜଧାନୀ ଦୋହାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଛି ବିଶ୍ୱ ଆଥଲେଟିକ ଚାମ୍ପିନଶିପ୍। ପ୍ରଥମ ଦିବସରେ ଭାରତ ପାଇଁ ଅଭିଯାନ ଆରମ୍ଭ କରିଥିବା ଲଙ୍ଗ୍ ଜମ୍ପର ମୁରଲୀ ଶ୍ରୀଶଙ୍କର ନିରାଶ କରିଛନ୍ତି। ସେ ପୁରୁଷ ଲଙ୍ଗ ଜମ୍ପରେ ଫାଇନାଲରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ୨୭ ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ସେ ୨୨ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଶୀଶଙ୍କର ଶ୍ରେଷ୍ଠ ପ୍ରଦର୍ଶନ ଥିଲା ୭.୬୨ ମି.। ତେବେ ଇଭେଣ୍ଟ କ୍ୱାଲିଫାଇଂ ମାର୍କ ୮.୧୫ ମି. ରହିଥିଲା। କେରଳ ଆଥଲେଟ୍ ଶ୍ରୀଶଙ୍କର ଉପରେ ସମସ୍ତଙ୍କ ନଜର ରହିଥିଲା। ତେବେ ଶେଷରେ ସେ ନିରାଶ କରିଛନ୍ତି। ଗତବର୍ଷକ ଭୁବନେଶ୍ୱରରେ ଅନୁଷ୍ଠିତ ଜାତୀୟ ଓପନ୍ ଚାମ୍ପିୟନଶିପ୍‌ରେ ୮.୧୧ ଓ ୮.୨୦ ମିଟର ଡେଇଁ ଜାତୀୟ ରେକର୍ଡ ସ୍ଥାପନ କରିଥିଲେ। ପ୍ରଥମ ପ୍ରୟାସରେ ସେ ୭.୫୨ମି. ଡେଇଁ ଥିଲେ। ଏହାପରେ ଦ୍ୱିତୀୟ ପ୍ରୟାସରେ ସାମାନ୍ୟ ଉନ୍ନତି କରି ୭.୬୨ ମି. ଡେଇଁ ଥିଲେ। ଅଟୋମେଟିକ୍ କ୍ୱାଲିଫିକେଶନ ମାର୍କ ୮.୧୫ମି. ଥିଲା। ଯଦି ୧୨ଜଣ ଫାଇନାଲ୍‌ରେ ଏହି କ୍ୱାଲିଫିକେଶନ ମାର୍କ ସହିତ ଉତୀର୍ଣ୍ଣ ନ ହୁଅନ୍ତି ତେବେ ଏହାଠାରୁ କମ୍ ଲମ୍ଫ ଡେଉଁ ଥିବା ଆଥଲେଟ୍ ଅଗ୍ରଗତି କରିବାର ସୁଯୋଗ ରହିଥିଲା। ଶୀଶଙ୍କର ଏକ କ୍ରୀଡ଼ାବିତ୍ ପରିବାରରୁ ଆସିଛନ୍ତି। ତାଙ୍କ ମାତାପିତା ଉଭୟ କ୍ରୀଡ଼ାବିତ ଥିଲେ।

## ସଂକ୍ଷେପରେ

### ଆଫଗାନିସ୍ତାନ ମୁଖ୍ୟ କୋଚ୍ ହେଲେ କ୍ଲୁଜନର



କାବୁଲ, ୨୭।୯ (ପି.ଟି.)- ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଲ୍‌ରାଉଣ୍ଡର ଲାନ୍ସ କ୍ଲୁଜନରଙ୍କୁ ଶୁକ୍ରବାର ଆଫଗାନିସ୍ତାନ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରାଯାଇଛି। ଆଫଗାନିସ୍ତାନ ଦଳର ମୁଖ୍ୟ କୋଚ୍ ରହିଥିବା ୱେଷ୍ଟଇଣ୍ଡିଜର ଫିଲ୍ ସିମନ୍ସଙ୍କ କାର୍ଯ୍ୟକାଳ ଗତ ଆଇସିସି ବିଶ୍ୱକପ୍ ପରେ ସମାପ୍ତ ହୋଇଯାଇଥିଲା। ଏହାପରେ ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ପକ୍ଷରୁ ନୂଆ କୋଚ୍ ପାଇଁ ଦରଖାସ୍ତ ଆହ୍ୱାନ କରାଯାଇଥିବାବେଳେ ୫୦ ଜଣ ଆବେଦନ କରିଥିବା ଜଣାପଡ଼ିଛି। ଭାରତ ବିପକ୍ଷ ଗତ ଟି୨୦ ସିରିଜରେ କ୍ଲୁଜନର ଦକ୍ଷିଣ ଆଫ୍ରିକା କ୍ରିକେଟ୍ ଦଳର ଆସିଷ୍ଟାଣ୍ଟ ବ୍ୟାଟିଂ କୋଚ୍ ଭାବେ ଦାୟିତ୍ୱ ତୁଲାଉଥିଲେ। ଆସନ୍ତା ନଭେମ୍ବରରେ ଆଫଗାନିସ୍ତାନ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିପାକ୍ଷିକ ସିରିଜ ଖେଳାଯିବା କାର୍ଯ୍ୟସୂଚୀ ରହିଛି। ଏହି ସିରିଜରେ କ୍ଲୁଜନର ଆଫଗାନିସ୍ତାନ ଦଳ ସହ ଯୋଗଦେବେ ବୋଲି ଜଣାପଡ଼ିଛି। ୪୮ ବର୍ଷୀୟ କ୍ଲୁଜନର ଦକ୍ଷିଣ ଆଫ୍ରିକା ପକ୍ଷରୁ ୪୯ ଟେଷ୍ଟ ଓ ୧୭୧ ଦିନିକିଆ ମ୍ୟାଚ୍‌ରେ ପ୍ରତିନିଧିତ୍ୱ କରିଛନ୍ତି। ଲେଭଲ-୪ କୋଚିଂ ସାର୍ଟିଫିକେଟ୍ ହାସଲ କରିସାରିଥିବା ଏହି ଖ୍ୟାତନାମା ଅଲ୍‌ରାଉଣ୍ଡର୍ ଆଇପିଏଲ୍‌ରେ ମୁମ୍ବାଇ ଇଣ୍ଡିଆନ୍ସର ବୋଲିଂ କୋଚ୍ ଭାବେ ଦାୟିତ୍ୱ ତୁଲାଉଛନ୍ତି।

### କ୍ରିକେଟରୁ ସାରା ଟେଲରଙ୍କ ଅବସର



ଲଣ୍ଡନ,୨୭।୯(ପିଟି): ଇଂଲଣ୍ଡ ମହିଳା କ୍ରିକେଟ ଦଳର ଉଇକେଟକିପର ବ୍ୟାଟ୍ସୱମ୍ୟାନ ଶୁକ୍ରବାର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଛନ୍ତି। ୩୦ ବର୍ଷୀୟା କ୍ରିକେଟର ଇଂଲଣ୍ଡ ପାଇଁ ୨୦୦୬ରେ ପଦାର୍ପଣ କରିଥିଲେ। ସମସ୍ତ ଫର୍ମାଟରେ ମୋଟ ୨୨୬ ମ୍ୟାଚ୍ ଖେଳିଛନ୍ତି। ମାନସିକ ଦୁଃଶ୍ଚିନ୍ତା ଯୋଗୁ ଗତ କିଛି ବର୍ଷ ହେଲା ନିୟମିତ କ୍ରିକେଟ ଖେଳି ପାରୁ ନାହାନ୍ତି। ଅବସର ନିଷ୍ପତ୍ତି କଠିନ ଥିଲା। ୨୦୦୬ରେ ମୁଁ ସ୍ୱପ୍ନକୁ ସତ କରିଥିଲି। ଭଲ ଖେଳାଳିଙ୍କ ସହ ଖେଳି ଦେଶ ପାଇଁ ଗର୍ବ ଆଣିଛି। ଏବେ ମୋ ଶରୀର ପାଇଁ ସମୟ ଆସିଯାଇଛି ବୋଲି ଟେଲର ଟୁଇଟ୍ କରିଛନ୍ତି। ସେ ମୋଟ ୬,୫୩୩ ରନ୍ କରିଛନ୍ତି। ଏଥିସହିତ ଉଇକେଟ ପଛରେ ରହି ଷ୍ଟମ୍ପିଂ, କ୍ୟାଚ୍ ଓ ରନ୍ ଆଉଟ୍ କରିବାରେ ଟେଲର ମହିଳାଙ୍କ ମଧ୍ୟରେ ସର୍ବାଧିକା। ସେ ୨୩୨ ଉଇକେଟ ନେବାରେ ବୋଲରଙ୍କୁ ସହାୟତା କରିଥିଲେ।

# ମାରକ୍ରାମଙ୍କ ଶତକ

ବିଜୟନଗରମ,୨୭।୯(ପି.ଟି.)

ସ୍ଥାନୀୟ ପିଭିଜି ରାଜୁ ଏସିଏ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ଭାରତୀୟ ବୋର୍ଡ ସଭାପତି ଏକାଦଶ ଓ ଦକ୍ଷିଣ ଆଫ୍ରିକା ମଧ୍ୟ ଚାଲିଥିବା ୩ ଦିନିଆ ଅଭ୍ୟାସ ମ୍ୟାଚ୍ ଦ୍ୱିତୀୟ ଦିନରେ ପହଞ୍ଚିଛି। ପ୍ରଥମ ଦିନର ଖେଳ ବର୍ଷା ଯୋଗୁ ସମ୍ପୂର୍ଣ୍ଣ ରୂପେ ବାତିଲ ହେବା ପରେ ଶୁକ୍ରବାର ଦ୍ୱିତୀୟ ଦିନରେ ମ୍ୟାଚ୍ ଆରମ୍ଭ ହୋଇଥିଲା। ଟସ୍ ଜିତି ଦକ୍ଷିଣ ଆଫ୍ରିକା ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଓପନର ଏଡେନ ମାରକ୍ରାମଙ୍କ ଶତକ ଓ ଟେମ୍ବା ବଭୁମାଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସରେ ୫୦ ଓଭରରେ ୪ ଉଇକେଟ ହରାଇ ୧୯୯ ରନ ସଂଗ୍ରହ କରିଛି। ଷ୍ଟମ୍ପ ଅପସାରଣ ବେଳକୁ ବଭୁମା ୯୨ ବଲରୁ ୯ ଚୌକା ସହ ୫୫ ରନ କରି ଅପରାଜିତ ରହିଛନ୍ତି।

ଓପନର ମାରକ୍ରାମ ଦ୍ରୁତ ଗତିରେ ବ୍ୟାଟିଂ କରି ୧୧୮ଟି ବଲର ସମ୍ମୁଖୀନ ହୋଇ ୧୮ ଚୌକା ଓ ୨ ଛକା ସହ ୧୦୦ରନର ଶତକୀୟ ପାଳି ଖେଳି ରିଟାୟାର୍ଡ ହର୍ଟ ହୋଇଥିଲେ। ଶତକ ହାସଲ କରିବା ଠିକ୍ ପରେ ସେ ପ୍ୟାଭିଲିୟନ ଫେରିଯାଇଥିଲେ। ଏହି ଗସ୍ତରେ ମାରକ୍ରାମ କ୍ରମାଗତ ଦ୍ୱିତୀୟ ଶତକ ଅର୍ଜନ କରିଛନ୍ତି। ପୂର୍ବରୁ ମାରକ୍ରାମ ଗତ ସପ୍ତାହରେ ଅନୁଷ୍ଠିତ ଭାରତ ଏ' ବିପକ୍ଷ ପ୍ରଥମ ଶ୍ରେଣୀ ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଏ' ତରଫରୁ ପ୍ରତିନିଧିତ୍ୱ କରି ୧୬୧ ରନ ସଂଗ୍ରହ କରିଥିଲେ। ଦକ୍ଷିଣ ଆଫ୍ରିକା ଇନିଂସ ଆରମ୍ଭରୁ ଝଟ୍‌କା ଖାଇଥିଲା। ଓପନର ଡିନ୍ ଏଲଗାର ମାତ୍ର ୬ ରନ କରିଥିବା ବେଳେ ଅଭିଜ୍ଞ ଦ୍ରୁତ ବୋଲର ଉମେଶ ଯାଦବଙ୍କ ବଲ୍‌ରେ ସ୍ଲିପ୍‌ରେ ପ୍ରିୟଙ୍କ ପଞ୍ଚାଲଙ୍କୁ କ୍ୟାଚ୍ ଦେଇ ଆଉଟ ହୋଇଥିଲେ। ଏହାପରେ ଥେଉନିସ୍ ଡି ବ୍ରୁଏନ୍ ୬ ରନ କରିଥିବା



ଶତକ ହାସଲକାରୀ ଏଡେନ ମାରକ୍ରାମ।

**ଅଭ୍ୟାସ ମ୍ୟାଚ୍**

ବେଳେ ଇଶାନ ପୋରେଲଙ୍କ ଦ୍ୱାର ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ସେହିପର ୨୨ ରନ କରିଥିବା ବେଳେ ଜୁବେର ହମ୍‌ଜା ସ୍ପିନର ଧର୍ମେନ୍ଦ୍ରସିନ୍ ଜାଡେଜାଙ୍କ ବଲ୍‌ରେ ଏଲ୍‌ବିଡବ୍ଲ୍ୟୁ ହୋଇଥିଲେ। ଶେଷରେ ଅଧିନାୟକ ଫାଫ୍ ଡୁପ୍ଲେସି ୯ କରି ଏଲ୍‌ବିଡବ୍ଲ୍ୟୁ ହେବା ସହ ଜାଜେଜାଙ୍କ ଦ୍ୱିତୀୟ ଶିକାର ହୋଇଥିଲେ। ବୋଲିଂରେ ସଭାପତି ଏକାଦଶ ତରଫରୁ ଜାଡେଜା ଦୁଇଟି, ଉମେଶ ଓ ପୋରେଲ ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ଦକ୍ଷିଣ ଆଫ୍ରିକା ପ୍ରଥମ ଇନିଂସ- ୫୦ ଓଭରରେ ୧୯୯/୪

(ମାରାକ୍ରାମ- ୧୦୦, ବଭୁମା- ୫୫*, ଜାଡେଜା- ୨/୫୨, ପୋରେଲ- ୧/୧୧, ଉମେଶ- ୧/୩୧)।

# ଭାରତୀୟ ଦଳ ଅପରିବର୍ତ୍ତିତ

**ମହିଳା କ୍ରିକେଟ୍**

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ୱେଷ୍ଟଇଣ୍ଡିଜ ବିପକ୍ଷ ଆଗାମୀ ସୀମିତ ଓଭରବିଶିଷ୍ଟ ସିରିଜ ଲାଗି ଶୁକ୍ରବାର ଭାରତୀୟ ମହିଳା କ୍ରିକେଟ୍ ଦଳ ଘୋଷଣା କରାଯାଇଛି। ଉଭୟ ଦିନିକିଆ ଓ ଟି୨୦ ସିରିଜ ଲାଗି ଘୋଷିତ ଦଳରେ କୌଣସି ପରିବର୍ତ୍ତନ କରାଯାଇନାହିଁ। କେବଳ ସୁଷମା ବର୍ମାଙ୍କ ୧୬ ଜଣିଆ ଦିନିକିଆ ଦଳରେ ସାମିଲ କରାଯାଇଛି। ନଭେମ୍ବର ୧ରୁ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଆଣ୍ଟିଗୁଆରେ ଆରମ୍ଭ ହେବ। ଏଥିପୂର୍ବରୁ ଭାରତୀୟ ମହିଳା କ୍ରିକେଟ୍ ଦଳ ଘରୋଇ ମାଟିରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୩ଟି ଦିନିକିଆ ମ୍ୟାଚ୍ ଖେଳିବାର କାର୍ଯ୍ୟସୂଚୀ ରହିଛି। ଅକ୍ଟୋବର ୯ରୁ ଭଦୋଦରାରେ ଏହି ସିରିଜ ଆରମ୍ଭ ହେବ। ଏଥିଲାଗି ପୂର୍ବରୁ ୧୫ ଜଣିଆ ଭାରତୀୟ ଦଳ ଘୋଷଣା ହୋଇସାରିଛି। ୱେଷ୍ଟଇଣ୍ଡିଜ ଟୁର୍‌ରେ ଭାରତ ୩ଟି ଦିନିକିଆ ବ୍ୟତୀତ ୫ ଟି୨୦ ମ୍ୟାଚ୍ ମଧ୍ୟ ଖେଳିବ। ଦିନିକିଆ ସିରିଜ ପରେ ନଭେମ୍ବର ୯ରୁ ଟି୨୦ ସିରିଜ ସେଣ୍ଟ ଲୁସିଆରେ ଆରମ୍ଭ ହେବ। ୧୫ ବର୍ଷୀୟା ଶେଫାଳୀ ବର୍ମା ଏହି ଟି୨୦ ଦଳରେ ସ୍ଥାନ ବଜାୟ ରଖିବାରେ ସଫଳ ହୋଇଛନ୍ତି। ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷ ପ୍ରଥମ ଟି୨୦ ମ୍ୟାଚ୍‌ରେ ସେ ଖାତା ଖୋଲି ପାରି ନ ଥିଲେ।

**ଭାରତୀୟ ମହିଳା ଦିନିକିଆ ଦଳ:** ମିଥାଲି ରାଜ (ଅଧିନାୟିକା), ହର୍‌ମନପ୍ରୀତ୍ କୌର (ଉପ-ଅଧିନାୟିକା), ସ୍ମୃତି ମନ୍ଧାନା, ଜେମିମା ରୋଡ୍ରିଗ୍ୱେଜ, ଦୀପ୍ତି ଶର୍ମା, ପୁନମ ରାଉତ, ଡି. ହେମଲତା, ଝୁଲଣ ଗୋସ୍ୱାମୀ, ଶିଖା ପାଣ୍ଡେ, ମାନସୀ ଜୋଷୀ, ପୁନମ ଯାଦବ, ଏକତା ବିଷ୍ଟ, ରାଜେଶ୍ୱରୀ ଗାଏକ୍ୱାଡ, ତାନିୟା ଭାଟିଆ (ଉଇକେଟ୍‌କିପର), ପ୍ରିୟା ପୁନିଆ ଓ ସୁଷମା ବର୍ମା।

**ଭାରତୀୟ ମହିଳା ଟି୨୦ ଦଳ:** ହର୍‌ମନପ୍ରୀତ୍ କୌର (ଅଧିନାୟିକା), ସ୍ମୃତି ମନ୍ଧାନା (ଉପ-ଅଧିନାୟିକା), ଜେମିମା ରୋଡ୍ରିଗ୍ୱେଜ, ଶେଫାଳୀ ବର୍ମା, ହର୍ଲିନ ଦେଓଲ, ଦୀପ୍ତି ଶର୍ମା, ତାନିୟା ଭାଟିଆ (ଉଇକେଟ୍‌କିପର), ପୁନମ ଯାଦବ, ରାଧା ଯାଦବ, ଭେଦା କ୍ରିଷ୍ଣାମୂର୍ତ୍ତି, ଅନୁଜା ପାଟିଲ, ଶିଖା ପାଣ୍ଡେ, ପୂଜା ଭସ୍ତ୍ରାକର, ମାନସୀ ଜୋଷୀ ଓ ଅରୁନ୍ଧତୀ ରେଡ୍ଡୀ।

# ଅବସର ନେବେ ବକ୍ସର ସରିତା ଦେବୀ

ନୂଆଦିଲ୍ଲୀ, ୨୭।୯ (ପି.ଟି.)

ପୂର୍ବତନ ବିଶ୍ୱ ଚାମ୍ପିୟନ ଭାରତୀୟ ମହିଳା ବକ୍ସର ସରିତା ଦେବୀ ଆସନ୍ତା ବର୍ଷ ଟୋକିଓରେ ହେବାକୁ ଥିବା ଅଲିମ୍ପିକ୍ସ ପରେ ଅବସର ନେବେ ବୋଲି ଶୁକ୍ରବାର ଘୋଷଣା କରିଛନ୍ତି। ୩୭ ବର୍ଷୀୟା ସରିତା ବିଶ୍ୱ ଚାମ୍ପିୟନଶିପ୍‌ରେ ୩ ପଦକ ଜିତିଛନ୍ତି। ମଣିପୁରର ଏହି ଷ୍ଟାର୍ ବକ୍ସର ୨୦୦୬ ସଂସ୍କରଣରେ ସ୍ୱର୍ଣ୍ଣ ଏବଂ ୨୦୦୫ ଓ ୨୦୦୮ରେ ବ୍ରୋଞ୍ଜ ପଦକ ଜିତିଥିଲେ। ସେହିଭଳି ସେ ଏସିଆନ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ, ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଗୋଟିଏ ଲେଖାଏ ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। କିନ୍ତୁ କ୍ରୀଡ଼ାର ସର୍ବୋଚ୍ଚ ପ୍ରତିଯୋଗିତା ଅଲିମ୍ପିକ୍ସରେ ସେ ଆଜି ପର୍ଯ୍ୟନ୍ତ ପଦକ ସଫଳତା ପାଇପାରି ନାହାନ୍ତି। 'ଅଲିମ୍ପିକ୍ସରେ ପଦକ ହାସଲ କରିବା ପାଇଁ କେବଳ ବକ୍ସିଂ ଜାରି ରଖିଛି। ଆଜି ପର୍ଯ୍ୟନ୍ତ ଯେଉଁ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛି ସବୁଥିରେ ପଦକ ଜିତିସାରିଛି' ବୋଲି ସରିତା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି।

**ଜନ୍ମ ଦିନର ଶୁଭେଚ୍ଛା**
ଆରିୟନ୍ (ରିଷି)
ବମିଖାଲ, ଭୁବନେଶ୍ୱର
ଜନ୍ମ ତାରିଖ : ୨୮.୦୯.୨୦୧୮
ତୁମର ଚଲାପଥ ଉଜ୍ଜ୍ୱଳ ଓ କୁସୁମିତ ହେଉ ଏବଂ ତୁମର ଜୀବନ ସୁଖ ଓ ସମୃଦ୍ଧିରେ ଭରି ରହୁ। ଏତିକି ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୁଭେଚ୍ଛା ସହ :
ଜେଜେ, ଜେଜେ ମା, ପାପା, ମାମା, ବଡ଼ ଦାଦା, ବଡ଼ ମାମା, ଅଜା, ଆଈ, ମାମୁଁ, ମାଈଁ, ପିଉସୀ, ପିଉସା, ମାମୁନୀ ନାନୀ, ସାଇନା ନାନୀ, ଆସ୍ଥା ନାନୀ, ଗୁଡ୍ଡୀ ନାନୀ, ଗାୟୁ ନାନୀ, ବନ୍ଧୁ ଓ ପରିବାରବର୍ଗ।
ଧ-୧୪୫୪୦

**3rd Birthday wish**
Sanghamitra Patra
42 Mouza, Cuttack
ଆଜି ତୋ'ର ଶୁଭ ଜନ୍ମଦିନରେ ଶ୍ରୀଜଗନ୍ନାଥଙ୍କ ପାଖରେ ପ୍ରାର୍ଥନା କରୁଛୁ କି ତୋ'ର ଜୀବନ କୁସୁମିତ କରନ୍ତୁ।
ଶୁଭେଚ୍ଛା ସହ:
ବୋଉ, ବାପା, ମାମା,ପାପା, ଛୁଆ ପାପା ଓ ଅଜା, ଆଈ।
ଧ-୧୪୫୪୫

**ଜନ୍ମଦିନ ଶୁଭେଚ୍ଛା**
ପ୍ରିତୀ ପ୍ରିୟଙ୍କା ସାହୁ
(ଆସ୍ଥା)
କୋଟସାହି, ଟାଙ୍ଗୀ, କଟକ
ଶ୍ରୀଜଗନ୍ନାଥଙ୍କ କରୁଣାରୁ ତୋର ଚଲାପଥ କୁସୁମିତ ହେଉ।
ଶୁଭେଚ୍ଛା ସହ:
ବଡ଼ବାପା, ବଡ଼ବୋଉ, ମାଉସୀ, ମଉସା, ଭାଇ, ଦିଦି, ବାପା: ଅମୂଲ୍ୟ, ମା: ପଦ୍ମିନୀ
ଧ-୧୪୫୪୪

### ଏସିଆନ ଏଜ୍‌ଗ୍ରୁପ ସୁଇମିଂ ଚାମ୍ପିୟନଶିପ୍

# ୧୫ ସ୍ୱର୍ଣ୍ଣ ସହ ଭାରତକୁ ୫୨ ପଦକ

ବେଙ୍ଗାଲୁରୁ, ୨୭।୯



ବିର୍ଦ୍ଧାୱାଲ ଖାଡେ

ଏଠାରେ ଶୁକ୍ରବାର ଶେଷ ହୋଇଥିବା ୧୦ମ ଏସିଆନ ଏଜ୍‌ଗ୍ରୁପ ସୁଇମିଂ ଚାମ୍ପିୟନଶିପ୍‌ରେ ଭାରତ ମୋଟ ୫୨ ପଦକ ସହ ପଦକ ତାଲିକାର ୪ର୍ଥ ସ୍ଥାନ ଅଧିକାର କରିଛି। ଏହା ମଧ୍ୟରେ ୧୫ ସ୍ୱର୍ଣ୍ଣ, ୧୯ ରୌପ୍ୟ ଓ ୧୮ବ୍ରୋଞ୍ଜ ସାମିଲ। ପଦକ ତାଲିକାର ଶୀର୍ଷରେ ରହିଥିବା ଜାପାନ ୭୯(୪୭ ସ୍ୱର୍ଣ୍ଣ, ୧୭ ରୌପ୍ୟ, ୧୫ ବ୍ରୋଞ୍ଜ) ପଦକ ପାଇଥିବାବେଳେ ଥାଇଲାଣ୍ଡ ୬୩(୨୧ ସ୍ୱର୍ଣ୍ଣ, ୧୮ ରୌପ୍ୟ, ୨୪ ବ୍ରୋଞ୍ଜ) ସହ ଦ୍ୱିତୀୟ ଏବଂ ହଂକଂ ୫୭(୧୫ ସ୍ୱର୍ଣ୍ଣ, ୨୪ ରୌପ୍ୟ, ୧୮ ବ୍ରୋଞ୍ଜ) ପଦକ ସହିତ ତୃତୀୟ ସ୍ଥାନ ଅଧିକାର କରିଛି। ଭାରତର କୁଶାଗ୍ର ରାୱତ ଓପନ କାଟେଗୋରିରେ ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ସେ ୪ଟି ବ୍ୟକ୍ତିଗତ ପଦକ ପାଇଥିବାବେଳେ ରିଲେରେ ସ୍ୱର୍ଣ୍ଣ ପଦକ ଏବଂ ଗୋଟିଏ ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା କରିଥିଲେ। କୁଶାଗ୍ର ୨୦୦, ୪୦୦, ୮୦୦ ଓ ୧୦୦ ମିଟର ଫ୍ରିଷ୍ଟାଇଲ୍‌ରେ ସ୍ୱର୍ଣ୍ଣ ପଦକ ପାଇଥିଲେ। ୮୦୦ ମିଟର ଫ୍ରିଷ୍ଟାଇଲ୍‌ରେ ନୂଆ ମିଟ୍ ରେକର୍ଡ ମଧ୍ୟ କରିଥିଲେ। ଅନ୍ତିମ ଦିବସରେ ଭାରତର ଶ୍ରୀହରି ନଟରାଜ ବ୍ୟକ୍ତିଗତ ୩ୟ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ପୁରୁଷ ବିଭାଗ ୨୦୦ ମିଟର ବ୍ୟାକ୍‌ଷ୍ଟ୍ରୋକ୍(୨:୦୪.୨୫ ସେକେଣ୍ଡ)ରେ ସେ ପ୍ରଥମସ୍ଥାନ ଅଧିକାର କରିଥିଲେ। ସେହିପରି ତାରକା ସୁଇମର ବିର୍ଦ୍ଧାୱାଲ ଖାଡେ ପୁରୁଷ ବିଭାଗ ୫୦ ମିଟର ବଟରଫ୍ଲାଇ(୨୪.୨୨ ସେକେଣ୍ଡ)ରୁ ଭାରତର ସ୍ୱର୍ଣ୍ଣିମ ଅଭିଯାନ ଶେଷ କରିଥିଲେ। ଚାମ୍ପିୟନଶିପ୍‌ରେ ବ୍ୟକ୍ତିଗତଭାବେ ଏହା ତାଙ୍କର ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଥିଲା।

# କୋରିଆ ଓପନ: ସେମିରେ କାଶ୍ୟପ

ଇଞ୍ଚିଅନ,୨୭।୯(ପିଟି)

ଭାରତୀୟ ଶଟଲର ପାରୁପଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା କୋରିଆ ଓପନ ୱାର୍ଲ୍ଡ ଟୁର ସୁପର ୫୦୦ ଟୁର୍ନାମେଣ୍ଟର ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କାଶ୍ୟପ ବିଶ୍ୱ ୨ୟ ର୍‍ୟାଙ୍କ ଡେନମାର୍କର ଜାନ ଓ ଜୋର୍ଗେନସେନଙ୍କୁ ସିଧାସଳଖ ସେଟ୍‌ରେ ହେରାଇ ଦେଇଛନ୍ତି। ୩୩ ବର୍ଷୀୟ ହାଇଦ୍ରାବାଦ ଖେଳାଳି ୨୪-୨୨, ୨୧-୮ ଗେମ୍‌ରେ ମ୍ୟାଚ୍ ଜିତି ନେଇଛନ୍ତି। ସେ ଇଣ୍ଡିଆ ଓପନ ପରେ ପ୍ରଥମ ଥର କୌଣସି ଟୁର୍ନାମେଣ୍ଟର ସେମିରେ ପ୍ରବେଶ କରିଛନ୍ତି। ୨୦୧୪ ରାଜ୍ୟଗୋଷ୍ଠୀ ଚାମ୍ପିୟନ ଆଗାମୀ ମୁକାବିଲାରେ ବିଶ୍ୱର ନଂ ୧ ତଥା ଦୁଇଥର ଚାମ୍ପିୟନ କେଣ୍ଟୋ ମୋମୋଟାଙ୍କୁ ଭେଟିବେ। ପୂର୍ବତନ ୬ ର୍‍ୟାଙ୍କଧାରୀ କାଶ୍ୟପ ଚଳିତ ଟୁର୍ନାମେଣ୍ଟର ଯୋଗିତା ପର୍ଯ୍ୟାୟରୁ ଉନ୍ନୀତ ହୋଇଛନ୍ତି। ଦୀର୍ଘ ୫ ବର୍ଷ ପରେ ଡେନମାର୍କ ଶଟଲର ଜୋର୍ଗେନସେନଙ୍କୁ ଭେଟିଥିଲେ।

# ଫାଇନାଲରେ ଭାରତ



ସାଫ୍ ୧୮ ବର୍ଷରୁ କମ୍ ଫୁଟ୍‌ବଲ ଫାଇନାଲରେ ପ୍ରବେଶ କରିଥିବା ଭାରତୀୟ ଦଳ।

କାଠମାଣ୍ଡୁ, ୨୭।୯ (ପି.ଟି.)

ଏଠାରେ ଚାଲିଥିବା ସାଉଥ୍ ଏସିଆନ୍ ଫୁଟ୍‌ବଲ ଫେଡେରେଶନ (ସାଫ୍) ୧୮ ବର୍ଷରୁ କମ୍ ଫୁଟ୍‌ବଲ ପ୍ରତିଯୋଗିତାର ଫାଇନାଲରେ ଭାରତ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ ସେମିଫାଇନାଲ ମ୍ୟାଚ୍‌ରେ ଭାରତ ୪-୦ ଗୋଲରେ ମାଳଦ୍ୱୀପକୁ ହରାଇ ଦେଇଛି। ଭାରତ ରବିବାର ଅନୁଷ୍ଠିତ ହେବାକୁ ଥିବା ଫାଇନାଲ ମୁକାବିଲାରେ ବାଂଲାଦେଶକୁ ଭେଟିବ।

ମାଳଦ୍ୱୀପ ବିପକ୍ଷ ସେମିଫାଇନାଲ ମ୍ୟାଚ୍‌ର ଉଭୟାର୍ଦ୍ଧରେ ଭାରତୀୟ ଖେଳାଳିମାନେ ୨ଟି ଲେଖାଏ ଗୋଲସ୍କୋର କରିଥିଲେ। ମ୍ୟାଚ୍‌ର ପ୍ରାରମ୍ଭରୁ ଭାରତ ଅଗ୍ରଣୀ ନେବାରେ ସଫଳ ହୋଇଥିଲା। ୭ମ ମିନିଟ୍‌ରେ ଭାରତକୁ ଏକ କର୍ନର କିକ୍ ମିଳିଥିଲା। ଏହାର ଭରପୂର ଫାଇଦା ଉଠାଇ ନରେନ୍ଦ୍ର ଗେହଲଟ୍ ହେଡ୍ ଜରିଆରେ ବଲ୍‌କୁ ମାଳଦ୍ୱୀପ ଗୋଲପୋଷ୍ଟକୁ ପଠାଇ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ତେବେ ପ୍ରଥମାର୍ଦ୍ଧର ଅତିରିକ୍ତ ସମୟରେ ମାଳଦ୍ୱୀପର ଅନାଫ ରଶିଦଙ୍କ (୪୫+୧) ଏକ ଆତ୍ମଘାତୀ ଗୋଲ ବଳରେ ଭାରତ ୨-୦ରେ ଆଗୁଆ ରହିଥିଲା। ଏହାପରେ ଦ୍ୱିତୀୟାର୍ଦ୍ଧରେ ଦୁଇ ମିନିଟ୍ ଅନ୍ତରରେ ଭାରତ ୨ ଗୋଲସ୍କୋର କରିଥିଲା। ୭୯ତମ ମିନିଟ୍‌ରେ ମନବୀର ସିଂ ଓ ୮୧ତମ ମିନିଟ୍‌ରେ ନିଙ୍ଗୋଇଙ୍ଗାନବା ଗୋଲ ବଳରେ ଭାରତ ୪-୦ରେ ଏକପାଖିଆ ଭାବେ ମ୍ୟାଚ୍‌କୁ ଜିତିନେଇଥିଲା।

# ଆଇଟିଏଫ୍ ସଭାପତି ନିର୍ବାଚନ ହାରିଲେ ଖାନ୍ନା

ନୂଆଦିଲ୍ଲୀ,୨୭।୯(ପିଟି)

ଭାରତୀୟ କ୍ରୀଡ଼ା ପ୍ରଶାସକ ଅନୀଲ ଖାନ୍ନା ଅନ୍ତର୍ଜାତୀୟ ଟେନିସ ଫେଡେରେଶନ (ଆଇଟିଏଫ୍)ର ସଭାପତି ପଦ ପାଇଁ ନିର୍ବାଚନର ସମ୍ମୁଖୀନ ହୋଇ ବିଫଳ ହୋଇଛନ୍ତି। ଲିସବନଠାରେ ଶୁକ୍ରବାର ଅନୁଷ୍ଠିତ ଏଜିଏମ୍‌ରେ ଅନୀଲଙ୍କୁ ୧୪୬ ଖଣ୍ଡ ଭୋଟରେ ଆମେରିକାର ଡେଭିଡ ହାଗର୍ଟି ପରାସ୍ତ କରିଛନ୍ତି। ହାଗର୍ଟି ଆଇଟିଏଫ୍ ସଭାପତି ଭାବେ ଦ୍ୱିତୀୟ ଇନିଂସ ଆରମ୍ଭ କରିବେ। ସେ ୨୦୨୩ ପର୍ଯ୍ୟନ୍ତ ଦାୟିତ୍ୱ ସମ୍ଭାଳିବେ। ସର୍ବଭାରତୀୟ ଟେନିସ ମହାସଂଘ (ଏଆଇଟିଏ) ସଭାପତି ଓ ଭାରତୀୟ ଅଲିମ୍ପିକ୍ ଆସୋସିଏଶନ (ଆଇଓଏ) ଉପସଭାପତି ଖାନ୍ନା ମୋଟ ୪୨୮ ଖଣ୍ଡ ଭୋଟରୁ ମାତ୍ର ୯୩ ସମର୍ଥନ ପାଇଥିଲେ। ହାଗର୍ଟି ୨୫୯ ଖଣ୍ଡ ଭୋଟ ସହ ବିଜୟୀ ହୋଇଛନ୍ତି। ଏହି ପଦ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ଆୟର୍ଲାଣ୍ଡର ଡେଭିଡ ମିଲେ (୪୬) ଓ ଚେକ୍ ଗଣତନ୍ତ୍ରର ଇଭୋ କାର୍ଦେର୍କା (୩୦) ଯଥାକ୍ରମେ ୩ୟ ଓ ୪ର୍ଥ ସ୍ଥାନ ଅଧିକାର କରିଥିଲେ। ଏପରି କି ଖାନ୍ନା, ମିଲେ ଓ କାର୍ଦେର୍କାଙ୍କ ମିଳିତ ଭୋଟ ମଧ୍ୟ ହାଗର୍ଟିଙ୍କୁ ପରାସ୍ତ କରିବା ପାଇଁ ଯଥେଷ୍ଟ ନୁହେଁ। ଗତ ଥର ୨୦୧୫ରେ ଖାନ୍ନା ଓ ହାଗର୍ଟି ନିର୍ବାଚନର ସମ୍ମୁଖୀନ ହୋଇଥିଲେ। ସେଥର ଖାନ୍ନା ମାତ୍ର ୧୦ ଖଣ୍ଡ ଭୋଟରେ ପରାସ୍ତ ହୋଇଥିଲେ।

# ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ପାଇଁ ତତ୍ପରତା

ଭୁବନେଶ୍ୱର,୨୭।୯(ସ୍ପୋର୍ଟ୍ସ ବ୍ୟୁରୋ)

**୨୦୨୦ ସୁଦ୍ଧା ସମାପ୍ତ ହେବ**

ଭୁବନେଶ୍ୱରରେ ବ୍ୟାଡ୍‌ମିଣ୍ଟନ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରିବାରେ ଡାଲମିଆ ସିମେଣ୍ଟ୍ସ ଭାରତ ଲିମିଟେଡ ସହାୟତାର ହାତ ବଢ଼ାଇଛି। ଏଥିପାଇଁ ଡାଲମିଆ ସିମେଣ୍ଟ୍ସ ପୁଲେଲା ଗୋପୀଚାନ୍ଦ ବ୍ୟାଡମିଣ୍ଟନ ଫାଉଣ୍ଡେଶନ (ପିଜିବିଏଫ୍)କୁ ସହାୟତା କରିବ। କର୍ପୋରେଟ ସୋସିଆଲ ରେସପନସିବିଲିଟି (ସିଏସ୍‌ଆର)କୁ ଦୃଷ୍ଟିରେ ରଖି ଏହି କମ୍ପାନୀ ପ୍ରଥମେ ୩୦ କୋଟି ଟଙ୍କା ପ୍ରଦାନ କରିବ। ବ୍ୟାଡମିଣ୍ଟର ପ୍ରଚାର ଓ ପ୍ରସାର ନିମନ୍ତେ ପୂର୍ବରୁ ରାଜ୍ୟ ସରକରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠ ପାଇଁ ପିଜିବିଏଫ୍ ସହ ବୁଝାମଣା କରିଥିଲେ।

ଏହି ବିଶ୍ୱସ୍ତରୀୟ ବ୍ୟାଡିମିଣ୍ଟନ ଏକାଡେମୀ ଓ ହାଇପରଫର୍ମାନ୍ସ ସେଣ୍ଟରର ରୂପରେଖ, ରୋଡମ୍ୟାପ୍, ଡିଜାଇନ ଓ ଭିଜନକୁ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଲୋକସେବା ଭବନରେ ଅବଗତ କରାଯାଇଥିଲା। ଆଗାମୀ ଡିସେମ୍ବରରେ ସେଣ୍ଟରର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଓ ଏହା ୨୦୨୦ ସୁଦ୍ଧା ସମ୍ପୂର୍ଣ୍ଣରୂପେ ପ୍ରସ୍ତୁତ ହେବ। ଆସନ୍ତାବର୍ଷ ଡିସେମ୍ବରରୁ ହାଇ ପରଫର୍ମାନ୍ସ ସେଣ୍ଟରରେ ବ୍ୟାଡମିଣ୍ଟନ ଏକାଡେମୀ କାର୍ଯ୍ୟକରିବାର ଆରମ୍ଭ କରିବ। ଏହି ଏକାଡେମୀରେ ଖେଳାଳିଙ୍କୁ ବିଶ୍ୱସ୍ତରୀୟ ଟ୍ରେନିଂ ଓ କୋଚିଂ ସୁବିଧା ପ୍ରଦାନ କରାଯିବ। କିମ୍ବଦନ୍ତୀ ବ୍ୟାଡମିଣ୍ଟନ ଖେଳାଳି ତଥା କୋଚ୍ ପୁଲେଲା ଗୋପୀଚାନ୍ଦଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଏକାଡେମୀ ତଥା ସେଣ୍ଟର କାର୍ଯ୍ୟ କରିବ।

ଏନେଇ ଚାଲିଥିବା ପ୍ରୟାସକୁ ମୁଖ୍ୟମନ୍ତ୍ରୀ ସ୍ୱାଗତ କରିବା ସହ ପ୍ରଶଂସା କରିଛନ୍ତି। ଗୋପୀଚାନ୍ଦଙ୍କ ଦୂରଦୃଷ୍ଟି ଓ ଡାଲମିଆ ଭାରତର ସହାୟତାରେ ଏହି ସେଣ୍ଟର ଦେଶର ଅନ୍ୟତମ ବିଶ୍ୱସ୍ତରୀୟ ଟ୍ରେନିଂ ସେଣ୍ଟରରେ ପରିଣତ ହେବ ବୋଲି ସେ କହିଛନ୍ତି। ଏହି ସେଣ୍ଟର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୩ ଏକର ଜମି ଯୋଗାଇଦେବେ। କେବଳ ସେତିକି ନୁହେଁ ରାଜ୍ୟ ସରକାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପରିସରରେ ଏକ ମଲ୍ଟି ପରପୋଜ ବା ବହୁମୁଖୀ ଇନ୍‌ଡୋର ହଲ୍ ନିର୍ମାଣ କାର୍ଯ୍ୟ ଚାଲୁରଖିଛନ୍ତି। ଏହା ଆସନ୍ତା ଫେବୃୟାରୀ ସୁଦ୍ଧା ସମ୍ପୂର୍ଣ୍ଣ ରୂପେ ପ୍ରସ୍ତୁତ ହେବ। ଶିଳ୍ପାନୁଷ୍ଠାନଗୁଡ଼ିକର ସହାୟତାରେ କ୍ରୀଡ଼ାର ପ୍ରଚାର ପ୍ରସାର ହେବା ଏକ



ସକାରାତ୍ମକ ପଦକ୍ଷେପ ବୋଲି ସେ କହିଛନ୍ତି। ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ସରକାର ସବୁବେଳେ ପ୍ରୟାସ କରିବ ଓ ଏଭଳି କାର୍ଯ୍ୟକ୍ରମ ହାତକୁ ନେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ବିଭିନ୍ନ କ୍ରୀଡ଼ାବର୍ଗରେ ରାଜ୍ୟ ସରକାର ହାଇପରଫର୍ମାନ୍ସ ସେଣ୍ଟର ସ୍ଥାପନ ପାଇଁ ଗତ କିଛିବର୍ଷ ହେବ ଅଗ୍ରାଧିକାର ଦେଇ ଆସୁଛନ୍ତି। ବ୍ୟାଡମିଣ୍ଟନରେ ଯୁବ ପ୍ରତିଭା ଚିହ୍ନଟ ଓ ସେଗୁଡ଼ିକର ବିକାଶ ପାଇଁ ଏହି ଏକାଡେମୀ କାର୍ଯ୍ୟ କରିବ। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପିଜିବିଏଫ୍ ପ୍ରତିଷ୍ଠାତା ତଥା କୋଚ୍ ପୁଲୋଲା ଗୋପୀଚାନ୍ଦ, ମୁଖ୍ୟ ଶାସନ ସଚିବ ଅସିତ୍ କୁମାର ତ୍ରିପାଠୀ, କ୍ରୀଡ଼ା ସଚିବ ବିଶାଲ ଦେବ, କ୍ରୀଡ଼ା ନିର୍ଦ୍ଦେଶକ ଭିନିଲ କ୍ରିଷ୍ଣା, ଡାଲମିଆ ସିମେଣ୍ଟ୍ସ ମ୍ୟାନେଜିଂ ଡାଇରେକ୍ଟର ପୁନୀତ ଡାଲମିଆ ଉପସ୍ଥିତ ଥିଲେ।

**ମନେ ପଡ଼ନ୍ତି**
ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
୰କାମିନୀ ସାହୁ
ସ୍ୱାମୀ : ଫଗୁ ଚରଣ ସାହୁ
ନଖରା, ଫୁଲନଖରା, ଖୋର୍ଦ୍ଧା
ଆବିର୍ଭାବ : ୦୨.୦୨.୧୯୫୨
ତିରୋଧାନ: ୧୮.୦୯.୨୦୧୯
ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-: ଶୋକସନ୍ତପ୍ତ :-
ସ୍ୱାମୀ, ପୁଅ-ହେମନ୍ତ ସାହୁ, ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ ଏବଂ ବନ୍ଧୁ ଓ ପରିବାରବର୍ଗ
ଧ-୧୪୫୪୩



Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ










# ଯୁବକଙ୍କୁ ହତ୍ୟା

**କୁଚିଣ୍ଡା, ୨୭।୯ (ଡି.ଏନ୍.ଏ.)**

ଜଣେ ଯୁବକଙ୍କୁ ହତ୍ୟା କରାଯାଇ ରାସ୍ତା କଡ଼ରେ ପକାଇ ଦିଆଯାଇଥିଲା । ସମ୍ବଲପୁର ଜିଲା କୁଚିଣ୍ଡା ଥାନା ଅଧୀନ କୁଇଲେରଯୋର ଗାଁ ଯାତ୍ରୀ ପ୍ରତୀକ୍ଷାଳୟ ନିକଟରୁ ଶୁକ୍ରବାର ଭୋର୍‌ରୁ ତାଙ୍କ

**ଯାତ୍ରୀ ପ୍ରତୀକ୍ଷାଳୟ ନିକଟରୁ ମୃତଦେହ ଉଦ୍ଧାର**

କ୍ଷତାକ୍ତ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ନାମ ରାଜୁ ବେହେରା (୨୦)। ସେ ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଝିଲ୍ଲି ଗାଁର ଅରୁଣ ବେହେରାଙ୍କ ପୁଅ ବୋଲି ତାଙ୍କ ସାର୍ଟ ପକେଟରୁ ପୋଲିସ ପାଇଥିବା ଡ୍ରାଇଭିଂ ଲାଇସେନ୍ସରୁ ଜଣାପଡିଛି। କୁଚିଣ୍ଡା ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ପରିବାର ଲୋକଙ୍କୁ ଖବର ଦେଇଛି। ଶନିବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ। ଏ ନେଇ କୁଚିଣ୍ଡା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୩୩/୧୯) ରୁଜୁ କରି ପୋଲିସ ଅଧିକ ତଦନ୍ତ ଜାରି ରଖିଛି। ପାରିପାର୍ଶ୍ୱିକ ସ୍ଥିତିରୁ ଏହା ଏକ ହତ୍ୟାକାଣ୍ଡ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିପାରିଛି।

# ୧୧୧ ବୋତଲ କଫ୍ ସିରପ୍ ଜବତ, ଜଣେ ଗିରଫ

**ନୂଆପଡା ଅଫିସ,୨୭।୯:** ନୂଆପଡା ପୋଲିସ ଶୁକ୍ରବାର ସ୍ଥାନୀୟ ମନ୍ଦିର ପଡାରେ ଚଢାଉ କରି ଦେବେନ୍ଦ୍ର କୁମାର ସାହୁ (୪୦) ନାମକ ଜଣେ ବ୍ୟକ୍ତିଙ୍କ ଘରୁ ୧୧୧ ବୋତଲ କଫ୍ ସିରପ୍ ଜବତ କରି ତାଙ୍କୁ ଗିରଫ କରାଯାଇଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୧୦୪/୧୯) ରୁଜୁ କରି କୋର୍ଟ ଚାଲାଣ କରିଛି। ଥାନାଧିକାରୀ ଆଦିତ୍ୟ କୁମାର ମହାକୁଡଙ୍କ ନିର୍ଦ୍ଦେଶ କ୍ରମେ ପୋଲିସ ଚଢାଉ କରଥିଲା।



ଧରିତ୍ରୀ
DHARITRI
ସମ୍ବଲପୁର, ଶନିବାର, ୨୮ ସେପ୍ଟେମ୍ବର, ୨୦୧୯



ରାଷ୍ଟ୍ରର ପ୍ରତ୍ୟେକ ବ୍ୟକ୍ତି ଶ୍ରଦ୍ଧା, ନିଷ୍ଠା ତଥା ଦୃଢ଼ ଆତ୍ମବିଶ୍ୱାସ ବଳରେ ରାଷ୍ଟ୍ରକୁ ନିଶ୍ଚୟ ସମୁନ୍ନତ କରାଇପାରିବେ।
- ମଦନମୋହନ ମାଳବ୍ୟ



## ସଂକ୍ଷେପରେ



### ଶିଶୁ ମନ୍ଦିରରେ ବୃକ୍ଷରୋପଣ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଘଣ୍ଟାପଡା ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ଅଭିଭାବକମାନଙ୍କ ଦ୍ୱାରା ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଭିଭାବକ ମହେଶ୍ୱର ରଣାଙ୍କ ଆହ୍ୱାନକ୍ରମେ ଶିଶୁ ମନ୍ଦିରରେ ଏକ ସଚେତନତା ସଭା ହୋଇଥିଲା। ଏଥିରେ ପୂର୍ବତନ ସମ୍ପାଦକ ଅଗସ୍ତି ମଲିକ, ପ୍ରଧାନଆଚାର୍ଯ୍ୟ ଶେଷଦେବ ସେଠୀ, ଗୁରୁଜୀ ଚକ୍ରଚୁଡ ବର୍ଗେ, ମହେଶ୍ୱର ରଣା, ଧରଣୀଧର ପଟ୍ଟନାୟକ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ । ପରେ ଶିଶୁ ମନ୍ଦିର ପରିସରରେ ପ୍ରାୟ ୪୦ଟି ଦେବଦାରୁ ଗଛ ରୋପଣ କରାଯାଇଥିଲା। ଏଥିରେ ଅଭିଭାବକ ଦେଓ କୁମାର ବେହେରା, ଲଳିତ ପୁଟା, ନବୀନ ମେଣ୍ଡିଲି, ପ୍ରଭାତ ସାହୁ, ଶ୍ରୀନିବାସ ପାତ୍ର, ନିତ୍ୟାନନ୍ଦ ସେନାପତି ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

### ୩୨ ୟୁନିଟ ରକ୍ତ ସଂଗ୍ରହ

ପଦ୍ମପୁର, ୨୭।୯ (ଡି.ଏନ.ଏ)
ପଦ୍ମପୁର ରକ୍ତ ଭଣ୍ଡାରରେ ନିଆରା ଢ଼ଙ୍ଗରେ ଜନ୍ମଦିବସ ପାଳନ କରିଛନ୍ତି ଯୁବନେତା ତଥା ସାମାଜିକ କର୍ମୀ ଅଭିଷେକ ରଥ ଓ ସାଇସ୍ମିତ୍ରା ମହନ୍ତ । ଜନ୍ମ ଦିବସରେ ଉଭୟ ଭାଇ, ଭଉଣୀ ପ୍ରଥମେ ଉପଖଣ୍ଡ ଚିକିତ୍ସାଳୟର ରୋଗୀମାନଙ୍କୁ ଫଳ ବଣ୍ଟନ କଲାପରେ ରକ୍ତ ଭଣ୍ଡାରରେ ରକ୍ତଦାନ ଶିବିରର ଆୟୋଜନ କରିଥିଲେ । ଶିବିରରେ ୩୨ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଡା. ନରେଶ ପ୍ରଧାନ ମୁଖ୍ୟଅତିଥି ଓ ସମାଜସେବୀ ନିରୋଜ ଦୋରା ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରାଜା ବାଗ, ଲିପୁ ନାୟକ, ଜିତେନ୍ଦ୍ର ଦାଶ, ନରେଶ ଦାଶ, ଲାଲବିହାରୀ ମିଶ୍ର, ପ୍ରଦୀପ୍ତ ଦାଶ, ଅଶ୍ୱିନୀ ଧରୁଆ, ରତ୍ନମଣୀ ଶତପଥି ସହଯୋଗ କରିଥିଲେ ।

### ଡାକବଙ୍ଗଳାରୁ ଶାଗୁଆନ ଗଛ ଚୋରି ଉଦ୍ୟମ

ଗଣ୍ଡତୁରୁମ, ୨୭।୯ (ଡି.ଏନ.ଏ)
ଭେଡେନ ଥାନା ତଥା ରୁଷୁଡା ଫାଣ୍ଡି ଅନ୍ତର୍ଗତ ଗଣ୍ଡତୁରୁମ ରାଜସ୍ୱ ଡାକବଙ୍ଗଳାରୁ ଗୁରୁବାର ରାତିରେ ଶାଗୁଆନ ଗଛ ଚୋରି ଉଦ୍ୟମ ହୋଇଛି । ଗ୍ରାମର ଜଣେ ଯୁବକ ଗଛ କାଟୁଥିବା ବେଳେ ଗଛଟି ବିଦ୍ୟୁତ୍ ତାରରେ ପଡିଯିବାରୁ ତାର ଛିଣ୍ଡି ଯିବା ସହିତ ଚମାରପଡାର ସମସ୍ତ ଖୁଣ୍ଟ ଭାଙ୍ଗି ଯାଇଥିଲା । ଫଳରେ ଲୋକେ ହଠାତ ଉଠି ପଡିବାରୁ ଉକ୍ତ ଯୁବକ ସେଠାରୁ କୁରାଢ଼ି ଧରି ଦୌଡି ପଳାଉଥିବା ଦେଖିବାକୁ ପାଇଥିଲେ । ଖବର ପାଇ ଫରେଷ୍ଟର ଧ୍ୟାନଚାନ୍ଦ ଝାଙ୍କର ଗଛଟିକୁ ଜବତ କରିବା ସହିତ ଏ ନେଇ ଏକ ମାମଲା ରୁଜୁ କରିଛନ୍ତି । ସେହିପରି ଉକ୍ତ ଡାକବଙ୍ଗଳା ପରିସରରୁ ଆହୁରି ୫ଟି ଶାଗୁଆନ ଗଛ, ପ୍ରାଣୀଧନ ସେବାକେନ୍ଦ୍ରର ୟୁକାଲିପଟାସ, ଚନ୍ଦନଗଛ ମଧ ଚୋରି ହୋଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଭେଡେନ ତହସିଲଦାର ସୀମା ସୁନୀତା କୁଲୁଙ୍କୁ ଯୋଗାଯୋଗ କରାଯିବାରୁ ଅଭିଯୁକ୍ତଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ ।

### ଗାନ୍ଧୀ ଜୟନ୍ତୀ ପାଇଁ ପ୍ରତିଯୋଗିତା

ଭେଡ଼େନ,୨୭।୯(ଡ଼ି.ଏନ.ଏ)
୧୫୦ତମ ଗାନ୍ଧୀ ଜୟନ୍ତୀ ପାଳନ ସକାଶେ ଭେଡ଼େନ ବ୍ଲକ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ତର୍କ, ପ୍ରବନ୍ଧ, କୁଇଜ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ଗୁରୁବାର ବିଇଓଙ୍କ ଅଫିସ୍‌ରେ ଅନୁଷ୍ଠିତ ହୋଇଛି । ବିଇଓ ମଛିନ୍ଦ୍ର ମଲିକଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବ୍ଲକ ୧୪ଟି କ୍ଲଷ୍ଟରର ୧୪୦ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ଲଳିତ ସାହୁ, ରାଜ କୁମାର ନାଏକ, ସୁଦାମ ମିଶ୍ର, ସୁଷମା ଦାଶ, ମୀନକେତନ ପ୍ରଧାନ, ତାରାଚାନ୍ଦ ଭୋଇ, ହରେକୃଷ୍ଣ ସାହୁ, ଦେବେନ୍ଦ୍ର ଡ଼ନସନା ବିଚାରକ ଦାୟିତ୍ୱ ସମ୍ପାଦନ କରିଥିଲେ। ଉଦଯାପନୀ ଉତ୍ସବରେଏବିଇଓ ହେମବତୀ ମେହେର, ଅଭିମନ୍ୟୁ ଭୋଇ ଅତିଥି ଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସିଆରସିସି ଅରୁଣ ଭୋଇ ସ୍ୱାଗତ ଭାଷଣ ଓ କ୍ଷୀତେଶ୍ୱର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

■ କେନ୍ଦ୍ରୀୟ ଯୋଜନା ହଡପର ପ୍ରତିବାଦ

# ବ୍ଲକ, ଏନଏସି ଅଫିସ୍ ଘେରିଲେ ଭାଜପା କର୍ମୀ



ଭାଜପା କର୍ମୀମାନେ କନ୍ଧମାଳ ବ୍ଲକ ଅଫିସ୍ ଘେରାଉ କରିଛନ୍ତି ।




ବୌଦ୍ଧରେ ଭାଜପା କର୍ମୀମାନେ ଏନଏସି ଅଫିସ୍ ଘେରାଉ କରିଛନ୍ତି ।

ବୌଦ୍ଧ,୨୭।୯(ସ୍ୱ.ପ୍ର)
କେନ୍ଦ୍ରୀୟ ଯୋଜନା ହଡପ ପ୍ରତିବାଦରେ ବୌଦ୍ଧ ଜିଲା ଭାଜପା କର୍ମୀମାନେ ବୌଦ୍ଧଗଡ ବିଜ୍ଞାପିତ ଅଞ୍ଚଳ ପରିଷଦରେ ଶୋଭାଯାତ୍ରା କରି ନିର୍ବାହୀ ଅଧିକାରୀ ମନୋରଞ୍ଜନ ପଣ୍ଡାଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ । ଏଥିରେ ବରିଷ୍ଠ ନେତା ବିପ୍ର ଚରଣ ମହାନ୍ତି, ମନୋରଞ୍ଜନ ଦାଶ, ନମିତାରାଣୀ ଦାଶ, ସରୋଜ ପ୍ରଧାନ, ଶମ୍ଭୁ ପ୍ରସାଦ ପ୍ରଧାନ, କାର୍ତ୍ତିକେଶ୍ୱର ପଣ୍ଡା, ଆଶୁତୋଷ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ବୌଦ୍ଧ ବ୍ଲକରେ ଗୋଷ୍ଠୀ ଅଧିକାରୀଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ବରିଷ୍ଠ ନେତା କହ୍ନେଇ ଚରଣ ଡାଙ୍ଗ, ସରୋଜ ପ୍ରଧାନ, ବିଶିକେଶନ ପ୍ରଧାନ, ପ୍ରଭାତ ନାଏକ ପ୍ରମୁଖ ଯୋଗଦାନ କରିଥିଲେ। ହରଭଙ୍ଗା ବ୍ଲକରେ ସରୋଜ ପ୍ରଧାନଙ୍କ ନେତୃତ୍ୱରେ ତ୍ରିଲୋଚନ ଦେହୁରୀ, ବିଭୀଷଣ ବୋକ୍ତା, ଲଳିତ ପାତ୍ର, ରାମ ବେହେରା, ମାଧବ କଅଁର ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

**କନ୍ଧମାଳ ( ଡି.ଏନ.ଏ):** କେନ୍ଦ୍ରୀୟ ଯୋଜନାକୁ ବିଜେଡି ସରକାର ନିଜ ନାମରେ ପ୍ରଚାର କରୁଥିବାରୁ ଏହାର ପ୍ରତିବାଦରେ ଶୁକ୍ରବାର କନ୍ଧମାଳ ବ୍ଲକ ଅଫିସ୍‌କୁ ଭାଜପା ପକ୍ଷରୁ ଘେରାଉ କରାଯାଇଥିଲା। ଘଣ୍ଟାଏ ଧରି ବ୍ଲକ ଅଫିସ୍‌କୁ ଦଳର କର୍ମୀମାନେ ଘେରାଉ କରିବା ସହ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ଏହାସହିତ ୪ଦଫା ସମ୍ବଳିତ ଦାବିପତ୍ର ବିଡିଓଙ୍କ ମାଧ୍ୟମରେ ରାଜ୍ୟପାଳଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଘଣ୍ଟାପଡା ମଣ୍ଡଳ ସଭାପତି ପୀନାକ ରଣା, ଅନୀଲ ପ୍ରଧାନ, ନିରଞ୍ଜନ କର୍ଣ୍ଣ, ଜିଲା ଉପସଭାପତି ବିନାୟକ ଖେତି, ଜିଲା ସମ୍ପାଦକ ଚିତ୍ତ ପାତ୍ର, ଜିଲା ଅନୁସୂଚିତ ଜନଜାତି ସମ୍ପାଦକ ଉମ୍ବରୁଧର କହଁର, ଆଦିବାସୀ ନେତା ପ୍ରତାପ ଝାଙ୍କର, ବାଦୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ ।

### ବିଦ୍ୟୁତ୍ ସଂଯୋଗ ନେଇ ଜାମୁପଦରବାସୀ ହଟହଟା

ପୁରୁଣାକଟକ,୨୭।୯(ଡି.ଏନ.ଏ)
ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ କରଞ୍ଜକଟା ପଞ୍ଚାୟତ ଅନ୍ତର୍ଗତ ଜାମୁପଦର ଗ୍ରାମର ୬୦ ବିପିଏଲ ପରିବାରକୁ ଆସିଥିବା ବିଦ୍ୟୁତ୍ ବିଲ୍ ସେମାନଙ୍କ ମୁଣ୍ଡବ୍ୟଥାର କାରଣ ପାଲଟିଛି । ସେମାନେ ଯେତିକି ବିଦ୍ୟୁତ୍ ବ୍ୟବହାର କରିନାହାନ୍ତି ତାଠାରୁ ବହୁଗୁଣା ଅଧିକ ବିଲ୍ ଆସିଛି । ଏପରି ବର୍ଦ୍ଧିତ ଦେୟକୁ ନେଇ ଗ୍ରାମର ବାଲ୍ମିକ ଦେହୁରୀ, ସାରଥି ଦେହୁରୀ, ନନ୍ଦିନୀ ଦାସ, ସମିର ଦେହୁରୀ, ଅନ୍ନପୂର୍ଣ୍ଣା ପ୍ରଧାନ, ଲକ୍ଷ୍ମଣ ପ୍ରଧାନ, ରଜନୀ ନାଏକ, କଇଁଫୁଲ ଦାସ, ରୁକ୍ମଣୀ ବେହେରା, ଲକ୍ଷ୍ମଣ ପାତ୍ର, ଖଗେଶ୍ୱର ଦାସଙ୍କ ସମେତ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ମହିଳାପୁରୁଷ ପୁରୁଣାକଟକ ବିଦ୍ୟୁତ୍ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଅନୁସାରେ, ଜାମୁପଦର ଗ୍ରାମରେ ୬୦ ବିପିଏଲ୍ ପରିବାର ବିଦ୍ୟୁତ ସଂଯୋଗ ନେଇଛନ୍ତି। ସେମାନେ ପ୍ରତ୍ୟେକ ମାସରେ ୮୦ରୁ ୧ଶହ ଟଙ୍କା ବିଦ୍ୟୁତ୍ ବିଲ୍ ପୈଠ କରି ଆସୁଥିଲେ। ମାତ୍ର ଗତ ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ମାସିକ ୫୭୦ ଟଙ୍କା ବିଲ୍ ଆସିବା ନେଇ ସ୍ଥାନୀୟ ଲାଇନମ୍ୟାନଙ୍କୁ ପଚାରିବାରୁ ୩୦ ୟୁନିଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟବହାର କଲେ ମାସିକ ୫୭୦ ଟଙ୍କା ବିଲ୍ ଦେବାକୁ ପଡିବ ବୋଲି କହିଥିଲେ। ଏହା ଶୁଣି ସେମାନେ ଆଶ୍ଚର୍ଯ୍ୟ ହେବା ସହ ଗୁରୁବାର କନିଷ୍ଠ ଯନ୍ତ୍ରୀଙ୍କ ନିକଟରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଞ୍ଜନ କୁମାର ବାରିକଙ୍କୁ ପଚାରିବାରୁ ସେ ସୌଭାଗ୍ୟ ଯୋଜନାରେ ବିଦ୍ୟୁତ୍ ସଂଯୋଗ ନେଇଥିବା ସମସ୍ତ ଉପଭୋକ୍ତା ୩୦ ୟୁନିଟରୁ କମ୍ ବ୍ୟବହାର କଲେ ମାସିକ ୫୭୦ ଟଙ୍କା ବିଲ୍ ଦେବାକୁ ପଡିବ । ଏହି ବ୍ୟବସ୍ଥା ସରକାର ଲାଗୁ କରିଛନ୍ତି। ୧ ମାସ ପରେ ଏହାର ପୁନର୍ବିଚାର କରାଯିବ ବୋଲି କହିଥିଲେ ।

## ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ବିଜ୍ଞାନ ସେମିନାର

ମନମୁଣ୍ଡା, ୨୭।୯ (ଡି.ଏନ.ଏ)
ମନମୁଣ୍ଡା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ବିନୋଦ ଚନ୍ଦ୍ର ସାବତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସେମିନାରରେ ମନମୁଣ୍ଡା ପୁରାତନ ଛାତ୍ର ସଂସଦ ସଭାପତି ଗୋବର୍ଦ୍ଧନ ସାହୁ ମୁଖ୍ୟଅତିଥି, ଆମ୍ବଗାଁ ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ଦେବରାଜ ସାହୁ ମୁଖ୍ୟବକ୍ତା, ଖଟଖଟିଆ ଶ୍ରୀ ଜଗନ୍ନାଥ ଉଚ୍ଚ ବିଦ୍ୟାପୀଠ ପ୍ରଧାନଶିକ୍ଷକ ସତ୍ୟବାନ ବସ୍ତିଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ବ୍ଲକର ୧୮ଟି ଉଚ୍ଚ ବିଦ୍ୟାଳୟରୁ ୧୮ଜଣ ଛାତ୍ରୀଛାତ୍ର ଏବଂ ୧୮ ଜଣ ବିଜ୍ଞାନ ଶିକ୍ଷୟିତ୍ରୀ, ଶିକ୍ଷକମାନଙ୍କ ସହ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ବହୁ ଛାତ୍ରୀଛାତ୍ର ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସହକାରୀ ଶିକ୍ଷକ ମାନସ ରଞ୍ଜନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷୟତ୍ରୀ ଶିକ୍ଷକ ନମିତା ନାଏକ, ଗୀତାଞ୍ଜଳି ପୃଷ୍ଟି, ସସ୍ମିତ କୁମାର ମିଶ୍ର, ଜୟକୃଷ୍ଣ ପ୍ରଧାନ, ମୋତିଲାଲ କାଲସା ଓ ନଳିନୀ ପୂଜାହାରୀ ସହଯୋଗ କରିଥିଲେ । ଶିକ୍ଷକ ସତ୍ୟପାଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ।

## ପଞ୍ଚାୟତ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା

ବୌଦ୍ଧ,୨୭।୯(ସ୍ୱ.ପ୍ର)
ବୌଦ୍ଧ ପଞ୍ଚାୟତ କଲେଜ ଅର୍ଥନୀତି ବିଭାଗର ପ୍ରଥମବର୍ଷ ଛାତ୍ରୀଛାତ୍ରମାନଙ୍କୁ ଶୁକ୍ରବାର ଦ୍ୱିତୀୟ ଓ ଶେଷବର୍ଷର ଛାତ୍ରୀଛାତ୍ରମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଛନ୍ତି। ଏଥିରେ କଲେଜ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ । ବିଭାଗୀୟ ମୁଖ୍ୟ ଅଧ୍ୟାପକ ସୁନୀଲ ସରଉଙ୍ଗିଆ ଓ ଅଧ୍ୟାପକ ସୁରଜ କୁମାର ନାଏକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଛାତ୍ରୀ କ୍ରିଷ୍ଟାରାଣୀ ପ୍ରଧାନ ସ୍ୱାଗତ ଭାଷଣ ଓ ଛାତ୍ର ଆଶିଷ ଜାଲ ଧନ୍ୟବାଦ ଅର୍ପଣ କରିଥିଲେ ।




ଫଟୋ କ୍ୟାପ୍‌ସନ୍

### ଟ୍ରାଫିକ ସଚେତନତା ପାଇଁ ସମ୍ବର୍ଦ୍ଧିତ

ଭେଡ଼େନ,୨୭।୯(ଡ଼ି.ଏନ.ଏ)
ପଶ୍ଚିମ ଓଡ଼ିଶା ଟ୍ରାଫିକ ସଚେତନତା ସଂଯୋଜକ ପଦ୍ମଲୋଚନ ଭୋସାଗର ଏବଂ ତାଙ୍କ ସହଯୋଗୀମାନେ ମଙ୍ଗଳବାର ଓ ବୁଧବାର ଦୁଇଦିନ ଧରି ଭୁବନେଶ୍ୱରରେ ଟ୍ରାଫିକ ସଚେତନତା କାର୍ଯ୍ୟ କରିଛନ୍ତି। ଏହି କାର୍ଯ୍ୟ ପାଇଁ ପଦ୍ମଲୋଚନ ଭୋସାଗରଙ୍କୁ ଭୁବନେଶ୍ୱର ଅତିରିକ୍ତ ଟ୍ରାଫିକ ଡ଼ିସିପି ଅମରେଶ ପଣ୍ଡା ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଛନ୍ତି ।

■ ଶାଳା ସିଦ୍ଧି ତାଲିମ ଶିବିର

## ପାଠଶାଳାର ସ୍ଥିତି ପରଖିବା ଲକ୍ଷ୍ୟ

ଭଟଲି,୨୭।୯(ଡି.ଏନ.ଏ.)
ପାଠଶାଳାର ସଠିକ୍ ସ୍ଥିତି ପରଖିବା ସହିତ ତାର ଉନ୍ନତି ପାଇଁ ଯୋଜନା କରିବା ସକାଶେ ସରକାର ଶାଳାସିଦ୍ଧି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ରାଜ୍ୟ ସମଗ୍ର ଶିକ୍ଷା ଅଭିଯାନ ପକ୍ଷରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ସଫଳ ରୁପାୟନ ସକାଶେ ବରଗଡ଼ ଜିଲା ଭଟଲି ସତିହାରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୧୦୦ ଜଣ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ନେଇ ଅନୁଷ୍ଠିତ ଏହି ତାଲିମ ଶିବିରକୁ ବିଇଓ ଛତ୍ରପତି ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏବିଇଓ ଅରୁଣ କୁମାର ବେହେରା, ପ୍ରଧାନଶିକ୍ଷୟିତ୍ରୀ ରବିନାରାୟଣ ଭୋଇ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏମ୍‌ଆଇଏସ୍ ସଂଯୋଜକ ପ୍ରକାଶ ଚନ୍ଦ୍ର ସାହୁ ଏବଂ ସିଆରସିସି ରମେଶ ଚନ୍ଦ୍ର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସୁଶୀଲ କୁମାର ସାହୁ ଏବଂ ପହଣ୍ଡି ବିଜୟ ମେହେର ସାଧନକର୍ମୀ ଭାବେ ଯୋଗଦେଇ ତଥ୍ୟ ପ୍ରଦାନ କରିଥିଲେ।

### ୧୫ ହିତାଧିକାରୀଙ୍କୁ ଘରବାରି ପଟ୍ଟା ପ୍ରଦାନ

ମନମୁଣ୍ଡା, ୨୭।୯ (ଡି.ଏନ.ଏ)
କନ୍ଧମାଳ ତହସିଲଦାର ବନ୍ଦନା ଖଟୁଆ ଶୁକ୍ରବାର ମନମୁଣ୍ଡା ଆରଆଇ ସର୍କଲର ୧୫ଜଣଙ୍କୁ ଏ. ୦.୦୪୦ ଡେସିମିଲ ଘରବାରି ପଟ୍ଟା ପ୍ରଦାନ କରିଛନ୍ତି । ଆରଆଇ ଅଫିସ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମନମୁଣ୍ଡା ଆରଆଇ ସୁରେନ୍ଦ୍ର କୁମାର ସାହୁ, କର୍ମଚାରୀ ଜୟଲାଲ ପ୍ରଧାନ, କନିଷ୍ଠ କିରାଣୀ ସତ୍ୟ ବାଦୀ ପ୍ରମୁଖ ସହଯୋଗ କରିଥିଲେ । ପର୍ଯ୍ୟାୟକ୍ରମେ ମନୋନୀତ ଅନ୍ୟ ଘରବାରିହୀନ ହିତାଧିକାରୀମାନଙ୍କୁ ମାଗଣା ଘରବାରି ପଟ୍ଟା ପ୍ରଦାନ କରାଯିବ ବୋଲି ତହସିଲଦାର ଖଟୁଆ ଜଣାଇଛନ୍ତି।

## ପ୍ରତିବାଦ ଜଣାଇଲା ଭାଜପା

**ବୌଦ୍ଧ ସହରକୁ ଦୂଷିତ ପାଣି ଯୋଗାଣ**

ବୌଦ୍ଧ,୨୭।୯(ସ୍ୱ.ପ୍ର)
ବୌଦ୍ଧ ସହର ମହାନଦୀ କୂଳରେ ଥିଲେ ମଧ ସହରବାସୀଙ୍କୁ ବିଶୁଦ୍ଧ ପାନୀୟ ଜଳ ମିଳୁନି । ଫଳରେ ଲୋକେ ଗୋଳି ପାଣି ବ୍ୟବହାର କରୁଛନ୍ତି । ଏହାର ପ୍ରତିବାଦରେ ଶୁକ୍ରବାର ଜିଲା ଭାଜପା ପକ୍ଷରୁ ଜନସ୍ୱାସ୍ଥ୍ୟ ଅଫିସ୍‌ରେ ଅଭିଯୋଗ କରିବା ସହ ଏକ ଗୋଳିଆ ପାଣି ବୋତଲକୁ କନିଷ୍ଠ ଯନ୍ତ୍ରୀ ନିରଞ୍ଜନ ସାହୁଙ୍କୁ ପ୍ରଦାନ କରାଯାଇଥିଲା। ଆଗାମୀ ଦିନରେ ବିଶୁଦ୍ଧ ପାଣି ଯୋଗାଇ ଦିଆ ନ ଗଲେ ଭାଜପା ଆନ୍ଦୋଳନ କରିବ ବୋଲି ଚେତାବନୀ ପୂର୍ବତନ ଜିଲା ସଭାପତି ମନୋରଞ୍ଜନ ଦାଶ, ମହିଳା ମୋର୍ଚ୍ଚା ସଭାପତି ନମିତାରାଣୀ ଦାଶ, ସରୋଜ ପ୍ରଧାନ, ଭାଜପା ଜିଲା ସାଧାରଣ ସମ୍ପାଦକ ବିପ୍ରଚରଣ ମହାନ୍ତି ପ୍ରମୁଖ ଚେତାବନୀ ଦେଇଛନ୍ତି ।



ଭାଜପା ନେତାମାନେ ଗୋଳିଆ ପାଣି ବୋତଲ ଜେଇଙ୍କୁ ଦେଖାଉଛନ୍ତି ।

# ବୌଦ୍ଧକୁ ସମ୍ବଲପୁର ଆରଡିସିରେ ସାମିଲ ଆନ୍ଦୋଳନ ତେଜିଲା

ବୌଦ୍ଧ,୨୭।୯(ସ୍ୱ.ପ୍ର)
ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ ପାଇଁ ଦୀର୍ଘ ଦିନରୁ ବୌଦ୍ଧ ଜିଲାବାସୀ ଦାବି କରିଆସୁଥିବାବେଳେ ସରକାର ଏଥିପ୍ରତି କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି । ଫଳରେ ଏହାର ପ୍ରତିବାଦରେ ଜିଲା ଓକିଲ ସଂଘ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି । ଶୁକ୍ରବାର ଜିଲା ଓକିଲ ସଂଘ ସଭାପତି ତାରେଣି କୁମାର ମହାପାତ୍ର ଓ ସମ୍ପାଦକ ଅଶୋକ କୁମାର ମିଶ୍ରଙ୍କ ନେତତ୍ୱରେ ଜିଲା ଓକିଲ ସଂଘ, ସିଭିଲ ଆଣ୍ଡ କ୍ରିମିନାଲ ଓକିଲ ସଂଘ, କନ୍ଧମାଳ ଓକିଲ ସଂଘ ଓ ହରଭଙ୍ଗା ଓକିଲ ସଂଘର ସମସ୍ତ ଆଇନଜୀବୀ ଏକ ଶୋଭାଯାତ୍ରାରେ ଜିଲାପାଳଙ୍କ ଅଫିସ୍‌କୁ ଯାଇଥିଲେ। ସେଠାରେ ଜିଲାପାଳ ଲଲାଟେନ୍ଦୁ ମିଶ୍ରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ନୂତନ କୋର୍ଟରେ ଥିବା ଓକିଲ ସଂଘ ପରିସରରେ ଏକ ଖବରଦାତା ସମ୍ମିଳନୀ ସଭାପତି ତାରେଣୀ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀରେ ରାଜ୍ୟ ସରକାର ବୌଦ୍ଧ ଜିଲାବାସୀଙ୍କ ନ୍ୟାଯ୍ୟ ଦାବି ପୂରଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ସହିତ ବୌଦ୍ଧ ଜିଲାକୁ ସମ୍ବଲପୁର ରାଜସ୍ୱ ଆୟୁକ୍ତ ଅଧୀନରେ ସାମିଲ କରିବାକୁ ଦାବି କରାଯାଇଥିଲା । ସରକାର ତୁରନ୍ତ ଏ ଦିଗରେ ପଦକ୍ଷେପ ଗ୍ରହଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ସଭାପତି ମହାପାତ୍ର ପ୍ରକାଶ କରିଛନ୍ତି । ସମ୍ମିଳନୀରେ ଉପସଭାପତି ଅଶୋକ କୁମାର ସାହୁଙ୍କ ସମେତ ବରିଷ୍ଠ ଆଇନଜୀବୀମାନେ ଉପସ୍ଥିତ ଥିଲେ ।



ଆଇନଜୀବୀମାନେ ଦାବିପତ୍ର ଦେବାକୁ ଜିଲାପାଳଙ୍କ ଅଫିସ୍‌କୁ ଆସିଛନ୍ତି।

### ଘଣ୍ଟାପଡା କଲେଜରେ ସ୍ୱାଗତ ଉତ୍ସବ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)
କନ୍ଧମାଳ ବ୍ଲକ ଘଣ୍ଟାପଡା ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷା ମଧୁସ୍ମିତା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଲେଜ ପିଚାଳନା କମିଟି ସଭାପତି ଲିଙ୍ଗରାଜ ମଲିକ, ସମ୍ପାଦକ କାର୍ତ୍ତିକେଶ୍ୱର ବେହେରା, ଯୁଗ୍ମ ସମ୍ପାଦକ ପ୍ରଭାତ କୁମାର ସାହୁ, ଏମପି ପ୍ରତିନିଧି ସୂର୍ଯ୍ୟନାରାୟଣ ସାହୁ, ଜୁନିୟର କଲେଜ ଅଧ୍ୟକ୍ଷ ପରମାନନ୍ଦ ଡାଙ୍ଗ, ରାଜନୀତି ବିଜ୍ଞାନ ଅଧ୍ୟାପକ ଝସକେତନ ଡାଙ୍ଗ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ଗିରିଧର ଦେହୁରୀ ଅତିଥି ପରିଚୟ ଓ କିରାଣୀ ଦେବେନ୍ଦ୍ର ନାଥ ରଣା ଧନ୍ୟବାଦ ଅର୍ପଣ ଦେଇଥିଲେ । ସୁବାଷ ବାରିକ, ରିଟପାଲ ବଗର୍ତ୍ତି, ସୁନୀଲ ଗୁରୁ, ହୃଷିକେଶ ଭୋଇ, ଗୀତାଞ୍ଜଳି ରଣା, କବିତା ସାହୁ ଓ ସଙ୍ଗୀତା ଭୋଇ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ ସହଯୋଗ କରିଥିଲେ ।

ଧରିତ୍ରୀ DHARITRI
ସମ୍ବଲପୁର, ଶନିବାର, ୨୮ ସେପ୍ଟେମ୍ବର, ୨୦୧୯



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହୃତିକ ରୋଶନ୍,
ବଲିଉଡ୍ ଅଭିନେତା



**ସଂକ୍ଷେପରେ**

## ଯୁବ କବି ବଂଶୀଧର ମାଝି ସମ୍ବର୍ଦ୍ଧିତ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)
ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଆଦିବାସୀ ଯୁବ କବି ବଂଶୀଧର ମାଝୀଙ୍କୁ ଓଡିଶା କର୍ମଜୀବୀ ଖବରଦାତା ସଂଘ ବରଗଡ ପକ୍ଷରୁ ନୂଆଁଖାଇ ଭେଟଘାଟ ଉତ୍ସବରେ ସମ୍ମାନିତ କରାଯାଇଛି । ମୁଖ୍ୟଅତିଥି ଭାବେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶିବଚରଣ ମିଶ୍ର ଓ ସମ୍ମାନୀତ ଅତିଥି ଭାବେ ବିଦ୍ୟାସାଗର ଏକାଡେମୀ ଅଧ୍ୟକ୍ଷ କେଏସ ଭିଭିଏସ୍ ପ୍ରସାଦ, ଜିଲା ଓକିଲ ସଂଘ ଉପସଭାପତି ସରୋଜ ତ୍ରିପାଠୀ, ଖବରଦାତା ସଂଘ ସଭାପତି ଆଶୁତୋଷ ରଥ, ସମ୍ପାଦକ ପରମାନନ୍ଦ ମିଶ୍ର ଓ ସହ ସମ୍ପାଦକ ଗୋପୀନାଥ ସାହୁ ମାଝୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## ପଞ୍ଚାୟତ କଲେଜ ରସାୟନ ବିଭାଗରେ ସେମିନାର

ବରଗଡ଼ ଅଫିସ୍, ୨୭।୯
ବରଗଡ଼ ପଞ୍ଚାୟତ କଲେଜ ରସାୟନ ବିଭାଗରେ ଚଳିତବର୍ଷର ପ୍ରଥମ ସେମିନାର ଶୁକ୍ରବାର ଅନୁଷ୍ଠିତ ହୋଇଥିଲା । ସେମିନାର ପ୍ରାରମ୍ଭରେ ବିଭାଗୀୟ ମୁଖ୍ୟ ପ୍ରଫେସର ସିପୁନ ସେଠୀ ସନ୍ଦର୍ଭ ତଥା ବିଷୟବସ୍ତୁ ଉପରେ ଆଲୋକପାତ କରିଥିଲେ । ଛାତ୍ରୀ ସ୍ମୃତି ଦାଶ ଫର୍ମାସିଉଟିକାଲ କମ୍ପାଉଣ୍ଡ ଓ ତାର ବ୍ୟବହାର, ନଚିକେତା ଭୋଇ ଷ୍ଟେରିଓ କେମିଷ୍ଟ୍ରି ଏବଂ ମିଥିଲେଶ ପ୍ରଧାନ କେମିଷ୍ଟ୍ରି ଅଫ୍ ଫାୟାର କ୍ରାକର୍ସ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ । ଉପସ୍ଥିତ ଛାତ୍ରୀଛାତ୍ର ବିଭିନ୍ନ ବିଷୟବସ୍ତୁକୁ ନେଇ ପ୍ରଶ୍ନୋତ୍ତର କରିଥିଲେ । ସେମିନାର ସମ୍ପାଦକ ରିଙ୍କୁ କିଶାନ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେପୁର ଉପନିର୍ବାଚନ, ପ୍ରାର୍ଥିତ୍ୱକୁ ନେଇ ଉପୁଜିଛି ଦ୍ୱନ୍ଦ୍ୱ

ବରଗଡ଼ ଅଫିସ୍, ୨୭।୯

- ପ୍ରାର୍ଥୀ ଘୋଷଣାରେ କଂଗ୍ରେସ ଆଗରେ
- ପଛରେ ପଡ଼ି ଭାଜପା, ବିଜେଡି ଚର୍ଚ୍ଚାରେ
- ପ୍ରାର୍ଥୀ ଘୋଷଣାକୁ ନେଇ ବଢୁଛି ଉତ୍କଣ୍ଠା
- ଦିନକରେ ୫ ଜଣ ନାମାଙ୍କନପତ୍ର ନେଲେ

ବରଗଡ଼ ଜିଲା ବିଜେପୁର ଉପନିର୍ବାଚନ ପାଇଁ ନାମାଙ୍କନ ଦାଖଲ ସମୟସୀମା ଆସନ୍ତା ୩୦ତାରିଖରେ ସରିବ। ଏଥିପାଇଁ କେହି ନାମାଙ୍କନ ଦାଖଲ କରିବା ତ ଦୂରର କଥା, ଦୁଇ ପ୍ରମୁଖ ଦଳ ଭାଜପା, ବିଜେଡ଼ି ଏପର୍ଯ୍ୟନ୍ତ ଦଳୀୟ ପ୍ରାର୍ଥୀଙ୍କ ନାମ ସୁଦ୍ଧା ଘୋଷଣା କରି ପାରିନାହାନ୍ତି। ଏବେ ଏହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର୍ ଧରିବାରେ ଲାଗିଛି। ଗତ ୨୦୧୮ ଉପନିର୍ବାଚନ ସହିତ ୨୦୧୯ ସାଧାରଣ ନିର୍ବାଚନ ଫଳାଫଳରେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ସ୍ଥାନରେ ରହିଥିବା ବିଜେଡ଼ି ଓ ଭାଜପା ଏଥର ଉପନିର୍ବାଚନରେ ଦଳୀୟ ପ୍ରାର୍ଥୀ ଘୋଷଣାରେ ପଛରେ ପଡ଼ିଯିବାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି । ଦଳୀୟ ପ୍ରାର୍ଥୀ ଘୋଷଣା ପାଇଁ ଉଭୟ ଭାଜପା ଓ ବିଜେଡ଼ି ପରସ୍ପରକୁ ଜଗିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି।

ଅନ୍ୟପଟେ କଂଗ୍ରେସ ବିଜେପୁର ବ୍ଲକ ମାନପୁର ନିବାସୀ ଦିଲୀପ କୁମାର ପଣ୍ଡାଙ୍କୁ ଦଳୀୟ ପ୍ରାର୍ଥୀ ଘୋଷଣା କରି ଏହି ପ୍ରକ୍ରିୟାରେ ସବା ଆଗରେ ରହିଛି। ଦିଲୀପ ସୋମବାର ନାମାଙ୍କନପତ୍ର ଦାଖଲ କରିବେ ବୋଲି ସୂଚନା ମିଳିଛି । ସେହିପରି ଶୁକ୍ରବାର ଅନ୍ୟ ୪ ଜଣ ଅଖିଳ ଭାରତ ହିନ୍ଦୁ ପରିଷଦରୁ ବରଗଡ଼ ୱାର୍ଡ଼ ନଂ-୧୧ ଗୌରପଡ଼ାର ଅଶୋକ କୁମାର ମିତ୍ତଲ, ସମାଜବାଦୀ ପାର୍ଟିରୁ ବରଗଡ଼ ୱାର୍ଡ଼ ନଂ-୧୭ ଅମ୍ବାପାଲିର ଗଙ୍ଗାଧର ପୂଜାରୀ, ଭାଜପାରୁ ବିଜେପୁରର ସନତ ଗଡ଼ତୀୟା ଏବଂ ସ୍ୱାଧୀନରେ ପଦ୍ମପୁରର ପ୍ରିୟରଞ୍ଜନ ଭୋଇ ନାମାଙ୍କନପତ୍ର ନେଇଛନ୍ତି ।

କଂଗ୍ରେସ ପ୍ରାର୍ଥୀ ଘୋଷଣା କରିସାରିଥିଲେ ମଧ୍ୟ ପ୍ରାର୍ଥିତ୍ୱକୁ ନେଇ ଆରମ୍ଭରୁ ଫାଟ ସୃଷ୍ଟି ହୋଇଛି । ପୁଅ ଅଭିଷେକ ଦଳୀୟ ପ୍ରାର୍ଥିତ୍ୱରୁ ବଞ୍ଚିତ ହେବା ପରେ ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରିପୁନାଥ ସେଠ ଗଣମାଧ୍ୟମ ସମ୍ମୁଖରେ ନିଜର ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି । ସେହିପରି ଶୁକ୍ରବାର ସମାଜବାଦୀ ପାର୍ଟିରୁ ନାମାଙ୍କନପତ୍ର ଆଣିଥିବା ଗଙ୍ଗାଧର ମଧ୍ୟ ଜଣେ କଂଗ୍ରେସ ନେତା ଏବଂ ତାଙ୍କ ସମ୍ପର୍କୀୟ କଂଗ୍ରେସ ଟିକେଟ୍ ଦୌଡ଼ରେ ଥିଲେ । ମାତ୍ର ନିରାଶ ହେବା ପରେ ଗଙ୍ଗାଧର ସମାଜବାଦୀ ପାର୍ଟିରୁ ନିର୍ବାଚନ ଲଢ଼ିବା ପାଇଁ ନାମାଙ୍କନପତ୍ର ଆଣିବା କଂଗ୍ରେସ ମଧ୍ୟରେ ରହିଥିବା ଦଳୀୟ ଅନ୍ତର୍ଦ୍ୱନ୍ଦ୍ୱ ପଦାରେ ପଡ଼ି ଯାଇଛି ।

ଏହି ଆସନରେ କ୍ରମାଗତ ନିର୍ବାଚନୀ ବୈତରଣୀ ପାରିହେବାରେ ବିଫଳ ଭାଜପା ଏଥର ଏଠାରୁ ବାଜିମାତ୍ ମାରିବ ବୋଲି ବାହାସ୍ଫୋଟ ମାରୁଛି । ହେଲେ ପ୍ରାର୍ଥୀ ଘୋଷଣାରେ ବିଳମ୍ବକୁ ନେଇ ନାନା ଚର୍ଚ୍ଚା ଚାଲିଛି । ଦଳରେ ଅନେକ ଆଶାୟୀ ରହିଛନ୍ତି । ଫଳରେ କାହାକୁ ଏଥର ଦଳ ପ୍ରାର୍ଥୀ କରିବ ଏବଂ ଗତ ୨୦୧୮ ଉପନିର୍ବାଚନ ସମୟରେ ପ୍ରାର୍ଥୀ ଘୋଷଣା ପରେ ଯେଉଁଭଳି ଦଳୀୟ ବିବାଦ ଉପୁଜିଥିଲା, ତାର ପୁନରାବୃତ୍ତି ନ ହେବ ତାକୁ ନେଇ ଦଳୀୟ ନେତାମାନେ ସମୀକ୍ଷା କରୁଥିବା ସୂଚନା ମିଳିଛି । ଭାଜପାର ଟିକେଟ୍ ଦୌଡ଼ରେ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ସନତ ଗଡ଼ତୀୟାଙ୍କ ସମେତ ଗୋବର୍ଦ୍ଧନ ଭୋଏ, ଜିଲା ପରିଷଦ ଅଧ୍ୟକ୍ଷା ମୁକ୍ତା ସାହୁ, ଜିଲା ଭାଜପା ସଭାପତି ଡା. ଅରୂପାନନ୍ଦ ସାହୁଙ୍କ ନାମ ଚର୍ଚ୍ଚାରେ ରହିଛି । ତେବେ ପୂର୍ବତନ ପଦ୍ମପୁର ବିଧାୟକ ପ୍ରଦୀପ ପୁରୋହିତ ମଧ୍ୟ ଏଠାରେ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଓହ୍ଲାଇ ପାରନ୍ତି ବୋଲି ଚର୍ଚ୍ଚା ହେଉଛି ।

କ୍ରମାଗତଭାବେ ଗତ ୨୦୧୮ ଉପନିର୍ବାଚନ ଓ ୨୦୧୯ ସାଧାରଣ ନିର୍ବାଚନରେ ରେକର୍ଡ଼ ସଂଖ୍ୟକ ଭୋଟ୍‌ରେ ଏହି ଆସନରୁ ବାଜିମାତ୍ କରିଥିଲେ ସୁଦ୍ଧା ଏଥର ଦଳୀୟ ପ୍ରାର୍ଥୀ ଘୋଷଣାରେ ବିଜେଡ଼ି ମଧ୍ୟ ପଛରେ ପଡ଼ି ଯାଇଛି। ଗତ ୨ଟି ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଘୋଷଣାରେ ସବାଆଗରେ ରହିଥିବା ବିଜେଡ଼ି ଏଥର ପଛରେ ପଡ଼ିଯିବାକୁ ନେଇ ନାନା କଥା ଶୁଣିବାକୁ ମିଳୁଛି । ଦଳରେ ଅନେକ ଆଶାୟୀ ରହିଥିବାରୁ କାହା ଉପରେ ଭରସା ରଖି ତାଙ୍କୁ ନିର୍ବାଚନ ମଇଦାନକୁ ଛଡ଼ାଯିବ, ସେ ନେଇ ଦଳର ବରିଷ୍ଠ ନେତାମାନେ ଅଙ୍କ କଷୁଥିବା ସୂଚନା ମିଳିଛି। ପୂର୍ବତନ ବିଧାୟିକା ରୀତା ସାହୁଙ୍କ ସମେତ ପ୍ରଭାତାଦିତ୍ୟ ମିଶ୍ର, ଭୀଷ୍ମଦେବ ସରାଫ ଦଳୀୟ ଟିକେଟ୍ ଦୌଡ଼ରେ ରହିଥିବାବେଳେ ରାଜ୍ୟସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟଙ୍କ ନାମକୁ ନେଇ ମଧ୍ୟ ଚର୍ଚ୍ଚା ଚାଲିଛି । ଦଳର ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ସାଧାରଣ ନିର୍ବାଚନରେ ଏହି ଆସନରୁ ବିପୁଳ ଭୋଟ୍ ବ୍ୟବଧାନରେ ଜିତି ଆସନ ଛାଡ଼ିବା ପରେ ଉପନିର୍ବାଚନ ହେଉଥିବାରୁ ରାଜ୍ୟ ଉପସଭାପତି ପଦବୀରେ ଥିବା ଅର୍ଥାତ୍ ୨୦୧୮ ଉପନିର୍ବାଚନରେ ଅଳ୍ପଭୋଟ୍ ବ୍ୟବଧାନରେ ଏଠାରୁ ହାରିଥିବା ପ୍ରସନ୍ନଙ୍କ ନାମ ଶେଷ ମୁହୂର୍ତ୍ତରେ ଘୋଷଣା କରି ବିଜେଡ଼ି ଅନ୍ୟ ସମସ୍ତଙ୍କୁ ଚକ୍‌ମା ଦେଖାଇପାରେ ବୋଲି ମଧ୍ୟ ଆଲୋଚନା ହେଉଛି।

## ଚୋରି ବାଇକ ଉଦ୍ଧାର, ୪ ଗିରଫ

ବୌଦ୍ଧ, ୨୭।୯(ସ୍ୱ.ପ୍ର)
ବୌଦ୍ଧ ପୋଲିସ ପକ୍ଷରୁ ୪ଟି ଚୋରି ବାଇକ ଉଦ୍ଧାର କରିବା ସହିତ ଏଡି ମାମଲାରେ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଇରମାଳର ରଞ୍ଜନ ରାଜହଂସ, ବାହାଜୋରର ଗଜାନନ ଭୋଇନ, କହଁରପଡାର ମୁରଲି ଦୀପ ଓ ବାଉଁଶୁଣୀ ଘୋଡାଖାଇର ଶମ୍ଭୁ ମେହେର।

ସୂଚନା ମୁତାବକ ଗତ ୨୫ ତାରିଖରେ ରଞ୍ଜନ ବୌଦ୍ଧରୁ ନିଜ ଗ୍ରାମକୁ ଯାଉଥିବାବେଳେ ପୋଲିସ ଦ୍ୱାରା ଚାଲିଥିବା ଗାଡି ଚେକିଙ୍ଗରେ ଧରାପଡିଥିଲେ। ଗାଡିର କାଗଜପତ୍ର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ସନ୍ଦେହରେ ଥାନାକୁ ନେଇ ଥାନାରେ ପଚରାଉଚୁରା କରିଥିଲା। ଗାଡିଟି ଚୋରି କରିଥିବା ରଞ୍ଜନ ସ୍ୱୀକାର କରିବା ସହ ଆଉ ୩ଟି ଗାଡି ଚୋରି କରି ବିକ୍ରୟ କରିଥିବା ସୂଚନା ଦେଇଥିଲେ। ପୋଲିସ ଏହି ଘଟଣାରେ ଗଜାନନ, ମୁରଲି ଓ ଶମ୍ଭୁଙ୍କ ଘରେ ଚଢାଉ କରି ୩ଟି ଚୋରି ବାଇକ୍ ଉଦ୍ଧାର କରିବା ସହ ସେମାନଙ୍କୁ ଗିରଫ କରିଥିଲା।

■ ତିନିଦିନ ପରେ ନିଖୋଜ ଯୁବକଙ୍କ ଶବ ଉଦ୍ଧାର

## ହତ୍ୟା ସନ୍ଦେହରେ ଜଣେ ଅଟକ

ବୌଦ୍ଧ, ୨୭।୯(ସ୍ୱ.ପ୍ର)
ବୌଦ୍ଧଜିଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ସାମ୍ପୋଚ ପଞ୍ଚାୟତ ଘୋରଡା ଗ୍ରାମର ନିଖୋଜ ଥିବା ଜଣେ ଯୁବକଙ୍କ ଶବକୁ ତିନିଦିନ ପରେ ପୋଲିସ ଉଦ୍ଧାର କରିଛି। ରଞ୍ଜିତଙ୍କୁ ହତ୍ୟା କରାଯାଇଥିବା ସନ୍ଦେହରେ ପୋଲିସ ଜଣଙ୍କୁ ଥାନାରେ ଅଟକ ରଖିଥିବା ଜଣାଯାଇଛି । ଏ ନେଇ ଥାନା ଅଧିକାରୀ ତପସ୍ୱିନୀ କହଁରଙ୍କୁ ପଚାରିବାରୁ ଘଟଣାର ତଦନ୍ତ ଚାଲିଛି। ଏହି ମାମଲାରେ ଜଣଙ୍କୁ ଅଟକ ରଖାଯାଇଛି । ଖୁବ ଶୀଘ୍ର ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ସେ ପ୍ରକାଶ କରିଥିଲେ ।

ସୂଚନା ମୁତାବକ, ଘୋରଡା ଗ୍ରାମର ରଞ୍ଜିତ ଦୀପ ଗତ ୨୪ ତାରିଖ ରାତିରେ ଭୋଜିଭାତ କରିବାକୁ କହି ଘରୁ ଯାଇଥିଲେ। ତେବେ ରାତିରେ ସେ ଘରକୁ ଆଉ ଫେରି ନ ଥିଲେ। ପରିବାର ଲୋକେ ୨୫ ତାରିଖରେର ରଞ୍ଜିତ ନିଖୋଜ ଥିବା ନେଇ ବୌଦ୍ଧ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୋଲିସ ତଦନ୍ତ ଆରମ୍ଭ କରିଥିଲା ଏବଂ ତିନିଦିନ ପରେ ରଞ୍ଜିତଙ୍କ ଗଳିତ ଶବ ଗ୍ରାମର ତାଳବନ୍ଧ ଅମରିବୁଦାରୁ ଉଦ୍ଧାର କରିଥିଲା ।

## ଚିଚିଣ୍ଡାରେ ବ୍ଲକସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ସ୍ମୃତି ଉତ୍ସବ

ସୋହେଲା, ୨୭।୯(ଡି.ଏନ.ଏ)
ବରଗଡ ଜିଲା ସୋହେଲା ବ୍ଲକ ଚିଚିଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ବିଇଓ ରାହାସ ବିହାରୀ ବାଗ ମୁଖ୍ୟଅତିଥି, ଏବିଇଓ ସରୋଜ ଦୀପ ଓ ମନୋହର ଉଟି, ଚିଚିଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାସ୍ତ୍ରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ଚିଚିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦେବତା ସଭାପତିତ୍ୱ କରିଥିଲେ । ଏବିଇଓ ମନୋହର ଉଟି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଡିବେଟ, କୁଇଜ, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗରେ ୬୪ଜଣ ଓ ବରିଷ୍ଠ ବିଭାଗରେ ୧୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାକୁ ସିଆରସିସି ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ସିଆରସିସି ଷଡାନନ ଭୋଇ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସିଆରସିସି କୃପାସିନ୍ଧୁ ପାଣ୍ଡେ ଓ ସଞ୍ଜୟ ଦେବତା । ଏବିଡିଓ ମନୋରହର ଉଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଫୁଟବଲ: ଧାଙ୍ଗେର, ସାହାଜବାହାଲ ବିଜୟୀ



ଅତିଥି, ଆୟୋଜକଙ୍କ ଗହଣରେ ଖେଳାଳିମାନେ ।

ବରଗଡ଼ ଅଫିସ୍, ୨୭।୯
ବରଗଡ଼ ବ୍ଲକ ଖୁଣ୍ଟପାଲିରେ ତ୍ରିରଙ୍ଗା କ୍ଲବ ପକ୍ଷରୁ ଚାଲିଥିବା ତ୍ରିରଙ୍ଗ କପ୍ ନକ୍ ଆଉଟ୍ ଫୁଟବଲ ପ୍ରତିଯୋଗିତାର ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ଧାଙ୍ଗେର ଓ ସାହାଜବାହାଲ ପ୍ରତିପକ୍ଷକୁ ହରାଇ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛନ୍ତି। ଧାଙ୍ଗେର ଓ ଅଇଁଠାପାଲି ମଧ୍ୟରେ ପ୍ରଥମ ମ୍ୟାଚ୍ ହୋଇଥିଲା। ଏଥିରେ ଧାଙ୍ଗେର ୧-୦ ଗୋଲରେ ବିଜୟୀ ହୋଇଥିଲା । ସେହିପରି ପାତିକାରପଲ୍ଲୀ ଓ ସାହାଜବାହାଲ ମଧ୍ୟରେ ଅନୁଷ୍ଠିତ ସଂଘର୍ଷପୂର୍ଣ୍ଣ ଦ୍ୱିତୀୟ ମ୍ୟାଚରେ ସାହାଜବାହାଲ ୩-୨ ଗୋଲରେ ବିଜୟୀ ହୋଇଥିଲା । କଂଗ୍ରେସ ନେତା ନିପନ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଖେଳାଳି ଏବଂ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ପଞ୍ଚାନନ ପାତ୍ର, ଶିବାନନ୍ଦ ଦାଶ, ଶ୍ୟାମପ୍ରସାଦ ବିଶି, ମନୋଜ ପ୍ରଧାନ, ଅନିରୁଦ୍ଧ ପ୍ରଧାନ, ରଜତ ସାହୁ ପ୍ରମୁଖ ମ୍ୟାଚ ପରିଚାଳନା କରିଥିଲେ ।

## ମାଣ୍ଡୋସିଲ ଡିଗ୍ରୀ କଲେଜରେ ସମ୍ବର୍ଦ୍ଧନା ସଭା

ପାଇକମାଳ, ୨୭।୯ (ଡି.ଏନ.ଏ)
ପାଇକମାଳ ବ୍ଲକ ମାଣ୍ଡୋସିଲ ଡିଗ୍ରୀ କଲେଜରେ ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କଲେଜ ଅଧକ୍ଷ ବିନୟ ରଞ୍ଜନ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ସଭାରେ ଅଧାପକ କୃଷ୍ଣଚନ୍ଦ୍ର ଦେବତା, ନିରାକାର ରାଉତ, ସନ୍ତୋଷ ସିଂ ଠାକୁର, ସୁମିତାବ ନାୟକ, ଅନୁସୂୟା ବେହେରା, ଆଲଫା ଅନୁପମା ବାରିକ ମଞ୍ଚାସୀନ ଥିଲେ । ରୋହିତ ପ୍ରଧାନ, ଦିଲେଶ୍ୱର ରଣା, ଶଙ୍କର ଖୁମୁର ସହଯୋଗ କରିଥିଲେ। ଝୁମିନା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ଲକସ୍ତରୀୟ ପ୍ରଧାନ ଶିକ୍ଷକ ସମ୍ମିଳନୀ

ଭେଡ଼େନ, ୨୭।୯(ଡି.ଏନ.ଏ)
ଭେଡ଼େନ ବ୍ଲକର ସମସ୍ତ ହାଇସ୍କୁଲର ପ୍ରଧାନ ଶିକ୍ଷକମାନଙ୍କୁ ନେଇ ଏକ ସମ୍ମିଳନୀ ଝରାପାଲି ସ୍ଥିତ ବାମଦେବ ପାଢ଼ୀ ହାଇସ୍କୁଲରେ ବୁଧବାର ଅନୁଷ୍ଠିତ ହୋଇଛି। ଡିଇଓ ପ୍ରକାଶ ଚନ୍ଦ୍ର ଯୋଶୀଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଭେଡ଼େନ ବିଇଓ ମଛିନ୍ଦ୍ର ମଲିକ, ହାଇସ୍କୁଲ ପ୍ରଧାନଶିକ୍ଷକ ରମଣି ରଞ୍ଜନ ରାଉତ, ରେମଣ୍ଡା ହାଇସ୍କୁଲ ପ୍ରଧାନଶିକ୍ଷକ ପୀତବାସ ସାହୁ, ଝରାପାଲି ହାଇସ୍କୁଲର ପ୍ରଧାନଶିକ୍ଷକ ଉତ୍ତମରାଜ ପୁରୋହିତ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସମ୍ମିଳନୀରେ ଛାତ୍ରୀଛାତ୍ରଙ୍କ ଗୁଣାତ୍ମକ ଶିକ୍ଷାର ବିକାଶ, ଗତ ମାଟ୍ରିକ ପରୀକ୍ଷାଫଳର ବିଶ୍ଳେଷଣ, କ୍ରୀଡ଼ା ଏବଂ ବିଜ୍ଞାନ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ଆଲୋଚନା ହୋଇଥିଲା। ପ୍ରଧାନ ଶିକ୍ଷକ ରୁଦ୍ରଦେବ ସାହୁ ଉଦ୍ଦେଶ୍ୟ ଜ୍ଞାପନ ଓ ବିଜ୍ଞାନ ଶିକ୍ଷକ ସଞ୍ଜୀବ କୁମାର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ଭାଜପାର ବିକ୍ଷୋଭ ପ୍ରଦର୍ଶନ, ସ୍ମାରକପତ୍ର ପ୍ରଦାନ

ବରଗଡ଼ ଅଫିସ୍, ୨୭।୯
ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାକୁ ହଡପ କରିବା ପ୍ରତିବାଦରେ ବରଗଡ଼ ନିର୍ବାଚନ ମଣ୍ଡଳୀ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟ ସରକାରଙ୍କ ବିରୋଧରେ ସ୍ଥାନୀୟ ବ୍ଲକ ଓ ପୌର କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହା ସହିତ ଉକ୍ତ କାର୍ଯାଳୟର ବିଭାଗୀୟ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଦଳର ନଗର ସଭାପତି ଅକ୍ରୁର ମଲ୍ଲିକଙ୍କ ନେତୃତ୍ୱରେ ଦଳର କର୍ମୀମାନେ ଦଳୀୟ କାର୍ଯ୍ୟାଳୟରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ ଓ ପୌର ଅଫିସ ସମ୍ମୁଖକୁ ଯାଇଥିଲେ । ସେଠାରେ ରାଜ୍ୟ ସରକାରଙ୍କ ବିରୋଧରେ ନାରାବାଜି କରିବା ସହିତ ସେମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ଦଳର ଜିଲା ସାଧାରଣ ସମ୍ପାଦକ ରବି ନାରାୟଣ ଦାଶ, ପ୍ରୀତମ ସିଂ, ସୁବ୍ରତ ହୋତା, ବିଜୟ ଦାଶ, ଅବନୀକାନ୍ତ ପଣ୍ଡା, ପରେଶ ବିଶି, ଅନୁରାଧା ଅଗ୍ରୱାଲ ପ୍ରମୁଖ ଏଥିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।



ଭାଜପା କର୍ମୀମାନେ ବରଗଡ଼ ପୌର କାର୍ଯ୍ୟାଳୟରେ ସ୍ମାରକପତ୍ର ପ୍ରଦାନ କରୁଛନ୍ତି ।

## ପ୍ରାଣୀବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

ବରଗଡ଼ ଅଫିସ୍, ୨୭।୯
ବରଗଡ଼ ପଞ୍ଚାୟତ କଲେଜ ପ୍ରାଣୀବିଜ୍ଞାନ ବିଭାଗରେ ଶୁକ୍ରବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡଃ କମଳପ୍ରଭା କାପାନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟୁତପ୍ରଭା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ସେମିନାର ସମ୍ପାଦକ ପଦ୍ମଲୋଚନ ମିଶ୍ର ବିବରଣୀ ପାଠ କରିଥିଲେ । ସୁଷମା କର, ଦିଲରାଜ ପୁଭାଲା, ଇତିଶ୍ରୀ ମହାକୁର, ଆଶିଷ କୁମାର ସାହୁ, ସୁରଜ ପ୍ରସାଦ କର ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ପ୍ରଳୟ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବୌଦ୍ଧରୁ ୨ଜଣ ଭାଗନେବେ

ଘଣ୍ଟାପଡା, ୨୭।୯ (ଡି.ଏନ.ଏ)
ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୩୦ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ସାବରମତୀଠାରେ ହେବାକୁ ଥିବା ସ୍ୱଚ୍ଛ ଭାରତ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବୌଦ୍ଧ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨ଜଣଙ୍କୁ ଚୟନ କରିଛି। ସେମାନେ ହେଲେ କଣ୍ଟାମାଳ ବ୍ଲକର ପୂର୍ଣ୍ଣଚରଣ ସାହୁ ଏବଂ ବୌଦ୍ଧ ବ୍ଲକର ସୋମନ୍ତ କୁମାର ନାଏକ। ଉକ୍ତ ଦୁଇ ଜଣ ଟ୍ରେନ ଯୋଗେ ଯାତ୍ରା କରିଥିବା ଜଣାଯାଇଛି ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

ବରଗଡ଼ ଅଫିସ୍, ୨୭।୯
ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ପୋଲିସ ପକ୍ଷରୁ ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଝାଙ୍କର ସଭାପତିତ୍ୱ କରିଥିଲେ। କେଦାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହିତ ବରିଷ୍ଠ ନାଗରିକଙ୍କ ଅଧିକାର ତଥା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ପୋଲିସ ଏସଆଇ ସୁଶାନ୍ତ ପଣ୍ଡା ଯୋଗଦେଇ ଉପସ୍ଥିତ ୧୨୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, ଭଗତ ଦାଶ, ଶ୍ରୀମୁଖ ପ୍ରଧାନ, ମଳୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କେଦାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାହ୍ନୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସ ଅବସରରେ ବରଗଡ଼ ବିକାଶ ହସପିଟାଲରେ ହେବାକୁ ଥିବା ହୃଦରୋଗ, ଡାଇବେଟିସ୍‌ର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ନେବା ପାଇଁ ସଂଘର ସମ୍ପାଦକ ମହାପାତ୍ର ଜଣାଇଥିଲେ ।

## ବରଗଡ଼ ମହିଳା କଲେଜରେ ନାଟକ କର୍ମଶାଳା

ବରଗଡ଼ ଅଫିସ୍, ୨୭।୯
ବରଗଡ଼ ମହିଳା କଲେଜରେ ଶୁକ୍ରବାର ଏକ ନାଟକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ପଞ୍ଜାବ, ହରିଆନା, କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶର ନାଟ୍ୟକର୍ମୀମାନେ ଯୋଗ ଦେଇଥିଲେ। ଚଣ୍ଡିଗଡ଼ର ପ୍ରସିଦ୍ଧ ନାଟ୍ୟକର୍ମୀ ଚକ୍ରେଶ କୁମାର ଏହି କର୍ମଶାଳାରେ ଯୋଗଦେଇ ସାମାଜିକ ପରିବର୍ତ୍ତନ ପାଇଁ ନାଟକର ସାମ୍ପ୍ରତିକ ଧାରା ଏବଂ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମହିଳା କଲେଜର ଇତିହାସ ଅଧ୍ୟାପକ ତଥା ବରିଷ୍ଠ ନାଟ୍ୟକାର ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ମଞ୍ଚ କଳାକାର ତଥା ସାହିତ୍ୟିକ ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, କଟାପାଲି ସ୍ୱେଶ ଥିଏଟରର ନିର୍ଦ୍ଦେଶକ ଅରୁଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦୀ, ଅଧ୍ୟାପିକା ଜୟଶ୍ରୀ ସାହୁ, ଗାଁ ମାଏଟ୍ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟକର୍ମୀ ଲକ୍ଷ୍ମଣ ସୁନା, କିଶୋର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ବଲପୁରୀ/କୋଶଲୀ ନାଟକ ସମ୍ପର୍କରେ ସ୍ଥାନୀୟ ନାଟ୍ୟ ସଙ୍ଗଠକ ଏବଂ ନିର୍ଦ୍ଦେଶକମାନେ ଆଲୋଚନା କରିଥିଲେ । ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅଳଙ୍କାର ଥିଏଟର, ଚଣ୍ଡିଗଡ଼ର କଳାକାରମାନେ ନାରୀଶିକ୍ଷା, ମହିଳା ସଶକ୍ତିକରଣ ଉପରେ ଆଧାରିତ ନାଟକ ‘ପହେଲା ଅଧ୍ୟାପକ’ ପରିବେଷଣ କରିଥିଲେ ।



ଚଣ୍ଡିଗଡ଼ରୁ ଆସିଥିବା କଳାକାରଙ୍କ ଗହଣରେ ମହିଳା କଲେଜର ଛାତ୍ରୀବୃନ୍ଦ ।



ଲୋକମାନେ ଅନେକ ପ୍ରକାରରେ ଈଶ୍ୱରଙ୍କୁ ସ୍ମରଣ କରୁଥାନ୍ତି। କିନ୍ତୁ ତାଙ୍କୁ ବୁଝିବା ଓ ଅନୁଭବ କରିବା ମାର୍ଗ ସମସ୍ତଙ୍କର ଏକ ଅଟେ।
- ଟଲଷ୍ଟୟ



## ସଂକ୍ଷେପରେ

### ଶାଶ୍ୱତ ଡିଗ୍ରୀ କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ଦେଓଗାଁ,୨୭।୯(ଡି.ଏନ.ଏ):** ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା ଶାଶ୍ୱତ ଡିଗ୍ରୀ କଲେଜରେ ନୂତନ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ବିଷ୍ଣୁଚରଣ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ଅଧକ୍ଷ ସୁରେଶ ଚନ୍ଦ୍ର ବାରିକ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥିଭାବେ ଅର୍ଥନୀତି ଅଧ୍ୟାପକ ପୁରୁଷୋତ୍ତମ ମେହେର, ଇତିହାସ ଅଧ୍ୟାପକ ଜଗଦୀଶ ସିଂ ବାବୁ, ବ୍ୟାସଦେବ ଦଣ୍ଡସେନା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ସମୟାନୁବର୍ତ୍ତିତା ଓ ଶୃଙ୍ଖଳିତ ହୋଇ ଜୀବନରେ ଉତ୍ତରୋତ୍ତର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିବା ବେଳେ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରିଥିଲେ। ପରେ ଅଧାପକ ନଳିନୀକାନ୍ତ ପ୍ରଧାନଙ୍କ ପରିଚାଳନା ତଥା ଛାତ୍ର କପିଳେଶ୍ୱର ନାୟକ ଏବଂ ଶ୍ରୀତମ ପାତ୍ରଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ନାରାୟଣ ଦଣ୍ଡସେନା, ଧନେଶ୍ୱର ଥନାପତି ବାଦ୍ୟଯନ୍ତ୍ରରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ଶ୍ରୀନିବାସ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଲେଜର ସମସ୍ତ ଶିକ୍ଷକ ଓ କର୍ମଚାରୀ ସହଯୋଗ କରିଥିଲେ।

### ହାଇସ୍କୁଲସ୍ତରୀୟ କ୍ରୀଡ଼ାବିତ ଚୟନ ଶିବିର

**ସଇଁତଲା, ୨୭।୯(ଡି.ଏନ.ଏ.):** ସଇଁତଲାସ୍ଥିତ ବଡମାଲ ଗୋଳାବାରୁଦ କାରଖାନା ସ୍ପୋର୍ଟସ ଷ୍ଟାଡିୟମ ପରିସରରେ ବ୍ଲକସ୍ତରୀୟ ମଧ୍ୟଇଂରାଜୀ ଓ ଉଚ୍ଚବିଦ୍ୟାଳୟ ଲେଭେଲ କ୍ରୀଡାବିତ ଚୟନ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଗୋଳାବାରୁଦ କାରଖାନା ପରିସରରେ ଥିବା ଓଡ଼ିଆ ଉଚ୍ଚ ବିଦ୍ୟାଳୟ ଦ୍ୱାରା ଆୟୋଜିତ ଏହି କ୍ରୀଡା ଶିବିରରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଚିନ୍ତାମଣି ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ବଡମାଲ ଗୋଳାବାରୁଦ କାରଖାନା କାର୍ଯ୍ୟ ସମିତି ସମ୍ପାଦକ ଜୟସିଂ ନାୟକ, ମଜଦୁର ୟୁନିୟନ ସଭାପତି ପଞ୍ଚୁ ପଟେଲ, ସାମାଜିକ କର୍ମୀ ସର୍ବେଶ୍ୱର ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବ୍ଲକ କ୍ରୀଡା ସଂଗଠନ ସମ୍ପାଦିକା ରଞ୍ଜିତା ମିଶ୍ର ବିବରଣୀ ପାଠ କରିଥିଲେ। ସେହିପରି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଶିକ୍ଷା ଅଧିକାରୀ ଆର୍ତ୍ତତ୍ରାଣ ରଥ, ବରିଷ୍ଠ କିରାଣୀ ଅର୍ଜୁନ ପାଣିଗ୍ରାହୀ ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ହୋଇଥିବା ଏହି ଚୟନ କାର୍ଯ୍ୟକ୍ରମରେ ୧୦୦ ମି, ୨୦୦, ୪୦୦, ୬୦୦, ୮୦୦, ୧୫୦୦, ୩୦୦୦ମିଟର ଦୌଡ଼, ଡ଼ିସକସ ଏବଂ ଜେଭଲିନ ଥ୍ରୋ ତଥା ଲମ୍ଫ ଓ ଉଚ୍ଚଡ଼ିଆଁ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରରେ ପ୍ରଥମ ବିବେଚିତ ଛାତ୍ରୀଛାତ୍ର ଜିଲାସ୍ତରରେ ପ୍ରଦର୍ଶନ କରିବେ। କାର୍ଯ୍ୟକ୍ରମ ପରିଚାଳନାରେ ଆୟୋଜକ ସ୍କୁଲର ପ୍ରଧାନଶିକ୍ଷକ ରାଧେଶ୍ୟାମ ବାରିକ, ଶିକ୍ଷକ ଏନ. ପ୍ରଧାନ, ଏନ.ବି .ବୋଇ, ମନୋରଞ୍ଜନ ଚାନ୍ଦ, ବ୍ରଜେଶ୍ୱରୀ ପଟ୍ଟନାୟକ, ବିଭିନ୍ନ ବିଦ୍ୟାଳୟର ଖେଳ ଶିକ୍ଷକ ସହାୟତା କରିଥିଲେ।

ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦାବି

# ସାମୂହିକ ବିକାଶ ସମିତି ପକ୍ଷରୁ ଗଣଧାରଣା

**ବଲାଙ୍ଗୀର ଅଫିସ, ୨୭।୯**

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ସାମୂହିକ ବିକାଶ ସମିତି ପକ୍ଷରୁ ବନ୍ୟା କ୍ଷତିଗ୍ରସ୍ତ ଚାଷୀଙ୍କୁ ଉଚିତ କ୍ଷତିପୂରଣ, କ୍ଷତିଗ୍ରସ୍ତ ହୋଇଥିବା ଚାଷଜମି ମରାମତି ଓ ଚାଷୀଙ୍କୁ ପେନ୍‌ସନ୍ ଦାବିରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ସମିତି ସଭାପତି ବାସୁଦେବ ବହିଆ, ସମ୍ପାଦକ ପ୍ରଦୀପ ପଧାନ, ଆବାହକ ମୋତିଲାଲ ମିଶ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଗଣଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମରେ ପୁଇଁତଲା ବ୍ଲକର ବିଭିନ୍ନ ଗାଁର ଶତାଧିକ ଚାଷୀ ଓ ଜନସାଧାରଣ ଯୋଗ ଦେଇଥିଲେ । ଢ଼େକଲ ସିଂ ମୁନାଙ୍କ ସଂଯୋଜନା କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଗଷ୍ଟ ମାସରେ ବଲାଙ୍ଗୀର ଜିଲାରେ ଦେଖାଦେଇଥିବା ପ୍ରଳୟଙ୍କରୀ ବନ୍ୟାରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଦେବାକୁ ଦାବି କରାଯାଇଥିଲା। ପୁଇଁତଲା ବ୍ଲକର ବିଭିନ୍ନ ଗାଁରେ ବନ୍ୟା ଯୋଗୁ ପ୍ରଭୁତ କ୍ଷତି ହୋଇଥିଲା। ଏକର ଏକର ଜମିରେ ବାଲିଚର ହୋଇଯାଇଥିଲା । ଅନେକ ଚାଷୀଙ୍କ ହିଡ ଧୋଇ ହୋଇଯାଇଥିଲା। ବହୁ ଗାଁରେ ଜଳାଶୟ, ରାସ୍ତାଘାଟ ଧୋଇ ହୋଇଯାଇଥିଲା । ଚାଷୀମାନେ କ୍ଷତିରେ ପଡିଥିଲେ। ଏଭଳି ପରିସ୍ଥିତିରେ ପ୍ରଶାସନ ପକ୍ଷରୁ ବିଶେଷ କିଛି ସହାୟତା ଦିଆଯାଇ ନାହିଁ। ଏକରି କି ଚାଷ କ୍ଷୟକ୍ଷତି ମଧ୍ୟ ଠିକ୍ ଭାବେ ଆକଳନ ହୋଇନାହିଁ । ଏଣୁ ଯଥାଶୀଘ୍ର ଚାଷୀଙ୍କ କ୍ଷୟକ୍ଷତି ଆକଳନ କରିବା ସହ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ କ୍ଷତିପୂରଣ ଓ ସହାୟତା ପ୍ରଦାନ କରାଯାଉ ବୋଲି ଦାବି କରାଯାଇଥିଲା। ଶୁକ୍ରବାର ପୂର୍ବାହ୍ନରେ ଗଣଧାରଣ ପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା । ଯେଉଁ ଗାଁରେ ଚାଷୀଙ୍କ ଚାଷ ଜମିରେ ବାଲିଚର ହୋଇଛି ବା ଜମି ଧୋଇ ହୋଇଯାଇଛି । ତୁରନ୍ତ ଚାଷୀଙ୍କୁ ସହାୟତା ସହ ଏମ୍‌ଜିଏନ୍‌ଆର୍‌ଇଜିଏ ଯୋଜନାରେ ଜମି ସଜଡାଯିବାକୁ ଦାବି କରାଯାଇଛି। ଆନ୍ଦୋଳନରେ ସମିତର ମଧୁସୂଦନ କ୍ଷେତି, ବଂଶୀଧର ନାଏକ, ସୂରଜ ମାହାର, ବୃନ୍ଦାବନ କ୍ଷେତି, ଗୌରଚନ୍ଦ୍ର ସାଏ, ପ୍ରହଲ୍ଲାଦ ଡାଙ୍ଗ, ମନୋଜ ରଣା, ଗଣ୍ଡାରାମ ବିଶି, ନିରଞ୍ଜନ ମାହାର, ଶ୍ରୀନିବାସ ନାଏକ ଓ ଅନ୍ୟମାନେ ଯୋଗଦାନ କରିଥିଲେ ।



ବଲାଙ୍ଗୀର ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

### ୬୦ କ୍ଲବକୁ କ୍ରୀଡ଼ା ଉପକରଣ ପ୍ରଦାନ

**ଲୋଇସିଂହା,୨୭।୯(ଡି.ଏନ.ଏ)**

ପଣ୍ଡିତ ଦୀନ୍‌ଦୟାଲ ଉପାଧ୍ୟାୟଙ୍କ ଜୟନ୍ତୀ ଅବସରରେ ବଲାଙ୍ଗୀର ନେହେରୁ ଯୁବା କେନ୍ଦ୍ର ପକ୍ଷରୁ ୟୁଥ କ୍ଲବକୁ କ୍ରୀଡ଼ା ଉପକରଣ ପ୍ରଦାନ କରାଯାଇଛି। ଜୟନ୍ତୀ ଉତ୍ସବରେ କେନ୍ଦ୍ରର ସମ୍ପାଦକ ବିପିନ ବିହାରୀ ଜେନା ଅଧ୍ୟକ୍ଷତା କରିଥିଲେ। ଏଥିରେ ବଲାଙ୍ଗୀର ଏମ୍‌ପି ସଂଗୀତା କୁମାରୀ ସିଂଦେଓ ମୁଖ୍ୟଅତିଥି, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅତିଥି ଦ୍ୱୟ ପଣ୍ଡିତ ଦୀନ୍‌ଦୟାଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ଓ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଅତିଥିମାନେ ପଣ୍ଡିତ ଦୀନ୍‌ଦୟାଲଙ୍କ ସମ୍ପର୍କରେ ସମ୍ୟକ ଧାରଣା ଦେବା ସହ ଯୁବକଙ୍କଶକ୍ତି ହିଁ ଦେଶର ପ୍ରଗତି ବୋଲି କହିଥିଲେ। ଏପରି କି ଯୁବକଙ୍କ ପ୍ରଗତି ପାଇଁ କେନ୍ଦ୍ର ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ବଲାଙ୍ଗୀର, ଲୋଇସିଂହା, ଆଗଲପୁର, ପୁଇଁତଲା, ଦେଓଗାଁ ଓ ଗୁଡଭେଲା

## ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ୍ ଘଟଣା:୨ ଗିରଫ

**ପାଟଣାଗଡ଼,୨୭।୯(ଡି.ଏନ.ଏ.)**

ପାଟଣାଗଡ଼ ଉପଖଣ୍ଡ ବେଲପଡ଼ାରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ ଘଟଣାର ପୋଲିସ ଶୁକ୍ରବାର ପର୍ଦ୍ଦାଫାଶ କରିଛି। ପୋଲିସ ଘଟଣାର ସମ୍ପୃକ୍ତ ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବେଲପଡ଼ା ଥାନା ଅନ୍ତର୍ଗତ ମାଲିମୁଣ୍ଡା ଗ୍ରାମର ଶଙ୍କର ପୁଟେଲ(୨୪) ଏବଂ କେଦାର ବାରିକ (୨୭)। ପୋଲିସ ତାଙ୍କ ନିକଟରୁ ଗାଟିଏ ହାତୁଡି, ସ୍କ୍ରୁଡାଇଭର, ଗୋଟିଏ ଲକେଟ, ଏଟିଏମ୍ ମେଶିନର ଭଙ୍ଗାଯାଇଥିବା କିଛି ଅଂଶ ଜବତ କରାଯାଇଥିବା ଖବରଦାତା ସମ୍ମିଳନୀରେ ଉପଖଣ୍ଡ ପୋଲିସ ଅଧିକାରୀ ସୁରେଶ ନାଏକ ପ୍ରକାଶ କରିଛନ୍ତି। ଅଭିଯୋଗ ମୁତାବକ, ଗତ ୨୫ ତାରିଖରେ କେତେଜଣ ଦୁର୍ବୃତ୍ତ ଭାରତୀୟ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ଭାଙ୍ଗି ଟଙ୍କା ଲୁଟ କରିଥିଲେ। ଏନେଇ ବେଲପଡ଼ା ବାସିନ୍ଦା ସୀମାଞ୍ଚଳ ପଣ୍ଡା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ବେଲପଡ଼ା ଥାନା ପୋଲିସ ମାମଲା(ନଂ.୧୬୫/୨୦୧୯) ରୁଜୁକରି ତଦନ୍ତ କରିଥିଲା। ପୋଲିସ ତଦନ୍ତ ବେଳେ ସିସି ଟିଭି ଫୁଟେଜକୁ ଆଧାର କରି ଶଙ୍କର ଏବଂ କେଦାରଙ୍କୁ ଧରି ପଚରାଉଚୁରା କରିଥିଲା। ପଚରାଉଚୁରା ବେଳେ ସେମାନେ ପୋଲିସ ଆଗରେ ଘଟଣାରେ ସମ୍ପୃକ୍ତ ଥିବା ସ୍ୱିକାର କରିଥିଲେ।



ପୋଲିସ ଅଧିକାରୀ ଗିରଫ ଅଭିଯୁକ୍ତଙ୍କୁ ଗଣମାଧମ ଆଗରେ ଉପସ୍ଥାପନ କରୁଛନ୍ତି।

### ମେଗା ଜଳ ପ୍ରକଳ୍ପ: ସୁଚାରୁ ରୂପେ ଜଳ ଯୋଗାଣ ହେଉ

**ଗୁଡଭେଲା,୨୭।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଅନ୍ତର୍ଗତ ଶାସନପାଲି ଗ୍ରାମସ୍ଥିତ ତେଲନଦୀ ଆଡି ବନ୍ଧରେ ନିର୍ମିତ ମେଗା ଜଳ ପ୍ରକଳ୍ପରୁ ବ୍ଲକ ଅଧୀନ ରୁଷୁଡ଼ା ଓ ଚିଞ୍ଚେଡ ପଞ୍ଚାୟତର ସମସ୍ତ ଚାଷୀଙ୍କୁ ଜଳ ଯୋଗାଣ ସୁଚାରୁ ରୂପେ କରିବାକୁ ରୁଷୁଡା ପଞ୍ଚାୟତ ପରିସରରେ ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଅନୁଷ୍ଠିତ ବୈଠକରେ ବକ୍ତାମାନେ ମତ ପ୍ରକାଶ କରିଥିଲେ। ସଂଘର ସଭାପତି ପୃଥ୍ୱୀରାଜ ନନ୍ଦ ବୈଠକରେ ସଭାପତିତ୍ୱ କରିଥିଲେ। ବୈଠକରେ ୨ଟି ପଞ୍ଚାୟତର ଚାଷୀମାନେ ୨୦୧୮-୧୯ ପ୍ରଧାନମନ୍ତ୍ରୀ ଫସଲ ବୀମା ପାଇବାରୁ ବଞ୍ଚିତ ହୋଇଥିବାରୁ ଏନେଇ ବିଭାଗୀୟ ମନ୍ତ୍ରୀ ଓ ଅଧିକାରୀଙ୍କୁ ଜଣାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏପରି କି ୨ଟି ପଞ୍ଚାୟତରେ ଚିକିତ୍ସାଳୟ ନ ଥିବାରୁ ସାମାନ୍ୟ ରୋଗ ହେଲେ ଅଞ୍ଚଳବାସୀଙ୍କୁ ତୁଷୁରା, ବଲାଙ୍ଗୀର ଯିବାକୁ ପଡୁଛି। ଏନେଇ ସମ୍ପୃକ୍ତ ପଞ୍ଚାୟତରେ ନୂତନ ଚିକିତ୍ସାଳୟ ଖୋଲିବା ପାଇଁ ବିଭାଗୀୟ ଉଚ୍ଚକର୍ତ୍ତୃପକ୍ଷଙ୍କୁ ସାକ୍ଷାତ କରିବାକୁ ବୈଠକରେ ଆଲୋଚନା ହୋଇଥିଲା। ବୈଠକରେ ଉପସଭାପତି କୈଳାସ ଚନ୍ଦ୍ର ବେହେରା, ଚିଞ୍ଚେଡ ସରପଞ୍ଚ ଗୋପାଳ ଭୋଇ, ଦେବରାଜ ସାହୁ, ଋଷିରାମ ଚନ୍ଦନ, ରବୀନ୍ଦ୍ର ସେଠ, ବିଶ୍ୱଲାଲ ମାଝି, ଉତ୍ତର ଧରୁଆ, ମଧୁବନ ରଣା, ବରୁଣ ସାହୁ, ବେଦବ୍ୟାସ ସାହୁ, କୈବର୍ତ୍ତ ଛତ୍ରିଆଙ୍କ ସହ ବହୁ ଚାଷୀ ଉପସ୍ଥିତ ଥିଲେ। ସଂଘ ସମ୍ପାଦକ ମହୋ ନାଗ ଧନ୍ୟବାଦ ଅର୍ପଣ କରିଥିଲେ।

## ଆନ୍ତର୍ଜାତିକ ବରିଷ୍ଠ ନାଗରିକ ଦିବସ ପ୍ରସ୍ତୁତି ବୈଠକ



ବୈଠକରେ ଉପସ୍ଥିତ ଅଧିକାରୀ ଏବଂ କର୍ମକର୍ତ୍ତା।

**ପାଟଣାଗଡ଼,୨୭।୯(ଡି.ଏନ.ଏ.)**

ପାଟଣାଗଡ଼ ଏନ୍‌ଏସି କାର୍ଯ୍ୟାଳୟ ସଭା କକ୍ଷରେ ଶୁକ୍ରବାର ଅପରାହ୍ନ ୪ଟାରେ ଆନ୍ତର୍ଜାତୀୟ ବରିଷ୍ଠ ନାଗରିକ ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ଚନ୍ଦ୍ର ବେଉରା ବୈଠକରେ ଅଧକ୍ଷତା କରିଥିଲେ। ବୈଠକରେ ପାଟଣାଗଡ଼ ବ୍ଲକ ଅଧକ୍ଷ ଭକ୍ତବନ୍ଧୁ ନାଏକ, ଏସ୍‌ଡିଏମ୍‌ଓ. ଡ. ଦିଲୀପ ବିଶ୍ୱାଳ, ପୋଲିସ ଏସ୍‌ଆଇ ଲାବନ କିଶୋର ନନ୍ଦ, ସିଡିପିଓ, ସମସ୍ତ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ପ୍ରଜାପିତା ବ୍ରହ୍ମକୁମାରୀ ଅନୁଷ୍ଠାନ ପାଟଣାଗଡ଼ର କର୍ମକର୍ତ୍ତା, ବରିଷ୍ଠ ନାଗରିକ କମିଟି କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। ଆସନ୍ତା ୧ତାରିଖ ସକାଳ ସାଢେ ୭ଟାରୁ ୯ଟା ପର୍ଯ୍ୟନ୍ତ ଯୋଗ କାର୍ଯ୍ୟକ୍ରମ, ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସଭା କାର୍ଯ୍ୟକ୍ରମ ଏବଂ ବରିଷ୍ଠ ନାଗରିକଙ୍କୁ ସମ୍ମାନିତ କରିବାକୁ ବୈଠକରେ କୁହାଯାଇଛି। ବରିଷ୍ଠ ନାଗରିକଙ୍କୁ ସମ୍ମାନିତ ପାଇଁ ଏକ ୭ ଜଣିଆ କମିଟି ବ୍ଲକ ଅଧକ୍ଷଙ୍କ ନେତୃତ୍ୱରେ ଗଠନ କରାଯାଇ ବରିଷ୍ଠ ନାଗରିକଙ୍କୁ ଚୟନ କରିବାକୁ ସ୍ଥିରୀକୃତ ହୋଇଥିଲା।

ଟଙ୍କପାଣି ପଞ୍ଚାୟତରେ ପିଡିଏସ୍ ଚାଉଳ ଚୋରା ଚାଲାଣ ଘଟଣା

## ଯୋଗାଣ ସହାୟକ ନିଲମ୍ବିତ

**ଲାଠୋର, ୨୭।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତରେ ପିଡିଏସ୍ ଚାଉଳ ଚୋରା ଚାଲାଣ ଘଟଣାରେ ଶୁକ୍ରବାର ଯୋଗାଣ ସହାୟକ ଅନଙ୍ଗ ବିଶ୍ୱାଳଙ୍କୁ ନିଲମ୍ବିତ କରାଯାଇଥିବା ଖପ୍ରାଖୋଲ ଯୋଗାଣ ନିରୀକ୍ଷକ ରାଜାରାମ ହୋତା ସୂଚନା ଦେଇଛନ୍ତି। ସୂଚନାନୁଯାୟୀ ମଙ୍ଗଳବାର ଅପରାହ୍ନରେ ଖପ୍ରାଖୋଲ ବ୍ଲକ ଟଙ୍କପାଣି ପଞ୍ଚାୟତରୁ ଏକ ୪୦୭ ଯୋଗେ ୨୬ ବସ୍ତା ପିଡିଏସ୍ ଚାଉଳ ଚୋରା ଚାଲାଣ ହେଉଥିଲା। ସେତିକିବେଳେ ଗ୍ରାମବାସୀ ଗାଡିକୁ ଅଟକ ରଖି ବିଭାଗୀୟ ଅଧିକାରୀମାନଙ୍କୁ ସୂଚନା ଦେଇଥିଲେ। ବୁଧବାର ଯୋଗାଣ ନିରୀକ୍ଷକ ଏବଂ ଲାଠୋର ପୋଲିସ ଟଙ୍କପାଣି ଗାମରେ ପହଞ୍ଚି ଜନସାଧାଣଙ୍କୁ ବୁଝାଶୁଝା କରିଥିଲେ। ପରେ ଚାଉଳ ବୋଝେଇ ଗାଡିକୁ ଲାଠୋର ଥାନାକୁ ଅଣାଯାଇଥିଲା। ଏନେଇ ଟଙ୍କପାଣି ପଞ୍ଚାୟତବାସୀ ୫ ଜଣଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ସେଥିରେ ଯୋଗାଣ ସହାୟକଙ୍କ ନାମ ମଧ୍ୟ ରହିଛି। ପୋଲିସ ଅଭିଯୋଗକୁ ଭିତ୍ତି କରି ଏକ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି। ହେଲେ ପୋଲିସ ବର୍ତ୍ତମାନ ସୁଦ୍ଧା କାହାରିକୁ ଗିରଫ କରି ନାହିଁ। ଅନ୍ୟପକ୍ଷେ ଚୋରି ହୋଇଥିବା ୨୬ ବସ୍ତା ଚାଉଳ ଯୋଗାଣ ନିରୀକ୍ଷକ ଥାନାରୁ ଗ୍ରହଣ କରି ଲାଠୋର ପଞ୍ଚାୟତ କାର୍ଯ୍ୟାଳୟକୁ ହସ୍ତାନ୍ତର କରିଛନ୍ତି। ଯେଉଁମାନଙ୍କ ନାମରେ ମାମଲା ରୁଜୁ ହୋଇଛି ସେମାନେ ଫେରାର ଥିବା ଜଣାପଡିଛି।

## ସିଡିପିଓଙ୍କୁ ଦାବିପତ୍ର ଦେଲେ ମହିଳା

**ଖପ୍ରଖୋଲ,୨୭।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଓଡିଆପାଲି ଗ୍ରାମର ୱାର୍ଡ ନଂ ୧୧ରେ ଥିବା ମିନି ଅଙ୍ଗନୱାଡି କେନ୍ଦ୍ରର ପାଚିକା କାର୍ଯ୍ୟରେ ଅବହେଳା କରୁଥିବା ନେଇ ମହିଳା ସ୍ୱୟଂ ସହାୟିକା ସଂଘ ପକ୍ଷରୁ ଖପ୍ରାଖୋଲ ସିଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଅଭିଯୋଗ ମୁତାବକ, ୧୧ନମ୍ବର ୱାର୍ଡରେ ଥିବା ମିନିଅଙ୍ଗନୱାଡି କେନ୍ଦ୍ରର ପାଚିକା କର୍ତବ୍ୟରେ ଅବହେଳା କରୁଥିବା ନେଇ ସିଡିପିଓଙ୍କୁ ପୂର୍ବରୁ ଅବଗତ କରାଇଥିଲ। ସିଡିପିଓ ନିଜେ ଓଡିଆପାଲି ଯାଇ ବୈଠକରେ ସଭାନେତ୍ରୀ ବାଛିବା ସହିତ ପାଚିକା ବିଷୟରେ ପଦକ୍ଷେପ ଗ୍ରହଣ କରିବା ପାଇଁ ୧୫ ଦିନ ସମୟ ମାଗିଥିଲେ । ହେଲେ କାର୍ଯ୍ୟାନୁଷ୍ଠାନ ନିଆଯାଇ ନ ଥିଲା। ବର୍ତ୍ତମାନ ପୁଣି ମହିଳାମାନେ ସିଡିପିଓଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଖପ୍ରାଖୋଲ ସିଡିପିଓ ପ୍ରମିଳା ମହାନ୍ତିଙ୍କୁ ପଚାରିବାରୁ ପାଚିକାଙ୍କ ବିରୋଧରେ ମହିଳାମାନେ ଅଭିଯୋଗ କରି ଏକ ଦାବି ପତ୍ର ଦେଇଛନ୍ତି। ଘଟଣାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।



ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

କୃଷିବୀମା ରାଶି ପ୍ରଦାନରେ ଅବହେଳା ଅଭିଯୋଗ

# ୨୬ନମ୍ବର ଜାତୀୟ ରାଜପଥ ଅବରୋଧ କଲେ ଚାଷୀ

**ଦେଓଗାଁ,୨୭।୯(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଦେଓଗାଁବ୍ଲକ କୁଲୁତାପଡା ଏବଂ ଅର୍ଜୁନପୁର ପଞ୍ଚାୟତର ଚାଷୀଙ୍କୁ କୃଷିବୀମା ରାଶି ପ୍ରଦାନରେ ଅବହେଳା କରାଯାଉଥିବା ଅଭିଯୋଗ କରି ଚାଷୀମାନେ ଶୁକ୍ରବାର ୨୬ନମ୍ବର ଜାତୀୟ ରାଜପଥ ଦେଓଗାଁ କଲେଜ ଛକଠାରେ ରାସ୍ତା ଅବରୋଧ କରିଥିଲେ। ପୂର୍ବାହ୍ନ ୯ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ୬ଘଣ୍ଟା ରାସ୍ତା ଅବରୋଧ କରାଯାଇଥିଲା। ଅପରାହ୍ନ ୩ଟାରେ ଜିଲାପାଳ ଅରିନ୍ଦମ ଡାକୁଆ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିବା ସହ ଅକ୍ଟୋବର ଶେଷ ସୁଦ୍ଧା ବୀମାରାଶି ପ୍ରଦାନ କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

ଏହି ଅବସରରେ ଦେଓଗାଁରେ ବିଲୁପ୍ତ ଅବସ୍ଥାରେ ପଡିରହିଥିବା କୃଷିଭିତ୍ତିକ ଶିଳ୍ପ ବିଜୟାନନ୍ଦ ସମବାୟ ଚିନିକଲକୁ ପୂନଃଚାଲୁ କରିବା ଓ ଦେଓଗାଁ ବ୍ଲକ ଦେଇ ପ୍ରବାହିତ ହେଉଥିବା ସୋନଗଡ଼ ନଦୀରେ ବ୍ୟାରେଜ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଥିଲେ। ୨୦୧୬-୧୭ ଓ ୨୦୧୮-୧୯ରେ ଦେଓଗାଁ ବ୍ଲକରେ ମରୁଡି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଅଧିକାଂଶ ପଞ୍ଚାୟତର ଚାଷୀ କ୍ଷତିଗ୍ରସ୍ତ ହୋଇଥିଲେ। ରାଜସ୍ୱ ବିଭାଗ ଓ କୃଷି ବିଭାଗର ରିପୋର୍ଟକୁ ଆଧାର କରି ରାଜ୍ୟ ସରକାର ମରୁଡ଼ି ଘୋଷଣା କରିଥିଲେ। ହେଲେ ୨୦୧୬-୧୭ରେ ଅର୍ଜୁନପୁର ଓ କୁଲୁତାପଡା ପଞ୍ଚାୟତର ଚାଷୀଙ୍କୁ ବୀମାରାଶି ମିଳି ନ ଥିବା ବେଳେ ୨୦୧୮-୧୯ରେ ବ୍ଲକର ୨୩ଟି ମରୁଡି ଘୋଷିତ ପଞ୍ଚାୟତ ମଧ୍ୟରୁ କେବଳ ୧୦ଟି ପଞ୍ଚାୟତର ଚାଷୀଙ୍କୁ ବୀମାରାଶି ମିଳିଛି। ୧୩ଟି ପଞ୍ଚାୟତର ଚାଷୀ ବୀମାରାଶି ପାଇବାରୁ ବଞ୍ଚିତ ରହିଛନ୍ତି । ଫଳରେ ବୀମାଭୁକ୍ତ ହୋଇଥିବା ଚାଷୀଙ୍କ ମଧରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ୧୫ଦିନ ତଳେ ଅର୍ଜୁନପୁର ଓ କୁଲୁତାପଡା ପଞ୍ଚାୟତର ଚାଷୀ ସଂଗଠନ ଓ ସ୍ଥାନୀୟ ଲୋକଉନ୍ନତି ସଂଗଠନ ପକ୍ଷରୁ ତୁରନ୍ତ ଚାଷୀଙ୍କୁ ବୀମାରାଶି ପ୍ରଦାନ କରିବାକୁ ଜିଲା ପ୍ରଶାସନ ନିକଟରେ ଲିଖିତ ଭାବେ ଦାବି କରିଥିଲେ। ଏପରି କି ୧୫ଦିନ ମଧ୍ୟରେ ବୀମାରାଶି ପ୍ରଦାନ କରା ନ ଗଲେ ଜାତୀୟରାଜପଥ ଅବରୋଧ କରିବାକୁ ଚେତାବନୀ ଦେଇଥିଲେ । ଜିଲା ପ୍ରଶାସନ ଚାଷୀଙ୍କ ଚେତାବନୀକୁ ଅଣଦେଖା କରିବାରୁ ପଞ୍ଚାୟତର ଶତାଧିକ ଚାଷୀ ବାଧ ହୋଇ ଶୁକ୍ରବାର ଏକ ଶୋଭାଯାତ୍ରାରେ ବାହାରି ସମ୍ପୃକ୍ତ ବୀମା କମ୍ପାନୀଙ୍କ ବିରୋଧରେ ବିଭିନ୍ନ ଶ୍ଳୋଗାନ ଦେଇ ଦେଓଗାଁ କଲେଜ ଛକରେ ପହଞ୍ଚି ରାସ୍ତା ଅବରୋଧ କରିଥିଲେ। ଏଥିରେ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଲକ୍ଷ୍ମଣ କୁମାର ମେହେର ଯୋଗଦେଇ କ୍ଷତିଗ୍ରସ୍ତ ସମସ୍ତ ଚାଷୀଙ୍କୁ ବିମାରାଶି ପ୍ରଦାନ କରିବାକୁ ଦାବି କରିଥିଲେ। ସେହିପରି ଲୋକଉନ୍ନତି ସଂଗଠନର ବ୍ଲକ ସଂଯୋଜକ ରୂପାଧର ପୁଟା ଯୋଗଦେଇ ପ୍ରଶାସନର ଅପାରଗତାକୁ ନିନ୍ଦା କରିଥିଲେ।

ଆନ୍ଦୋଳନରେ କୁଲୁତାପଡ଼ା, ଅର୍ଜୁନପୁର ସମେତ ଦେଓଗାଁ, ଉଡାର, ଗାଇବାହାଲ, ଲଣ୍ଡାପଥର ଆଦି ପଞ୍ଚାୟତର ଚାଷୀଙ୍କ ସହ ବ୍ଲକ ଅଧକ୍ଷା ରୀନା ମେହେର ଉପସ୍ଥିତ ରହିଥିଲେ। ମଧ୍ୟାହ୍ନ ୧୨ଟାରେ ଉପଜିଲାପାଳ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଚାଷୀ ଜିଲାପାଳ ଆସି ଲିଖିତ ପ୍ରତିଶ୍ରୁତି ଦେବା ପାଇଁ ଅଡିବସିବାରୁ ଉପଜିଲାପାଳ ଘଟଣାସ୍ଥଳରୁ ଫେରିଯାଇଥିଲେ। ଜିଲାପାଳ ପହଞ୍ଚି ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ୬ଘଣ୍ଟା ଧରି ରାଜପଥ ଅବରୋଧ ହେବାରୁ ଦେଓଗାଁ କଲେଜ ଛକ ଉଭୟ ପାର୍ଶ୍ୱରେ ଶତାଧିକ ଯାନବାହନ ଅଟକି ରହିଥିଲା। ଫଳରେ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ପରିସ୍ଥିତିକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକ ପ୍ଲାଟୁନ ଫୋର୍ସ ସହ ଦେଓଗାଁ ଥାନା ଅଧିକାରୀ ଲୋକନାଥ ଭୋଇ, ତଷୁରା ଥାନା ଅଧିକାରୀ ଯଶୋବନ୍ତ ପ୍ରଧାନୀ, ବନ୍ଧପଡା ଫାଣ୍ଡି ଅଧିକାରୀ କମଳ ଲୋଚନ ମାଝି ପ୍ରମୁଖ ଉପସ୍ଥିତ ଥିଲେ।



ଆନ୍ଦୋଳନରତ ଚାଷୀଙ୍କ ସହ ଜିଲାପାଳ ଆଲୋଚନା କରୁଛନ୍ତି।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍‌ଲର



## ସଂକ୍ଷେପରେ

### ନୂତନ ଓସିଏ ସମ୍ପାଦକଙ୍କୁ ଯୁବ ଯାଦବ ସମାଜର ଶୁଭେଚ୍ଛା

**ନୂଆପଡା ଅଫିସ/କୋମନା, ୨୭।୯ (ଡି.ଏନ.ଏ.)**- ନବ ନିର୍ବାଚିତ ଓଡିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ କୁମାର ବେହେରାଙ୍କୁ କୋମନା ବ୍ଲକ ଯୁବ ଯାଦବ ସମାଜ ତରଫରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ବୈଠକରେ ନୂତନ ଭାବେ ନିର୍ବାଚିତ ସମ୍ପାଦକଙ୍କୁ ଶୁଭେଚ୍ଛା ଦେବା ସହ ରାଜ୍ୟ କ୍ରିକେଟ ଆସୋସିଏଶନ ସମସ୍ତ କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଛନ୍ତି। ବୈଠକରେ ବିଶିକେଶନ ବାଗ, ପୁଷ୍ପରଞ୍ଜନ ନାଗ, ସାଗର ଠେଲା, କାର୍ତ୍ତିକ ବାଗ, ବଲମତ ଘିଭେଲା, ଗିରେନ୍ଦ୍ର ହାତୀ ପ୍ରମୁଖ ଉପସ୍ଥିତ ଥିଲେ।

### ଶୁଦ୍ଧ ପାନୀୟଜଳ ପରୀକ୍ଷା ତାଲିମ

**ନୂଆପଡ଼ା ଅଫିସ,୨୭।୯**- ସ୍ଥାନୀୟ ନ୍ୟାଶନାଲ ହାଇସ୍କୁଲରେ ନୂଆପଡା ବ୍ଲକର ବିଦ୍ୟାଳୟମାନଙ୍କର ଶିକ୍ଷକମାନଙ୍କୁ ନେଇ ଶୁଦ୍ଧ ପାନୀୟ ଜଳର ପରୀକ୍ଷଣ ଉପରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ୧୭ଟି କ୍ଲଷ୍ଟରରୁ ୩୪ଜଣ ବିଜ୍ଞାନ ଶିକ୍ଷକ ଯୋଗଦେଇଥିଲେ। ପ୍ରାରମ୍ଭିକ ପର୍ଯ୍ୟାୟରେ ଜଳ ଓ ପରିମଳ ବିଭାଗ ଉପନିର୍ବାହୀ ଯନ୍ତ୍ରୀ ରମେଶ ଚନ୍ଦ୍ର ପାଣିଗ୍ରାହୀ ଏବଂ ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ଯୋଗଦେଇଥିଲେ। ଏହି ଅବସରରେ ଜଳର ରସାୟନ ଏବଂ ଜୈବିକ ପରୀକ୍ଷଣ କରାଯାଇଥିଲା। ଉପସ୍ଥିତ ଶିକ୍ଷକମାନଙ୍କୁ ୫ଟି ଜଳ ଯଥା ଡ. କଲାମ ଜଳ, ସିଭି ରମଣ ଜଳ, ମାଡାମ କ୍ୟୁରୀ ଜଳ, ଆଇନଷ୍ଟାଇନ ଜଳ ଏବଂ ନିଉଟନ ଜଳ ନାମରେ ବିଭିନ୍ନ ବିଦ୍ୟାଳୟରୁ ସଂଗୃହିତ ଜଳଗୁଡିକୁ ନାମିତ କରି ସାତ ପ୍ରକାର ରସାୟନ ପରୀକ୍ଷଣ ଉପରେ ପ୍ରଶିକ୍ଷଣ ଦିଆଯିବା ସହ ତାଲିମ ପ୍ରଦାନ କରାଯାଇଥିଲା। ଏଥିରେ ଜିଲା ଜଳ ଓ ପରିମଳ ବିଭାଗର ଜଳ ପରୀକ୍ଷାଗାର ମୁଖ୍ୟ ବିଜୟ ଲକ୍ଷ୍ମୀ ସତପଥୀ, ସୌମ୍ୟ ପ୍ରକାଶ ଯୋଷୀ ତାଲିମ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କିଶୋର କୁମାର ପରିଡା, ସିଆରିସିସି ଗିରିଧାରୀ ନାଏକ, ଦିନେଶ ମାଝି, ଜିତେନ୍ଦ୍ର ଖମାରୀ, ସୋମନଥ ଗଡତିଆ ପ୍ରମୁଖ ସହଯୋଗ କରିଥିଲେ। ଜିତେନ୍ଦ୍ର ଖମାରୀ ଧନ୍ୟବାଦ ଜ୍ଞାପନ କରିଥିଲେ।

# ସିନାପାଲି ଅଞ୍ଚଳରେ ଚକଡ଼ା ଉପଦ୍ରବ

## ■ କାମ ଦେଉନି କୀଟନାଶକ, ଚିନ୍ତାରେ ଚାଷୀ

**ସିନାପାଲି,୨୭।୯ (ଡି.ଏନ.ଏ.)**

ନୂଆପଡା ଜିଲା ସିନାପାଲି ଅଞ୍ଚଳର ବିଭିନ୍ନ ସ୍ଥାନରେ ଚକଡା ଉପଦ୍ରବ ବା ଗୁଣ୍ଡିପୋକ (ବିପିଏଚ୍) ରୋଗ ଉପଦ୍ରବ ଦେଖାଦେଇଛି। ଫଳରେ ଚାଷୀମାନେ ଚିନ୍ତାରେ ପଡିଛନ୍ତି । ବିଶେଷ କରି ସିନାପାଲି ବ୍ଲକ୍ ସ୍ଥିତ ଗୋର୍ଲା ଗ୍ରାମପଞ୍ଚାୟତ ଗୋବିନ୍ଦପୁର, ମାଲପଡା, ହୀରାପୁର ଅଞ୍ଚଳର ଏକର ଏକର ଚାଷ ଜମିରେ ଚକଡା ଲାଗି ଧାନ ନଷ୍ଟ ହୋଇଗଲାଣି । ଚାଷୀମାନେ ବାରମ୍ବାର କୀଟନାଶକ ଔଷଧ ପ୍ରୟୋଗ କରୁଥିଲେ ମଧ୍ୟ କୌଣସି କାମ ଦେଉନି ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଧାନଗଛ ତଳ ଚଳଭାଗରୁ ଚକଡା ଲାଗି ଧାନଗଛର ଅଗଭାଗ ପର୍ଯ୍ୟନ୍ତ ଖାଇଯାଉଛନ୍ତି ଏବଂ ଧାନଗୁଡିକ ହଳଦିଆ ନାଳି ପଡି ସମ୍ପୂର୍ଣ୍ଣ ପାଳ ହୋଇଯାଉଥିବା ଦେଖାବାକୁ ମିଳିଛି। ଫଳରେ ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି। ସିନାପାଲି ଅଞ୍ଚଳ ଚାଷୀମାନେ ବହୁ ଆଶା ନେଇ ଧାରକରଜ ଓ ବ୍ୟାଙ୍କ ଋଣ ମାଧ୍ୟମରେ ଟଙ୍କା ଆଣି ଚାଷ କାର୍ଯ୍ୟ କରିଥିଲେ। ବର୍ତ୍ତମାନ ଏହି ରୋଗ ପାଇଁ ଚାଷୀ ଏବେ ଚିନ୍ତିତ ହୋଇପଡିଛନ୍ତି । ରୁଆ ବେଉଷଣ ସାଙ୍ଗକୁ ସାର ଓ ଅନ୍ୟାନ୍ୟ ପାଇଁ ବହୁ ଟଙ୍କା ଖର୍ଚ୍ଚ କରି ସାରିଥିବା ବେଳେ ବର୍ତ୍ତମାନ କୀଟନାଶ ଔଷଧ ପାଇଁ ବାରମ୍ବାର ଖର୍ଚ୍ଚାନ୍ତ ହୋଇପଡୁଛନ୍ତି। ତଥାପି ରୋଗ କମିବାର ନା ଧରୁ ନ ଥିବା ଚାଷୀମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସିନାପାଲି ଅଞ୍ଚଳର ଏହିଭଳି ଅନେକ ଗାଁ ଚାଷ ଜମିର ଚକଡାର ଉପଦ୍ରବ ଯୋଗୁ ଚାଷୀମାନେ କଣ କରିବେ ସେହି ଚିନ୍ତାରେ ରହିଯାଇଛନ୍ତି। ଚଳିତବର୍ଷ ଭଲ ବର୍ଷା ଯୋଗୁ ଚାଷୀମାନେ ଭଲ ଅମଳ କରିବ ବୋଲି ବହୁ ଆଶା ନେଇ ଚାଷ କାର୍ଯ୍ୟ କରିଥିବା ବେଳେ ସବୁ ଓଲଟପାଲଟ ହୋଇଗଲା ବୋଲି ଚାଷୀମାନେ ପ୍ରକାଶ କରିଛନ୍ତି । ସିନାପାଲି ଗୋବିନ୍ଦପୁର ଗ୍ରାମର ନାରାୟଣ ପ୍ରସାଦ ବେହେରା, କିଶୋର ଚନ୍ଦ୍ର ବେହେରା, ନୀଳମଣି ବେହେରା, ଭଗବାନ ହଂସ, ରାଜାରାମ ହଂସ, ଧର୍ମୁ ହଂସ, ରୁପସିଂ ହଂସ। ସେହିଭଳି ମାଲପଡା ଗ୍ରାମର ହିରନ ହଂସ, ବଣକା ହଂସ, ନନ୍ଦଲାଲ ହଂସ, ଅଟଳ ହଂସ, ଅଭିରାମ ବକୁଲ, ସାଗର ବକୁଲ, ଜୟରାମ ବକୁଲ, ଅଶୋକ ପ୍ରଧାନ, ମାଳବିକା ବେହେରା, ନିରାକାର ପ୍ରଧାନ ସମେତ ଗୋର୍ଲା ଗ୍ରାପର ଏକଶହରୁ ଊର୍ଦ୍ଧ୍ୱ ଚାଷୀଙ୍କ ଜମିରେ ଚକଡା ଲାଗି ଧାନଚାଷକୁ ନଷ୍ଟ କରି ଦେଉଛି ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସିନାପାଲି କୃଷି ଅଧିକାରୀ ସଞ୍ଜୟ କୁମାର ପାତ୍ରଙ୍କୁ ପଚାରିବାରୁ ବାରମ୍ବାର ଚାଷୀଙ୍କୁ ସଚେତନତା କରାଯାଉଛୁ ଓ କୀଟନାଶକ ଔଷଧ ସବସିଡିରେ ପ୍ରଦାନ କରାଯାଉଛୁ ବୋଲି କହିଥିଲେ।



ଚାଷୀମାନେ ଚକଡ଼ା ଲାଗିଥିବା ଧାନ ଗଛ ଦେଖାଉଛନ୍ତି।

# ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ନୂଆପଡା ଅଫିସ,୨୭।୯**

ସ୍ଥାନୀୟ ମିନିଷ୍ଟାଡିୟମରେ ନୂଆପଡା ସଦର ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହୋଇଥିବା ପ୍ରତିଯୋଗିତାକୁ ବ୍ଲକ ଶିକ୍ଷାଧିକାରୀ ଡ. ରେଶମଲାଲ ନାଏକ ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସହ ଗୋଷ୍ଠୀ ଶିକ୍ଷାଧିକାରୀ ଚୈତରାମ ନାଏକ, ଗୋଷ୍ଠୀ ସମ୍ବଲ ଶିକ୍ଷକ ଉପେନ୍ଦ୍ର ସାମଲ, କାର୍ତ୍ତିକ ବିଶ୍ୱାଲ ପ୍ରମୁଖ ଯୋଗଦେଇଥିଲେ। ବ୍ଲକର ସମସ୍ତ ବିଦ୍ୟାଳୟରୁ ୭୧୫ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏଥିରେ ଦୁଇଟି ବିଭାଗରେ ଫୁଟବଲ, ଖୋଖୋ, କବାଡି, ଟେନିକୋଟ, ଚୋଇକୋଣ୍ଡୋ ପ୍ରତିଯୋଗିତା ହୋଇଥିଲା । ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଶିକ୍ଷକମାନେ ଖେଳ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ବ୍ଲକର ସମସ୍ତ ସିଆରିସିସି, କର୍ମଚାରୀମାନେ ସହଯୋଗ କରିଥିଲେ । ସଦର ସିଆରସିସି ଜିତେନ୍ଦ୍ର କୁମାର ଖମାରୀ ଧନ୍ୟବାଦ ଦେଇଥିଲେ।



ଖେଳ ପ୍ରତିଯୋଗିତାକୁ ଅତିଥିମାନେ ଶୁଭାରମ୍ଭ କରୁଛନ୍ତି ।

### ନର୍ସିଂ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା

# ୮ ଅଭିଯୁକ୍ତ କୋର୍ଟଚାଲାଣ

**ଜୁନାଗଡ଼,୨୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ଥାନା ଅଞ୍ଚଳରେ ଜଣେ ନର୍ସିଂ ଛାତ୍ରୀ ଗଣବଳାତ୍କାର ଘଟଣାରେ ପୋଲିସ ବୁଧବାର ୮ଜଣଙ୍କୁ ଗିରଫ କରିଥିଲା। ଅନ୍ୟ ଜଣେ ନାବାଳକ ଏଥିରେ ସମ୍ପୃକ୍ତ ଥିବା ପୋଲିସ କହିଥିଲା। ଗୁରୁବାର ସମସ୍ତ ଅଭିଯୁକ୍ତଙ୍କୁ ଜୁନାଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀମାଇନା କରାଯାଇଥିଲା। ଏହା ପରେ ସନ୍ଧ୍ୟାରେ ନାବାଳକଙ୍କୁ ଛାଡି ୮ଜଣ ଅଭିଯୁକ୍ତଙ୍କୁ ଜୁନାଗଡ ଜେଏମ୍ଏଫସି କୋର୍ଟରେ ହାଜର କରାଯାଇଥିଲା। ଅଭିଯୁକ୍ତଙ୍କ ପକ୍ଷରୁ କୌଣସି ଓକିଲ କେସ୍ ଲଢୁ ନ ଥିବାରୁ ସମସ୍ତଙ୍କୁ ଧର୍ମଗଡ଼ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଥିଲା। ସେହିପରି ନାବାଳକଙ୍କୁ ଭବାନୀପାଟଣା ଜୁଭେନାଇଲ ବୋର୍ଡରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କ ମଧ୍ୟରେ ଗଣବଳାତ୍କାର ଘଟଣାରେ ୬ ଜଣ ସମ୍ପୃକ୍ତ ରହିଥିଲେ। ସେମାନେ ହେଲେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ଅମିତ ନାଏକ (୩୦), ପ୍ରକାଶ ନାଏକ ଓରଫ ଲୁକୁ (୨୨), ଶାନ୍ତ ନାଏକ (୨୪), ଲାବଣ୍ୟ ଛତ୍ରିଆ(୨୧), ଅନିରୁଦ୍ଧ ଓରଫ ତରଙ୍ଗ ଛତ୍ରିଆ (୨୦) ଓ ଜଣେ ନାବାଳକ। ସେହିପରି ଭିଡିଓ ଭାଇରାଲ କରିଥିବା ଘଟଣାରେ ଜୁନାଗଡ ଥାନା ବକ୍ସିତୁଲସୀପାଲି ଗ୍ରାମର ବିନୋଦ ନାଏକ ଓରଫ ଘାଟୁ (୩୨), ସ୍ୱୟମ୍ବର ବାଗ (୩୦) ଓ କୋକସରା ଥାନା ତେନ୍ତୁଲିପଡାର ଟିକମଣି ପୋଢ (୩୨)ଙ୍କୁ ମଧ୍ୟ ପୋଲିସ ଗିରଫ କରିଥିଲା।

# ବିଷ ପିଇ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା

**ଭବାନୀପାଟଣା,୨୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମ. ରାମପୁର ବସଷ୍ଟାଣ୍ଡରେ ଗୁରୁବାର କଲେଜରୁ ଘରକୁ ଫେରୁଥିବା ବେଳେ ଜଣେ ଛାତ୍ରୀ ବିଷ ପିଇ ଗୁରୁତର ହୋଇଥିଲେ। ତାଙ୍କୁ ପ୍ରଥମେ ମ. ରାମପୁର ଡାକ୍ତରଖାନାରେ ଚିକିତ୍ସା ପରେ ବଲାଙ୍ଗୀର ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କର ମୃତ୍ୟୁ ଘଟିଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବିଷ ପିଇବା କାରଣ ଜଣାପଡିନାହିଁ । ମ. ରାମପୁର ବ୍ଲକ ଅନ୍ତର୍ଗତ ଅଲାତରା ଗ୍ରାମର କବିତା ପଧାନ ନାମକ ଛାତ୍ରୀ ସବୁଦିନ ଭଳି ମ. ରାମପୁର ମହାବିଦ୍ୟାଳୟକୁ ଅଧ୍ୟୟନ ପାଇଁ ଆସିଥିଲେ। କଲେଜ ପରେ ଘରକୁ ଫେରିବା ପାଇଁ ସ୍ଥାନୀୟ ବସଷ୍ଟାଣ୍ଡରେ ବସ୍‌କୁ ଅପେକ୍ଷା କରିଥିଲେ । ସେହିଠାରେ ହିଁ ସେ ନିଜ ସାଙ୍ଗରେ ନେଇଥିବା ବିଷ ପିଇ ଦେଇଥିଲେ। ତାଙ୍କର ସାଙ୍ଗମାନେ ତାଙ୍କୁ ତୁରନ୍ତ ମ. ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଡାକ୍ତର ତାଙ୍କର ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ପରେ ତୁରନ୍ତ ଭବାନୀପାଟଣା ଜିଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର ପାଇଁ କହିଥିଲେ। ପରିବାର ଲୋକେ ଭବାନୀପାଟଣା ନ ନେଇ ବଲାଙ୍ଗୀର ଜିଲା ମୁଖ୍ୟ ଡାକ୍ତରଖାନାକୁ ନେଇଥିଲେ।

### ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ

# ଘର ତିଆରି ପୋଷାକ ଉପରେ ଜିଲାପାଳଙ୍କ ଗୁରୁତ୍ୱ

## ପୁରସ୍କୃତ ହେଲେ ଶିଶୁ ବିକାଶ ବିଭାଗ

**ନୂଆପଡା ଅଫିସ,୨୭।୯**

ଘର ତିଆରି ଖାଦ୍ୟରେ ହିଁ ଉପଯୁକ୍ତ ପୋଷକ ତତ୍ୱ ରହିଥାଏ । ଆବହମାନ କାଳରୁ ଆମେ ଘରେ ମା' ତିଆରି କରୁଥିବା ଖାଦ୍ୟରେ ଢେର ପୋଷକ ପାଉଥିଲୁ । ହେଲେ ଆମେ ସଭ୍ୟ ସମାଜ ଆଡକୁ ଯେତେ ଯାଉଛୁ ବୋଲି କୁହାଯାଉଛି, ଆମେ ସେତିକି ପୁଷ୍ଟିହୀନତାର ଶିକାର ହେଉଛୁ। ତେଣୁ ଘର ତିଆରି ପୋଷକ ଆମକୁ ଉପଯୁକ୍ତ ପୌଷ୍ଟିକ ଆହାର ଯୋଗାଇ ପାରିବ ବୋଲି ଜିଲାପାଳ କହିଥିଲେ। ଶୁକ୍ରବାର ସ୍ଥାନୀୟ ଇଣ୍ଡୋର ଷ୍ଟାଡିୟମରେ ସେଭ ଦି ଚିଲଡ୍ରେନ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନରେ ଯୋଗଦେଇ ଜିଲାପାଳ ମଧୁସ୍ମିତା ସାହୁ ଏହା କହିଥିଲେ । କାର୍ଯ୍ୟକ୍ରମରେ ସେଭ ଦି ଚିଲଡ୍ରେନର ଜିଲା ଅଧିକାରୀ ବିଦ୍ୟାଧର ମେହେର ଅଧ୍ୟକ୍ଷତା କରିଥିବାବେଳେ ଜିଲାପାଳ ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ଅଧ୍ୟକ୍ଷା ନମିତା ପ୍ରଧାନ ବିଶେଷ ଅତିଥି, ଡିପିଏମ ଟିମନ ବାରା, ନୂଆପଡା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ନିବେଦିତା ସାମଲ, ଆରବିଏସକେୱାଇର ମୁକେଶ କୁମାର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

ପୂର୍ବାହ୍ନରେ କାର୍ଯ୍ୟକ୍ରମ ପ୍ରାରମ୍ଭରେ ନୂଆପଡା ବ୍ଲକ କ୍ୟାମ୍ପସରେ ଚାରାରୋପଣ କାର୍ଯ୍ୟକ୍ରମ ପରେ ଏକ ରାଲିରେ ମହିଳାମାନେ ଇଣ୍ଡୋର ଷ୍ଟାଡିୟମ ଯାଏଁ ଆସିଥିଲେ। ଏହି ଅବସରରେ ଯୁବତୀ ଫେଡେରେଶନ ଅନନ୍ୟା ତରଫରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ପୋଷଣ ଉପରେ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ପରିସରରେ ଖାଦ୍ୟ ପ୍ରଦର୍ଶନୀ ପ୍ରତିଯୋଗିତା ହୋଇଥିଲା। ଏଥିରେ ଖଡିଆଳ ବ୍ଲକ ପ୍ରଥମ ସ୍ଥାନ ଗ୍ରହଣ କରିଥିବାବେଳେ ନୂଆପଡା ବ୍ଲକ ଦ୍ୱିତୀୟ ସ୍ଥାନରେ ରହିଥିଲା। ଏହିଭଳି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ସକାଶେ ଅନ୍ୟ ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗଗୁଡିକୁ ପୁରସ୍କୃତ କରାଯାଇଥିଲା। ଜିଲାପାଳ ଘର ତିଆରି ପୌଷ୍ଟିକ ଆହାର ଉପରେ ଗୁରୁତ୍ୱ ଦେଇଥିବାବେଳେ ଘରେ ଯଦି ପୁଷ୍ଟିକର ଖାଦ୍ୟ ନ ପାଇ କେହି ମୃତ୍ୟୁବରଣ କରୁଛନ୍ତି, ଏଥିପାଇଁ ଆମେ ନିଜକୁ ଉତ୍ତର ଦାୟୀ କରିବା ଦରକାର । ଏଥିପାଇଁ ଆମେ ନିଜକୁ ପ୍ରସ୍ତୁତି କରିବା ଜରୁରୀ ବୋଲି କହିଥିଲେ। ଆଜିର ଦିନରେ ପୌଷ୍ଟିକ ଆହାର ହିଁ ଜୀବନରେ ଉତମ ସ୍ୱାସ୍ଥ୍ୟ ରକ୍ଷାର ମାଧ୍ୟମ ହୋଇପାରିବ ବୋଲି ଆମ ସମସ୍ତଙ୍କୁ ସଂକଳ୍ପ କରିବାକୁ ପଡିବ ବୋଲି ବକ୍ତାମାନେ ମତ ରଖିଥିଲେ । କାର୍ଯ୍ୟକ୍ରମରେ ସେଭ ଦି ଚିଲଡ୍ରେନର ଜିଲା ଅଧ୍ୟକ୍ଷ ମେହେର ମଞ୍ଚ ପରିଚାଳନା କରିଥିଲେ।




ଜିଲାସ୍ତରୀୟ ରାଷ୍ଟ୍ରୀୟ ପୋଷଣ ମାସ ପାଳନ ଅବସରରେ ମଞ୍ଚାସୀନ ଅତିଥିବୃନ୍ଦ ।

# ଶିଶୁ ବିଦ୍ୟାମନ୍ଦିରରେ ମାତୃ ସମ୍ମିଳନୀ

**ଜୁନାଗଡ,୨୭।୯ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ହାବସପୁର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ମାତୃସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍ଥାନୀୟ ଅଞ୍ଚଳର ଅନେକ ମହିଳା ଯୋଗଦେଇଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ସରପଞ୍ଚ ମନୀଷା ସାହୁ ଯୋଗଦେଇ ଶିଶୁର ଲାଳନ ପାଳନ ଓ ଶିକ୍ଷାକ୍ଷେତ୍ରରେ ମା'ମାନଙ୍କ ଭୂମିକା ଉପରେ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସ୍କୁଲ ପରିଚାଳନା କମିଟି ଉପସଭାପତି ଶ୍ରୀଲବ ମାହାର, ସମ୍ପାଦକ ଚନ୍ଦ୍ର ଶେଖର ସିଂହ ଓ ଯୁଗ୍ମ ସମ୍ପାଦକ ବିଜୟ କୁମାର ମୁଣ୍ଡ ଉପସ୍ଥିତ ଥିଲେ। ବିଦ୍ୟାଳୟ ଆଚାର୍ଯ୍ୟ ଦିନେଶ ଲହଜଲ ଅତିଥି ପରିଚୟ ଓ ପ୍ରଧାନଚାର୍ଯ୍ୟ ଶିବରାଜ ମିଶ୍ର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ କହିଥିଲେ। କାର୍ଯ୍ୟକ୍ରମକୁ ଆଚାର୍ଯ୍ୟ ଭୁଦେବ ଗହିର ପରିଚାଳନା କରିଥିବା ବେଳେ ସମସ୍ତ ଆଚାର୍ଯ୍ୟା, ଆଚାର୍ଯ୍ୟ ସହଯୋଗ କରିଥିଲେ।



ମାତୃସମ୍ମିଳନୀରେ ମୁଖ୍ୟଅତିଥି ବକ୍ତବ୍ୟ ଦେଉଛନ୍ତି।

### ଭାଜପାର କୋମନା, ନୂଆପଡ଼ା, ସିନାପାଲି ବ୍ଲକ ଘେରାଉ

# କେନ୍ଦ୍ରୀୟ ଯୋଜନା ହଡ଼ପ ଅଭିଯୋଗ

**ନୂଆପଡା ଅଫିସ/କୋମନା, ୨୭।୯ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ରାଜ୍ୟରେ କାର୍ଯ୍ୟ କରାଯାଉଛି । ହେଲେ ମାଛ ତେଲରେ ମାଛ ରାନ୍ଧିବା ନୀତିରେ ରାଜ୍ୟ ସରକାର କେନ୍ଦ୍ରୀୟ ଯୋଜନାଗୁଡିକରେ ରାଜ୍ୟ ସରକାରଙ୍କ ମୋହର ଲଗାଇ ବାହାବା ନେଉଛନ୍ତି । କେନ୍ଦ୍ରୀୟ ଯୋଜନାଗୁଡିକୁ ହଡପ କରାଯାଉଛି ବୋଲି ଭାଜପା ଅଭିଯୋଗ କରିଛି । ଶୁକ୍ରବାର ଏହି ଅଭିଯୋଗ ନେଇ ଜିଲା ଭାଜପା ତରଫରୁ କୋମନା, ସିନାପାଲି ଏବଂ ନୂଆପଡା ବ୍ଲକରେ ଏକାଦିକ୍ରମେ ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କାରାଯାଇଛି । କୋମନା ବ୍ଲକରେ ରାଜ୍ୟ ଉପସଭାପତି ପ୍ରସନ୍ନ କୁମାର ପାଢୀ, ମନିଜର ଆର୍ଯ୍ୟଙ୍କ ନେତୃତ୍ୱରେ ଶତାଧିକ ଭାଜପା କର୍ମୀ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ । ଦୀର୍ଘ ସମୟ ଧରି ଘେରାଉ କରିବା ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋମନା ବିଡିଓ ଶ୍ୟାମଲ ରଏଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ବିଶେଷ କରି କେନ୍ଦ୍ର ସରକାର ଆଗାମୀ ୨୦୨୨ ସୁଦ୍ଧା ସମସ୍ତ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ଯୋଗାଇବା ଯୋଜନା ରଖିଛନ୍ତି । ଏଥିରେ ବାର୍ଷିକ ଲକ୍ଷାଧିକ ପରିବାରକୁ ସାମିଲ କରାଯାଉଛି । ହେଲେ ରାଜ୍ୟ ସରକାର ଚାଲାକି କରି ଏଥିରେ ବିଜୁ ପକ୍କା ଘରର ମୋହର ଲଗାଇ ଲୋକଙ୍କୁ ଭ୍ରମିତ କରୁଛନ୍ତି। ଏହିଭଳି କେନ୍ଦ୍ରୀୟ ଯୋଜନାରୁ ଦିଆଯାଇଥିବା ୧୦୮ଆମ୍ବୁଲାନ୍ସକୁ ମଧ୍ୟ ରାଜ୍ୟ ସରକାର ମୋହର ଲଗାଇଥିବା ନଜିର ରହିଛି । ଏହା ଉପରେ ରାଜ୍ୟପାଳ ଦୃଷ୍ଟି ଦେଇ କାର୍ଯ୍ୟାନୁଷ୍ଠାନ କରିବାକୁ ଦାବି ହୋଇଛି । ଉଲ୍ଲେଖଯୋଗ୍ୟ ଯେ, ଭାଜପା କର୍ମୀମାନେ ବ୍ଲକ କାର୍ଯ୍ୟାଳୟରେ ବ୍ୟାପକ ଦୁର୍ନୀତି ହେଉଥିବା ନେଇ ଅସନ୍ତୋଷ ପ୍ରକାଶ କରିବା ପରେ ଭୟରେ କର୍ମଚାରୀମାନେ କାର୍ଯ୍ୟାଳୟକୁ ତାଲା ପକାଇ ଦେଇଥିଲେ । ଠିକ ସମୟରେ ସେଥିର ଚାବି ହଜିଯିବାରୁ ଦୀର୍ଘ ସମୟ ଧରି ଅପେକ୍ଷା ପରେ ତାଲା ଭାଙ୍ଗିଥିଲେ କର୍ମଚାରୀ । ଏହା ବ୍ଲକରେ ବିଶୃଙ୍ଖଳାର ଏକ ନମୁନା ବୋଲି ଆଲୋଚନା କରିଥିଲେ। କର୍ମଚାରୀମାନଙ୍କୁ ହଟହଟା ହେବାକୁ ପଡିଥିଲା । ନୂଆପଡା ବ୍ଲକରେ ହୋମସିଂ ମାଝି, ମୁନ୍ନା ମହାପାତ୍ରଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତା ବ୍ଲକ କାର୍ଯ୍ୟାଳୟକୁ ଘେରାଉ କରି ବିଡିଓଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି । ପୂର୍ବାହ୍ନ ୧୧ଟାରେ ପ୍ରଥମେ ରାଲିରେ ବାହାରି ଏନଏସିକୁ ଘେରାଉ କରି ଦାବିପତ୍ର ପ୍ରଦାନ କରିବା ପରେ ବ୍ଲକରେ ପହଞ୍ଚି ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କମଳେଶ ଦିକ୍ଷୀତ, ମୂରଲୀଧର ସୁନା, ଗୋଲୁ ଦଣ୍ଡସେନା, ପ୍ରଦୀପ ସ୍ୱାଇଁ ପ୍ରମୁଖ ସାମିଲ ଥିଲେ। ସେହିପରି ସିନାପାଲି ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି। ବିଡିଓ ସୁରେନ୍ଦ୍ର ମେହେରଙ୍କ ମାଧ୍ୟମରେ ରାଜ୍ୟପାଳଙ୍କ ନିକଟକୁ ସ୍ମାରକପତ୍ର ପ୍ରେରଣ କରାଯାଇଥିଲା। ଜିଲା ସାଧାରଣ ସମ୍ପାଦକ ସୁବ୍ରତ ଠାକୁର, ମଣ୍ଡଳ ସଭାପତି ଅରିଗଞ୍ଜନ ଯୋଷୀ, ବେଲମତୀ ମାଝି, ପ୍ରତାପ ଗୁଆଲ, କୋଦଣ୍ଡ ରାଉତରାୟ, ପ୍ରେମସିନ୍ଧୁ ହେର୍ଣ୍ଣା ପ୍ରମୁଖଙ୍କ ନେତୃତ୍ୱରେ କର୍ମୀମାନେ ଧାରଣାରେ ବସିଥିଲେ।




ନୂଆପଡା ବ୍ଲକ ସମ୍ମୁଖରେ କର୍ମୀମାନେ ଘେରାଉ କରି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

### ପାଣି ଗାଁ ଅଙ୍ଗନୱାଡିରେ ବ୍ୟାପକ ଅନିୟମିତତା ଅଭିଯୋଗ

# କେନ୍ଦ୍ରରେ ତାଲା ପକାଇଲେ ଗାଁ ଲୋକେ

## ତଦନ୍ତ ଅଧିକାରୀଙ୍କ ସମ୍ମୁଖରେ ଅଙ୍ଗନୱାଡି କର୍ମୀଙ୍କ ସ୍ୱାମୀଙ୍କ ହୋହଲ୍ଲା

**ଜୁନାଗଡ,୨୭।୯ (ସ୍ୱ.ପ୍ର.)**

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକ ଅନ୍ତର୍ଗତ ପାଣି ଗାଁ ଅଙ୍ଗନୱାଡି କେନ୍ଦ୍ରରେ ବ୍ୟାପକ ଅନିୟମିତତା ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଶୁକ୍ରବାର ଜୁନାଗଡ ମହିଳା ଓ ଶିଶୁ ବିକାଶ ସମନ୍ୱୟ ଅଧିକାରୀଙ୍କୁ ଗ୍ରାମବାସୀ ଲିଖିତ ଅଭିଯୋଗ କରିବା ସହିତ କଳାହାଣ୍ଡି ଜିଲାପାଳଙ୍କୁ ଅବଗତ କରାଇଥିଲେ। ଅଭିଯୋଗ ମୁତାବକ ଅଙ୍ଗନୱାଡି କର୍ମୀ ଗ୍ରାମରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରତିଟି ମହିଳାଠାରୁ ପ୍ରଲୋଭନ ଦେଖାଇ ଏକ ହଜାର ଟଙ୍କା ନେଇଛନ୍ତି।

ଗର୍ଭବତୀ ମହିଳାଙ୍କୁ ଛତୁଆ ଗୁଣ୍ଡ ଓ ଅଣ୍ଡା ଦିଆ ଯାଉ ନ ଥିବା ବେଳେ ପ୍ରତିଦିନ ୩୦ ଛାତ୍ରୀଛାତ୍ରଙ୍କ ଉପସ୍ଥାନ ପକାଇ ୫ରୁ ୬ଜଣଙ୍କୁ ଖାଦ୍ୟ ପ୍ରଦାନ କରାଯାଏ। ପ୍ରତି ଗର୍ଭବତୀ ମହିଳାଙ୍କ ବ୍ୟାଙ୍କ ଖାତାରେ ଟଙ୍କା ଡିପୋଜିଟ ପାଇଁ ହଜାରେ ଟଙ୍କା ମାଗିବା ଓ ସେମାନଙ୍କ ବ୍ୟାଙ୍କ ଖାତାକୁ ନିଜ ପାଖରେ ରଖିବା ସହିତ ଗତ ସ୍ୱାଧୀନତା ଦିବସରେ ପାତାକ ଉତ୍ତୋଳନ କରି ନ ଥିବା ଅଭିଯୋଗ ହୋଇଛି। ସେହିଭଳି ଗାଁ କଲ୍ୟାଣ ସମିତି ଅର୍ଥ ଆଦୌ ବ୍ୟବହାର କରାଯାଉ ନ ଥିବା ଅଭିଯୋଗ କରି ଗ୍ରାମବାସୀ ୬ ଦଫା ଅଭିଯୋଗ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ମହିଳା ଓ ଶିଶୁ ବିକାଶ ସମନ୍ୱୟ ଅଧିକାରୀ ଅଭିଯୋଗକୁ ଗୁରୁତର ସହିତ ନେଇ ସୁପରଭାଇଜର ଆଶାରାଣୀ ସାହୁ, ମିସନ ଶକ୍ତି ବ୍ଲକ କୋଡିନେଟର ତେଜାତ ଖାନ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଏହି ସମୟରେ ଅଙ୍ଗନୱାଡି କର୍ମୀ ଗୋମତୀ ନାଏକ ଓ ତାଙ୍କ ସ୍ୱାମୀ ଅଶ୍ୱିନୀ ବାଗ ଆସି ଦୁଇ ଅଧିକାରୀଙ୍କ ସମ୍ମୁଖରେ ଗ୍ରାମବାସୀଙ୍କୁ ଗଳିଗୁଲଜ କରି ତଦନ୍ତରେ ବାଧା ସୃଷ୍ଟି କରିଥିଲେ। ଏହାପରେ ଦୁଇ ଅଧିକାରୀ ସେହି ସ୍ଥାନ ଛାଡି ଚାଲି ଯାଇଥିଲେ। ପରେ ଗ୍ରାମବାସୀ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇବା ସହିତ ଦୁଇ ଜଣଙ୍କ ନାମରେ ଥାନାରେ ଏତଲା ଦେଇଥିଲେ। ରିପୋର୍ଟ ଲେଖା ପର୍ଯ୍ୟନ୍ତ ଗାଁରେ ଅଶାନ୍ତ ବାତାବରଣ ଥିବା ପର୍ଯ୍ୟନ୍ତ ଥାନାକୁ ଗ୍ରାମବାସୀ ଆସି ରିପୋର୍ଟ ପ୍ରଦାନ କରିଛନ୍ତି।



ଅଙ୍ଗନୱାଡି କେନ୍ଦ୍ରରେ ଦୁଇ ଅଧିକାରୀ ତଦନ୍ତ କରୁଛନ୍ତି।



ଯେଉଁଠାରେ ଦୁଃଖର ରାଜୁତି, ଆଶ୍ଚର୍ଯ୍ୟର କଥା
ସେଇଠାରେ ହିଁ ମହତ ଲୋକର ଜନ୍ମ ହୋଇଛି।
- ଲର୍ଡ କର୍ଜନ



## ସଂକ୍ଷେପରେ

### ମା'ଙ୍କୁ ମରଣାନ୍ତକ ଆକ୍ରମଣ କଲା ପୁଅ

**ବଲାଙ୍ଗୀର ଅଫିସ,୨୭।୯:** ବଲାଙ୍ଗୀର ତୁଲସୀନଗରର ଜଣେ ମହିଳାଙ୍କୁ ତାଙ୍କ ପୁଅ ବ୍ଲେଡ୍‌ରେ ମରଣାନ୍ତକ ଆକ୍ରମଣ କରିଛନ୍ତି। ମହିଳାଙ୍କୁ ପୋଲିସ ଉଦ୍ଧାର କରି ଭୀମଭୋଇ ମେଡିକାଲ କଲେଜରେ ଭର୍ତ୍ତି କରିଥିବା ଜଣାପଡିଛି। ଏସଂକ୍ରାନ୍ତରେ ମହିଳାଙ୍କ ଦିଅର ଅନିରୁଦ୍ଧ ପଣ୍ଡା ଟାଉନ୍ ଥାନାର ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ପୁଅ ରାକେଶ ପଣ୍ଡା(୨୩)ଙ୍କୁ ଗିରଫ କରିଛି। ରାକେଶ ମାନସିକ ଭାରସାମ୍ୟ ହରାଇ ଏଭଳି ଆକ୍ରମଣ କରିଥିବା ପୋଲିସ ଅନୁମାନ କରୁଛି। ଏନେଇ ଟାଉନ ଥାନାରେ ଏକ ମାମଲା (ନଂ.୫୨୦/୨୦୧୯) ରୁଜୁ ହୋଇଛି।

### ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

**ଲୋଇସିଂହା,୨୭।୯(ଡି.ଏନ.ଏ.):** ଲୋଇସିଂହା ବ୍ଲକ ଅନ୍ତର୍ଗତ ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲଠାରେ ବ୍ଲକସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ରସାୟନ ମୌଳିକଙ୍କ ପର୍ଯ୍ୟାୟ ସାରଣୀ ମାନବ ସମାଜ ଉପରେ ପ୍ରଭାବ ବିଷୟକବସ୍ତୁ ଉପରେ ଆଲୋଚନା ହୋଇଥିଲା। ଏଥିରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ୧୭ଜଣ ଛାତ୍ରୀଛାତ୍ର ଅଂଶ ଗ୍ରହଣ କରି ଆଲୋଚ୍ୟ ବିଷୟ ଉପରେ ମତବ୍ୟକ୍ତ କରିଥିଲେ। ଏଥିରେ ଝାରମୁଣ୍ଡା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ରୋହିନୀ ସାହୁ ପ୍ରଥମ, ଝାରମୁଣ୍ଡା ଅଞ୍ଚଳ ହାଇସ୍କୁଲର ଛାତ୍ରୀ ସସ୍ମିତା ସାହୁ ଦ୍ୱିତୀୟ, କନ୍ଦାଜୁରୀ ହାଇସ୍କୁଲର ଛାତ୍ରୀ ସୃଷ୍ଟିଶିଖା ଦାଶ ତୃତୀୟ ସ୍ଥାନ ଅଧିକାର କରିଥିଲେ। ମନୋରଞ୍ଜନ ସାହୁ, ଜଗଦାନନ୍ଦ ବଶ୍ୱାଳ ବିଚାରକ ଭାବେ ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନର ପୁରସ୍କାର ବିତରଣୀ ଉତ୍ସବରେ ଆୟୋଜକ ସ୍କୁଲର ପ୍ରଧାନ ଶିକ୍ଷକ ଜୀବେଶ୍ୱର ପଧାନ ଅଧ୍ୟକ୍ଷତା କରିଥିଲେ। ଝାରମୁଣ୍ଡା ସରପଞ୍ଚ ସୁନୀଲ ଅଗ୍ରୱାଲ ମୁଖ୍ୟଅତିଥି, ଆଦର୍ଶ ବିଦ୍ୟାଳୟର ପ୍ରିନ୍ସିପାଲ ସୁଶ୍ରୀ ସମନ୍ୱିତା ଷଡଙ୍ଗୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ବିଜ୍ଞାନ ଆବାହକ କୃଷ୍ଣଚନ୍ଦ୍ର ନାଥ ସଭାପତିତ୍ୱ କରିଥିଲେ। ଜିଲା ବିଜ୍ଞାନ ନିରୀକ୍ଷକ ନୀଳମଣି ପଟେଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଆଲୋଚନାଚକ୍ରକୁ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ଜିବେଶ୍ୱର ପଧାନ, ଅବନୀ କୁମାର ତ୍ରିପାଠୀ ମଞ୍ଚାସୀନ ଥିଲେ। ବ୍ଲକ ବିଜ୍ଞାନ ସଂଯୋଜକ ସଭା ଓ ଆଲୋଚନାଚକ୍ରକୁ ସଂଯୋଜନା କରିଥିଲେ।

ବିଲୋଇସର୍ଡାରେ ଗାନ୍ଧୀ ଓ ଗ୍ରାମାଞ୍ଚଳ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର

# 'ଗାନ୍ଧୀଙ୍କ ଭାରତ ଆଜି ବି ଗାଁରେ ରହିଛି'

**ବଲାଙ୍ଗୀର/ପୁଇଁତଲା, ୨୭।୯(ଡି.ଏନ୍.ଏ.)**

ପୁଇଁତଲା ବ୍ଲକ ଅନ୍ତର୍ଗତ ବିଲୋଇସର୍ଡାସ୍ଥିତ ଜବାହାରଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ମହାତ୍ମାଗାନ୍ଧୀଙ୍କ ୧୫୦ ତମ ଜନ୍ମବାର୍ଷିକ ଅବସରରେ ଶୁକ୍ରବାର ଅପରାହ୍ନରେ ଗାନ୍ଧୀ ଓ ଗ୍ରାମାଞ୍ଚଳ ଶିକ୍ଷା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ଗଣମାଧ୍ୟମ ପ୍ରତିନିଧି ସୁଦୀପ କୁମାର ଗୁରୁ, ମୁଖ୍ୟବକ୍ତା ଭାବେ ବୀରେନ୍ଦ୍ର କୁମାର ଝାଙ୍କର, ସମ୍ମାନିତ ଅତିଥି ଭାବେ ରାଧେଶ୍ୟାମ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ପୁରୁଷୋତ୍ତମ ଭଞ୍ଜ, ଡିଗ୍ରୀ ମହାବିଦ୍ୟାଳୟ ଅଧ୍ୟକ୍ଷ ରାମଶରଣ ପ୍ରଧାନ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଥମେ ଗାନ୍ଧିଜୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଅତିଥି ଏବଂ ବକ୍ତାମାନେ ଗାନ୍ଧିଜୀଙ୍କ ବିଷୟରେ ବିସ୍ତୃତ ଆଲୋଚନା କରି ଗାନ୍ଧୀଙ୍କ ଭାରତ ଆଜିବି ଗାଁରେ ରହିଛି ବୋଲି କହିଥିଲେ। ଗ୍ରାମାଞ୍ଚଳ ଶିକ୍ଷା ଯେତିକି ବଳିଷ୍ଠ ହେବ ଭାରତୀୟ ସମାଜ ସେତେ ସମୃଦ୍ଧ ହେବ ବୋଲି ଅତିଥିଗଣ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ପୁରୋହିତ ବକ୍ତବ୍ୟରେ ଗାନ୍ଧିଜୀଙ୍କ ଜୀବନୀରୁ ଛାତ୍ରୀଛାତ୍ରମାନେ ପ୍ରେରଣା ଲାଭ କରିବାକୁ କହିଥିଲେ। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ ଜୀବନାଦର୍ଶ ଉପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଛାତ୍ର ଅଙ୍କିତ ରଣା, ସୁମନ ପାଣିଗ୍ରାହୀ, ସୌମ୍ୟ ରଞ୍ଜନ ବଣିଆ, ରାଜ କୁଶଲ, ସୁଦର୍ଶନ ବିଶ୍ୱାଳ, ରଞ୍ଜିତ ବାଗ, ଚୁଡାମଣି ପଣ୍ଡା, ଛାତ୍ରୀ ଶାମୁକା ବିଶ୍ୱାଳ, ମୀନାକ୍ଷୀ ବିଶ୍ୱାଳ, ଅଲିସା ପାଣିଗ୍ରାହୀ, କମଳିନୀ ବାରିକ ଓ ପ୍ରୀତିପ୍ରଜ୍ଞା ପ୍ରଧାନ ଠିକ୍ ଉତ୍ତର ଦେଇ କୃତିତ୍ୱ ଅର୍ଜନ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ରଞ୍ଜିତ ମିଶ୍ର ପରିଚାଳନା କରିଥିଲେ। ଶିକ୍ଷୟିତ୍ରୀ ସୁଷମା ମେହେର ଧନ୍ୟବାଦ ଦେଇଥିଲେ। ଶିକ୍ଷକ ଅଶ୍ୱିନୀ ମହାଲିଙ୍ଗ, ଶିକ୍ଷା କର୍ମଚାରୀ ଅମୂଲ୍ୟ ଦୋରା, ଜଗନ୍ନାଥ ଯୋଶୀ, ଜୁନିୟର ରେଡକ୍ରସ ଛାତ୍ରୀ ସୋନାଲି ପଣ୍ଡା, ଲିମା ରଣା, ପ୍ରିୟଙ୍କା ସାହୁ, ପୂଜା ରଣା, ସଞ୍ଜନା ଗୁରୁ, ଛାତ୍ର ଶିବ ପ୍ରସାଦ ବାରିକ, ମିଲନ୍ ତ୍ରିପାଠୀ, ଦୟାମୟ ପଣ୍ଡା, ରଞ୍ଜିତ ବାଗ ଓ ସୌମ୍ୟ ବଣିଆ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



ବଲୋଇସର୍ଡା ହାଇସ୍କୁଲରେ ଅନୁଷ୍ଠିତ ଗାନ୍ଧୀ ଆଲୋଚନାଚକ୍ରରେ ମଞ୍ଚାସୀନ ବକ୍ତା ଓ ଅତିଥି।

### ଭାଜପାର ଦାବିପତ୍ର ପ୍ରଦାନ

**ଟିଟିଲାଗଡ଼, ୨୭।୯ (ଡି.ଏନ.ଏ.)**

କେନ୍ଦ୍ର ସରକାରଙ୍କ ଯୋଜନାକୁ ରାଜ୍ୟ ସରକାର ନିଜ ଯୋଜନା କହି ବାହାବା ନେଉଥିବା ଅଭିଯୋଗ କରି ଟିଟିଲାଗଡ଼ ଭାଜପା ପକ୍ଷରୁ ଶୁକ୍ରବାର ଜିଲା ସାଧାରଣ ସମ୍ପାଦକ ତଥା ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ମୁକେଶ ଜୈନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳି ପୌର ନିର୍ବାହୀ ଅଧିକାରୀ ଏବଂ ବିଡିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଗୁଲାପ ସୋନି, ଆଲୋକ ନାୟକ, ନଗର ଉପଦେଷ୍ଟା ଗୋବିନ୍ଦ ବିଶି, ସଦସ୍ୟତା ପ୍ରଭାରୀ ରାଜୁ ରାଓ, ସହ ପ୍ରଭାରୀ ଲିଙ୍ଗରାଜ ନାୟକ, ତରଣୀସେନ ଛୁରା, ନଗର ସମ୍ପାଦକ ରଶ୍ମିରଞ୍ଜନ ଖମାରୀ, ସୁନ୍ଦରଲାଲ ଶର୍ମା, ନିମାଇଁ ଚରଣ ବେହେରା, ଜିଲା ପରିଷଦ ସଭ୍ୟ ଦିଲୀପ ଖର୍ସେଲ, ବିନୋଦ ସାହୁ, ମଣ୍ଡଳ ସଭାପତି ଜୁଗଲ ସାହୁ, ଧନଞ୍ଜୟ ସାହୁ, ଉଦୟନାଥ ସାହୁ, ଆଶିଷ ଶର୍ମା, ଦିଲିପ ବେହେରା, ଧ୍ରୁବଲେ ପୋଦ୍ଦ, ତେଜରାଜ ଦାଶ, ବିଶ୍ୱନାଥ ବନଛୋରଙ୍କ ସହ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ଯୁବ ରେଡକ୍ରସ୍‌ର ପରିବେଶ ସୁରକ୍ଷା ସାଇକେଲ ଶୋଭାଯାତ୍ରା

**ଖପ୍ରାଖୋଲ,୨୭।୯(ଡି.ଏନ.ଏ.)**

ଖପ୍ରାଖୋଲ ବ୍ଲକ ଘୁନସର ପଞ୍ଚାୟତ ପିଙ୍ଗଲମୁଣ୍ଡା ଗାଁରେ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ପରିବେଶ ସୁରକ୍ଷା ସାଇକେଲ ଶୋଭାଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରମାନେ ପରିବେଶ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେବା ସହ ଗାଁ ପରିକ୍ରମା କରିଥିଲେ। ବିବାହ, ଏକୋଇଶିଆ ଏବଂ ଆତ୍ମିୟସ୍ୱଜନଙ୍କ ମୃତ୍ୟୁରେ ସ୍ମୃତି ଉଦେଶ୍ୟରେ ଚାରା ରୋପଣ କରିବାକୁ ସଚେତନ କରାଇଥିଲେ। ଏହି ଅବସରରେ ଗାଁର ସନ୍ତ ମାଝିଙ୍କ ସ୍ତ୍ରୀଙ୍କ ବିୟୋଗରେ ସୁଦ୍ଧିକ୍ରିୟା ହେଉଥିବାବେଳେ ଛାତ୍ରୀଛାତ୍ରମାନେ ସେଠାରେ ପହଞ୍ଚି ସ୍ମୃତି ଉଦେଶ୍ୟରେ ଚାରାରୋପଣ କରିଥିଲେ। ଏହି ଅବସରରେ ଯୁବ ରେଡ କ୍ରସ୍ ପରାମର୍ଶ ଦାତା ଅଧ୍ୟାପକ ବଳଭଦ୍ର ଦାଶଙ୍କ ସହ ସନ୍ତ ମାଝି, ଟିକେତନ ନାଏକ, ଧ୍ରୁବଲେଶ୍ୱର ମାଝି, ଛେଲିଆ ମାଝି, ଗୋବିନ୍ଦ ମାଝି, ସୁବାସ ମାଝି, ସନ୍ତୋଷ ଛତ୍ରିଆ ପ୍ରମୁଖ ଗ୍ରାମବାସୀଙ୍କ ସହିତ ୫୦ଜଣ ରେଡକ୍ରସ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ।



ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ପରିବେଶ ସୁରକ୍ଷା ନେଇ ବାହାରିଥିବା ସାଇକେଲ ଶୋଭାଯାତ୍ରା।

ଆଦର୍ଶ ଶିକ୍ଷକଙ୍କ ପରଲୋକ

## ୬ ଘଣ୍ଟା ପଡ଼ିରହିଲା ମୃତଦେହ

**ବଲାଙ୍ଗୀର ଅଫିସ/ସୋନପୁର,୨୭।୯**

ସୋନପୁର ଜିଲା ମେଣ୍ଡାର ରାଜ୍ୟପାଳ ପୁରସ୍କାରପ୍ରାପ୍ତ ପୂର୍ବତନ ପ୍ରାଥମିକ ଉଚ୍ଚବିଦ୍ୟାଳୟ ପ୍ରଧାନ ଶିକ୍ଷକ ବଶିଷ୍ଠ ପୂଜାହାରୀ(୮୭)ଙ୍କ ଗୁରୁବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ୧୯୩୨ରେ ଜନ୍ମଗ୍ରହଣ କରିଥିବା ସ୍ୱର୍ଗତ ପୂଜାରୀ ଜଣେ ଆଦର୍ଶ ଶିକ୍ଷକ ଓ ନିପୁଣ କଳାକାର ଭାବେ ଖ୍ୟାତି ଅର୍ଜନ କରିଥିଲେ। ଅବିଭକ୍ତ ବଲାଙ୍ଗୀର ଜିଲାର ଅର୍ଡା, ଲୋଇସିଂହା ଓ ମେଣ୍ଡା ସ୍କୁଲରେ ଦୀର୍ଘ ୩୯ ବର୍ଷ ଧରି ଶିକ୍ଷକତା କରିଥିଲେ। ଶିକ୍ଷକତା ସହ ମେଣ୍ଡା ଅଞ୍ଚଳର କଳା, ସାହିତ୍ୟ, ନାଟକ ଓ ସମାଜ ସଂସ୍କାର କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ରହିଥିଲା। ୧୯୮୯ରେ ଜଣେ ଆଦର୍ଶ ଶିକ୍ଷକ ଭାବେ ସେ ରାଜ୍ୟପାଳ ପୁରସ୍କାର ପାଇଥିଲେ। ଏପରି କି ବିଭିନ୍ନ ଅନୁଷ୍ଠାନରୁ ସେ ପୁରସ୍କାର ପାଇଥିଲେ। ଗ୍ରାମାଞ୍ଚଳରେ ଶିକ୍ଷାର ଦୀପ ଜାଳି ଶତାଧିକ ଛାତ୍ରୀଛାତ୍ରଙ୍କ ଭବିଷ୍ୟ ଗଢ଼ିବାରେ ସ୍ୱର୍ଗତ ପୂଜାହାରୀଙ୍କ ବଳିଷ୍ଠ ଭୂମିକା ରହିଥିଲା। ତାଙ୍କର ମୃତ୍ୟୁରେ ମେଣ୍ଡା, ତରଭା ଅଞ୍ଚଳରେ ଗଭୀର ଶୋକପ୍ରକାଶ ପାଇଛି। ମେଣ୍ଡା ଗାଁରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିଲା। ତାଙ୍କ ପୁଅ ସଦାନନ୍ଦ ପୂଜାହାରୀ ମୁଖାଗ୍ନି ଦେଇଥିଲେ। ଦୀର୍ଘଦିନରୁ ଅସୁସ୍ଥତା କାରଣରୁ ସେ କିଛିଦିନ ହେଲା ଶଯ୍ୟାଶାୟୀ ଥିଲେ। ଗୁରୁବାର ରାତିରେ ପୂଜାହାରୀ ଅସୁସ୍ଥ ହୋଇପଡିଥିଲେ। ମେଣ୍ଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଜଣେ ବି ଡାକ୍ତର ନ ଥିବାରୁ ତାଙ୍କର ଚିକିତ୍ସା ହୋଇପାରି ନ ଥିଲା। ରାତି ପ୍ରାୟ ୨ଟାରେ ସେ ଚେତାଶୂନ୍ୟ ହୋଇ ଯାଇଥିଲେ। ତାଙ୍କର ମୃତ୍ୟୁ ହୋଇଯାଇଥିବା ପରିବାର ଲୋକେ ସନ୍ଦେହ କରିଥିଲେ। ତେବେ ଡାକ୍ତର, ଫର୍ମାସିଷ୍ଟ ବା କୌଣସି ଡାକ୍ତରୀ ଷ୍ଟାପ୍ ସେଠାରେ ନ ଥିବାରୁ ତାଙ୍କର ମୃତ୍ୟୁ ଘୋଷଣା ହୋଇପାରି ନ ଥିଲା। ଶୁକ୍ରବାର ସକାଳ ୮ଟାରେ ତରଭାରୁ ଜଣେ ଆୟୁଷ ଡାକ୍ତର ଆସି ମୃତ୍ୟୁ ଘୋଷଣା ପରେ ତାଙ୍କର ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ ହୋଇଥିବା ଜଣାପଡିଛି। ଜଣେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଆଦର୍ଶ ଶିକ୍ଷକଙ୍କ ମୃତ ଘୋଷଣା ନେଇ ମୃତଦେହ ୬ ଘଣ୍ଟା ପଡିରହିବା ଘଟଣାକୁ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ସୋନପୁର ଜିଲାର ସର୍ବବୃହତ ଗ୍ରାମ ଭାବେ ପରିଚିତ ମେଣ୍ଡା ଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘବର୍ଷ ହେଲା ଡାକ୍ତର ପଦବୀ ଖାଲି ପଡିଛି। ଏଠାରେ ଥିବା ଏକମାତ୍ର ଫର୍ମାସିଷ୍ଟଙ୍କୁ କିଛିଦିନ ତଳେ ବଦଳି କରିନିଆଯାଇଛି।

### ଲକ୍ଷ୍ୟ ହାସଲ ପାଇଁ ନୀରବଚ୍ଛିନ୍ନ ସାଧନା ଆବଶ୍ୟକ

**ସମ୍ବଲପୁର,୨୭।୯(ବ୍ୟୁରୋ)**

ମଣିଷକୁ ସବୁ କ୍ଷେତ୍ରରେ ଲକ୍ଷ୍ୟ ହାସଲ କରିବା ପାଇଁ ନିରଚ୍ଛିନ୍ନ ସାଧନା ଆବଶ୍ୟକ ରହିଛି। ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରି ଏଭଳି ଚିନ୍ତାଧାରା ନେଇ ଆଗକୁ ବଢିବାକୁ ହେବ। ଲାଲା ଲାଜପତ ରାୟ ଆଇନ ମହାବିଦ୍ୟାଳୟରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳପତି ଦୀପକ କୁମାର ବେହେରା ଏହା କହିଛନ୍ତି। ଏଲଏଲବି, ବିବିଏ, ଆଇଆରପିଏମ, ଏଲଏଲଏମ ପାଠ୍ୟକ୍ରମରେ ନାମ ଲେଖାଇଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ରଙ୍କୁ ସଫଳତାର ୧୦ଟି ସୂତ୍ର ଉପରେ ସେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟ ଅଧ୍ୟକ୍ଷ ବିଜୟାନନ୍ଦ ବେହେରା ସଭାପତିତ୍ୱ କରିଥିଲେ। ପ୍ରଧାପକ ଡ. ବିକ୍ରମ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଲକ୍ଷ୍ମୀକାନ୍ତ ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଆର୍ଥିକ ନିବେଶ ଓ ସଞ୍ଚୟ ଶୀର୍ଷକ ଉପରେ ସଚେତନତା ଅନୁଷ୍ଠିତ ହୋଇଥିଲା। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ଅଧାପକ ଡ. ପ୍ରଦୀପ କୁମାର ପ୍ରଧାନ ଯୋଗ ଦେଇଥିଲେ।

## ଏସ୍‌ଆଇଏଚ୍‌ଏମ୍ ପକ୍ଷରୁ ପର୍ଯ୍ୟଟନ ସଚେତନତା ରାଲି

**ବଲାଙ୍ଗୀର ଅଫିସ,୨୭।୯**

**ବିଶ୍ୱ ପର୍ଯ୍ୟଟନ ଦିବସ**

ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ଶୁକ୍ରବାର ବଲାଙ୍ଗୀରସ୍ଥିତ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ପକ୍ଷରୁ ପର୍ଯ୍ୟଟନ ସଚେତନତା ରାଲିର ସହର ପରିକ୍ରମା କରିଥିଲା। ସ୍ଥାନୀୟ ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ସମ୍ମୁଖରୁ ବାହାରି ଥିବା ରାଲିକୁ ଜିଲାପାଳ ଅରିନ୍ଦମ ଡାକୁଆ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ପର୍ଯ୍ୟଟନ କ୍ଷେତ୍ର କିଭଳି ଅର୍ଥନୈତିକ ଓ ସାମାଜିକ ସଂସ୍କାର ଆଣିବାରେ ପ୍ରମୁଖ ଭୂମିକା ନିର୍ବାହ କରୁଛି କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ ଷ୍ଟେଟ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହୋଟେଲ ମ୍ୟାନେଜ୍‌ମେଣ୍ଟ ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେଶ କୁମାର ଏକ୍‌ନାଥଙ୍କ ସହ ସମସ୍ତ ଅଧାପିକା, ଅଧାପକ, ଷ୍ଟାଫ୍ ଉପସ୍ଥିତ ଥିଲେ। ରାଲିରେ ସଂସ୍ଥାର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରାଲି ଶିଶୁ ଉଦ୍ୟାନ ସମ୍ମୁଖରୁ ପେଲେସ ଲାଇନ୍ ଛକ, କୋଶଳ ଛକ, ଆରଟିଓ ଅଫିସ ଛକ ଦେଇ ସହର ପରିକ୍ରମା ପୂର୍ବକ ହୋଟେଲ ମ୍ୟାନେଜମେଣ୍ଟ କ୍ୟାମ୍ପସରେ ପହଞ୍ଚିଥିଲା। ସଂସ୍ଥାର ଛାତ୍ରୀଛାତ୍ର ସ୍ୱତନ୍ତ୍ର ଟି-ସାର୍ଟ ପିନ୍ଧି ଓ ପ୍ଲାକାର୍ଡ ଧରି ପର୍ଯ୍ୟଟନ ସଚେତନତା ବାର୍ତ୍ତା ପ୍ରଚାର କରିଥିଲେ। ପରେ ହୋଟେଲ ମ୍ୟାନେଜମେଣ୍ଟ କ୍ୟାମ୍ପସରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ପର୍ଯ୍ୟଟନ ସଚେତନତା ରାଲି ସହର ପରିକ୍ରମା କରୁଛି।

## ମରାମତିର ୨ ଘଣ୍ଟା ପରେ ଜଳ ଯୋଗାଣ ବନ୍ଦ

**ଗୁଡ଼ଭେଲା,୨୭।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଜନ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସହରକୁ ପାଇପ୍ ଯୋଗେ ଜଳ ଯୋଗାଣ ୩ ଦିନ ଧରି ବନ୍ଦ ରହିଥିଲା। ଏନେଇ ଗଣମାଧ୍ୟମରେ ଶୁକ୍ରବାର ଖବର ପ୍ରକାଶ ପାଇଥିଲା। ପରେ ଯୁଦ୍ଧକାଳୀନ ଭିତ୍ତିରେ ପାଇପ୍ ମରାମତି କରି ଜଳ ଯୋଗାଣ ଆରମ୍ଭ ହୋଇଥିଲା। ହେଲେ କଟକିଆପଡ଼ା ଓ ମାରୱାଡିପଡ଼ାକୁ ଜଳ ଯୋଗାଣ ହେଉଥିବା ବେଳେ ପୁଣି ମରାମତି ହୋଇଥିବା ପାଇପ୍ ଫାଟି ଯାଇଥିଲା। ଫଳରେ ମରାମତି ହେବାର ୨ଘଣ୍ଟା ପରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ରହିଛି। ବଲାଙ୍ଗୀରରୁ ଯନ୍ତ୍ରପାତି ସହ ମିସ୍ତ୍ରୀ ଆସିବା ପରେ ଜଳ ଯୋଗାଣ ହୋଇପାରିବ ବୋଲି ଉପସ୍ଥିତ କର୍ମଚାରୀମାନେ ମତ ପ୍ରକାଶ କରିଥିଲେ। ଅନ୍ୟପକ୍ଷେ ୪ ଦିନ ହେଲା ସହରରେ ଜଳ ଯୋଗାଣ ହେଉ ନ ଥିବାରୁ ପାଣି ପାଇଁ ଜନସାଧାରଣ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସ୍ଥାନୀୟ ଜନସ୍ୱାସ୍ଥ୍ୟ କାର୍ଯ୍ୟାଳୟ ଅଧିକାରୀ ରାଜୀବ କିଷାନଙ୍କ ମତାମତ ନେବାକୁ ଚେଷ୍ଟା କରାଯାଇଥିଲା। ହେଲେ ସେ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ଏନେଇ ବଲାଙ୍ଗୀର ଏସ୍‌ଡିଓ ସଞ୍ଜୀବ ପାଢୀଙ୍କ ମୋବାଇଲ ନମ୍ବର ୯୪୩୭୨୬୮୭୧୫କୁ ଯୋଗାଯୋଗ କରାଯାଇଥିଲା। ହେଲେ ସେ ଫୋନ ରିସିଭ କରି ନ ଥିବାରୁ ତାଙ୍କ ମତାମତ ମିଳିପାରି ନାହିଁ। ମରାମତି ନାମରେ ହଜାର ହଜାର ଟଙ୍କା ଖର୍ଚ୍ଚ କରାଯାଉଛି। ହେଲେ ନିମ୍ନ ମାନର କାମ ଯୋଗୁ ଏହାର ସୁଫଳ ମିଳିପାରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷେ ତୁରନ୍ତ ମରାମତି କରି ପାଇପ୍ ଯୋଗେ ଜଳ ଯୋଗାଣ କରିବାକୁ ସାଧାରଣରେ ଦାବି ହୋଇଛି।

## ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ସଇଁତଲା,୨୭।୯(ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଇଁତଲା ବ୍ଲକ ଭାଜପା ପକ୍ଷରୁ ଶୁକ୍ରବାର ରାଜ୍ୟସରକାର ଆଦର୍ଶ ସଂଘୀୟ ବ୍ୟବସ୍ଥା ଉଲ୍ଲଘଂନ କରୁଥିବା ଅଭିଯୋଗରେ ବିଡ଼ିଓଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଅକ୍ଷୟ ରଣା, ସଇଁତଲା ମଣ୍ଡଳ ସଭାପତି ବିଜୟ କୁମାର ପାତ୍ର, ବୁବୁନ ପାଣିଗ୍ରାହୀ, ସୁବ୍ରତ ନାଗ, ଆଶିଷ ସାହୁ, ସରୋଜ ସାହୁ, ଗଦାଧର ବାଗ, ଦୟାନିଧି ମଲ୍ଲିକ, ଉମେଶ ଚନ୍ଦ୍ର ଭୋଇ, ଲକ୍ଷ୍ମୀଧର ମାଝି, ହେମରାଜ କଠାର, ଜିତେନ୍ଦ୍ର ସାହୁଙ୍କ ସମେତ ଶତାଧିକ ଭାଜପା କର୍ମୀ ନବୀନଛକରୁ ଏକ ରାଲିରେ ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ବିଡ଼ିଓ ଅନୁପସ୍ଥିତ ଥିବାରୁ ପ୍ରଗତି ସହାୟକ ରାଜେନ୍ଦ୍ର ଖମାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ।



ଦାବିପତ୍ର ଦେବାକୁ ଆସିଥିବା ଭାଜପା କର୍ମକର୍ତ୍ତା।

## ନିଏ ଆଶ୍‌ରେ ଭିନ୍ନକ୍ଷମ ବାରଦୁଆର

**ଲୋଇସିଂହା,୨୭।୯ (ଡି.ଏନ୍.ଏ.)**

ବଲାଙ୍ଗୀର ଜିଲା ସଦର ଥାନା ଅଧୀନ ଲୋଇସିଂହା ବ୍ଲକ କୁଶମେଲ ପଁଚେତ୍ କଁଟାପାଲି ଗାଁର ଭିନ୍ନକ୍ଷମ ନିତିଆ ହାତୀ(୫୦)। ପୋଲିଓ ରୋଗ୍ ପରଭାବରେ ତାକର ଦୁଇଗୋଡ଼ ଅଚଲ ହେଇଯାଇଛେ। ଇଥିର ସୁଯୋଗ ନେଇ ତାକର ଦୁଇଭାଇ ସେ ରହୁଥିବାର ଘରକେ ଭାଂଗି ଦେଇ ତାହାକୁ ତଡ଼ି ଦେବାର ଚେଷ୍ଟା କରୁଛନ୍। ଇ ବାବ୍‌ଦେ ନିତିଆ ଚନ୍ଦନଭାଟି ଫାଣ୍ଡି ଆର ଲୋଇସିଂହା ତହସିଲଦାରକୁଁ ଭେଟି ନିଏର ଲାଗି ଗୁହାରି କରିଛନ୍। ହେଲେ ସବୁଠାନେ ମୋତେ ନିରାଶ ହେବାକେ ପଡ଼ିଛେ ବଲି ସେ କହିଛନ୍।

ଅଭିଯୋଗ ଅନ୍‌ସାରେ କୁଶମେଲ ପଁଚେତ୍ ଅଧୀନ କଁଟାପାଲି ଗାଁର ସର୍ଗତ ଚୈତନ୍ୟ ହାତୀ ଆର ପିର ହାତୀକଁର ୫ ପୁଓ। ନିତିଆ ସମ୍‌କରନୁ ବଡ଼। ହେଲେ ପୋଲିଓ ରୋଗ୍ ପରଭାବରେ ତାକର ଦୁଇ ଗୋଡ଼ ଅଚଲ ହେଇଯାଇଛେ। ସେ ୮୦ ଭାଗ ଅକ୍ଷମ ଆନ୍। ଉନିଆ ଲୁକ୍‌କର ସାହାରା ନେଇ ସେ ତାକର ଫିଦିନିଆଁ କାମ୍ ନିପ୍‌ଟଉଛନ୍। ୨୦୧୨ ସାଲେ ମା'ବାପ୍ ମଲା ଉତାରୁ ନିତିଆ ମଝିଆଁ ଭାଇ ମାଧବ ହାତୀର ପାସେ ଆଶ୍‌ରେ ନେଇଛନ୍। ନିତିଆକଁର କହେବାର ହିସାବେ ବାପର ନାଁରେ ୧ ଡେସିମିଲ ଘରଡିହ ଥିଲା। ସେଥିରଲାଗି ତାକର ବାପା ଗାଁରେ ଥିବାର ଖତିଆନ ନଂ ୫୮/୩୧ ରେ ୩୫ ଡେସିମିଲ ଜମି ଜବରଦଖଲ କରିଥିଲେ। ସେଠାନେ ସେ ଘରକରି କୁଟୁମବସିଆ ରହି ଆସୁଥିଲେ। ତେବେ ପ୍ଲଟନଂ ୩୭୦/୪୬୯ ୪ ଡେସିମିଲ ଘରବାରି ନିତିଆକଁର ନାଁରେ ରହିଛେ। ୧୯୯୭ ସାଲୁ ନିତ୍ୟା ଲୋଇସିଂହା ତହସିଲରୁ ପଟ୍ଟା ପାଇଛନ୍। ହେଲେ ସେ ପ୍ଲଟକେ ତହସିଲ ତରଫୁ ଚିନ୍‌ହଁଟ ନାଇଁ କରାଯାଇ। ସେଥିରଲାଗି ଭାଇ ଭାଇ ଭିତରେ ଗାଲିଗୁଲମାଲ ବାହାରିଛେ। ଭିନ୍ନକ୍ଷମ ନିତିଆ ଅନେକ ଥର ଲୋଇସିଂହା ତହସିଲରେ ଘରଡିହ ବାରିଦେବାକେ ଗୁହାରି କରି ନିରାଶ ହେଇଥିବାର କହିଛନ୍। ଏନ୍‌ତାଥି ଗଲା ୧୯ ତାରିଖ ନିତିଆ ରହୁଥିବାର ଘରକେ ତାକର ଭାଇ ଗୌର ହାତୀ ଯୋରଜବରାନ୍ ଭାଂଗି ଦେଇଛନ୍। ସେ ତାହାକୁ ଘରୁ ତଡ଼ି ଦେବାର ଚେଷ୍ଟା କରୁଛେ ବଲି ନିତିଆ ଗଲା ୨୩ ତାରିଖ ଚନ୍ଦନଭାଟି ଫାଣ୍ଡିରେ ଲିଖିତ ଅଭିଯୋଗ କରିଛନ୍। ଅଭିଯୋଗ କରବାର ୫ ଦିନ୍ ବିତିଯାଇଥିଲେ ବି ଫାଣ୍ଡି ତରଫୁ କିଛି ପଦକ୍ଷେପ ନାଇଁ ନିଆଯାଇଥିବାର ସେ କହିଛନ୍। ପୁଲିସ ଆର ତହସିଲ କତ୍ତୁରପକ୍ଷକଁର ଅବହେଲା ବିରୋଧିନେ ଆଏବାର ଅକ୍ଟୋବର ୨ ତାରିଖ ନିତିଆ ହାତୀ ଆର ଦିବ୍ୟାଙ୍ଗ କ୍ଲବ ସଂଘର ସଦସିଅ ଉଜଲ ସେନାପତି ତହସିଲ ଅଫିସ ଆଘେ ଧାରନା ଦେବେ ବଲି ଚେତାବନୀ ଦେଇଛନ୍। ଭିନ୍ନକ୍ଷମ ନିତିଆ ତହସିଲରୁ ପଟ୍ଟା ପାଇଥିବାର ୪ ଡେସିମିଲ ଜମିର ଲାଗି ବହୁତ୍ ବଛର ହେଲା ଲଢ଼େଇ କରି ଆସୁଛନ୍। ୨୦୧୬ ମସିହାନେ ବଲାଙ୍ଗୀର ବିଧାୟକ ତଥା ବିରୋଧୀଦଳ ନେତା ନରସିଂହ ମିଶ୍ରକୁଁ ସେ ଫେରାଦ ହେଇଥିଲେ। ବିରୋଧୀଦଳ ନେତା ଘଟନାଟା ଜିଲାପାଳକଁର ଦୃଷ୍ଟିକେ ଆନି ସମସିଆର ସମାଧାନ ଲାଗି କହିଥିଲେ ବି ନିତ୍ୟା ନିତିଆ ସୁଫଲ ନାଇଁପାଇ।



ଭିନ୍ନକ୍ଷମ ନିତିଆ ହାତୀ ତହସିଲରୁ ମିଳିଥିବାର ପଟ୍ଟା ଦେଖଉଛନ୍।



ଗତକାଲି ଏକ ଅଚଳ ଚେକ୍। ଆସନ୍ତାକାଲି ପ୍ରୋମିସରି ନୋଟ୍। ଆଜି ହିଁ ନଗଦ ଧନ, ଏହାକୁ ବ୍ୟବହାର କର।
- ହିଟ୍ଲର



## ସଂକ୍ଷେପରେ

### ବାଲିଶଙ୍କରା ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟ ଛାତ୍ରଙ୍କ କୃତିତ୍ୱ

**ବାଲିଶଙ୍କରା, ୨୭।୯ (ଡି.ଏନ.ଏ)-** ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ୨୦୧୮-୧୯ ଶିକ୍ଷା ବର୍ଷର ବୃତ୍ତି ପରୀକ୍ଷାରେ ପ୍ରତିବର୍ଷ ପରି ଏବର୍ଷ ମଧ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀର ଛାତ୍ରୀ ସୁପ୍ରିୟା ପଟେଲ, ଦୟଶା ଭିତ୍ରିଆ ଓ ପଞ୍ଚମ ଶ୍ରେଣୀର ଛାତ୍ର ଚନ୍ଦନ ଦଣ୍ଡସେନା ମେଧାବୃତ୍ତି ପାଇ ବିଦ୍ୟାଳୟ ଗୌରବ ଅର୍ଜନ କରିଛନ୍ତି । ଏଥିପାଇଁ ବିଦ୍ୟାଳୟ ସଭାପତି ସୁଶିଲ କୁଜୁର ସମେତ ଅଭିଭାବିକା ମହଲରେ ଖୁସିର ଲହରୀ ଖେଳି ଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ କମଳିନି ସିଂ ଓ ସହକାରୀ ଶିକ୍ଷୟିତ୍ରୀ ବେବି ପଟେଲ ଛାତ୍ରୀଛାତ୍ରଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସଙ୍ଗେ ସଙ୍ଗେ କୃତଜ୍ଞତା ଜ୍ଞାପନ କରିଛନ୍ତି ।

### ଶିକ୍ଷା ବ୍ୟବସ୍ଥା ବିପର୍ଯ୍ୟସ୍ତ: ବିଳମ୍ବରେ ଆସି ଶୀଘ୍ର ଯାଉଛନ୍ତି ଶିକ୍ଷୟିତ୍ରୀ ଶିକ୍ଷକ

# ସମୟ ନିର୍ଘଣ୍ଟକୁ ବେଖାତିର

**ବାଲିଶଙ୍କରା, ୨୭।୯ (ଡି.ଏନ.ଏ)**

**ବାଲିଶଙ୍କରା ବ୍ଲକ**
- ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି

ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକ ସୁନ୍ଦରଗଡ ଜିଲାର ସୀମାନ୍ତରେ ଅବସ୍ଥିତ। ଏଠାରେ ଶିକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ଏଠାରେ କେତେଜଣ ଶିକ୍ଷୟିତ୍ରୀ, ଶିକ୍ଷକ ସ୍କୁଲର ସମୟ ନିର୍ଘଣ୍ଟକୁ ବେଖାତିର କରୁଛନ୍ତି। ସ୍କୁଲକୁ ବିଳମ୍ବରେ ଆସି ଶୀଘ୍ର ଚାଲିଯାଉଥିବା ଦେଖିବାକୁ ମିଳିଛି।

ସରକାର ଶିକ୍ଷାର ବିକାଶ ଦିଗରେ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ଦରମା ଦେଇ ନିୟୋଜିତ କରିଛନ୍ତି। ହେଲେ ସେମାନେ ପାଠ ପଢାଇବାରେ ହେଳା କରୁଛନ୍ତି। ଯେଉଁ ଶିକ୍ଷୟିତ୍ରୀ ଶିକ୍ଷକ କାଲିର ଭବିଷ୍ୟତ କୁହାଯାଉଥିବା ଛାତ୍ରୀଛାତ୍ରଙ୍କୁ ଶିକ୍ଷାଦାନ କରୁଛନ୍ତି ପ୍ରଥମେ ସେମାନେ ସମୟର ସଦୁପଯୋଗ ଜାଣିବା ଆବଶ୍ୟକ।

ବ୍ଲକର ଅଧିକାଂଶ ଶିକ୍ଷୟିତ୍ରୀ ଶିକ୍ଷକ ୩୫ ରୁ ୪୫ କି.ମି ଦୂର ସୁନ୍ଦରଗଡ ସହରରୁ ପ୍ରତିଦିନ ବସ କିମ୍ବା ଅନ୍ୟାନ୍ୟ ଗାଡି ଯୋଗେ ଯାଆସ କରୁଛନ୍ତି। ଫଳରେ ବିଦ୍ୟାଳୟରେ ଯେଉଁ ସମୟରେ ପହଞ୍ଚିବା କଥା ବିଳମ୍ବରେ ପହଞ୍ଚୁଛନ୍ତି। ସେହିପରି ବିଦ୍ୟାଳୟରୁ ଅପରାହ୍ନ ୪ଟାରେ ଛାଡ଼ିବା କଥା। କିନ୍ତୁ ବିଦ୍ୟାଳୟର ନିୟମକୁ ଖୁଲମଖୁଲା ବେଖାତିର କରି ସାଢେ ୩ଟାରେ ଚାଲିଯାଉଛନ୍ତି। ଏଭଳି ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବ୍ଲକର ରାମଚପୁର ପଞ୍ଚାୟତ ଖମପୁର ସରକାରୀ ୟୁପି ସ୍କୁଲରେ। ଜଣେ ଶିକ୍ଷୟିତ୍ରୀ ଓ ଜଣେ ଶିକ୍ଷକ ଅପରାହ୍ନ ସାଢ଼େ ୩ଟାରେ ବିଦ୍ୟାଳୟରୁ ଗୁରୁବାର ପଳାୟନ କରିଥିଲେ। ଦାୟୀତ୍ୱରେ ଥିବା କାମଚଳା ପ୍ରଧାନଶିକ୍ଷକ ଚୌଧୁରୀ ରଞ୍ଜିତ ଭଗତଙ୍କୁ ପଚାରିବାରୁ ମୋତେ କିଛି କହି ନ ଥିବା କହିଥିଲେ। ଖମପୁର କ୍ଲଷ୍ଟର ସିଆରସିସି କାଳିନ୍ଦ୍ରୀ ଚରଣ ଭିତ୍ରିଆ ବିଦ୍ୟାଳୟକୁ ଯାଇ ଏହାର ତଦନ୍ତ କରିଥିଲେ। ବିଦ୍ୟାଳୟର ନିୟମ ଓ ସମୟକୁ ମାନି କାର୍ଯ୍ୟ କରିବା ପାଇଁ ଜିଲା ସର୍ବଶିକ୍ଷା ଅଭିଯାନ ଅଧିକାରୀ ଓ ଜିଲାଶିକ୍ଷା ଅଧିକାରୀ ବାରମ୍ବାର କହୁଥିଲେ ମଧ୍ୟ କଥାକୁ ବେଖାତିର କରି ଚାଲିଛନ୍ତି ଶିକ୍ଷୟିତ୍ରୀ, ଶିକ୍ଷକ। କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଅଞ୍ଚଳର ବୁଦ୍ଧିଜୀବୀ ଓ ଅଭିଭାବକ ଦାବି କରିଛନ୍ତି। ଏ ବିଷୟ ନେଇ ଜିଲା ସର୍ବଶିକ୍ଷା ଅଭିଯାନ ଅଧିକାରୀ ଅମୂଲ୍ୟ କୁମାର ପଧାନଙ୍କୁ ଯୋଗାଯୋଗ କରିବାରୁ ନିୟମର ବେଖାତିର କରିଥିବା ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ବିରୋଧରେ ତଦନ୍ତ କରି ଦୃଢ଼ କାର୍ଯ୍ୟାଷ୍ଠାନ ଗ୍ରହଣ କରାଯିବ। ଏ ସମ୍ପର୍କିତ ବିଷୟ ନେଇ ବାଳଶିକ୍ଷା ଅଧିକାରୀ ଶାନିମୁନି ସୁରେଶ ହରୋଙ୍କୁ ପଚାରିବାରୁ ସିଆରସିସିଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

### ଦଧି ସାରପଟିଆଙ୍କ ହତ୍ୟା ଘଟଣାର ପୁନଃ ତଦନ୍ତ ଦାବି

# ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଅଭିଯୋଗ କଲେ ସ୍ତ୍ରୀ

**ବଡ଼ଗାଁ, ୨୭।୯ (ଡି.ଏନ.ଏ.)**

ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମରେ ଜୁଲାଇ ୧୯ ତାରିଖ ସନ୍ଧ୍ୟା ୭ଟାରୁ ରାତି ୮ଟା ମଧରେ ଦଧି ସାରପଟିଆଙ୍କୁ ବାଇକରେ ଆସୁଥିଲା ବେଳେ ଲୁହା ଉପକରଣରେ ମୁଣ୍ଡକୁ ପ୍ରହାର କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୋଲିସ ଈଶ୍ୱର ସାରପଟିଆଙ୍କୁ ଦଫା ୩୦୨ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗତ ୨୪ ତାରିଖ ଦଧିଙ୍କ ସ୍ତ୍ରୀ ସୁଜାତା ଏସ୍‌ପିଙ୍କଠାରେ ଲିଖିତ ଅଭିଯୋଗ କରିଛନ୍ତି। ଏସପି ପୁନଃ ତଦନ୍ତ କରିବାକୁ ପ୍ରତିଶ୍ରୁତି ଦେଇଥିବା ଅଭିଯୋଗକାରୀଙ୍କଠାରୁ ଜଣାପଡିଛି। ଅଭିଯୋଗପତ୍ରରେ ଦର୍ଶାଯାଇଛି ଯେ, ଦଧିଙ୍କ ସହିତ ଈଶ୍ୱରଙ୍କ ବ୍ୟବସାୟୀଙ୍କ ସମ୍ପର୍କ ଥିଲା । ଦଧିଙ୍କ ଟ୍ରାକ୍ଟର ୩ବର୍ଷ ପୂର୍ବେ ଭଡା ସୂତ୍ରରେ ନେଇ ଘର ତିଆରି କରିଥିଲେ ଓ ଧାରରେ ଟଙ୍କା ନେଇଥିଲେ । ମୋଟ ୧ ଲକ୍ଷ ୪୧ ହଜାର ୧୫୦ ଟଙ୍କା ବାକି ଥିଲା। ଧାର ଟଙ୍କା ମାଗିବାରୁ ଈଶ୍ୱରଙ୍କ ସହିତ ଝଗଡା ହୋଇଥିଲା। ଟଙ୍କା ନ ସୁଝି ଯୋଜନାବଦ୍ଧ ଭାବେ ଈଶ୍ୱରଙ୍କ ସହିତ ଆଉ କେତେଜଣ ମିଶି ଦଧିଙ୍କୁ ହତ୍ୟା କରିଛନ୍ତି । ଅଭିଯୁକ୍ତ ଈଶ୍ୱର ବ୍ୟବହାର କରୁଥିବା ୨ଟି ମୋବାଇଲ ମଧ୍ୟରୁ ପୋଲିସ ଗୋଟିଏ ମୋବାଇଲ ନମ୍ବରକୁ ଟ୍ରାକିଂ କରିଥିଲା। କିନ୍ତୁ ଅନ୍ୟ ମୋବାଇଲକୁ ଟ୍ରାକିଂ କଲା ନାହିଁ। ଅଭିଯୋଗକାରିଣୀ ଏସ୍‌ପିଙ୍କୁ ଦେଇଥିବା ପତ୍ରରେ ୪ଟି ମୋବାଇଲ ନମ୍ବର ଉଲ୍ଲେଖ କରିଛନ୍ତି। ଏହି ନମ୍ବର ଗୁଡିକୁ ଟ୍ରାକିଂ କଲେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଜଣାପଡିବ ବୋଲି ଦର୍ଶାଇଛନ୍ତ।




ଡେଙ୍ଗୁ ସଚେତନତା ଶିବିରରେ ଉପସ୍ଥିତ ଗ୍ରାମବାସୀ।

# ଲାଞ୍ଜିବେର୍ଣ୍ଣା ମାଇନ୍ସ ପକ୍ଷରୁ ଡେଙ୍ଗୁ ସଚେତନତା ଶିବିର

**ରାଜଗାଙ୍ଗପୁର, ୨୭।୯ (ଡି.ଏନ.ଏ)**

ଡାଲମିଆ ସିମେଣ୍ଟ (ଭାରତ)ଲିମିଟେଡର ଲାଞ୍ଜିବେର୍ଣ୍ଣା ମାଇନ୍ସ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର୍) ତରଫରୁ ବିହାବନ୍ଧ, ଲାଞ୍ଜିବେର୍ଣ୍ଣା ପ୍ରକଳ୍ପ ବିଦ୍ୟାଳୟ, ରୁମାବାହାଲ ଏବଂ ପାହାଡଟୋଲି ଗ୍ରାମରେ ଡେଙ୍ଗୁ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଅଞ୍ଚଳରେ ଡେଙ୍ଗ ଭୟ ବ୍ୟାପିବା ପରିପ୍ରେକ୍ଷୀରେ ଲୋକଙ୍କୁ ଏଥିରୁ ରକ୍ଷା ପାଇବାର ଉପାୟ ବିଷୟରେ ଅବଗତ କରାଇବା ପାଇଁ ଡାଲମିଆ ସିମେଣ୍ଟ ଏହି ସଚେତନତା କାର୍ଯ୍ୟକ୍ରମ ଜାରି ରଖିଛି। ଉକ୍ତ କାର୍ଯ୍ୟକ୍ରମରେ ଉପରୋକ୍ତ ଗ୍ରାମର ଶତାଧିକ ମହିଳା, ଯୁବକ, ଛାତ୍ରୀଛାତ୍ର ଉପସ୍ଥିତ ରହି ଡେଙ୍ଗୁ ରୋଗର ଲକ୍ଷଣ, କାରଣ ଓ ନିରାକରଣ ବିଷୟରେ ଅବଗତ ହୋଇଥିଲେ । ଲାଞ୍ଜିବେର୍ଣ୍ଣା ଡାଲମିଆ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ହରେକୃଷ୍ଣ ସେଠୀ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ଡେଙ୍ଗୁର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ । ଲାଞ୍ଜିବେର୍ଣ୍ଣା ମାଇନ୍ସ ସିଏସ୍‌ଆର ବିଭାଗର ତପନ କୁମାର ନାୟକ ଲୋକମାନଙ୍କୁ ଡେଙ୍ଗୁ ପ୍ରତି ସଚେତନ ରହିବାକୁ ପ୍ରବର୍ତ୍ତାଇବା ସହିତ ପରିବେଶକୁ ସଫାସୁତୁରା ରଖିବା ପାଇଁ ପରାମର୍ଶ ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମର ସଫଳତା ପାଇଁ ଲାଞ୍ଜିବେର୍ଣ୍ଣା ପ୍ରକଳ୍ପ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିପିନ ବିହାରୀ ସାହୁ, ବିହାବନ୍ଧ ଗ୍ରାମର ଏସ୍‌ଏଚଜି ସଭ୍ୟା, ଗାନ୍ଧୀ କ୍ଲବ ରୁମାବାହାଲର ସଭ୍ୟ ଏବଂ ପାହାଡଟୋଲି ବିରବୀର୍ସା ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ । ଡାଲମିଆ ଭାରତ ସିଏସ୍‌ଆର ବିଭାଗର ଶୋଭାରାଣୀ ମହାନ୍ତି, ବିଉଟିଲତା ତିର୍କୀ, ସୁଜାତା ଦାସ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

### ସମସ୍ୟା ଘେରରେ ବନେଇକଳା ପଞ୍ଚାୟତର ବଡ଼ଗାଁ

# ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବଣାଇ, ୨୭।୯ (ସ୍ୱ.ପ୍ର.)**

ବଣାଇ ବ୍ଲକ ଅନ୍ତର୍ଗତ ବନେଇକଳା ପଞ୍ଚାୟତରେ ରହିଛି ବଡଗାଁ ଗ୍ରାମ। ଗ୍ରାମଟି ବହୁ ଅସୁବିଧା ଓ ସମସ୍ୟା ଘେରରେ ରହିଛି। ଏହାର ତୁରନ୍ତ ସମାଧାନ କରିବା ପାଇଁ ଗ୍ରାମବାସୀ ବଣାଇ ଉପଜିଲାପାଳଙ୍କୁ ସାକ୍ଷାତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିବା ଜଣାପଡିଛି। ଗ୍ରାମର ୯ ନମ୍ବର ୱାର୍ଡରେ ଦୀର୍ଘ ତିନିବର୍ଷରୁ ଉର୍ଦ୍ଧ୍ୱ ହେବ ଏକ ଅଙ୍ଗନୱାଡ଼ି ଗୃହ ନିର୍ମାଣ ହୋଇଥିଲେ ମଧ ଠିକାଦାର ଅଧ୍ୟାବଧି ଏହାକୁ ହସ୍ତାନ୍ତର କରୁନାହାନ୍ତି। ଫଳରେ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢାଇବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଗ୍ରାମରେ ଜଳଯୋଗାଣ ପ୍ରକଳ୍ପ ପାନୀୟ ଜଳ ଯୋଗାଣରେ ଅସମର୍ଥ ହେଉଛି। ଫଳରେ ଗ୍ରାମବାସୀ ପର୍ଯ୍ୟାପ୍ତ ପରିମାଣର ପାନୀୟଜଳ ପାଇବାରୁ ବଞ୍ଚିତ ହେଉଛନ୍ତି। ଗଭୀର ନଳକୂପ ଗତ ଦୁଇବର୍ଷ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଏହା ଅଦ୍ୟାବଧି କାର୍ଯ୍ୟକାରୀ ହୋଇପାରୁ ନାହିଁ। ସେହିପରି ଗ୍ରାମରେ ଲାଗିଥିବା ସୋଲାର ଲାଇଟ ନିମ୍ନମାନର କାର୍ଯ୍ୟ ଯୋଗୁ ୭ ରୁ ୮ଟି ଲାଇଟ ଏବେ ଅଚଳ ହୋଇପଡିବା ସହିତ ଜଳୁନାହିଁ। ଗ୍ରାମ୍ୟ ମଣ୍ଡପ ରାଧାକୃଷ୍ଣଙ୍କ କୋଠଘର ଅସମ୍ପୂର୍ଣ୍ଣ ହୋଇଛି। ଗ୍ରାମରେ ଥିବା ଏକମାତ୍ର ବିଦ୍ୟାଳୟର ପାଚେରି ନ ଥିବାବେଳେ ଶ୍ରେଣୀଗୃହ ଓ ପାଇଖାନା ନ ଥିବାରୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଦେଖିବାକୁ ମିଳିଛି। ଏଥିନେଇ ଗ୍ରାମବାସୀଙ୍କ ପକ୍ଷରୁ ରବୀନ୍ଦ୍ର ରଣା, ବସନ୍ତ ମୁଣ୍ଡା, ଦଶରଥ ସାହୁ, ରଙ୍ଗଲାଲ ପାତ୍ର, ଭରତ ସାହୁ, ପର୍ଶୁ ରଣା ପ୍ରମୁଖ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡିଛି।

### ଗାୟତ୍ରୀ ପ୍ରଜ୍ଞାପୀଠରେ ପଣ୍ଡିତ ଶ୍ରୀରାମ ଶର୍ମାଙ୍କ ଜୟନ୍ତୀ ପାଳିତ

**ସୁନ୍ଦରଗଡ଼, ୨୭।୯ (ଡି .ଏନ୍.ଏ)**

ସୁନ୍ଦରଗଡ ଗାୟତ୍ରୀ ପ୍ରଜ୍ଞାପୀଠ ଆନୁକୂଲ୍ୟରେ ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟଙ୍କ ୧୦୮ତମ ଜୟନ୍ତୀ ପାଳିତ ହୋଇଯାଇଛି। ସ୍ଥାନୀୟ ଗାୟତ୍ରୀ ପରିବାରର ସଦସ୍ୟମାନଙ୍କ ଦ୍ୱାରା ଯଜ୍ଞ ମାଧ୍ୟମରେ ଏହି ଆଚାର୍ଯ୍ୟଙ୍କ ଜୟନ୍ତୀ ପାଳିତ ହୋଇଥିଲା। ମୁଖ୍ୟ ଟ୍ରଷ୍ଟିଏହି ଜୟନ୍ତୀ ଉତ୍ସବରେ ବିଶ୍ୱ ଗାୟତ୍ରୀ ପରିବାରର ବରିଷ୍ଠ ପ୍ରଜ୍ଞାପୁତ୍ର ସ୍ୱାମୀ ପ୍ରଦୀପା ନନ୍ଦ ସରସ୍ୱତୀ ,ବାଲ୍ମିକି ନାଏକ, ସୁନ୍ଦରଗଡ ଟ୍ରଷ୍ଟି ଦୀନବନ୍ଧୁ ବେହେରା, ସ୍ନେହଲତା ପଟେଲ, ବାଞ୍ଛାନିଧି ସାହୁ, କାମିନୀ ମହାପାତ୍ର, ଜୀବେଶ୍ୱରୀ ପଟେଲ, ହିମାଂଶୁ ନାଏକ, ଭାଗ୍ୟବତୀ ସାହୁ ପ୍ରମୁଖ ଏହି ଯଜ୍ଞ ପରିଚାଳନାରେ ସହଯୋଗ କରିଥିଲେ।

# ବ୍ଲକସ୍ତରୀୟ କର୍ମଶାଳା, ପ୍ରଶିକ୍ଷଣ ଶିବିର

**ବଣାଇ, ୨୭।୯ (ସ୍ୱ.ପ୍ର.)**

ବଣାଇଗଡ଼ ପଞ୍ଚାୟତ ସମିତି ପକ୍ଷରୁ ସ୍ଥାନୀୟ ଆଇଟିଡିଏ ସଭାକକ୍ଷରେ ଶୁକ୍ରବାର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ର ସଫଳ ରୂପାୟନ ପାଇଁ ବ୍ଲକ ସ୍ତରୀୟ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହାକୁ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଶ୍ରମ ଅଟକଳ ପ୍ରସ୍ତୁତି ପ୍ରଣାଳୀ ସମ୍ବନ୍ଧରେ ସଚେତନ କରାଯାଇଥିଲା। ଏଥିରେ ବଣାଇ ବ୍ଲକରେ ଥିବା ୧୩ଟି ପଞ୍ଚାୟତର ନିର୍ବାଚିତ ସରପଞ୍ଚ, ସମିତିସଭ୍ୟ, ଗ୍ରାମସାଥୀ, ଜିଲା ପରିଷଦ ସଭ୍ୟା, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହି ଯୋଜନାର କାର୍ଯ୍ୟକାରିତା ଉପରେ ଆଲୋଚନା କରିବା ସହିତ ସେମାନେ ପ୍ରଶିକ୍ଷଣ ନେଇଥିଲେ। ଏଥିରେ ଅନ୍ୟମାନଙ୍କ ମଧରେ ବଣାଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ସାହୁ, ପଞ୍ଚାୟତ ସମିତି ଅଧକ୍ଷା ମଞ୍ଜୁଲତା କିଷାନ, ଉପାଧକ୍ଷ ବ୍ରହ୍ମାନନ୍ଦ କିଷାନ, ସହକାରୀ ଯନ୍ତ୍ରୀ ହେମରମ୍, ପଞ୍ଚାୟତ ସହକାରୀ କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇ ସମସ୍ତଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଏଥିରେ ମୁଖ୍ୟତଃ ଗ୍ରାମପଞ୍ଚାୟତରେ ଥିବା ରାସ୍ତା, ପୋଖରୀ, ଆଡ଼ିବନ୍ଧ, ଖେଳପଡିଆ, ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପ୍ରମୁଖ ଉନ୍ନୟନମୂଳକ କାର୍ଯ୍ୟଗୁଡିକ ସରକାରଙ୍କ ଦିଆଯାଇଥିବା ନିୟମାବଳୀ ଉପରେ କାର୍ଯ୍ୟକ୍ଷମ କରିବାକୁ ପ୍ରଶିକ୍ଷଣ ଦିଆଯାଇଥିଲା।



କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ବ୍ଲକସ୍ତରୀୟ ଅଧିକାରୀ ମଞ୍ଚାସୀନ।

# ଜିଲାସ୍ତରୀୟ ସ୍କୁଲ କବାଡ଼ି ପ୍ରତିଯୋଗିତା ଉଦ୍‌ଯାପିତ

**କୁତ୍ରା, ୨୭।୯ (ଡି.ଏନ.ଏ)**

କୁତ୍ରା ସରକାରୀ ହାଇସ୍କୁଲଠାରେ ଜିଲାସ୍ତରୀୟ କବାଡିପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏହା ୨୫ରେ ଆରମ୍ଭ ହୋଇଥିଲା। ଜିଲାର ୧୭ ବ୍ଲକର ଉଭୟ ବାଳିକା, ବାଳକଙ୍କ ୫୯ଟି ଟିମ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ୧୭ ବର୍ଷରୁ କମ୍ ବାଳକ ବିଭାଗରୁ କୁତ୍ରା ବ୍ଲକ ପ୍ରଥମ, ବଣାଇ ରନର୍ସଅପ୍ ହୋଇଥିଲା। ୧୪ ବର୍ଷରୁ କମ୍ ବିଭାଗରୁ ଲହୁଣୀପଡା ବ୍ଲକ ପ୍ରଥମ, ବଣାଇ ରନର୍ସଅପ୍ ହୋଇଥିଲା। ସେହିପରି ୧୭ ବର୍ଷିୟା ବାଳିକା ବିଭାଗରୁ ନୂଆଗାଁ ବ୍ଲକ ପ୍ରଥମ, ବଣାଇ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା। ୧୪ ବର୍ଷରୁ କମ୍ ବାଳିକା ବିଭାଗରୁ ଲହୁଣୀପଡା ପ୍ରଥମ, ବଣାଇ ଦ୍ୱିତୀୟ ସ୍ଥାନ ଅଧିକାର କରି ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଥିଲେ। ଉତ୍ସବରେ ରାଜଗାଙ୍ଗପୁର ବିଧାୟକ ରାଜନ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। କୁତ୍ରା ତହସିଲଦାର ସୁପ୍ରଭା ଦାସ, ଶାରୀରିକ ଶିକ୍ଷା ଅଧିକାରୀ ବିଦ୍ୟାଧର ପ୍ରଧାନ, କୁତ୍ରା ବ୍ଲକ ଅଧକ୍ଷା ପରାଗଲତା ଲାକଡା, କୁତ୍ରା ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା, କମଳ ଅଗ୍ରୱାଲ, କୁତ୍ରା ଜିଲା ପରିଷଦ ମେମ୍ବର ଶରତ ସା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ଖେଳ ଶିକ୍ଷକ ପ୍ରଫୁଲ୍ଲ କୁମାର ସାହୁ, ବିଦ୍ୟୁତଲତା ରାଉତ, ସୁଧାଂଶୁ ପାତ୍ର ଓ କାମିଲା ଏକ୍କାଙ୍କୁ ସମ୍ମାନିତ କରାଯାଇଥିଲା।



କୁତ୍ରା ସରକାରୀ ହାଇସ୍କୁଲଠାରେ କବାଡି ପ୍ରତିଯୋଗିତା ଚାଲିଛି।

### ଶ୍ରୀଶ୍ରୀ କଦମ୍ବକେଶରୀ ସାଂସ୍କୃତିକ କଳାପରିଷଦର ଲୋକ ମହୋତ୍ସବ

# ସାମିଲ ହେଲେ ୫ହଜାର କଳାକାର

**ବଣାଇ, ୨୭।୯ (ସ୍ୱ.ପ୍ର.)**

ସ୍ଥାନୀୟ ରାଜା ଧରଣୀଧର ଖେଳ ପଡିଆ ଠାରେ ଶ୍ରୀ ଶ୍ରୀ କଦମ୍ବ କେଶରୀ ସାଂସ୍କୃତିକ କଳାପରିଷଦର ନବମ ଲୋକ ମହୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଣାଇ ଉପଖଣ୍ଡର ୪ଟି ବ୍ଲକରୁ ୫ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ କଳାକାର ଯୋଗଦେଇଥିଲେ। ପ୍ରାରମ୍ଭରେ ବାବା ବାଣେଶ୍ୱର ମନ୍ଦିରରୁ ବିଶାଳ ସାଂସ୍କୃତିକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ପରେ ଉତ୍ସବ ସ୍ଥଳରେ ପହଞ୍ଚି ଥିଲା। ଶୋଭାଯାତ୍ରାରେ ସମସ୍ତ କଳାକାର ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ବଣାଇ ଉପଜିଲାପାଳ ପ୍ରଦୀପ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କଳାକାରମାନଙ୍କର ବିକାଶ ପାଇଁ ସରକାରଙ୍କ ପକ୍ଷରୁ ବହୁ ସୁବିଧା କରାଯିବା ସହିତ ପ୍ରଶିକ୍ଷଣ କେନ୍ଦ୍ର ସ୍ଥାପନ କରାଯାଇଛି। ଅସହାୟ କଳାକାରମାନଙ୍କୁ ଭତ୍ତା ପ୍ରଦାନ କରାଯାଉଛି। ଏହାକୁ ଆହୁରି ବ୍ୟାପକ କରିବା ସହିତ ଯେମିତି ଭାବେ ସମସ୍ତ ଦୁସ୍ଥ କଳାକାର ସରକାରୀ ସହାୟତା ପାଇପାରିବେ ଏବଂ ଗ୍ରାମାଞ୍ଚଳରେ ଥିବା ଭାଗବତ ଟୁଙ୍ଗିର ବିକାଶ ହୋଇପାରିବ ସେଥିପାଇଁ ଚେଷ୍ଟା ଓ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଲୋକ ମହୋତ୍ସବରେ ଶ୍ରୀଶ୍ରୀ କଦମ୍ବ କେଶରୀ ସାଂସ୍କୃତିକ କଳାପରିଷଦର ସଭାପତି ଖଗେଶ୍ୱର ବାରିକ ସଭାପତିତ୍ୱ କରିଥିଲେ। ପଦ୍ମଲୋଚନ ଆଚାର୍ଯ୍ୟ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। କଳାପରିଷଦର ସମ୍ପାଦକ ହୃଦାନନ୍ଦ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପୁରୀରୁ ଆସିଥିବା ଗଜପତି ଦିବ୍ୟ ସିଂଦେବଙ୍କ ରାଜପୁରୋହିତ ସୂର୍ଯ୍ୟନାରାୟଣ ଦାଶଙ୍କୁ ଶ୍ରୀଶ୍ରୀ କଦମ୍ବ କେଶରୀ ସାଂସ୍କୃତିକ କଳାପରିଷଦ ପକ୍ଷରୁ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ କୋଷାଧ୍ୟକ୍ଷ ରଜନୀକାନ୍ତ ଦଣ୍ଡିଆ ଧନ୍ୟବାଦ ପ୍ରଦାନ କରିଥିଲେ।



ଲୋକ ମହୋତ୍ସବର ଉଦ୍‌ଘାଟନୀ ମୁହୂର୍ତ୍ତରେ ଅତିଥି।

# ଭାଜପା ପକ୍ଷରୁ ବିକ୍ଷୋଭ: ସ୍ମାରକପତ୍ର ପ୍ରଦାନ

**ବିଶ୍ରା, ୨୭।୯ (ଡି.ଏନ.ଏ)**

ବିଶ୍ରା ବ୍ଲକ ଭାରତୀୟ ଜନତା ପାର୍ଟି ତରଫରୁ ଶୁକ୍ରବାର ପୂର୍ବାହ୍ନରେ ବିକ୍ଷୋଭ ହୋଇଥିଲା। ପ୍ରଥମେ ଭାଜପା କର୍ମୀମାନେ ବିଶ୍ରା ବ୍ଲକ ପରିସରକୁ ଆସି ଏକ ସ୍ମାରକପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏବିଡିଓ ଶରତ ଚନ୍ଦ୍ର ପ୍ରଧାନଙ୍କୁ ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ଦର୍ଶାଯାଇଛି ଯେ, ରାଜ୍ୟ ସରକାର କ୍ରମାଗତ ଭାବରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାଁରେ କରି ରାଜ୍ୟବାସୀଙ୍କୁ ଭୂଆଁ ବୁଲାଇ ଚାଲିଛନ୍ତି। ଯେପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ବିଜୁ ପକ୍କା ଘର ଯୋଜନାରେ ହେଉଛି ବୋଲି ଘୋଷଣା କରୁଛନ୍ତି। ବାହାବା ନେବାକୁ ବସିଛି ରାଜ୍ୟ ସରକାର । ମୁଖ୍ୟମନ୍ତ୍ରୀ ୪ ଲକ୍ଷ ପକ୍କା ଘର ନିର୍ମାଣର ଶୁଭ ଦେବେ ବୋଲି ଗଣମାଧ୍ୟମରେ ପ୍ରକାଶ ପାଇଛି। ସଂଘୀୟ ବ୍ୟବସ୍ଥାକୁ ଭ୍ରୁକ୍ଷେପ ନକରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ଉକ୍ତ ଅବସରରେ କର୍ମୀ ରାଜେଶ ଗୋଏଲ, ନିରଞ୍ଜନ ମାହାତ, ଜୟକରଣ ଖାଲଖୋ, ରବି ମାଝୀ, ମାଦ୍ରୁ ଓରାମ, ବିଭୂତି ମାହାତ, ଅନୀଲ ସାହୁ, ଜବାହର ମହାଲି ପ୍ରମୁଖ ଭାଜପା କର୍ମୀ ଉପସ୍ଥିତ ରହି ବିକ୍ଷୋଭ ପ୍ରଦର୍ଶନ ସହିତ ପ୍ରତିବାଦ କରିଥିଲେ ।




ବିଶ୍ରାରେ ଭାଜପା ତରଫରୁ ଶୁକ୍ରବାର ବିକ୍ଷୋଭ ଶୋଭାଯାତ୍ରା ଯାଉଛି।



"ଗୋଟିଏ ଅବାସ୍ତବ ବସ୍ତୁକୁ ଅନ୍ୟ ଗୋଟିଏ ଅବାସ୍ତବ ବସ୍ତୁ ଦ୍ୱାରା ଧ୍ୱଂସ କରିବାକୁ ଚିନ୍ତା କରିବା ଆହୁରି ଅବାସ୍ତବ।
- ରାମକୃଷ୍ଣ ପରମହଂସ



## ସଂକ୍ଷେପରେ

### ୨ରେ ଆଇଜିଏଚ୍‌ରୁ ବ୍ରାହ୍ମଣୀ ତଟ ପର୍ଯ୍ୟନ୍ତ ପଦଯାତ୍ରା

**ରାଉରକେଲା ଅଫିସ,୨୭।୯**-ବ୍ରାହ୍ମଣୀ ସେତୁ ଅସୁରକ୍ଷିତ। ଆଶା ଆଶଙ୍କାରେ ସହରବାସୀ। ଘଟଣା ଦୁର୍ଘଟଣାକୁ ନେଇ ବଢୁଛି ଚିନ୍ତା। ରାଜନେତାଙ୍କ ଇଚ୍ଛା ଶକ୍ତି ଅଭାବ, ପ୍ରଶାସନିକ ଅବହେଳା ଏହି ସେତୁର ଭାଗ୍ୟ ଭବିଷ୍ୟତକୁ ଏକ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି ବୋଲି ରାଉରକେଲା ଯୁବ ଜାଗୃତି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏପରି ଅବସ୍ଥାରେ ନିଜ ସୁରକ୍ଷା ନିଜ ହାତରେ ବିଚାର କରି ରାଉରକେଲା ଯୁବ ଜାଗୃତି ମଞ୍ଚ ପକ୍ଷରୁ ସାମାଜିକ କର୍ମୀ ମୁକ୍ତିକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ଆସନ୍ତା ଅକ୍ଟୋବର ୨ରୁ ଇସ୍ପାତ୍ ଜେନେରାଲ ହସ୍ପିଟାଲ (ଆଇଜିଏଚ୍)ନିକଟରୁ ବ୍ରାହ୍ମଣୀ ସେତୁ ପର୍ଯ୍ୟନ୍ତ ଏକ ପଦଯାତ୍ରା ଅନୁଷ୍ଠିତ ହେବ। ଏଥିରେ ୭୦ରୁ ୮୦ ଯୁବକ ସାମିଲ ହେବେ। ମାହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଷ୍ଟିଲ ସିଟି ବାସିନ୍ଦାଙ୍କୁ ସେତୁ ନିର୍ମାଣ ନେଇ ସଚେତନ କରିବା ଉଦ୍ଦେଶ୍ୟରେ ଏହି ପଦଯାତ୍ରା ଆୟୋଜନ କରାଯାଇଥିବା ସଙ୍ଗଠନ ଆବାହକ ଗୋପାଳ ଜେନା କହିଛନ୍ତି।

# ପୁଣି ଦ୍ୱିତୀୟ ବ୍ରାହ୍ମଣୀ ସେତୁ ଚିନ୍ତା

- ପୂର୍ବତନ କଂଗ୍ରେସ ବିଧାୟକ ମୁହଁ ଖୋଲିଲେ
- ମୁଖ୍ୟମନ୍ତ୍ରୀ ନିଜ ପ୍ରତିଶ୍ରୁତି ପାଳନ କରନ୍ତୁ

**ରାଉରକେଲା ଅଫିସ,୨୭।୯**

ପୁଣି ବହୁ ପୁରୁଣା ପାନପୋଷ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ଦାବି ଉଠିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ପ୍ରତିଶ୍ରୁତି ପାଳନ କରନ୍ତୁ ବୋଲି ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଦାବି କରିଛନ୍ତି। ଶୁକ୍ରବାର ଏଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମହାପାତ୍ର କହିଥିଲେ ସେତୁରେ ବାରମ୍ବାର ଫାଟ ସୃଷ୍ଟି ହେଉଛି । ଯଦି ହଠାତ୍ ବଡ ଧରଣର ଫାଟ ହୁଏ କିମ୍ବା ପୋଲ ଭୁଶୁଡି ପଡେ ତେବେ ପରିସ୍ଥିତିକୁ କିପରି ମୁକାବିଲା କରାଯିବ ବୋଲି ସେ ପ୍ରଶ୍ନ କରିଛନ୍ତି। ସେ କହିଥିଲେ ବାଲୁଘାଟ ପଟୁ ଯେଉଁ ଦ୍ୱିତୀୟ ସେତୁ କାମ ଆରମ୍ଭ କରାଯାଇଛି ତାହା ପ୍ରହସନ ଭଳି ମନେ ହେଉଛି। ଆଶାନୁରୂପ ଭାବେ ସେହି କାମ ଆଗେଇ ପାରୁନାହିଁ। ଫଳରେ ଏହି ସେତୁ କେବେ ଶେଷ ହେବ ତାହା କହିବା କଷ୍ଟକର। ଏହି ପରିପ୍ରେକ୍ଷୀ ମୁଖ୍ୟମନ୍ତ୍ରୀ ତାଙ୍କ ପୂର୍ବ ପ୍ରତିଶ୍ରୁତିକୁ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ଜରାଜୀର୍ଣ୍ଣ ପୁରୁଣା ସେତୁ ଓ ରେଳବାଇ ସେତୁ ମଝିରେ ରାଜ୍ୟ ସରକାର ଜିଲା ଖଣିଜ ପାଣ୍ଠିରୁ ଅର୍ଥ ବ୍ୟୟ କରି ଦ୍ୱିତୀୟ ସେତୁ ନିର୍ମାଣ କରିବାକୁ ମହାପାତ୍ର ପ୍ରସ୍ତାବ ରଖିଥିଲେ। ତା'ର ସଂପୂର୍ଣ୍ଣ ରୂପରେଖ ଉପସ୍ଥିତ ଖବରଦାତାଙ୍କ ସମ୍ମୁଖରେ ସେ ଉପସ୍ଥାପନ କରିଥିଲେ। ସେ କହିଥିଲେ ଆରମ୍ଭରୁ ସେଠାରେ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟାରମ୍ଭ ନେଇ ସମସ୍ତ ପଦକ୍ଷେପ ନିଆଯାଇଥିଲା। ଏନେଇ ଜମି ଅଧିଗ୍ରହଣ ବାବଦକୁ କ୍ଷତି ପୂରଣ ମଧ୍ୟ ପ୍ରଦାନ ସରିଛି। ଏହା ସତ୍ତ୍ୱେ ବ୍ରିଜର ସ୍ଥାନ ପରିବର୍ତ୍ତନ କରାଗଲା। ନିର୍ଦ୍ଦିଷ୍ଟ କେତେଜଣ ମୁଷ୍ଟିମେୟ ଲୋକଙ୍କ ସ୍ୱାର୍ଥରେ ବାଧା ସୃଷ୍ଟି ଆଶଙ୍କାରେ ସେତୁ ନିର୍ମାଣସ୍ଥଳ ପରିବର୍ତ୍ତନ କରାଯାଇଛି ବୋଲି ମହାପାତ୍ର ଅଭିଯୋଗ କରିଥିଲେ। ଏବେ ସେତୁ ନିର୍ମାଣ କାମ ମନ୍ଥର ଗତିରେ ଚାଲିଛି । ଏଥିପାଇଁ ରାଜ୍ୟ ସରାକାରଙ୍କ ଗୁରୁ ଦାୟିତ୍ୱ ବଢି ଯାଇଛି। ସହରବାସୀଙ୍କ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ସେ ପୁଣି କହିଥିଲେ ରାଉରକେଲାବାସୀଙ୍କୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଅବହେଳା କରି ଚାଲିଛନ୍ତି। ଉଭୟ ସ୍ଥଳ ଓ ଆକାଶ ପଥ କନେକ୍ଟିଭିଟି ନେଇ ଯେଉଁ ସମସ୍ୟା ଲାଗି ରହିଛି ତାକୁ ଦୂର କରାଯାଉନି। ଝାରସୁଗୁଡ଼ା ଏୟାରପୋର୍ଟ ପ୍ରତି ଯେତିକି ଧ୍ୟାନ ଦିଆଗଲା ରାଉରକେଲା ପ୍ରତି ସେତିକି ଧ୍ୟାନ ଦିଆଗଲାନାହିଁ। ୩୭ ପ୍ରତିଶତ ରାଜସ୍ୱ ଆଦାୟ କରୁଥିବା ଦକ୍ଷିଣପୂର୍ବ ରେଳବାଇ ଏଠାରେ ରେଳ ଡିଭିଜନ ପ୍ରତିଷ୍ଠା କରିବାକୁ ପଛଘୁଞ୍ଚା ଦେଉଛି। ସଡ଼କ ପଥ ଅବସ୍ଥା ମଧ୍ୟ ତଦ୍ରୂପ ରହିଛି ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ମହାପାତ୍ରଙ୍କ ସହ ଯୁବନେତା ରଶ୍ମୀ ପାଢୀ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର ଓ ଯୁବନେତା ରଶ୍ମି ପାଢ଼ୀ।


ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କ ସହ କଂଗ୍ରେସ ନେତାମାନେ ଆଲୋଚନା କରୁଛନ୍ତି।

# ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କସହଆଲୋଚନା

**ରାଉରକେଲା ଅଫିସ,୨୭। ୯**

ବ୍ରାହ୍ମଣୀ ସେତୁର ଜରାଜୀର୍ଣ୍ଣ ଅବସ୍ଥା ନେଇ ଶୁକ୍ରବାର ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି ଜିଲା କଂଗ୍ରେସ ସଭାପତି ରବି ରାୟ। ଏହି ଅବସରରେ ସେ ବ୍ରିଜ ଉପରେ ସୃଷ୍ଟି ହୋଇଥିବା ଫାଟ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହାଦ୍ୱାରା ଯେଉଁ ଉତ୍କଟ ସମସ୍ୟା ସୃଷ୍ଟି ହୋଇଛି ସେ ନେଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ରାଉରକେଲା ଭଳି ବ୍ୟସ୍ତବହୁଳ ସହର ବାସିନ୍ଦା କିପରି ନିରାପଦରେ ଏହି ସେତୁ ଅତିକ୍ରମ କରିବେ ସେ ନେଇ ରାୟ ଗୁରୁତ୍ୱାରୋପ କରିଥିଲେ। ପ୍ରତିଦିନ ଏହି ସେତୁ ଅବସ୍ଥା ନେଇ ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ବ୍ୟବସ୍ଥା ଅଚଳ ହୋଇପଡୁଛି। ସ୍କୁଲ କଲେଜ ଆସୁଥିବା ଛାତ୍ରୀଛାତ୍ର, ଆମ୍ବୁଲାନ୍ସ ସେବା ବାଧାପ୍ରାପ୍ତ ହେବାରେ ଲାଗିଛି। ତଥାପି କର୍ତ୍ତୃପକ୍ଷ ବେପରୁଆ ବୋଲି ରାୟ ଅଭିଯୋଗ କରିଛନ୍ତି । ସେତୁ ଉପରେ ସୃଷ୍ଟି ହୋଇଥିବା ଫାଟର ସ୍ଥାୟୀ ମରାମତି ଉପରେ ଗୁରୁତ୍ୱାରୋପ କରାଯାଇ ଥିଲା। ଏହି ପ୍ରତିନିଧି ଦଳରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ଅଜିତ ସାମଲ, ରଶ୍ମି ରଞ୍ଜନ ପାଢୀ, ସୋମନାଥ ପଣ୍ଡା, ରମେଶ ଗୁପ୍ତା, ଶିବୁ ସାହୁ, ଭାସ୍କର ଖିଲାର, ଦୁସା ନାୟକ, ବନମାଳୀ ବିଶୋଇ, ପ୍ରଦୀପ ବେହେରା, ସନ୍ଦୀପନ ମହାପାତ୍ର ଓ ବିବେକ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ସଫେଇ ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର।

# ସଫେଇ ଅଭିଯାନରେ ସାମିଲ ହେଲେ ଛାତ୍ରୀଛାତ୍ର

**ରାଉରକେଲା ଅଫିସ,୨୭।୯**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜନ୍ମ ବାର୍ଷିକୀ ଅବସରରେ ଏକ ବଡ ଧରଣର ସଫେଇ ଅଭିଯାନରେ ବହୁ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସ୍ଥାନୀୟ ବସ୍ତିକୁ ଯାଇ ସୁସ୍ଥ ପରିମଳ କିପରି ଆମ ନିରାମୟ ଜୀବନ ଉପରେ ପ୍ରଭାବ ପକାଇବ ସେନେଇ ଲୋକମାନଙ୍କୁ ଛାତ୍ରୀଛାତ୍ର ବୁଝାଇଥିଲେ। ନିଜ ଗୃହ ଅଗଣା ଓ ପାରିପାର୍ଶ୍ୱିକ ପରିବେଶ ପରିଚ୍ଛନ୍ନ ରହିଲେ ଉଭୟ ମନ ଓ ଶରୀର ଉପରେ ଏହାର ସକାରାତ୍ମକ ପ୍ରଭାବ ପଡେ ବୋଲି ଛାତ୍ରୀଛାତ୍ର ବସ୍ତି ବାସିନ୍ଦାଙ୍କୁ ବୁଝାଇ ଥିଲେ। ଏଥିରେ ଅଧ୍ୟାପକ ରଶ୍ମିରଞ୍ଜନ ରାଉତ, କାର୍ଯ୍ୟକ୍ରମ ଅଧିକାରୀ ବନବିହାରୀ କିଷାନ, ତରଣୀ ନାୟକ ପ୍ରମୁଖ ନେତୃତ୍ୱ ନେଇଥିଲେ । କଲେଜ ଛାତ୍ରୀ ଶୁଭଶ୍ରୀ ମିଶ୍ର, ଲିଲିମା ସାହୁ, ସିଦ୍ଧି ଲାଲ, ବିଦ୍ୟା ସାହୁ, ପ୍ରିୟା ମଞ୍ଜରୀ, ମୁନ୍ନା ରାୟ ଓ ନରେନ୍ଦ୍ର ବର୍ଗତ୍ତୀ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

# ରାଉରକେଲା କଲେଜରେ ଛାତ୍ର ଅଶାନ୍ତି

**ରାଉରକେଲା ଅଫିସ, ୨୭।୯**

ସେକ୍ଟର-୪ଠାରେ ଥିବା ରାଉରକେଲା କଲେଜରେ ଶୁକ୍ରବାର ଛାତ୍ର ଅଶାନ୍ତି ସୃଷ୍ଟି ହୋଇଥିଲା। କର୍ତ୍ତୃପକ୍ଷ ବାଧ୍ୟ ହୋଇ ପୋଲିସକୁ ଖବର ଦେଇଥିଲେ। ନିର୍ଦ୍ଦିଷ୍ଟ ଏକ ସଙ୍ଗଠନ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଛାତ୍ରୀଛାତ୍ରଙ୍କୁ ସାମିଲ କରାଯିବାକୁ କେତେଜଣ ଆଗ୍ରହ ପ୍ରକାଶ କରିଥିଲେ। ପରୀକ୍ଷା ଚାଲିଥିବାରୁ ଛାତ୍ରୀଛାତ୍ରଙ୍କୁ ଛଡାଯାଇ ପାରିବନି ବୋଲି ଅଧ୍ୟକ୍ଷ କହିବାରୁ ଅଶାନ୍ତି ସୃଷ୍ଟି ହୋଇଥିଲା। ଗଣ୍ଡଗୋଳ ଆଶଙ୍କାରେ କଲେଜ କର୍ତ୍ତୃପକ୍ଷ ସେକ୍ଟର- ୩ ପୋଲିସକୁ ଖବର ଦେଇଥିଲେ । ପୋଲିସ ପହଞ୍ଚି ପରିସ୍ଥିତି ଉପରେ ନଜର ରଖିଥିଲା। ଏନେଇ କେତେଜଣଙ୍କ ନାମରେ ଥାନାରେ ଅଭିଯୋଗ କରାଯାଇଛି। ପୋଲିସ ଘଟଣାର ତଦନ୍ତ କରୁଛି।

# ବିଶ୍ରାରେ ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀଙ୍କ ଜୟନ୍ତୀ

**ରାଉରକେଲା ଅଫିସ,୨୭।୯**

ବିଶ୍ରା ବ୍ଲକସ୍ତରୀୟ ମହାତ୍ମା ଗାନ୍ଧୀଙ୍କର ୧୫୦ ତମ ଜନ୍ମ ଜୟନ୍ତୀ ଉଦିତନଗର ସରକାରୀ ଉଚ୍ଚ ବିଦ୍ୟାଳୟ ସଭା ଗୃହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦିତନଗର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ଶକୁନ୍ତଳା କିଷାନ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଆୟୋଜିତ ପ୍ରତିଯୋଗିତାରେ ୩୧୫ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଏଥିରେ ସମସ୍ତ ସହକାରୀ ଶିକ୍ଷାଧିକାରୀ ଓ ସିଆରସିସି ଉପସ୍ଥିତ ରହି ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ କିଶୋର ଦାସ, ପ୍ରଫୁଲ୍ଲ ଜେନା, ଶରତ ପତି ଓ ଶକୁନ୍ତଳା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ରୂପେ ଶିଶିର ସାମଲ, ପ୍ରଶାନ୍ତ ବେହେରା, ବଳରାମ ରାହୁଳ, ଅଜିତ ପ୍ରଧାନ, ଅନିରୁଦ୍ଧ ସାହୁ, ସୁଶୀଲ ଦାସ, ଗିନୁ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।



ମହାତ୍ମା ଗାନ୍ଧୀଙ୍କର ୧୫୦ ତମ ଜନ୍ମ ଜୟନ୍ତୀ ସଭାରେ ଯୋଗ ଦେଇଥିବା ଅତିଥିମାନେ।

## ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପିତ

# ବୃତ୍ତିଗତ ପ୍ରତିଯୋଗିତା ଦକ୍ଷତା ବୃଦ୍ଧି କରେ


ଉତ୍ସବରେ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ରଙ୍କଠାରୁ ଜଣେ ପୋଲିସ ଅଧିକାରୀ ପୁରସ୍କାର ନେଉଛନ୍ତି।

**କଟକ ଅଫିସ,୨୭।୯**

ବୃତ୍ତିଗତ ପ୍ରତିଯୋଗିତା ଆୟୋଜନ ଦ୍ୱାରା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଏକ ପ୍ରତିଯୋଗିତା ମନୋଭାବ ସୃଷ୍ଟି ହୋଇଥାଏ। ପୋଲିସ ବିଭାଗର ବିଭିନ୍ନ ସ୍ତରରେ କାର୍ଯ୍ୟ କରୁଥିବା ଅଧିକାରୀଙ୍କ ମଧ୍ୟରେ ଦକ୍ଷତା ଓ କ୍ଷମତା ବୃଦ୍ଧି କରାଇବା ଏହି ପ୍ରତିଯୋଗିତାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଗୃହ ରାଷ୍ଟ୍ରମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ଓଡ଼ିଶା ପୋଲିସ ପକ୍ଷରୁ ସ୍ଥାନୀୟ ବକ୍ସିବଜାର ରିଜର୍ଭ ପୋଲିସ ପଡିଆରେ ଶୁକ୍ରବାର ୬୭ତମ ରାଜ୍ୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତା ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ମିଶ୍ର ଏହା କହିଛନ୍ତି। ଏଥିରେ ଡିଜିପି ବିଜୟ କୁମାର ଶର୍ମା ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବୈଜ୍ଞାନିକ ପ୍ରଣାଳୀରେ ଅନୁସନ୍ଧାନ କ୍ଷେତ୍ରରେ ସହରାଞ୍ଚଳ ପୋଲିସ ଜିଲା କଟକକୁ ପ୍ରତିଯୋଗିତାରେ ଶ୍ରେଷ୍ଠ ଦଳ ଭାବେ ବିବେଚିତ କରାଯାଇ କ୍ଷେତ୍ରମୋହନ ବିଶ୍ୱାଳ ଟ୍ରଫି ପ୍ରଦାନ କରାଯାଇଥିଲା। ସେହିପରି ରାଜ୍ୟ କ୍ରାଇମବ୍ରାଞ୍ଚକୁ ରନର୍ସଅପ ଟ୍ରଫି ପ୍ରଦାନ କରାଯାଇଛି। କଟକ ସହରାଞ୍ଚଳ ପୋଲିସ ଜିଲାର ସବ୍‌ଇନ୍ସପେକ୍ଟର ମିତାଲି ମଧୁଲିତା ବିଶ୍ୱାଳଙ୍କୁ ବୈଜ୍ଞାନିକ ପ୍ରଣାଳୀରେ ଶ୍ରେଷ୍ଠ ଅନୁସନ୍ଧାନ ପାଇଁ ଏସ୍.କେ. ଘୋଷ ଟ୍ରଫି ଓ ଅର୍ଥରାଶି ଦିଆଯାଇଛି। ଏଥିସହିତ ରାଜ୍ୟ ବୃତ୍ତିଗତ ପ୍ରତିଯୋଗିତା ଓ ପୋଲିସ ଲ ଆଣ୍ଡ ପ୍ରୋସିଡିଓର ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମିତାଲିଙ୍କୁ ପୁରସ୍କୃତ କରାଯାଇଛି। କମ୍ପ୍ୟୁଟର ପରୀକ୍ଷାରେ ଶ୍ରେଷ୍ଠ ପ୍ରଦର୍ଶନ ଲାଗି ରାଉରକେଲା ପୋଲିସ ଜିଲାର କନଷ୍ଟେବଳ ପ୍ରଫୁଲ୍ଲ କୁମାର ପାତ୍ରଙ୍କୁ ରାଜ୍ୟ ଅପରାଧ ନଥି ସଂସ୍ଥା ଦ୍ୱାରା ପ୍ରଦତ୍ତ ଟ୍ରଫି ପ୍ରଦାନ କରାଯାଇଛି। କଟକ କେ-୯ ସଂସ୍ଥାର ରଞ୍ଜନ କୁମାର ବେହେରାଙ୍କୁ ଶ୍ରେଷ୍ଠ ଶ୍ୱାନ ପରିଚାଳକ ଏବଂ ସାଇବର କ୍ରାଇମ ଓ ବୈଷୟିକ ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ମାଲକାନଗିରି ଜିଲାର ସବ୍‌ଇନ୍ସପେକ୍ଟର ଶଶିଭୂଷଣ ମିଶ୍ରଙ୍କୁ ପୁରସ୍କୃତ କରାଯାଇଛି। ଗତବର୍ଷ ଲକ୍ଷ୍ନୌଠାରେ ଅନୁଷ୍ଠିତ ସର୍ବଭାରତୀୟ ପୋଲିସ ବୃତ୍ତିଗତ ପ୍ରତିଯୋଗିତାରେ ଭୁବନେଶ୍ୱର ସହରାଞ୍ଚଳ ଜିଲାର ଇନ୍ସପେକ୍ଟର ବନୀତା ମହାରଣା ମେଡିକୋ ଲିଗାଲ ଟେଷ୍ଟରେ ସ୍ୱର୍ଣ୍ଣପଦକ ହାସଲ କରିଥିବାରୁ ତାଙ୍କୁ ୧୦ହଜାର ଅର୍ଥରାଶିରେ ସମ୍ମାନିତ କରାଯାଇଛି। ଏଥିରେ କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜିପି ସନ୍ତୋଷ କୁମାର ଉପାଧ୍ୟାୟ ସ୍ୱାଗତ ଭାଷଣ ଓ ଡିଆଇଜି ଅମିତେନ୍ଦ୍ର ନାଥ ସିହ୍ନା ଧନ୍ୟବାଦ ଦେଇଥିଲେ।

# ଭଣ୍ଡାରିମାଲରେ ଅପରପକ୍ଷର ୨ ଜଣ ଜେଲ ଗଲେ

**ସମ୍ବଲପୁର,୨୭।୯ (ବ୍ୟୁରୋ):** ସମ୍ବଲପୁର ଜିଲା ଯୁଯୁମୁରା ଥାନା ଭଣ୍ଡାରିମାଲ ଗ୍ରାମରେ ଗତ ସୋମବାର ବିଳମ୍ବିତ ରାତିରେ ଗୋଷ୍ଠୀ ସଂଘର୍ଷ ଘଟି ଶକ୍ତି କୁମୁରା ଓ ଜିତୁ କୁମୁରାଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣାରେ ଗ୍ରାମର ଗୋଟିଏ ପରିବାରର ୪ ଭାଇ ସୁରେନ୍ଦ୍ର ଭୋଇ, ବିଦ୍ୟାଧର ଭୋଇ, ସୌଦାଗର ଭୋଇ, ବୀରେନ୍ଦ୍ର ଭୋଇ ଓ ପଡୋଶୀ କ୍ଷୀରୋଦ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବିଭୂତି କୁମୁରା, ନନ୍ଦଲାଲ ଭୋଇ ଆହତ ହୋଇ ବୁର୍ଲାରେ ଚିକିତ୍ସିତ ହେଉଛନ୍ତି । ବିଭୂତିଙ୍କ ଏକ ଗୋଡ ଅସ୍ତ୍ରୋପଚାର କରି କଟାଯାଇଛି। ତେବେ ଅପରପକ୍ଷର ଅଭିଯୋଗ କ୍ରମେ ବିଦ୍ୟାଧରଙ୍କ ପରିବାରଙ୍କୁ ମରଣାନ୍ତକ ଆକ୍ରମଣ କରିବା ଓ ମହିଳାମାନଙ୍କୁ ଅସଦାଚରଣ କରିବା ଅଭିଯୋଗରେ ଡିଲେଶ୍ୱର ଭୋଇ ଓ ତାଙ୍କ ଭାଇ ମିଲନ ଭୋଇଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ଥାନାରେ ୧୩୩/୧୯ରେ ମାମଲା ରୁଜୁ ହୋଇଛି। ହେଲେ ଜାମିନ ନ ମିଳିବାରୁ ଏ ଦୁହେଁ ଜେଲ ଯାଇଛନ୍ତି। ଅତିରିକ୍ତ ଏସ୍‌ପି ପ୍ରଦୀପ କୁମାର ମହାପାତ୍ର ଏହି ସୂଚନା ଦେଇଛନ୍ତି। ତେବେ ଗାଁରେ ଶାନ୍ତି ଫେରୁଛି। ପରିସ୍ଥିତି ସ୍ୱାଭାବିକ ହେଉଛି। ହେଲେ ୧ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିଛନ୍ତି।

# ନିର୍ମାଣ ଶ୍ରମିକଙ୍କ ବିକ୍ଷୋଭ

## ପ୍ରତି ଜିଲାରେ ଶ୍ରମ କଲ୍ୟାଣ ଅଧିକାରୀ ନିଯୁକ୍ତି ଦାବି

**ରାଉରକେଲା ଅଫିସ,୨୭।୯**

ଭାରତୀୟ ମଜଦୁର ସଂଘ(ବିଏମ୍‌ଏସ୍) ସହବନ୍ଧିତ ଅଖିଳ ଭାରତୀୟ କନଷ୍ଟ୍ରକଶନ ମଜଦୁର ମହାସଂଘ ପକ୍ଷରୁ ଗୁରୁବାର ବିଭିନ୍ନ ଦାବି ନେଇ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା କୃଷି ଓ ଗ୍ରାମୀଣ ମଜଦୁର ସଂଘ, ଓଡ଼ିଶା କୋଠାବାଡି ଓ ଅନ୍ୟ ନିର୍ମାଣ ଶ୍ରମିକ ସଂଘ ଏଥିରେ ସାମିଲ ହୋଇଥିଲା। ଏହି ଅବସରରେ ଜିଲା ଶ୍ରମ ଅଧିକାରୀଙ୍କ ଜରିଆରେ ୧୦ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ସଂଘ ପ୍ରତିନିଧି ମଣ୍ଡଳୀ ସହକାରୀ ଶ୍ରମ କମିଶନରଙ୍କ ସହ ଏନେଇ ଆଲୋଚନା କରିଥିଲେ। ଏଥିରେ ବସନ୍ତ ସାହୁ, ବିବେକାନନ୍ଦ ମହାନ୍ତ, ଅମର ଜୟସ୍ୱାଲ, ସୁନନ୍ଦା ନାଗ, କ୍ଷୀରୋଦ ପଣ୍ଡା, ସୁରେଶ ତଲୱାର ଓ ଅଶୋକ ଲୋହାର ପ୍ରମୁଖ ଉପସ୍ଥିତ ଥିଲେ। ଜିଲା ଶ୍ରମ କାର୍ଯ୍ୟାଳୟରେ ବହୁ ବର୍ଷ ଧରି ପଡି ରହିଥିବା ନିର୍ମାଣ ଶ୍ରମିକ ସହାୟତା ରାଶି ଉପରେ ପଦକ୍ଷେପ ଗ୍ରହଣ କରାଯାଉ। ବିଶେଷ କରି ସାଇକେଲ, ସେଫ୍ଟି ଇନ୍‌ଷ୍ଟ୍ରୁମେଣ୍ଟ, ବିବାହ, ମୃତ୍ୟୁ ଓ ପ୍ରସବକାଳୀନ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏଥିସହିତ ଚିକିତ୍ସା ଶିକ୍ଷା ଓ ଘର ତିଆରି ପାଇଁ ଦିଆଯାଇଥିବା ଆବେଦନ ପତ୍ର ଉପରେ ତୁରନ୍ତ ପଦକ୍ଷେପ ଗ୍ରହଣ ପାଇଁ ଦାବି କରାଯାଇଥିଲା । ପଞ୍ଜୀକରଣ ଦରଖାସ୍ତକୁ ବିଚାରକୁ ନେଇ କାର୍ଡ ପ୍ରଦାନ କରିବାକୁ ଦାବି ଦାବି କରାଯାଇଥିଲା। ପ୍ରତି ବ୍ଲକରେ ଶ୍ରମ ନିରୀକ୍ଷକ ନିଯୁକ୍ତି କରାଯାଉ ବୋଲି ସଙ୍ଗଠନ କର୍ମକର୍ତ୍ତା ଦାବି କରିଥିଲେ। ସମାନ ଢଙ୍ଗରେ ପ୍ରତି ଜିଲାରେ ଜଣେ ଲେଖାଏ ଶ୍ରମ କଲ୍ୟାଣ ଅଧିକାରୀ ନିଯୁକ୍ତି, ଜିଲା ଶ୍ରମ କାର୍ଯ୍ୟାଳୟଗୁଡିକରେ ସ୍ୱତନ୍ତ୍ର ରେକର୍ଡ ରୁମ ପ୍ରତିଷ୍ଠା କରାଯିବା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା। ଦୀର୍ଘଦିନ ଧରି ଖାଲି ପଡିଥିବା ପଦ ପୂରଣ ସହ ଶ୍ରମିକଙ୍କୁ ନ୍ୟାୟ ଦେବାକୁ ତ୍ୱରିତ ପଦକ୍ଷେପ ନିଆଯାଉ ବୋଲି ବିଏମ୍‌ଏସ୍ ପ୍ରତିନିଧି ଦଳ ଦାବି କରିଥିଲେ। ବିଶେଷ କରି ଶ୍ରମଦପ୍ତରଗୁଡିକୁ ରାଜନିତୀକରଣରୁ ମୁକ୍ତ କରିବା ଓ ଦୀର୍ଘ ବର୍ଷ ଧରି ବକେୟା ରହିଥିବା ନିର୍ମାଣ ଶ୍ରମିକଙ୍କ ପ୍ରାପ୍ୟ ପ୍ରଦାନ ନେଇ ପଦକ୍ଷେପ ନେବାକୁ ଏଥିରେ ଦାବି କରାଯାଇଥିଲା।



ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ନିର୍ମାଣ ଶ୍ରମିକମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



‘କହୋ ନା ପ୍ୟାର୍ ହୈ’ ଫିଲ୍ମ ପରେ ମୋ ପାଖକୁ ୩୦ ହଜାର ବିବାହ ପ୍ରସ୍ତାବ ଆସିଥିଲା।
-ହ୍ରିତିକ ରୋଶନ୍, ବଲିଉଡ୍ ଅଭିନେତା

## ସଂକ୍ଷେପରେ

### ଯୁବ କବି ବଂଶୀଧର ମାଝି ସମ୍ବର୍ଦ୍ଧିତ

**ଘଣ୍ଟାପଡା, ୨୭।୯ (ଡି.ଏନ.ଏ)-** ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଆଦିବାସୀ ଯୁବ କବି ବଂଶୀଧର ମାଝୀଙ୍କୁ ଓଡିଶା କର୍ମଜୀବୀ ଖବରଦାତା ସଂଘ ବରଗଡ ପକ୍ଷରୁ ନୂଆଁଖାଇ ଭେଟଘାଟ ଉତ୍ସବରେ ସମ୍ମାନିତ କରାଯାଇଛି । ମୁଖ୍ୟଅତିଥି ଭାବେ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ, ମୁଖ୍ୟବକ୍ତା ଭାବେ ଶିବଚରଣ ମିଶ୍ର ଓ ସମ୍ମାନିତ ଅତିଥି ଭାବେ ବିଦ୍ୟାସାଗର ଏକାଡେମୀ ଅଧକ୍ଷ କେଏସ ଭିଭିଏସ୍ ପ୍ରସାଦ, ଜିଲା ଓକିଲ ସଂଘ ଉପସଭାପତି ସରୋଜ ତ୍ରିପାଠୀ, ଖବରଦାତା ସଂଘ ସଭାପତି ଆଶୁତୋଷ ରଥ, ସମ୍ପାଦକ ପରମାନନ୍ଦ ମିଶ୍ର ଓ ସହ ସମ୍ପାଦକ ଗୋପୀନାଥ ସାହୁ ମାଝୀଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# ନକଲି ବିଦେଶୀମଦ ବିକ୍ରି ବଢୁଛି

**ଝାଡ଼ଖଣ୍ଡରୁ ଆସୁଛି ନୂଆଗାଁ ବ୍ଲକ ଅଞ୍ଚଳକୁ**

- ହାତବାନ୍ଧି ବସିଛି ଜିଲା ଅବକାରୀ ବିଭାଗ
- ରାଉରକେଲା ଅଞ୍ଚଳର ମଦ ବେପାରୀ ଅଛନ୍ତି ସାମିଲ
- ପୁରୁଣାପାଣି, ନୂଆଗାଁରେ ଚାଲିଛି ଜୁଆଖେଳ

**ନୂଆଗାଁ, ୨୭।୯ (ଡି.ଏନ.ଏ)**

ନୂଆଗାଁ ବ୍ଲକ ଏକ ଆଦିବାସୀ ବହୁଳ ଅଞ୍ଚଳ। ଝାଡଖଣ୍ଡ ସୀମାକୁ ଲାଗିଥିବା ଉକ୍ତ ବ୍ଲକ ଅଧିକାଂଶ ସମୟରେ ଝାଡ଼ଖଣ୍ଡ ଅପରାଧିଙ୍କ ଦ୍ୱାରା ପ୍ରଭାବିତ ହୋଇ ଆସୁଛି। ଝାଡ଼ଖଣ୍ଡ ଅପରାଧି ଗୋଷ୍ଠୀଙ୍କ ଦ୍ୱାରା ନୂଆଗାଁ ବ୍ଲକ ଅଞ୍ଚଳରେ ଲୁଟ, ଛିନ୍‌ତାଇ, ମାଡ଼ପିଟ, ଗୁଳିକାଣ୍ଡ ଭଳି ଘଟଣା ଘଟି ଚାଲିଥିବାର ଅନେକ ନଜିର ରହିଛି। ଏସବୁ ପଛରେ ରହିଛି ମଦ, ଜୁଆ, ବେଆଇନ ଗୋରୁଚାଲାଣ ଭଳି ଅନେକ ବେଆଇନ ବ୍ୟବସାୟ। ଓଡ଼ିଶା ଓ ଝାଡଖଣ୍ଡ ମଧ୍ୟରେ ଏଭଳି ବେଆଇନ କାରବାରରେ ଝାଡଖଣ୍ଡ ଅପରାଧିଙ୍କୁ ନୂଆଗାଁ ଅଞ୍ଚଳରେ ଅପରାଧ ଘଟାଇବାକୁ ଅଧିକ ଖୋରାକ ଯୋଗାଉଛି । ବର୍ତ୍ତମାନ ପରିସ୍ଥିତିରେ ସବୁଠାରୁ ଉଦବେଗର ବିଷୟ ହେଲା ପୁରୁଣାପାଣି, ନୂଆଗାଁ, ହାତୀବାରି, କୋକେରମା, ଅଙ୍କୁରପାଲି, କରଡେଗା ଭଳି ଅଧିକାଂଶ ଗ୍ରାମରେ ଚାଲିଛି ନକଲି ବିଦେଶୀ ମଦର କାରବାର। ଯାହାକୁ ରାଉରକେଲା ଅଞ୍ଚଳର ଜଣେ ମଦ ବେପାରୀ ପରିଚାଳିତ କରୁଛନ୍ତି। ନୂଆଗାଁ, ପୁରୁଣାପାଣି ତଥା ଆଖପାଖରେ ଥିବା ହୋଟେଲ, ଛୋଟବଡ ପାଦ ଦୋକାନ ଗୁଡିକରେ ଏବେ ଝାଡଖଣ୍ଡର ନକଲି ବିଦେଶୀ ମଦ ଜୋରସୋରରେ ବିକ୍ରୀ ଚାଲିଛି। ଝାଡଖଣ୍ଡ ଅଞ୍ଚଳରୁ ଅଟୋ, ବୋଲେରୋ ଗାଡିରେ ବୋଝେଇ ହୋଇ ଏହି ନକଲି ମଦ ଆସୁଥିବା ଚର୍ଚ୍ଚା ହେଉଛି । ଏଗୁଡିକ ଆସିଲା ପରେ ନୂଆଗାଁ, ପୁରୁଣାପାଣି ତଥା ବିଭିନ୍ନ ସ୍ଥାନରେ ଦୋକାନୀମାନଙ୍କୁ ହୋଲସେଲ ଦାମରେ ଯୋଗାଇ ଦିଆଯାଉଛି । ସେହି ନକଲି ବିଦେଶୀ ମଦକୁ ଦୋକାନୀମାନେ ଖୁଚୁରା ଦାମରେ ଗାଁ ଗାଁରେ ବିକ୍ରୟ କରୁଛନ୍ତି । ଯାହା ଆଗାମୀ ଦିନ ପାଇଁ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ସବୁଠାରୁ ଚିନ୍ତାର ବିଷୟ ହେଲା ହାତୀବାରି ଥାନାଠାରୁ ପ୍ରାୟ ୫କି.ମି ଦୂରର ପୁରୁଣାପାଣି ଜାହାଡିଟୋଲି ହୋଇ ଝାଡଖଣ୍ଡର ଓଡଗାଁକୁ ରାସ୍ତା ଥିବା ବେଳେ ଝାଡଖଣ୍ଡର ବିଭିନ୍ନ ଗାଁ ସହର ସିଧାସଳଖ ଯୋଗାଯୋଗ ରହୁଛି । ସେହିଭଳି କରଡେଗା ପଞ୍ଚାୟତ ଦେଇ ଝାଡଖଣ୍ଡ ଅଞ୍ଚଳକୁ ମଧ୍ୟ ରହିଛି ପିଚୁ ରାସ୍ତା । ଏହି ଦୁଇ ରାସ୍ତା ଦେଇ ଝାଡଖଣ୍ଡରୁ ପ୍ରତିଦିନ ନକଲି ବିଦେଶୀ ମଦ ଠାରୁ ଆରମ୍ଭ କରି ବିଭିନ୍ନ ଚୋରା ସାମଗ୍ରୀ ଚାଲାଣ ହେଉଛି । ହାତୀବାରି ଥାନା ପୋଲିସ ପକ୍ଷରୁ ପାଟ୍ରୋଲିଂ କରାଯାଉଥିଲେ ହେଁ କିଭଳି ଭାବରେ ଏହି ଦୁଇ ପ୍ରମୁଖ ରାସ୍ତା ପୁରୁଣାପାଣି ଓ କରଡେଗା ଦେଇ ଏଭଳି ବେଆଇନ ମଦ ନୂଆଗାଁ ଅଞ୍ଚଳକୁ ଆସି ପାରୁଛି ତାହା ଚିନ୍ତା ଜନକ । ନିକଟରେ ପୁରୁଣାପାଣିର ଜନୈକ ଏଜେଣ୍ଟଠାରୁ ଝାଡଖଣ୍ଡ ଅପରାଧିମାନେ ଟଙ୍କା ଲୁଟି ନେବା ପରେ ଦିନେ ଦୁଇ ଦିନ ପାଇଁ ହାତୀବାରି ଥାନା ପୋଲିସ ତତ୍ପର ପ୍ରକାଶ କରି ପୁରୁଣାପାଣି ଅଞ୍ଚଳର କିଛି ମଦ ବ୍ୟବସାୟଙ୍କୁ ଗିରଫ କରିଥିବା କୁହାଯାଉଛି । ଏବେ ପୁଣି ଚୁପ । ଅବକାରୀ ବିଭାଗ ମଧ୍ୟ ମଦ ବ୍ୟବସାୟୀମାନଙ୍କ ସହ ସଲାସୁତୁରା କରି ଚୁପ ରହୁଥିବା ଅଭିଯୋଗ ହେଉଛି । ସେହିଭଳି ବର୍ତ୍ତମାନ କିଛି ମାସ ହେବ ନୂଆଗାଁ ଓ ପୁରୁଣାପାଣି ଅଞ୍ଚଳରେ ଜୁଆ ଖେଳ ଜୋରସୋରରେ ଚାଲିଛି । ତାସ ମାଧ୍ୟମରେ (ଫ୍ଲାସ ଖେଳ) ଖେଳା ଯାଉଛି । ଲକ୍ଷ ଲକ୍ଷ ଟଙ୍କାର ଏହି ଖେଳ ଚାଲିଥିବା ବେଳେ ଜୁଆଡିମାନେ ପୋଲିସ ଆଖିରେ ଧୂଳିଦେଇ ଦିନକୁ ଦିନ ସ୍ଥାନ ପରିବର୍ତ୍ତନ କରି ଏହି ଖେଳ ଖେଳୁଛନ୍ତି । ଏହି ବେଆଇନ ଖେଳରୁ ମଧ୍ୟ କିଛି ଅସାମାଜିକ ଯୁବକ ସହ ଝାଡଖଣ୍ଡ ଅପରାଧି ଗୋଷ୍ଠୀ ମଧ୍ୟ ସାମିଲ ଥିବା କୁହାଯାଉଛି । ନୂଆଗାଁ ଏକ ବ୍ଲକ ହୋଇଥିବା ବେଳେ ସଦର ମହକୁମାରେ ଏଭଳି ବେଆଇନ ଜୁଆ ଖେଳକୁ ବୁଦ୍ଧିଜୀବୀ ମହଲରେ ମଧ୍ୟ ନା ପସନ୍ଦ କରିଛନ୍ତି । ସାଧାରଣ ଖଟିଖିଆ ଲୋକ କାମଧନ୍ଦା ଛାଡି ଜୁଆ ଆଡ୍ଡାରେ ଦିନ ତମାମ ବସି ରହୁଥିବାର ନଜିର ଦେଖିବାକୁ ମିଳୁଛି । କାମଧନ୍ଦା ନକରି ଜୁଆ ଖେଳି ସନ୍ଧ୍ୟାରେ ଘରକୁ ଫେରିଲେ ପରିବାର ମଧରେ ଦେଖା ଦେଉଛି ଅଶାନ୍ତି । ସ୍ଥାନୀୟ ପୋଲିସ ଏହା ଉପରେ ଆଦୌ ଗୁରୁତ୍ୱ ଦେଇ ନ ଥିବାରୁ ବର୍ତ୍ତମାନ ନୂଆଗାଁ ବ୍ଲକ ସଦର ମହକୁମା ସମେତ ପୁରୁଣାପାଣୀ, ହାତୀବାରି, ଅଙ୍କୁରପାଲି, କୋକେରମା ଭଳି ଅନେକ ଗାଁର ବୁଦ୍ଧିଜିବୀ ଓ ଶିକ୍ଷିତ ଲୋକେ ଗଭୀର ଉଦବେଗ ପ୍ରକାଶ କରିବା ସହ ଏଦିଗରେ ଉଚ୍ଚ ପୋଲିସ ଅଧିକାରୀ ଦୃଷ୍ଟି ଦେବାକୁ ଦାବି କରିଛନ୍ତି ।

## ଚୋରି ବାଇକ ଉଦ୍ଧାର, ୪ ଗିରଫ

**ବୌଦ୍ଧ,୨୭।୯(ସ୍ୱ.ପ୍ର)**

ବୌଦ୍ଧ ପୋଲିସ ପକ୍ଷରୁ ୪ଟି ଚୋରି ବାଇକ ଉଦ୍ଧାର କରିବା ସହିତ ଏଡି ମାମଲାରେ ୪ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଖଇରମାଳର ରଞ୍ଜନ ରାଜହଂସ, ବାହାଜୋରର ଗଜାନନ ଭୋଇନ, କହଁରପଡାର ମୁରଲି ଦୀପ ଓ ବାଉଁଶୁଣୀ ଘୋଡାଖାଇର ଶମ୍ଭୁ ମେହେର। ସୂଚନା ମୁତାବକ ଗତ ୨୫ ତାରିଖରେ ରଞ୍ଜନ ବୌଦ୍ଧରୁ ନିଜ ଗ୍ରାମକୁ ଯାଉଥିବାବେଳେ ପୋଲିସ ଦ୍ୱାରା ଚାଲିଥିବା ଗାଡି ଚେକିଙ୍ଗରେ ଧରାପଡିଥିଲେ। ଗାଡିର କାଗଜପତ୍ର ଦେଇ ନ ପାରିବାରୁ ପୋଲିସ ତାଙ୍କୁ ସନ୍ଦେହରେ ଥାନାକୁ ନେଇ ଥାନାରେ ପଚରାଉଚୁରା କରିଥିଲା। ଗାଡିଟି ଚୋରି କରିଥିବା ରଞ୍ଜନ ସ୍ୱୀକାର କରିବା ସହ ଆଉ ୩ଟି ଗାଡି ଚୋରି କରି ବିକ୍ରୟ କରିଥିବା ସୂଚନା ଦେଇଥିଲେ। ପୋଲିସ ଏହି ଘଟଣାରେ ଗଜାନନ, ମୁରଲି ଓ ଶମ୍ଭୁଙ୍କ ଘରେ ଚଢାଉ କରି ୩ଟି ଚୋରି ବାଇକ୍ ଉଦ୍ଧାର କରିବା ସହ ସେମାନଙ୍କୁ ଗିରଫ କରିଥିଲା।




କୁମଝରିଆସ୍ଥିତ ସରକାରୀ ବାଳିକା ହାଇସ୍କୁଲରେ ବିଜ୍ଞାନ ସେମିନାରରେ ଉପସ୍ଥିତ ଅତିଥିମାନେ।

## ବିଜ୍ଞାନ ସେମିନାର ଉଦ୍‌ଯାପିତ: ସୁଶିଳା ସିଂ ପ୍ରଥମ

**କୁଆଁରମୁଣ୍ଡା,୨୭।୯ (ଡି.ଏନ.ଏ.)**

ଛାତ୍ରୀଛାତ୍ରମାନଙ୍କର ବୈଜ୍ଞାନିକ ଚିନ୍ତାଧାରାକୁ ପରିପୁଷ୍ଟ କରିବା ପାଇଁ ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ପ୍ରତିବର୍ଷ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରମାନ ଆୟୋଜିତ ହୋଇଥାଏ। ଅନୁରୂପଭାବେ ଚଳିତବର୍ଷ କୁଆଁରମୁଣ୍ଡା ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଶୁକ୍ରବାର କୁମଝରିଆସ୍ଥିତ ସରକାରୀ ବାଳିକା ହାଇସ୍କୁଲରେ ବ୍ଲକସ୍ତରୀୟ ଦିନିକିଆ ବିଜ୍ଞାନ ସେମିନାର ଆୟୋଜିତ ହୋଇଥିଲା। ଏଥିରେ କୁଆଁରମୁଣ୍ଡା ବ୍ଲକ, ବୀରମିତ୍ରପୁର ପୌରାଞ୍ଚଳରୁ ମୋଟ ୧୮ଟି ହାଇସ୍କୁଲର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ହେଲେ ବୀରମିତ୍ରପୁରସ୍ଥିତ ସରକାରୀ ହାଇସ୍କୁଲର ଛାତ୍ରୀ ସୁଶିଳା ସିଂ ନିଜ ଦ୍ୱାରା ପ୍ରସ୍ତୁତ ସନ୍ଦର୍ଭ ଓ ଚାର୍ଟକୁ ଅତି ଉଚ୍ଚକୋଟିର ଭାବେ ଉପସ୍ଥାପନ କରି ୧ମ ସ୍ଥାନ ହାସଲ କରିଛନ୍ତି। ସେହିପରି କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ କଟାରୁ ହାଇସ୍କୁଲ ଛାତ୍ରୀ ପରବିଲ ଗଂଝୁ ୨ୟ ଓ ହରିହର ହାଇସ୍କୁଲ ଛାତ୍ରୀ ୩ୟ ସ୍ଥାନ ହାସଲ କରିଛନ୍ତି। ସେମିନାରେ ‘ରାସାୟନିକ ଉପାଦାନମାନଙ୍କର ପର୍ଯ୍ୟାୟସାରଣୀ ଓ ମନୁଷ୍ୟ ଉପରେ ଏହାର ପ୍ରଭାବ’ ଶୀର୍ଷକ ପ୍ରତିଯୋଗିତା କରାଯାଇଥିଲା। ଏହି ସେମିନାରରେ ମୁଖ୍ୟ ଅତିଥିଭାବେ କୁଆଁରମୁଣ୍ଡା ଏବିଇଓ ଗୁରୁଚରଣ ସାହୁ ଯୋଗଦେଇ ପ୍ରଥମେ ବିଜ୍ଞାନ ସେମିନାର ଆୟୋଜନର ଲକ୍ଷ୍ୟ ଓ ଆଭିମୁଖ୍ୟ ବିଷୟରେ ବିଷଦଭାବେ ବକ୍ତବ୍ୟ ରଖିଥିଲେ। ଏହି କାର୍ଯ୍ୟକ୍ରମ କୁମଝରିଆ ବାଳିକା ହାଇସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଭାରତୀ ମଞ୍ଜରୀ ରଥଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ଶିକ୍ଷକ ବ୍ରଜକିଶୋର ଶୁକ୍ଲା ଓ ଅନ୍ୟମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ସୂଚାରୁରୂପେ ସଞ୍ଚାଳନ କରିଥିଲେ।

## ଚିଚିଣ୍ଡାରେ ବ୍ଲକସ୍ତରୀୟ ୧୫୦ତମ ଗାନ୍ଧୀ ଜୟନ୍ତୀ ସ୍ମୃତି ଉତ୍ସବ

**ସୋହେଲା,୨୭।୯(ଡି.ଏନ.ଏ)**

ବରଗଡ ଜିଲା ସୋହେଲା ବ୍ଲକ ଚିଚିଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଓ ସ୍ମୃତି ଉତ୍ସବ ପାଳିତ ହୋଇଯାଇଛି । ଏଥିରେ ବିଇଓ ରାହାସ ବିହାରୀ ବାଗ ମୁଖ୍ୟଅତିଥି, ଏବିଇଓ ସରୋଜ ଦୀପ ଓ ମନୋହର ଉଟି, ଚିଚିଣ୍ଡା ହାଇସ୍କୁଲର ପ୍ରଧାନ ଶିକ୍ଷକ ଶାସ୍ତ୍ରୀ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଏଥିରେ ଚିଚିଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ଦେବତା ସଭାପତିତ୍ୱ କରିଥିଲେ । ଏବିଇଓ ମନୋହର ଉଟି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏହି ଅବସରରେ ଡିବେଟ, କୁଇଜ, ପ୍ରବନ୍ଧ ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। କନିଷ୍ଠ ବିଭାଗରେ ୬୪ଜଣ ଓ ବରିଷ୍ଠ ବିଭାଗରେ ୧୦୦ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରତିଯୋଗିତାକୁ ସିଆରସିସି ଓ ବିଇଓ କାର୍ଯ୍ୟାଳୟର କର୍ମଚାରୀମାନେ ପରିଚାଳନା କରିଥିଲେ। ସଭାକାର୍ଯ୍ୟ ପରିଚାଳନା କରିଥିଲେ ସିଆରସିସି ଷଡାନନ ଭୋଇ । କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ପୁରସ୍କାର ବିତରଣ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ସିଆରସିସି କୃପାସିନ୍ଧୁ ପାଣ୍ଡେ ଓ ସଞ୍ଜୟ ଦେବତା । ଏବିଡିଓ ମନୋରହର ଉଟି ଧନ୍ୟବାଦ ଅର୍ପଣ କରିଥିଲେ ।

## ଏନ୍‌ଟିପିସି ପକ୍ଷରୁ ମାଗଣା ସ୍ୱାସ୍ଥ୍ୟପରୀକ୍ଷା ଶିବିର

**ହେମଗିର, ୨୭।୯ (ଡି.ଏନ.ଏ)**

ଏନ୍‌ଟିପିସି ପକ୍ଷରୁ ହେମଗିର ବ୍ଲକର କଳାମେଘା ସ୍ୱାସ୍ଥ୍ୟ କେନ୍ଦ୍ରଠାରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଓ ଔଷଧ ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିର କମ୍ପାନୀର ମହାପ୍ରବନ୍ଧକ ସିଆର ବାରିକଙ୍କ ଦ୍ୱାରା ଆୟୋଜିତ କରାଯାଇଥିଲା। ଏଥିରେ ଡା. ଏମ. ମହାପାତ୍ର, ଡା. ବିପ୍ଳବ ନାଏକ, ଡା. ଟି. ଶ୍ରୀଧର ଓ ସ୍ତ୍ରୀ ରୋଗ ବିଶେଷଜ୍ଞ ଡା. ଲୀନା ନାଏକ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ମୁଖ୍ୟତଃ ନାରୀମାନଙ୍କର ବିଭିନ୍ନ ସମସ୍ୟା ଉପରେ ପରୀକ୍ଷା ନିରୀକ୍ଷା କରି ଔଷଧ ଦିଆଯାଇଥିଲା। ଆଖପାଖ ଗ୍ରାମ କଳାମେଘା, ଖପୁରିକଛାର, ମଝାପଡା, ତୁଲିଙ୍ଗା, ବେଲଡିହି ଗ୍ରାମରୁ ଶତାଧିକ ମହିଳା ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ କମ୍ପାନୀର ଏ.କେ ମିଶ୍ର, ଅମରେଶ ରାଉଳ, ଅରିନ୍ଦମ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ଏହି ଶିବିରରେ ଡିଳେଶ୍ୱର ପଧାନ, ସପ୍ନେଶ୍ୱର ଭୋଏ, ଦୁଷ୍ମନ୍ତ ପଟେଲ, ସୁନୀଲ ନାଏକ, ବାସନ୍ତୀ ଏକ୍କା, କଳକତି ପଟେଲ ପ୍ରମୁଖ ସହଯୋଗ କରିଥିଲେ।




ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ପୁଷ୍ଟିକର ଖାଦ୍ୟର ସୁରକ୍ଷା ସମ୍ପର୍କିତ ଆଲୋଚନାଚକ୍ର

**ସୁନ୍ଦରଗଡ଼, ୨୭।୯ (ଡି.ଏନ୍.ଏ)**

ସ୍ଥାନୀୟ ବରିଷ୍ଠ ନାଗରିକ ସଂଘ ସଭାଗୃହରେ ପୃଷ୍ଟିକର ଖାଦ୍ୟର ସୁରକ୍ଷା ଉପରେ ଜିଲାସ୍ତରୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦ୍ରୁତ ଜନସଂଖ୍ୟା ବୃଦ୍ଧି ସାଙ୍ଗକୁ ଖାଦ୍ୟର ଚାହିଦା ମଧ୍ୟ ବଢିବାରେ ଲାଗିଛି। ବିକାଶ ନାମରେ ଅନେକ କମ୍ପାନୀ ଦ୍ୱାରା କଳକାରଖାନା ପ୍ରତିଷ୍ଠା ହେଉଛି । ଏଥିଯୋଗୁ ଆଦିବାସୀ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କ ଜଳ, ଜମି, ଜଙ୍ଗଲ ନେଇ ବର୍ତ୍ତମାନ ସଙ୍କଟଜନକ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ଉଦବେଗ ପ୍ରକାଶ ପାଇଛି । ବନବାସୀଙ୍କୁ ବିସ୍ଥାପିତ କରିବା ଦ୍ୱାରା ସେମାନଙ୍କର ଜୀବନଜୀବିକା ମଧ୍ୟ ପ୍ରଭାବିତ ହେଉଛି। ସରକାରୀ କଳଦ୍ୱାରା ବିଭିନ୍ନ ବିଦେଶୀ ବିହନର ପ୍ରଚାର ପ୍ରସାର ଓ ଅଧିକ ଉତ୍ପାଦନର ଲୋଭ ଦେଖାଇ ରାସାୟନିକ ସାରର ପ୍ରୟୋଗ ଦ୍ୱାରା ଜଳ, ଜମି କ୍ଷୟ ହେବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ ଜୀବନ ଶୈଳୀ ଓ ପାରମ୍ପରିକ ଖାଦ୍ୟ ଶୈଳୀକୁ ନେଇ ଦେଖା ଦେଇଥିବା ସମସ୍ୟା ଓ ସମାଧାନ ଦିଗରେ ଜିଲାର ବିଭିନ୍ନ ବ୍ଲକରୁ ଆସିଥିବା ଜନସଙ୍ଗଠନର ସଦସ୍ୟମାନେ ମତ ଉପସ୍ଥାପନ କରିଥିଲେ। ବର୍ତ୍ତମାନ ପରିବର୍ତ୍ତିତ ଜୀବନନଶୈଳୀ ଓ ଏହି ଖାଦ୍ୟ ଗୁଡିକର ସଂଗ୍ରହ ଧୀରେ ଧୀରେ କମିଯାଉଥିବାରୁ ଅପପୁଷ୍ଟି ବୃଦ୍ଧି ପାଉଛି। ଦେଶୀ ବିହନ ଚାଷ ଓ ଜୈବିକ ସାରର ବ୍ୟବହାର କରାଯାଇ ଉତ୍ପାଦିତ ଖାଦ୍ୟ ସାମଗ୍ରୀର ବିକ୍ରୀ ବ୍ୟବସ୍ଥା ପାଇଁ ସ୍ୱତନ୍ତ୍ର ବଜାର ବ୍ୟବସ୍ଥା, ବିଦ୍ୟାଳୟ ମଧ୍ୟାହ୍ନ ଭୋଜନରେ ପାରମ୍ପରିକ ଖାଦ୍ୟଶସ୍ୟରେ ପ୍ରସ୍ତୁତ ଖାଦ୍ୟକୁ ସାମିଲ କରିବା ପାଇଁ ଗ୍ରାମସଭାରେ ପାସକରି ରାଜ୍ୟପାଳଙ୍କୁ ଲିଖିତ ଭାବେ ଜଣାଇବା ପାଇଁ ଏହି ଆଲୋଚନାଚକ୍ରରେ ମତପ୍ରକାଶ ପାଇଛି। ହେମଗିର, ପାନପୋଷ ଆଦିବାସୀ ଏକତା ମଞ୍ଚ ଓ ସୁନ୍ଦରଗଡ ଆଠକୋଶିଆ ଆଦିବାସୀ ଏକତା ମଞ୍ଚ, ସାମାଜିକ ଅନୁଷ୍ଠାନ ସିଆଇଆରଟିଡି ଓ ଦିଶା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ଜିଲାର ୮ଟି ବ୍ଲକ ୧୩୦ଜଣ ଯୋଗଦେଇଥିଲେ। ଆଠକୋଶିଆ ଆଧିବାସୀ ଏକତା ମଞ୍ଚର ସଭାନେତ୍ରୀ ନୀଳିମା ଟପ୍ପୋ ଆଲୋଚନାଚକ୍ର ସଞ୍ଚାଳନ କରିଥିଲେ। ଦିଶା ଅନୁଷ୍ଠାନର ଅବଦୁଲ ଆଜାଦ୍ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସିଆଇଆରଟିଡିର କର୍ମୀ ଅହଲ୍ୟା ସା ଧନ୍ୟବାଦ ଦେଇଥିଲେ।

## ଆଶୀର୍ବାଦ ବେହେରାଙ୍କ ଗିରଫକୁ ରାଉରକେଲା ଯାଦବ କମିଟିର ନିନ୍ଦା

**ବେଦବ୍ୟାସ, ୨୭।୯ (ଡି.ଏନ.ଏ)**

ଉତ୍କଳ ଯାଦବ ମହାସଭା ଓଡିଶାର ରାଜ୍ୟ ସଭାପତି ତଥା ଓଡିଶା କ୍ରିକେଟ ଆସୋସିଏସନ୍‌ର ପୂର୍ବତନ ସମ୍ପାଦକ ଆଶୀର୍ବାଦ ବେହେରାଙ୍କୁ ସିବିଆଇର ଆକ୍ରୋଶମୂଳକ ଗିରଫ ଘଟଣାକୁ ରାଉରକେଲା ଯାଦବ ମହାସଭା, ରାଉରକେଲା ମହିଳା ଯାଦବ କମିଟି, ରାଉରକେଲା ଯୁବ ଯାଦବ ମହାସଭା ତରଫରୁ ନିନ୍ଦା କରାଯାଇଛି। ଶୁକ୍ରବାର ଅପରାହ୍ନ ୪ଟା ବେଳେ ବେଦବ୍ୟାସ ସ୍ଥିତ ମନ୍ଦିର ଖେଳ ପଡିଆ ପରିସରରେ ରାଜ୍ୟ ଉତ୍କଳ ଯାଦବ ମହାସଭାର ଉପସଭାପତି ଶ୍ରୀକାନ୍ତ ଦାଶଙ୍କ ଅଧକ୍ଷତାରେ ଏକ ନିନ୍ଦା ସଭା ହୋଇଥିଲା । ଉକ୍ତ ସଭାରେ ରାଜ୍ୟ ଉପସଭାପତି ଶ୍ରୀକାନ୍ତ ଦାଶ ବକ୍ତବ୍ୟ ମାଧ୍ୟମରେ ଆର୍ଶୀବାଦ ବେହେରା ଓଡିଶା କ୍ରିକେଟ ଜଗତ, କଟକ ବାରବାଟି ଷ୍ଟାଡିୟମ ଆନ୍ତର୍ଜାତିକ ସ୍ତରରେ ମାନ୍ୟତା ପାଇବା ସହ ସଫଳ ତାର ଶୀର୍ଷରେ ପହଞ୍ଚି ପାରିଥିଲେ ବୋଲି କହିଥିଲେ । ସିବିଆଇର ଆକ୍ରୋଶ ମୂଳକ ଗିରଫକୁ ଦୃଢ଼ ନିନ୍ଦା କରିଥିଲେ । ଏହି ନିନ୍ଦା ସଭାରେ ରାଉରକେଲା ଯାଦବ ମହାସଭା, ମହିଳା, ଯୁବ ଯାଦବ ମହାସଭାର କର୍ମକର୍ତ୍ତା, ସଭ୍ୟାସଭ୍ୟଙ୍କ ସମେତ ଶତାଧିକ ଯାଦବ ସମ୍ପ୍ରଦାୟର ବ୍ୟକ୍ତି ଯୋଗଦେଇ ଆର୍ଶୀବାଦ ବେହେରାଙ୍କ ଆକ୍ରେଶ ମୂଳକ ସିବିଆଇର ଗିରଫକୁ ଦୃଢ଼ ନିନ୍ଦା କରିଥିଲେ । ଶେଷରେ ଯୁବ ଯାଦବ ଉପଦେଷ୍ଟା ବିଷରାମ କଛରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରାଣୀ ବିଜ୍ଞାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ପଞ୍ଚାୟତ କଲେଜ ପ୍ରାଣୀବିଜ୍ଞାନ ବିଭାଗରେ ଶୁକ୍ରବାର ପ୍ରଥମବର୍ଷ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କଲେଜ ଅଧ୍ୟକ୍ଷ ଡଃ କମଳପ୍ରଭା କାପାନୀ ଏଥିରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟୁତପ୍ରଭା ମହାନ୍ତି ସ୍ୱାଗତ ଭାଷଣ ଦେଇଥିଲେ । ସେମିନାର ସମ୍ପାଦକ ପଦ୍ମଲୋଚନ ମିଶ୍ର ବିବରଣୀ ପାଠ କରିଥିଲେ । ସୁଷମା କର, ଦିଲରାଜ ପୁଭାଲା, ଇତିଶ୍ରୀ ମହାକୁର, ଆଶିଷ କୁମାର ସାହୁ, ସୁରଜ ପ୍ରସାଦ କର ପ୍ରମୁଖ ବକ୍ତବ୍ୟ ଦେଇଥିଲେ । ପ୍ରଳୟ ବିଶ୍ୱାସ ଧନ୍ୟବାଦ ଅର୍ପଣ କରିଥିଲେ ।



ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ ।

## ସ୍ୱଚ୍ଛଭାରତ କାର୍ଯ୍ୟକ୍ରମରେ ବୌଦ୍ଧରୁ ୨ଜଣ ଭାଗନେବେ

**ଘଣ୍ଟାପଡା, ୨୭।୯ (ଡି.ଏନ.ଏ)**

ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ଅବସରରେ ଆସନ୍ତା ୩୦ରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଗୁଜୁରାଟ ସାବରମତୀଠାରେ ହେବାକୁ ଥିବା ସ୍ୱଚ୍ଛ ଭାରତ ଦିବସ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ବୌଦ୍ଧ ଜଳ ଓ ପରିମଳ ବିଭାଗ ପକ୍ଷରୁ ୨ଜଣଙ୍କୁ ଚୟନ କରିଛି। ସେମାନେ ହେଲେ କଣ୍ଟାମାଳ ବ୍ଲକର ପୂର୍ଣ୍ଣଚରଣ ସାହୁ ଏବଂ ବୌଦ୍ଧ ବ୍ଲକର ସୋମନ୍ତ କୁମାର ନାଏକ। ଉକ୍ତ ଦୁଇ ଜଣ ଟ୍ରେନ ଯୋଗେ ଯାତ୍ରା କରିଥିବା ଜଣାଯାଇଛି ।

## ବରିଷ୍ଠ ନାଗରିକଙ୍କୁ ପରିଚୟପତ୍ର ପ୍ରଦାନ

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ଜିଲା ବରିଷ୍ଠ ନାଗରିକ ସଂଘ କାର୍ଯ୍ୟାଳୟରେ ଶୁକ୍ରବାର ପୋଲିସ ପକ୍ଷରୁ ପରିଚୟପତ୍ର ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ପ୍ରମୋଦ ଝାଙ୍କର ସଭାପତିତ୍ୱ କରିଥିଲେ। କେଦାର ମିଶ୍ର ସ୍ୱାଗତ ଭାଷଣ ପ୍ରଦାନ ସହିତ ବରିଷ୍ଠ ନାଗରିକଙ୍କ ଅଧିକାର ତଥା ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ । ସ୍ଥାନୀୟ ପୋଲିସ ଏସଆଇ ସୁଶାନ୍ତ ପଣ୍ଡା ଯୋଗଦେଇ ଉପସ୍ଥିତ ୧୨୩ଜଣ ବରିଷ୍ଠ ନାଗରିକଙ୍କୁ ପରିଚୟ ପତ୍ର ପ୍ରଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ପ୍ରହଲ୍ଲାଦ ମହାପାତ୍ର, ଭଗତ ଦାଶ, ଶ୍ରୀମୁଖ ପ୍ରଧାନ, ମଳୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କେଦାର ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ କାହ୍ନୁ ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ। ଆସନ୍ତା ଅକ୍ଟୋବର ୧ରେ ବରିଷ୍ଠ ନାଗରିକ ଦିବସ ଅବସରରେ ବରଗଡ଼ ବିକାଶ ହସପିଟାଲରେ ହେବାକୁ ଥିବା ହୃଦରୋଗ, ଡାଇବେଟିସ୍‌ର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷାର ସୁଯୋଗ ନେବା ପାଇଁ ସଂଘର ସମ୍ପାଦକ ମହାପାତ୍ର ଜଣାଇଥିଲେ ।

## ବରଗଡ଼ ମହିଳା କଲେଜରେ ନାଟକ କର୍ମଶାଳା

**ବରଗଡ଼ ଅଫିସ୍,୨୭।୯**

ବରଗଡ଼ ମହିଳା କଲେଜରେ ଶୁକ୍ରବାର ଏକ ନାଟକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କର୍ମଶାଳାରେ ପଞ୍ଜାବ, ହରିଆନା, କାଶ୍ମୀର, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶର ନାଟ୍ୟକର୍ମୀମାନେ ଯୋଗ ଦେଇଥିଲେ। ଚଣ୍ଡିଗଡ଼ର ପ୍ରସିଦ୍ଧ ନାଟ୍ୟକର୍ମୀ ଚକ୍ରେଶ କୁମାର ଏହି କର୍ମଶାଳାରେ ଯୋଗଦେଇ ସାମାଜିକ ପରିବର୍ତ୍ତନ ପାଇଁ ନାଟକର ସାମ୍ପ୍ରତିକ ଧାରା ଏବଂ ଏହାର ଉପଯୋଗିତା ଉପରେ ଆଲୋକପାତ କରିଥିଲେ। ମହିଳା କଲେଜର ଇତିହାସ ଅଧ୍ୟାପକ ତଥା ବରିଷ୍ଠ ନାଟ୍ୟକାର ସନ୍ତୋଷ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ମଞ୍ଚ କଳାକାର ତଥା ସାହିତ୍ୟିକ ମନୋରଞ୍ଜନ ସାହୁ, ପ୍ରାଧ୍ୟାପକ ବିଜୟ କୁମାର ମିଶ୍ର, ବରଗଡ଼ ସାମ୍ବାଦିକ ସଂଘ ସଭାପତି ଶଙ୍କର ବଲ୍ଲଭ ମିଶ୍ର, କଟାପାଲି ସ୍ୱେଶ ଥିଏଟରର ନିର୍ଦ୍ଦେଶକ ଅରୁଣ ସାହୁ, ନାଟ୍ୟ ନିର୍ଦ୍ଦେଶକ ନକୁଳ ବାଦୀ, ଅଧ୍ୟାପିକା ଜୟଶ୍ରୀ ସାହୁ, ଗାଁ ମାଏଟ୍ ସାଂସ୍କୃତିକ ଅନୁଷ୍ଠାନର ନାଟ୍ୟକର୍ମୀ ଲକ୍ଷ୍ମଣ ସୁନା, କିଶୋର ସାହୁ ପ୍ରମୁଖ ଯୋଗଦାନ କରିଥିଲେ । ସମ୍ବଲପୁରୀ/କୋଶଲୀ ନାଟକ ସମ୍ପର୍କରେ ସ୍ଥାନୀୟ ନାଟ୍ୟ ସଙ୍ଗଠକ ଏବଂ ନିର୍ଦ୍ଦେଶକମାନେ ଆଲୋଚନା କରିଥିଲେ । ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ । ପରେ ଅଳଙ୍କାର ଥିଏଟର, ଚଣ୍ଡିଗଡ଼ର କଳାକାରମାନେ ନାରୀଶିକ୍ଷା, ମହିଳା ସଶକ୍ତିକରଣ ଉପରେ ଆଧାରିତ ନାଟକ ‘ପହେଲା ଅଧ୍ୟାପକ’ ପରିବେଷଣ କରିଥିଲେ ।



ଚଣ୍ଡିଗଡ଼ରୁ ଆସିଥିବା କଳାକାରଙ୍କ ଗହଣରେ ମହିଳା କଲେଜର ଛାତ୍ରୀବୃନ୍ଦ ।

# ଝାରସୁଗୁଡ଼ାରେ ଜିଲାସ୍ତରୀୟ ନିଯୁକ୍ତିମେଳା

ଝାରସୁଗୁଡା ଅଫିସ୍/ଲଖନପୁର, ୨୭।୯ (ଡି.ଏନ୍.ଏ.)

ଝାରସୁଗୁଡ଼ାସ୍ଥିତ ଯାନ୍ତ୍ରିକ ବିଦ୍ୟାଳୟ ପରିସରରେ ଶୁକ୍ରବାର ଜିଲା ପ୍ରଶାସନ ଓ ଜିଲା ନିୟୋଜନ ବିଭାଗ ତରଫରୁ ଏକ ଜିଲାସ୍ତରୀୟ ନିଯୁକ୍ତ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ସରୋଜ କୁମାର ସାମଲ ଯୋଗଦେଇ ମେଳାକୁ ଉଦ୍‌ଗାଟନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି ଓ ଯାନ୍ତ୍ରିକ ବିଦ୍ୟାଳୟ ଅଧକ୍ଷା ପ୍ରଗତି ଦାସ ପ୍ରମୁଖ ଯୋଗଦେଇଥିଲେ। ଜିଲା ନିୟୋଜନ ଅଧିକାରିଣୀ ସଞ୍ଜୁରାଣୀ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମୁଖ୍ୟ ଅତିଥି ଜିଲାପାଳ ସାମଲ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଜାତୀୟ ସମ୍ପତ୍ତି ବୃଦ୍ଧିରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏହାର ଅଂଶବିଶେଷ ଶିକ୍ଷା ହେଉଛି ମୂଳମନ୍ତ୍ର ବୋଲି ସେ କହିଥିଲେ। ନିଯୁକ୍ତି ମେଳାରେ ଅଂଶଗ୍ରହଣ କରିଥିବା ପ୍ରତିଷ୍ଠାନଗୁଡ଼ିକ ଆଶାୟୀ ପ୍ରାର୍ଥିନୀ ଓ ପ୍ରାର୍ଥୀମାନଙ୍କୁ ନିଯୁକ୍ତି ପ୍ରଦାନ ସାଙ୍ଗକୁ ବୈଷୟିକ ଜ୍ଞାନକୌଶଳ ଅଭିବୃଦ୍ଧିରେ ସହାୟକ ହେବା ପାଇଁ ଉପସ୍ଥିତ ପ୍ରତିଷ୍ଠାନଗୁଡ଼ିକୁ ଜିଲାପାଳ ସାମଲ ଆହ୍ୱାନ କରିଥିଲେ। ଏହି ମେଳାରେ ଜିଲା ଓ ଜିଲା ବାହାରର ଛୋଟବଡ ୩୦ଟି ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ହେଲେ ଏହି ମେଳାରେ ଜିଲାର ପ୍ରତିଷ୍ଠିତ ଶିଳ୍ପସଂସ୍ଥାଗୁଡ଼ିକ ଅଂଶଗ୍ରହଣ କରି ନ ଥିଲେ। ଫଳରେ ମେଳାରେ ଉପସ୍ଥିତଥିବା ପ୍ରାର୍ଥୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ଜିଲାରୁ ସମୁଦାୟ ୩ ହଜାର ୩୩୨ଜଣ ପ୍ରାର୍ଥୀ ନାମ ପଞ୍ଜୀକରଣ କରିଥିଲେ। ଏଥିମଧ୍ୟରେ ଝାରସୁଗୁଡ଼ା, ଲଖନପୁର, କୁଲାବିରା, ଲଇକେରା ଓ କିର୍ମିରା ବ୍ଲକର ପ୍ରାର୍ଥୀ ରହିଥିଲେ। କେତେକ ପ୍ରାର୍ଥୀ ନିଜର ଅସନ୍ତୋଷ ବ୍ୟକ୍ତ କରି ପ୍ରତିକ୍ରିୟାରେ କହିଥିଲେ ଯେ, ଜିଲାସ୍ତରୀୟ ନିଯୁକ୍ତିମେଳା ହେଉଛି, ଅଥଚ ଏଥିରେ ଜିଲା ଓ ଜିଲା ବାହାରର ଛୋଟମୋଟ ପ୍ରତିଷ୍ଠାନ ଅଂଶଗ୍ରହଣ କରୁଛନ୍ତି। ହେଲେ ଜିଲାର ପ୍ରତିଷ୍ଠିତ ଶିଳ୍ପସଂସ୍ଥାଗୁଡ଼ିକ ଅଂଶଗ୍ରହଣ କରୁନାହାଁନ୍ତି। ପ୍ରଶାସନର ଏଭଳି ଜିଲାସ୍ତରୀୟ ନିଯୁକ୍ତିମେଳା ଏକ ପ୍ରହସନ ବୋଲି ପ୍ରାର୍ଥୀମାନେ କହିଥିଲେ। ଏନେଇ ଜିଲାପାଳ ସାମଲ କହିଛନ୍ତି ଯେ, ଜିଲାରେ ଥିବା ପ୍ରତିଷ୍ଠିତ ଶିଳ୍ପସଂସ୍ଥା ଦ୍ୱାରା ଯେଉଁମାନେ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ହୋଇଛନ୍ତି ସେମାନଙ୍କୁ ସରକାରଙ୍କ ବିସ୍ଥାପିତ ଥଇଥାନ ନୀତିରେ ନିଯୁକ୍ତି ଦିଆଯିବ। ଏଥିପାଇଁ ଜିଲାର ପ୍ରତିଷ୍ଠିତ ଶିଳ୍ପସଂସ୍ଥାଙ୍କୁ ଏହି ନିଯୁକ୍ତି ମେଳାକୁ ଆମନ୍ତ୍ରଣ କରାଯାଇ ନାହିଁ ବୋଲି ସେ କହିଥିଲେ।



ନିଯୁକ୍ତିମେଳାରେ ଉପସ୍ଥିତ ଜିଲାପାଳ ସରୋଜ କୁମାର ସାମଲଙ୍କ ସହିତ ଅନ୍ୟ ପ୍ରଶାସନିକ ଅଧିକାରୀମାନେ।

- ନିଯୁକ୍ତିମେଳାରେ ଭାଗନେଲେ ୩୩୩୨ ପ୍ରାର୍ଥୀ
- ଦେଖିବାକୁ ମିଳି ନ ଥିଲା ଜିଲାର ପ୍ରତିଷ୍ଠିତ ଶିଳ୍ପସଂସ୍ଥାଗୁଡ଼ିକୁ
- ପ୍ରାର୍ଥୀଙ୍କ ଅଭିଯୋଗ ଜିଲାସ୍ତରୀୟ ନିଯୁକ୍ତିମେଳା ଏକ ପ୍ରହସନ

## ସଂକ୍ଷେପରେ

### ଭାଜପା ପକ୍ଷରୁ ବ୍ଲକ ଅଫିସ ସମ୍ମୁଖରେ ବିକ୍ଷୋଭ

ଲଇକେରା, ୨୭।୯ (ଡି.ଏନ୍.ଏ.)- ରାଜ୍ୟ ସରକାର କ୍ରମାଗତ ଭାବେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ନିଜ ନାମରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ ବାହା ବାହା ନେଉଛନ୍ତି। ଗ୍ରାମାଞ୍ଚଳରେ ୪ ଲକ୍ଷ ପକ୍କା ଘର ନିର୍ମାଣ ପାଇଁ ମୁଖ୍ୟମନ୍ତ୍ରୀ ଶୁଭ ଦେବେ ବୋଲି ବିଭିନ୍ନ ଗଣମାଧମରେ ପ୍ରକାଶ ପାଇଛି। ସଂଘୀୟ ବ୍ୟବସ୍ଥାକୁ ଭ୍ରୂକ୍ଷେପ ନ କରି ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ବିଜୁ ପକ୍କା ଘର କହିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଗୋଟିଏ ପରିବାରର ୨ରୁ ୩ଜଣଙ୍କ ନାମରେ ପକ୍କା ଘର ଦିଆଯାଉଛି। ରାଜ୍ୟ ସରକାର ପର ଘର ଡିଅଣରେ ଅତିଥି ସତ୍କାର କରୁଛନ୍ତି। ଫଳରେ ଆଜି ଭାଜପା ଜିଲା ଉପସଭାପତି ନରେଶ ନାଏକ ଓ ଏକାଦଶିଆ ରଣାଙ୍କ ନେତୃତ୍ୱରେ ସଂଗଠନ ଦାୟିତ୍ୱରେ ଥିବା ପୂର୍ବତନ ବିଧାୟକ ବୃନ୍ଦାବନ ମାଝି, କୃଷକ ମୋର୍ଚ୍ଚା ଉପସଭାପତି ନିସିକାନ୍ତ ପଟେଲ, ସାଧାରଣ ସମ୍ପାଦକ ରୋହିତ କିଷାନ, ପ୍ରଭାତ ପଟେଲ, ଚୂଡ଼ାମଣି ରୋହିଦାସ ପ୍ରମୁଖ ଲଇକେରା ସମଲେଶ୍ୱରୀ ମନ୍ଦିର ନିକଟରୁ ଏକ ରାଲିରେ ବାହାରିଥିଲେ। ଭାଜପା କର୍ମକର୍ତ୍ତାମାନେ ରାଜ୍ୟ ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇ ବ୍ଲକରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲା ଓକିଲ ସଂଘର ବନ୍ଦ ଡାକରାରେ ଆଜି ବ୍ଲକ ଅଫିସ ବନ୍ଦ ଥିବାରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ବିଡିଓଙ୍କ ଅଫିସ ସମ୍ମୁଖରେ ଝୁଲେଇ ଦେଇଥିଲେ।

### ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ତାର

କୋଲାବିରା, ୨୭।୯(ଡି.ଏନ୍.ଏ.)

କୋଲାବିରା ବ୍ଲକ ଅନ୍ତର୍ଗତ ସମାସିଂହା ପଞ୍ଚାୟତର ଜଳଡ଼ିହି ଗାଁ ମଝିରେ ବିପଦସଙ୍କୁଳ ଅବସ୍ଥାରେ ୧୧ କେଭି ବିଦ୍ୟୁତ୍ ତାର ରହିଛି। ଫଳରେ ଗ୍ରାମବାସୀ ଭୟଭୀତ ହୋଇ ଉକ୍ତ ତାରକୁ ଗାଁ ମଝିରୁ ହଟାଯାଇ ବାହାରପଟୁ ଟାଣିବାକୁ ଅନୁରୋଧ ଜଣେଇଛନ୍ତି। ଏସଂକ୍ରାନ୍ତରେ ୱାର୍ଡ ସଭ୍ୟା ପୁଷ୍ପାଞ୍ଜଳି ବିଶିଙ୍କ ସମେତ ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କୁ ଲିଖିତ ଜଣାଇଛନ୍ତି। ୭୩ ପରିବାର ବିଶିଷ୍ଟ ଏହି ଗ୍ରାମବାସୀଙ୍କ କହିବା ହେଲା, ୧୧ କେଭି ଜୀବନ୍ତ ବିଦ୍ୟୁତ୍ ତାରଟି ଗାଁ ମଝିରେ ଓହଲି ରହିଛି। ଏ ରାସ୍ତାରେ ଲୋକେ ଭୟଭୀତ ଅବସ୍ଥାରେ ଯିବାଆସିବା କରୁଛନ୍ତି। ନିକଟରେ ଅଙ୍ଗନୱାଡି କେନ୍ଦ୍ର ରହିଛି। ଫଳରେ ଛୋଟ ଛୋଟ ପିଲାଙ୍କ ଜୀବନ ପ୍ରତି ମଧ ଏହା ବିପଦ ସୃଷ୍ଟି କରୁଛି। ଏଥିପାଇଁ ଉକ୍ତ ବିଦ୍ୟୁତ୍ ତାରକୁ ଗାଁ ମଝିରୁ ହଟେଇ ଗାଁ ବାହାରେ ଟଣାଯାଉ, ନ ହେଲେ ଗାଁ ଭିତରେ କେବୁଲ ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସୀ ବିଭାଗୀୟ ଏସ୍‌ଡିଓ ଓ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଦାବି ଜଣେଇଛନ୍ତି। ସୂଚନା ଯୋଗ୍ୟ ଯେ, ଗତ ୧୧ ତାରିଖ ୧୧କେଭି ବିଦ୍ୟୁତ୍ ତାର ଆଙ୍ଗନୱାଡି ନିକଟରେ ଛିଣ୍ଡି ଯାଇଥିଲା। ଏ ଘଟଣାକୁ ନେଇ ଛାତ୍ରୀଛାତ୍ର, ଗ୍ରାମବାସୀ ଭୟଭୀତ ହୋଇଥିଲେ। ଉକ୍ତ ତାରକୁ ଯୋଡି କାର୍ଯ୍ୟକ୍ଷମ କରିବାକୁ ୩ ଦିନ ସମୟ ଲାଗିଥିଲା।

ଝାରସୁଗୁଡ଼ା ଭିଏସ୍‌ଏସ୍ ବିମାନବନ୍ଦରରେ କର୍ମଚାରୀଙ୍କ ଧର୍ମଘଟ

# ପରିଚାଳନା ଘରୋଇକରଣକୁ କର୍ମଚାରୀଙ୍କ ବିରୋଧ



ପ୍ରତୀକ ଧର୍ମଘଟରେ ଉପସ୍ଥିତ ଥିବା ଅଧିକାରୀ ଓ କର୍ମଚାରୀମାନେ।

ଝାରସୁଗୁଡା ଅଫିସ୍/ଲଖନପୁର, ୨୭।୯ (ଡି.ଏନ୍.ଏ.)

ଦେଶର କେତେକ ପ୍ରତିଷ୍ଠିତ ତଥା ଲାଭଜନକ ବିମାନ ବନ୍ଦରର ପରିଚାଳନାକୁ ଘରୋଇକରଣ କରିବା ପାଇଁ କେନ୍ଦ୍ର ସରକାର ପ୍ରୟାସ ଚଳାଇଛନ୍ତି। ଏହାକୁ ବିମାନ ବନ୍ଦର ଅଧିକାରୀ ଓ କର୍ମଚାରୀମାନେ ପ୍ରଥମରୁ ବିରୋଧ କରିଆସୁଛନ୍ତି। ବିରୋଧ ସତ୍ତ୍ୱେ ସରକାର ନିଜର ପ୍ରୟାସ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବିମାନ ବନ୍ଦରମାନଙ୍କରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ସାରା ଦେଶରେ ୩ ଦିନିଆ ପ୍ରତୀକ ଧର୍ମଘଟ ଡାକରା ଦେଇଥିଲେ। ଏହି ଧର୍ମଘଟ ଗତ ବୁଧବାରରୁ ଆରମ୍ଭ ହୋଇ ଶୁକ୍ରବାର ଶେଷ ହୋଇଛି। ଏହି ପରିପେକ୍ଷୀରେ ଝାରସୁଗୁଡ଼ା ବୀର ସୁରେନ୍ଦ୍ର ସାଏ(ଭିଏସ୍‌ଏସ୍) ବିମାନ ବନ୍ଦରରେ ଅଧିକାରୀ ଓ କର୍ମଚାରୀମାନେ ମଧ ଧର୍ମଘଟ ଆରମ୍ଭ କରିଥିଲେ। ଏଥିରେ ଆସିଷ୍ଟାଣ୍ଟ ମ୍ୟାନେଜର ବଳବନ୍ତ ଡୋରା, ଏଜିଏମ୍ ଉଦୟକାନ୍ତ ତିୱାରୀ,ଏଚ୍‌ଆର୍ ମୁଖ୍ୟ ମନୋଜ କୁମାର ନାୟକ, ନାରାୟଣ ପ୍ରଧାନ ଓ ସନ୍ଦୀପ ମିଞ୍ଜ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ରାଇରଙ୍ଗପୁର, ୨୭।୯(ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ରାମହରି ପଞ୍ଚାୟତ ଝଡାଚୁଆ ଗ୍ରାମର ନିନା ଦେହୁରୀ (୪୦) ନାମ୍ନୀ ଜଣେ ମହିଳା ଶ୍ରମିକ ହାତୀ ଆକ୍ରମଣରେ ଗୁରୁତର ଆହତ ହୋଇ ରାଇରଙ୍ଗପୁର ହସ୍ପିଟାଲରେ ଚକିତ୍ସତ ହେଉଛନ୍ତି। ଗୁରୁବାର ସନ୍ଧ୍ୟାରେ ସେ କାମସାରି ତାଙ୍କ ଭଣଜା ସହ ତାଙ୍କ ଗ୍ରାମ ନିକଟବର୍ତ୍ତୀ ନିରଣ ଝରଣ ଜଙ୍ଗଲ ରାସ୍ତାରେ ଘରରୁ ଫେରୁଥିଲେ। ଏହି ରାସ୍ତାରେ ଥିବା ଏକ ହାତୀ ଶୁଣ୍ଢରେ ନିନାଙ୍କୁ ଟାଣି ନେଇ କିଛି ଦୂରକୁ ଫୋପାଡ଼ି ଦେଇଥିଲା। ଏଥିରେ ସେ ଗୁରୁତର ଆହତ ହୋଇଥିଲେ। ତାଙ୍କ ସହ ଥିବା ସମ୍ପର୍କୀୟ ଭଣଜା ଭୟଭୀତ ହୋଇ ରାସ୍ତାରେ ଦୌଡ଼ିବା ସମୟରେ ପଡ଼ି ସାମାନ୍ୟ ଆହତ ହୋଇଥିବା ଜଣାଯାଇଛି। ରାଇରଙ୍ଗପୁର ବନବିଭାଗ ରେଞ୍ଜ ଅଫିସର ଅଶୋକ କୁମାର ଦାସ ଏବଂ ବଡ଼ାମତଳିଆ ଫରେଷ୍ଟର ସଞ୍ଜୟ ଦେହୁରୀ ପ୍ରମୁଖ ଶୁକ୍ରବାର ଘଟଣା ସ୍ଥଳକୁ ଯାଇ ତଦନ୍ତ କରି ଫେରିଥିଲେ।

# ସ୍ପୋକନ ଇଂଲିଶ କର୍ମଶାଳା ଆୟୋଜିତ

ବେଲପାହାଡ଼,୨୭।୯ (ଡି.ଏନ୍.ଏ.)

ଝାରସୁଗୁଡ଼ା ଜିଲା ବେଲପାହାଡ଼ ରିଫ୍ରାକ୍ଟୋରିଜ ଉଚ୍ଚ ବିଦ୍ୟାଳୟରେ ଗତ ଗୁରୁବାର ଓ ଶୁକ୍ରବାର ଦୁଇ ଦିନ ଧରି ସ୍ପୋକନ ଇଂଲିଶ କର୍ମଶାଳା ଆୟୋଜିତ ହୋଇଯାଇଛି। ଉକ୍ତ କର୍ମଶାଳାରେ ବିଦ୍ୟାଳୟର ଦଶମ ଶ୍ରେଣୀର ୮୫ ଜଣ ଓ ନବମ ଶ୍ରେଣୀର ୬୩ ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି କର୍ମଶାଳାକୁ ପ୍ରଧାନ ଶିକ୍ଷକ ନିରଞ୍ଜନ ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। ଶିକ୍ଷକ କୈଳାସ ଚନ୍ଦ୍ର ପଟ୍ଟନାୟକ, ଅଭିମନ୍ୟୁ ସା, ତେଜରାମ ସା ଓ ଟଙ୍କଧର ସାହୁ ଇଂରାଜୀ କହିବାର ଶୈଳୀ ତଥା ଭାଷା ଉଚ୍ଚାରଣ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଇଂରାଜୀ କଥନ ପାଇଁ ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିର୍ଭୟତା, ଆସ୍ଥା ଓ ଆତ୍ମବିଶ୍ୱାସ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଗତ ୩ ବର୍ଷ ଧରି କଟକ ରେଭେନ୍‌ଶା ହେଲ୍ପଲାଇନର ପ୍ରଶିକ୍ଷକମାନେ ବିଦ୍ୟାଳୟରେ ଏହିପରି କର୍ମଶାଳା ପରିଚାଳନା କରିଆସୁଥିଲେ। ମାତ୍ର ଚଳିତ ବର୍ଷ ବିଦ୍ୟାଳୟର ଶିକ୍ଷକମାନେ କର୍ମଶାଳା ପରିଚାଳନା କରିଛନ୍ତି।



ସ୍ପୋକନ ଇଂଲିଶ କର୍ମଶାଳାରେ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କୁ ତାଲିମ ପ୍ରଦାନ କରୁଛନ୍ତି।

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଭାଜପାର ଦାବିପତ୍ର ପ୍ରଦାନ

କୋଲାବିରା,୨୭।୯(ଡି.ଏନ୍.ଏ.)

ରାଜ୍ୟ ସରକାର କ୍ରମାଗତ ଭାବରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ନିଜ ନାମରେ କରି ରାଜ୍ୟବାସୀଙ୍କୁ ଭୁଆଁ ବୁଲାଇ ଚାଲିଛନ୍ତି। ରାଜ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ହେଉଥିବା ପକ୍କାଘର ସବୁକୁ ରାଜ୍ୟ ସରକାର ବିଜୁ ପକ୍କା ଘର ବୋଲି କହି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛନ୍ତି। ଏହାକୁ ବିରୋଧ କରି ଭାରତୀୟ ଜନତା ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଲାବିରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଭାଜପା ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିମଳେନ୍ଦୁ ଭୋଲଙ୍କ ଅଧ୍ୟକ୍ଷତାରେ, ଜିଲା ଉପସଭାପତି ନରେଶ ନାୟକ, କୃଷକମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ବେହେରା, କୋଲାବିରା ମଣ୍ଡଳ ସଭାପତି ପଲ୍ଲବ ସାହୁ, ଜଗଦୀଶ ସରାଫ, ରାଜେଶ ଜୟଶ୍ୱାଲ ପ୍ରମୁଖଙ୍କ ସମେତ ବହୁ ଦଳୀୟ କର୍ମୀ ଏକତ୍ରିତ ହୋଇ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଜରିଆରେ ରାଜ୍ୟପାଳଙ୍କ ନିକଟକୁ ଦାବିପତ୍ର ପ୍ରଦାନ କରିଛନ୍ତି। ମୋଦି ସରକାର ଦେଶରେ ବିଭିନ୍ନ ପ୍ରକାର ଜନହିତକର ଯୋଜନା ଲାଗୁ କରୁଥିବା ବେଳେ ମୁଖ୍ୟମନ୍ତ୍ରୀ କେନ୍ଦ୍ରୀୟ ଯୋଜନାକୁ ହଡ଼ପକରି ବାହା ବାହା ନେଉଛନ୍ତି। ଆଜିବି ରାଜ୍ୟର ୩୦ ଲକ୍ଷ ଲୋକଙ୍କ ପାଖରେ ପକ୍କାଘର ନାହିଁ ରାଜ୍ୟର ସମୁଦାୟ ୨୦ଲକ୍ଷ ପକ୍କାଘରରୁ ୩ ଲକ୍ଷ ୭୭ ହଜାର ହେଉଛି ବିଜୁ ପକ୍କାଘର ଆଉ ବାକି ୧୬ ଲକ୍ଷ ୨୩ ହଜାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମାଣ ହୋଇଛି। ସେହିପରି ୧୦୮ ଆମ୍ବୁଲାନ୍ସର ଲଗୋ, ସୁକନ୍ୟା ସମୃଦ୍ଧି ଯୋଜନା, ଝିଅ ପାଇଁ ଚିଠି ଟିଏ, ଟଙ୍କାକିଆ ଚାଉଳକୁ ମଧ୍ୟ ନିଜ ନାମରେ କରିବାକୁ ଅପଚେଷ୍ଟା କରୁଥିବା ପରି ଅଭିଯୋଗ ଭାରତୀୟ ଜନତା ପାର୍ଟି ପକ୍ଷରୁ କରାଯାଇଛି। ଏହି ମର୍ମରେ ଏକ ଲିଖିତ ଦାବିପତ୍ର ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଲାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସଏଙ୍କ ଜରିଆରେ ପ୍ରଦାନ କରାଯାଇଛି।



ଭାଜପା ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ କୋଲାବିରା ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଚୋରା ମଦ ବ୍ୟବସାୟୀ ଗିରଫ, କାର୍ ଜବତ

ବାଲେଶ୍ୱର ଅଫିସ, ୨୭।୯: ବାଲେଶ୍ୱର ଅବକାରୀ ଭ୍ରାମ୍ୟମାଣ ବିଭାଗ ପକ୍ଷରୁ ଗୁରୁବାର ରାତିରେ ପାଟ୍ରୋଲିଂ କରାଯାଉଥିବା ବେଳେ ତାମୁଳିଆ ଓଭରବ୍ରିଜ୍ ନିକଟରେ ଏକ କାର୍ (ନଂ. ଓଆର୍‌୦୧ଡ଼ି-୬୩୭୨)ରୁ ୫ଶହ ଲିଟର ମଦ ଜବତ କରାଯାଇଛି। ଗାଡ଼ି ଡ୍ରାଇଭର ତଥା ମାଲିକ ଟାଉନ୍ ଥାନା ସୁନହଟ୍ ଗ୍ରାମର ସେକ୍ ସଖିରୁଦ୍ଦିନ (୨୮)ଙ୍କୁ ଗିରଫ କରାଯାଇଛି। ଏହି କାର୍ ବାଲେଶ୍ୱରରୁ ଭଦ୍ରକ ଅଭିମୁଖେ ଯାଉଥିଲା।

- ବାଟମଙ୍ଗଳା ମନ୍ଦିରରେ ପ୍ରସ୍ତୁତି ସରିଲା

# ରବିବାରରୁ ନବରାତ୍ର ପୂଜା ଆରମ୍ଭ

ବେଲପାହାଡ଼, ୨୭।୯ (ଡି.ଏନ୍.ଏ.)

ଆସନ୍ତା ରବିବାର ପ୍ରତିପଦାରୁ ଜଗତଜନନୀ ମା ଦୁର୍ଗାଙ୍କ ନବରାତ୍ର ପୂଜା ଆରମ୍ଭ ହେବ। ଏଥିପାଇଁ ଝାରସୁଗୁଡ଼ା ଜିଲା ବେଲପାହାଡ଼ ସ୍ଥିତ ବାଟମଙ୍ଗଳା ମନ୍ଦିରରେ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ପୂଜା ପାଇଁ ସମ୍ପୂର୍ଣ୍ଣ ମନ୍ଦିରକୁ ରଙ୍ଗିନ ଆଲୋକରେ ସଜ୍ଜିତ କରାଯାଇଛି। ମନ୍ଦିର ଭିତରେ ବାଟମଙ୍ଗଳା ମୂର୍ତ୍ତି ଓ ଅନ୍ୟାନ୍ୟ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତିଗୁଡ଼ିକରେ ନୂଆ ରଙ୍ଗ ଚଢ଼ାଯାଇଛି। ସନ୍ଧ୍ୟା ହେଲେ ମନ୍ଦିର ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ରଙ୍ଗୀନ ଆଲୋକରେ ଝଲସିଉଠୁଛି। କାର୍ଯ୍ୟନିର୍ଘଣ୍ଟ ଅନୁଯାୟୀ ଆସନ୍ତା ଶନିବାର ଅପରାହ୍ନ ଅମାବାସ୍ୟା ତିଥିରେ ଅଙ୍କୁରାରୋପଣ ଓ କଳସଯାତ୍ରା ଅନୁଷ୍ଠିତ ହେବ। ପରମ୍ପରା ଅନୁଯାୟୀ ଶତାଧିକ କୁଆଁରୀ କନ୍ୟା ମୁଣ୍ଡରେ କଳସ ଧରି ଗୁମାଡ଼େରା ଜଳାଶୟକୁ ଯିବେ ଏବଂ ସେଠାରୁ ମନ୍ତ୍ର ଅଭିଷିକ୍ତ ଜଳ ଧରି ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବେ। ତା'ପରିଦିନ ଅର୍ଥାତ୍ ରବିବାର ୨୯ ତାରିଖ ପ୍ରତିପଦାରୁ ୬ ତାରିଖ ନବମୀ ପର୍ଯ୍ୟନ୍ତ ନବଦିନାତ୍ମକ କ୍ରମରେ ମା ଶୈଳପୁତ୍ରୀ, ବ୍ରହ୍ମାଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ, କାଳରାତ୍ରୀ, ମହାଗୌରୀ ଓ ସିଦ୍ଧିଦାତ୍ରୀଙ୍କ ପୂଜାର୍ଚ୍ଚନା ସହିତ ସମ୍ପୂଟ ଚଣ୍ଡୀଯଜ୍ଞ ଅନୁଷ୍ଠିତ ହେବ ବୋଲି ପୂଜା କମିଟି ସଂଯୋଜକ ବୁଲୁ ପଣ୍ଡା ପ୍ରକାଶ କରିଛନ୍ତି।



ବାଟମଙ୍ଗଳା ମନ୍ଦିର।

- ଝାରସୁଗୁଡ଼ା ଜିଲାରେ ଭାଜପାର ବିକ୍ଷୋଭ ପ୍ରଦର୍ଶନ

# ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

ଝାରସୁଗୁଡା ଅଫିସ୍/ଲଖନପୁର, ୨୭।୯ (ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ରାଜ୍ୟ ସରକାର ଚଞ୍ଚକତା କରି ବିଜୁ ପକ୍କାଘର ଓ ଆବାସ ଯୋଜନା ନାମଦେଇ ନିଜେ ବାହାବାହା ନେଉଛନ୍ତି। ଏହାକୁ ଭାଜପା ବିରୋଧକରି ଶୁକ୍ରବାର ସାରା ରାଜ୍ୟରେ ଥିବା ପୌରାଞ୍ଚଳ ଓ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶରେ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ଜିଲା ଭାଜପା ତରଫରୁ ଝାରସୁଗୁଡ଼ା ପୌରାଞ୍ଚଳ, ବ୍ରଜରାଜନଗର ପୌରାଞ୍ଚଳ, କୁଲାବିରା, ଲଇକେରା ଓ କିର୍ମିରା ଆଦି ବ୍ଲକରେ ବିକ୍ଷୋଭ ପ୍ରଦର୍ଶନ ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା ଭାଜପା ତରଫରୁ ମନମୋହନ ସ୍କୁଲ ସମ୍ମୁଖରୁ ଏକ ଶୋଭାଯାତ୍ରା ବାହରି ଝାରସୁଗୁଡ଼ା ପୌରାଞ୍ଚଳ ସମ୍ମୁଖରେ ପହଞ୍ଚିଥିଲା। ସେଠାରେ ଦଳୀୟ ନେତା ଓ କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରି ବିଜେଡି ସରକାର ବିରୋଧରେ ବିଭିନ୍ନ ସ୍ଲୋଗାନ ଦେଇଥିଲେ। ପରେ ପୌରାଞ୍ଚଳ କାର୍ଯ୍ୟ ନିର୍ବାହୀ ଅଧିକାରୀ ରାମ ପ୍ରଧାନଙ୍କୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସେହିଭଳି ଅନ୍ୟାନ୍ୟ ବ୍ଲକର ବିଡିଓମାନଙ୍କୁ ଭାଜପା ତରଫରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏଥିରେ ରାଜ୍ୟ ଭାଜପା ଯୁବମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ, ଦୀନେଶ ଜୈନ, ନରେଶ ନାୟକ, ବିମଳେନ୍ଦୁ ଭୋଳ, ରାଜେଶ ଜୟସ୍ୱାଲ, ବଳବିନ୍ଦର ସିଂହ, ନିଳାମ୍ବର ଦଣ୍ଡସେନା, ଦୀନେଶ ଉପାଧାୟ, ଦିଲୀପ ସାକୁନିଆ, ପ୍ରଶାନ୍ତ ମହାରଣା, ଦୀପକ ପଟେଲ, ବାବୁଲା ଦାଶ, ଟିଙ୍କୁ ପତି, ଋକ୍ମଣ ଧୁରୁଆ, ପ୍ରକାଶ ବର୍ମା, ଆଶିଷ ପଣ୍ଡା, କୁନ୍ତି ମେହେର ପ୍ରମୁଖ ଶତାଧିକ କର୍ମୀ ଉପସ୍ଥିତ ଥିଲେ।



ଭାଜପା ନେତୃବୃନ୍ଦ ଝାରସୁଗୁଡ଼ା ପୌରାଞ୍ଚଳ ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର ପ୍ରଦାନ କରୁଛନ୍ତି।